# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, February 12/ 2019 | ★★★★★★

୪୫ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ଦ୍ୱିତୀୟ ସ୍ଥାନରେ କୁଲଦୀପ**

ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉଠି କ୍ୟାରିୟର ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ୧୮

୦୯ **ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ**

ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଥିବା ବେଳେ ସେ ପିତାଙ୍କ ଉଦ୍ଦେଶ୍ୟରେ ଏହା ଉତ୍ସର୍ଗ କରିଛନ୍ତି।




### ■ କମୁଛି ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା

# ଥାନାରେ ପଡ଼ିଛି ୧୧ହଜାର ମାମଲା

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୧୧।୨**

କମିଶନରେଟ ପୋଲିସର ବିଭିନ୍ନ ଥାନାରେ ବହୁ ସଂଖ୍ୟାରେ ମାମଲା ପଡ଼ିରହିଛି। ଗତ ୧୧ ବର୍ଷ ମଧ୍ୟରେ ଥାନାଗୁଡ଼ିକରେ ମୋଟ ୧୧ ହଜାର ୬୧ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେଥିମଧ୍ୟରେ ୯୪ ହତ୍ୟା ଏବଂ ୧୪୩ ବଳାତ୍କାର ଭଳି ସଙ୍ଗିନ ମାମଲା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିବର୍ଷ ବଳକା ମାମଲା ହାର ବଢ଼ି ବଢ଼ି ଚାଲିଛି। ଏହାକୁ ଅନୁଧ୍ୟାନ କଲେ ଜଣାପଡୁଛି କମିଶନରେଟ ପୋଲିସ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ଦିନକୁ ଦିନ କମିବାରେ ଲାଗିଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୧୧ ବର୍ଷ ମଧ୍ୟରେ କମିଶନରେଟ ପୋଲିସର ୨୧ଟି ଥାନାରେ ଏସବୁ ମାମଲା ପଡ଼ିରହିଛି। ସେଥିମଧ୍ୟରେ କ୍ୟାପିଟାଲ ଥାନାରେ ୭୭୮ ମାମଲା ଥିବାବେଳେ ଖାରବେଳନଗର ଥାନାରେ ୬୪୫, ମହିଳା ଥାନାରେ ୨୬୬, ଲିଙ୍ଗରାଜ ଥାନାରେ ୨୩୬, ଏୟାରଫିଲ୍ଡ ଥାନାରେ ୩୬୮, ଧଉଳି ଥାନାରେ ୧୦୪, ଜଟଣୀ ଥାନାରେ ୬୬୫, ତମାଣ୍ଡୋ ଥାନାରେ ୫୯ ଏବଂ ବିଦ୍ୟୁତ୍ ଥାନାରେ ୪ ମାମଲା ରହିଛି। ସେହିଭଳି ଖଣ୍ଡଗିରି ଥାନାରେ ୧୧୪୦, ବଡଗଡ ଥାନାରେ ୭୪୩, ଲକ୍ଷ୍ମୀସାଗର ଥାନାରେ ୬୨୮, ବାଲିପାଟଣା ଥାନାରେ ୨୦୧, ବାଲିଅନ୍ତା ଥାନାରେ ୫୧୨, ନୟାପଲ୍ଲୀ ଥାନାରେ ୧୨୫୬, ମଞ୍ଚେଶ୍ୱର ଥାନାରେ ୮୧୫, ଶହୀଦନଗର ଥାନାରେ ସର୍ବାଧିକ ୧୪୨୫ ମାମଲା ରହିଛି। ଏହାବ୍ୟତୀତ ଚନ୍ଦ୍ରଶେଖରପୁର ଥାନାରେ ୭୪୫, ଇନ୍‌ଫୋସିଟି ଥାନାରେ ୩୦୪, ଚନ୍ଦକା ଥାନାରେ ୧୧୪ ଏବଂ ନନ୍ଦନକାନନ ଥାନାରେ ୫୩ ମାମଲା ପଡିରହିଛି। ନୟାପଲ୍ଲୀ, ମଞ୍ଚେଶ୍ୱର, ଖଣ୍ଡଗିରି, ଶହୀଦନଗର ଥାନାରେ ଏକାଧିକ ହତ୍ୟା ମାମଲା ରହିଛି। ବର୍ଷ ଅନୁଯାୟୀ ଦେଖିଲେ, ୨୦୦୭ରେ ୧୪୫ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୨୦୦୮ରେ ୧୭୪, ୨୦୦୯ରେ ୧୪୩, ୨୦୧୦ରେ ୧୭୯, ୨୦୧୧ରେ ୧୮୨, ୨୦୧୨ରେ ୩୨୯, ୨୦୧୩ରେ ୫୩୭, ୨୦୧୪ରେ ୭୧୯, ୨୦୧୫ରେ ୧୨୨୬, ୨୦୧୬ରେ ୧୬୨୬, ୨୦୧୭ରେ ୨୪୩୪ ମାମଲା ରହିଛି। ଏ କ୍ଷେତ୍ରରେ ୨୦୧୮ ବର୍ଷର ନଭେମ୍ବର ସୁଦ୍ଧା ୩୩୬୭ ମାମଲା ରହିଛି।

ଏସବୁ ମାମଲାରେ ଅଭିଯୁକ୍ତ ଗିରଫ ନ ହେବା, ଲୁଟ୍ ଏବଂ ଚୋରି ସମ୍ପତ୍ତି ଉଦ୍ଧାର ନ ହେବା ଯୋଗୁ ଅପରାଧର ଶିକାର ବ୍ୟକ୍ତିମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ପ୍ରିୟା ସକ୍‌ସେନା। ପ୍ରିୟାଙ୍କ କହିବାନୁଯାୟୀ, ୨୦୧୮ ମାର୍ଚ୍ଚ ୧୧ରେ ତାଙ୍କ ସ୍ୱାମୀଙ୍କୁ ଚିରଗୋଟୋଲା ବସ୍ତିର ଜଣେ ବ୍ୟକ୍ତି କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କ ସ୍ୱାମୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ତାହା ପୂର୍ବରୁ ଘଟଣା କିଭଳି ଘଟିଥିଲା ତାହା ସେ କହିଥିଲେ। ତାହାର ଭିଡିଓ ରେକର୍ଡିଂ ଇନ୍‌ଫୋସିଟି ଥାନା ପୋଲିସକୁ ଦିଆଯିବା ସହ ହତ୍ୟା ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଚାପରେ ଚୁପ୍ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅଭିଯୁକ୍ତଙ୍କ ପ୍ରତି ଜଣେ ପୋଲିସ ଅଫିସରଙ୍କ ସହଯୋଗ ରହିଛି ବୋଲି ସେ କହିଛନ୍ତି। ସେହିପରି ଲୁଟ୍‌ର ଶିକାର ହୋଇଥିବା ଭଗବତ ବାସୁଦେବ କହିବାନୁଯାୟୀ, ଘାଟିକିଆ ଅଞ୍ଚଳରେ ୨୦୧୮ ନଭେମ୍ବର ୩ ତାରିଖ ବିଳମ୍ବିତ ରାତିରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ୩୦ ହଜାର ଟଙ୍କା ଲୁଟିନେଲେ। ସେ ଏଟିଏମ୍‌ରୁ ଟଙ୍କା କାଢି ବାହାରୁଥିବାବେଳେ ଏଭଳି ଲୁଟ୍‌ର ଶିକାର ହୋଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲା, କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କଲାନାହିଁ। ବାରମ୍ବାର ଥାନାକୁ ଦୌଡିଥିଲେ ମଧ୍ୟ କିଛି ଫଳ ମିଳିଲାନାହିଁ। ପୋଲିସ ଜାଣିଶୁଣି ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉଛି ☞ପୃଷ୍ଠା-୪

**୧୧ ବର୍ଷର ବିଫଳତା**

- ୯୪ ହତ୍ୟା, ୧୪୩ ବଳାତ୍କାର ମାମଲାରେ ପୋଲିସ ବିଫଳ
- ବଢ଼ିଚାଲିଛି ବଳକା ମାମଲା ହାର

### କଂକ୍ରିଟ୍ ଜଙ୍ଗଲର ସବୁଜ ଖେତ



ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ଏକ ଚିନାବାଦାମ କିଆରିରେ ଦୁଇ ଚାଷୀ। (ଫଟୋ: ବିକାଶ)

## ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଚନ୍ଦ୍ରାବାବୁଙ୍କ ଅନଶନ

### ସମର୍ଥନ ନାଁରେ ବିରୋଧୀ ଏକାଠି

**ନୂଆଦିଲ୍ଲୀ,୧୧।୨(ପି.ଟି.)**


ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ନୂଆଦିଲ୍ଲୀର ଆନ୍ଧ୍ରଭବନରେ ସୋମବାର ଅନଶନରେ ବସିଥିବା ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ଜୋରଦାର ବର୍ଷିଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନ ନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧର୍ମ ପାଳନକୁ ଅବହେଳା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଚନ୍ଦ୍ରାବାବୁଙ୍କ ଅନଶନକୁ ସମର୍ଥନ ନାଁରେ ବିରୋଧୀ ଦଳ ନେତାମାନେ ପୁଣି ଥରେ ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଥିଲେ କଂଗ୍ରେସ ☞ପୃଷ୍ଠା-୪

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

### ଅଭିଯୋଗ ସତ୍ତ୍ୱେ ବଳାତ୍କାର ଦଫା ଲଗାଇଲାନି ପୋଲିସ

**ଭୁବନେଶ୍ୱର,(ବ୍ୟୁରୋ)/ଜଟଣୀ, ୧୧।୨(ଡି.ଏନ.ଏ.)**

ଜଣେ ନାବାଳିକାଙ୍କୁ ସୋମବାର ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି। ଘଟଣାଟି ଘଟିଛି କମିଶନରେଟ୍ ପୋଲିସ ଅଧୀନ ଜଟଣୀ ଥାନା ଅଞ୍ଚଳରେ। ନାବାଳିକାଙ୍କ ମା' ତାଙ୍କ ଝିଅକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଜଟଣୀ ପୋଲିସ କେବଳ ଆଇପିସି ଦଫା ୩୦୨ ଅନୁଯାୟୀ ହତ୍ୟା ମାମଲା(ନଂ. ୪୭/୧୯) ରୁଜୁ କରିଛି। ବଳାତ୍କାର ଦଫା ଲଗାଇନାହିଁ। କେତେକ ଘଟଣାରେ ପୋଲିସର ଆପରାଧିକ ଚରିତ୍ର ସାମ୍ନାକୁ ଆସିଛି। ବିଶେଷକରି ଗତ ଶୁକ୍ରବାର ବରଗଡ଼ ଜିଲା ସୋହେଲା ଥାନା ପରିସରରେ ଯାହା ଘଟିଲା ତାହା ଲଜ୍ଜାର ସୀମା ଟପିଗଲା। କାରଣ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏନେଇ ଥାନାର ଏଏସ୍‌ଆଇ ବନମାଳୀ କୁଅଁର ଗିରଫ ହୋଇଛନ୍ତି। ଖାକିରେ ଏଭଳି କଳଙ୍କକୁ ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଜଟଣୀ ପୋଲିସର ଉପରୋକ୍ତ କାର୍ଯ୍ୟ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଭଳି ହୋଇଛି।



ନାବାଳିକାଙ୍କ ମା' ଥାନାରେ ଦେଇଥିବା ଏତଲାର କିଛି ଅଂଶ।

ଜଟଣୀ ଥାନାରେ ନାବାଳିକାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ସେ ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ କାର୍ଯ୍ୟ କରନ୍ତି। ଘରେ କେବଳ ମା'ଝିଅ ରହୁଥିବାବେଳେ ଝିଅ ଗାଁ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ସବୁଦିନ ପରି ସୋମବାର ସକାଳେ ନାବାଳିକାଙ୍କ ମା' ଅଙ୍ଗନୱାଡି କେନ୍ଦ୍ରକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ସେ ଘରକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିବେକକୁ ବ୍ୟବହାର**

**ଆଜିର ମନ୍ତବ୍ୟ**

" ଲୋକପାଳ ଆଇନ କାର୍ଯ୍ୟକାରୀ ହୋଇଥିଲେ ରାଫାଲ ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନମ୍ବର ୱାନ ଅଭିଯୁକ୍ତ ହୋଇଥାନ୍ତେ।

– ବୀରାପ୍ପା ମୋଇଲି, କଂଗ୍ରେସ ନେତା

**କିଛି ତଥ୍ୟ**

୨୦୧୮ର ଏପ୍ରିଲ-ସେପ୍ଟେମ୍ବର ସମୟରେ ଦେଶର ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରକୁ ୦.୨୧ ନିୟୁତ ଡଲାରର ଏଫ୍‌ଡିଆଇ ଆସିଛି।

–ବାଣିଜ୍ୟ ମନ୍ତ୍ରଣାଳୟ





SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE | 11.02.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 78 | 129 | 139 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers



# ଚାରା ବାଣ୍ଟିଲେ ନବଦମ୍ପତି

**ନିଆରା ବିବାହ**
- ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ
- ଉପହାର ଆଣିବା ମନା

ଭଦ୍ରକ ଅଫିସ, ୧୧।୨

ସାଧାରଣତଃ ବାହାଘର କହିଲେ, ବାଜା-ବାଣ, ରୋଶଣି ସହ ଧୂମ୍‌ଧାମର ଆୟୋଜନକୁ ବୁଝାଇଥାଏ। ସେହିପରି ଅତିଥିମାନେ ନବ ଦମ୍ପତିଙ୍କୁ ଉପହାର ଦେବା ଏବେ ଏକ ପ୍ରଥା ବା ପରମ୍ପରାରେ ପରିଣତ ହୋଇସାରିଛି। ହେଲେ ଗତ ୨୭ ତାରିଖରେ ଭଦ୍ରକ ସହରରେ ଅନୁଷ୍ଠିତ ଏକ ନିଆରା ବିବାହ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହି ବିବାହରେ ନା ବାଜିଥିଲା ବାଜା, ନା ଫୁଟିଥିଲା ବାଣ। ଏପରିକି ଛପା ହୋଇଥିବା ନିମନ୍ତ୍ରଣ ପତ୍ରରେ ଅତିଥିମାନଙ୍କୁ ଉପହାର ନ ଆଣିବାକୁ ଅନୁରୋଧ କରାଯାଇଥିବା ବେଳେ ଆମନ୍ତ୍ରିତ ଅତିଥିମାନଙ୍କୁ ନବଦମ୍ପତିଙ୍କ ଦ୍ୱାରା ଚାରା ବଣ୍ଟନ କରାଯାଇ ପରିବେଶ ପ୍ରଦୂଷଣ ରୋକିବାର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦିଆଯାଇଥିଲା।

ଭଦ୍ରକ ବନ୍ତ ଛକ ଷ୍ଟାଡିୟମ ରୋଡର ଅବସରପ୍ରାପ୍ତ ଫେକରର କର୍ମଚାରୀ ଦିଲୀପ ନାୟକ ଗତ ଜାନୁୟାରୀ ୨୭ ତାରିଖରେ ତାଙ୍କ ବଡ଼ପୁଅଙ୍କ ବାହାଘରରେ ଏଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ତାଙ୍କ ବଡ଼ପୁଅ ଇଞ୍ଜିନିୟର ଦିନେଶଙ୍କ ସହିତ ବାସୁଦେବପୁର ଅଞ୍ଚଳର ଶରତ ନାୟକଙ୍କ ଝିଅ ମୌସୁମୀଙ୍କ ବିବାହ ହୋଇଥିଲା। ଅତିଥିମାନେ ବିନା ଉପହାରରେ ଆସିବାକୁ ନିମନ୍ତ୍ରଣ ପତ୍ରରେ ଲେଖାଥିଲା। ସେହିପରି ପରିବେଶ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିନା ବାଣ, ରୋଶଣିରେ ନିରାଡ଼ମ୍ବର ଭାବେ ବିବାହ ସମ୍ପନ୍ନ ହୋଇଥିଲା। ଜାନୁୟାରୀ ୩୧ ତାରିଖରେ ଡିଆର୍‌ଡିଏ ରୋଡସ୍ଥିତ ଏକ ବିବାହ ମଣ୍ଡପରେ ଦିନେଶଙ୍କ ଚତୁର୍ଥୀ ଭୋଜି ଦିଆଯାଇଥିଲା। ଏଠାକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହ ନିରାମିଷ ଭୋଜି ଖାଇଥିଲେ। ଆଉ ଘରକୁ ଫେରିବା ସମୟରେ ସେମାନଙ୍କୁ ଗୋଟିଏ ଲେଖାଏ ଚାରା ନବଦମ୍ପତି ଉପହାର ଭାବେ ଦେଇଥିଲେ। ଏଥର ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଚାରା ରହିଥିଲା। ଅତିଥିମାନେ ମନ ମୁତାବକ ଚାରା ନବଦମ୍ପତିଙ୍କ ହାତରୁ ନେଇ ଘରକୁ ଫେରିଥିଲେ। ବାପାଙ୍କ ଏପରି କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି ପୁଅ ବୋହୂ ଓ ନିମନ୍ତ୍ରିତ ଅତିଥିମାନେ। ତାଙ୍କର ଏଭଳି ପଦକ୍ଷେପକୁ ଭଦ୍ରକ ସହରବାସୀ ମଧ୍ୟ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ଏହି ବାହାଘରକୁ ବାଦ୍ ଦେଲେ ଦିଲୀପ ନିଜ ଘର ଓ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିସାରିଛନ୍ତି। ଏଥିପାଇଁ ସ୍ତ୍ରୀ ଶିକ୍ଷୟିତ୍ରୀ ଶିରୋମଣି ମହାପାତ୍ର ଓ ପରିବାର ତାଙ୍କୁ ପ୍ରୋତ୍ସାହିତ କରୁଥିବା ଦିଲୀପ ପ୍ରତିକ୍ରିୟା ରଖିଛନ୍ତି।



ଅତିଥିମାନେ ନବଦମ୍ପତିଙ୍କଠାରୁ ଚାରା ଗ୍ରହଣ କରୁଛନ୍ତି।

■ ରାଜ୍ୟର ଦୁର୍ଘଟଣା ମୃତ୍ୟୁ ହାର ଜାତୀୟଠାରୁ ଅଧିକ

# ପ୍ରତି ୧୦୦ ଦୁର୍ଘଟଣାରେ ୪୪ଜଣଙ୍କ ମୃତ୍ୟୁ

- ଉଦ୍‌ବେଗ ପ୍ରକାଶ କଲେ ଅର୍ଥମନ୍ତ୍ରୀ, ପରିବହନ ମନ୍ତ୍ରୀ
- ଆଶୁ ଚିକିତ୍ସା କ୍ଷେତ୍ରରେ ବିଫଳତାକୁ ଦାୟୀ କଲେ
- ନିୟମ ଉଲ୍ଲଂଘନକାରୀଙ୍କଠାରୁ ଇ-ଚାଲାଣ କଟାଯିବ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଦୁର୍ଘଟଣା ଜନିତ ମୃତ୍ୟୁ ହାର ଜାତୀୟ ହାରଠାରୁ ଅଧିକ ରହିଛି। ୨୦୧୭ରେ ଦୁର୍ଘଟଣାରେ ଦେଶରେ ମୋଟ ୧.୪୮ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ କେବଳ ଓଡ଼ିଶାରେ ୪ ହଜାର ୮ଶହ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଗତ ୧୦ବର୍ଷରେ ଏହି ସଂଖ୍ୟା ୩୦ ହଜାର ଟପିଛି। ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୨୯ଜଣ ଓ ଓଡ଼ିଶାରେ ୪୪ ଜଣଙ୍କ ଜୀବନ ଯାଉଛି। ଏଥିରୁ ରାଜ୍ୟରେ ଦୁର୍ଘଟଣାର ଭୟଙ୍କର ସ୍ଥିତି ବାରି ହୋଇପଡୁଥିବା ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସୋମବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବେହେରା ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ଘଟଣା ପରବର୍ତ୍ତୀ ଆଶୁ ଚିକିତ୍ସା କ୍ଷେତ୍ରରେ ଆମର ଦାୟିତ୍ୱହୀନତା ଓ ବିଫଳତାକୁ ଦାୟୀ କରିଛନ୍ତି।

ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ ଯୋଗଦେଇ ରାଜ୍ୟରେ ସଡ଼କ ଦୁର୍ଘଟଣା ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତିବର୍ଷ ୧୦ ପ୍ରତିଶତ ଦୁର୍ଘଟଣା ହାର ହ୍ରାସ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ରେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ୨୦୨୦ ସୁଦ୍ଧା ଦୁର୍ଘଟଣା ହାର ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଗୁରୁତ୍ୱାରୋପ କରିଥିବାବେଳେ ରାଜ୍ୟରେ କିନ୍ତୁ ଏହାର ବିପରୀତ ସ୍ଥିତି ପ୍ରତିଫଳିତ ହୋଇଛି। ୨୦୧୫ ତୁଳନାରେ ୨୦୧୬ ଓ ୨୦୧୭ରେ ଦୁର୍ଘଟଣା ହାର ୭.୩୩% ବୃଦ୍ଧି ପାଇଛି। ୨୦୧୮ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୪୨୭୦ଟି ଦୁର୍ଘଟଣା ଘଟିଥିବାବେଳେ ୨୦୧୭ ତୁଳନାରେ ଏହି ହାର ୮.୪୩% ପ୍ରତିଶତ ଅଧିକ ରହିଛି। ତେଣୁ ଦୁର୍ଘଟଣା ହାର ହ୍ରାସ କରିବା ପାଇଁ ଜାତୀୟ ରାଜପଥର ରାମେଶ୍ୱରଠାରୁ ଚଣ୍ଡିଖୋଲ ମଧ୍ୟରେ ୨୪ଟି ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏହି କ୍ୟାମେରା ଗାଡ଼ିର ଗତି ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ଏହି ଆଧାରରେ ନିୟମ ଭଙ୍ଗକାରୀ ଚାଳକ ଓ ଗାଡ଼ି ଉପରେ ଇ-ଚାଲାଣ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ଏହି ଉତ୍ସବରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଗଗନ କୁମାର ଧଳ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ଶ୍ରୀନିବାସ୍, ପୋଲିସ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ହ୍ରାସ ଦିଗରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରୋଡ୍ ସେଫ୍ଟି ଆକ୍ସନ୍ ପ୍ଲାନ୍ ଓ ଗୁଡ୍ ସାମରିଟାନ୍ ପଲିସି ଉନ୍ମୋଚନ କରାଯାଇଥିଲା। ସଡ଼କ ସୁରକ୍ଷା ସମ୍ପର୍କରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯାଇଥିଲା। ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ନାବାଳିକା ଅପହରଣ, ବଳାତ୍କାର ଘଟଣା

# ଜେଲ୍‌ଗଲେ ପୋଲିସ ଏଏସ୍‌ଆଇ, ଯୁବକ



ଗିରଫ ଯୁବକ ଓ ପୋଲିସ ଏଏସ୍‌ଆଇ।

ସୋହେଲା,୧୧।୨(ଡି.ଏନ.ଏ.)

ବରଗଡ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ସୋହେଲା ଥାନାର ଏଏସଆଇ ବନମାଳି କୁଅଁର ଓ ମେଲଛାମୁଣ୍ଡା ଗ୍ରାମର ରିଙ୍କୁ ନାଗଙ୍କୁ ପୋଲିସ ଗିରଫ କରି ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବରଗଡ଼ ଜେଲ୍‌କୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ରବିବାର ବିଳମ୍ବିତ ରାତିରେ ଏସ୍‌ପି ମୁକେଶ ଭାମୁ ଅଭିଯୁକ୍ତ ଏଏସ୍‌ଆଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ ଏବଂ ତାଙ୍କୁ ସୋହେଲା ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣାରେ ବ୍ୟବହୃତ ବାଇକ୍ ସହିତ ପୀଡିତା ଓ ଅଭିଯୁକ୍ତମାନଙ୍କ ଲୁଗାପଟା ଜବତ ହୋଇଛି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉକ୍ତ ଛାତ୍ରୀ ଟିଉଶନ ଯାଇ ଆଉ ନ ଫେରିବାରୁ ପରିବାର ପକ୍ଷରୁ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ପରଦିନ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ଅପହୃତା ଛାତ୍ରୀ ଜଣକ ଉଦ୍ଧାର ହେବା ପରେ ତାଙ୍କ ବୟାନ ଓ ମା' ବାପାଙ୍କ ଅଭିଯୋଗ କ୍ରମେ ପୋଲିସ ଅପହରଣ ସହିତ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ରିଙ୍କୁ ନାଗ ଓ ସୋହେଲା ଥାନାର ଏଏସ୍‌ଆଇ ବନମାଳି କୁଅଁରଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ବରଗଡ ଏସ୍‌ପି ଏଏସ୍‌ଆଇ କୁଅଁରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସୋମବାର ସକାଳେ ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା ସୋହେଲା ଥାନାକୁ ଆସି ପୀଡିତା ଓ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଏହି ଘଟଣାରେ ଉଭୟ ଅଭିଯୁକ୍ତ ଦୋଷୀ ଅଟନ୍ତି ବୋଲି ସୂଚନା ଦେଇଥିଲେ। ଏହାପରେ ଏଏସଆଇ କୁଅଁରଙ୍କ ପୋଲିସ ପୋଷାକ ଖୋଲାଯାଇଥିଲା। ତାଙ୍କୁ ଥାନା ପରିସରରେ ଥିବା କ୍ୱାର୍ଟରକୁ ନେଇ ସେ ଏକ ବାକ୍ସରେ ରଖିଥିବା ସରକାରୀ ରିଭଲଭର ଓ ଗୁଳିକୁ ସଂଗ୍ରହ କରାଯାଇଥିଲା ଏବଂ ବରଗଡ ପୋଲିସ ରିଜର୍ଭରୁ ଆସିଥିବା ଜଣେ ଅଧିକାରୀଙ୍କୁ ତାହା ହସ୍ତାନ୍ତର କରାଯାଇଥିଲା। ପରେ ଉଭୟ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ଼ ପଠାଯାଇଥିଲା। ସୋହେଲା ଥାନାର ମହିଳା ସବଇନ୍ସପେକ୍ଟର ସୁଶୀଳା ଟିଗା ଘଟଣାର ତଦନ୍ତ କରୁଛନ୍ତି।






**ସଡ଼କ ସୁରକ୍ଷା ସପ୍ତାହ ଶେଷଦିନ**

# ଦୁର୍ଘଟଣାରେ ଗଲା ୧୫ ଜୀବନ

ମାଲକାନଗିରି/ଅନୁଗୋଳ/ଖୋର୍ଦ୍ଧା/ବୌଦ୍ଧ/ଟିଟିଲାଗଡ଼/ସୁନ୍ଦରଗଡ଼/କେନ୍ଦୁଝର, ୧୧।୨ (ଡି.ଏନ.ଏ./ସ୍ୱ.ପ୍ର.)

ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଶେଷଦିନରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୫ ଜୀବନ ଯାଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲାରେ ୫, ଅନୁଗୋଳରେ ୩, ସୁନ୍ଦରଗଡ଼ରେ ୨, କୋରାପୁଟ, ଖୋର୍ଦ୍ଧା, ବରଗଡ଼, ବଲାଙ୍ଗୀର ଏବଂ କେନ୍ଦୁଝର ଜିଲାରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି।

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତର କେତେଜଣ ହିତାଧିକାରୀ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମରେ ଯୋଗଦେବାକୁ ପିକ୍‌ଅପ୍ ଭ୍ୟାନରେ ଯାଉଥିଲେ। କାଠିଗୁଡା ଛକରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଙ୍ଗାମର ରାମଚନ୍ଦ୍ର ଖରା, ଶିରାଗୁଡାର ଡମ୍ବୁ ଗୌଡ଼, ପାତ୍ରଗୁଡ଼ାର ରାମଚନ୍ଦ୍ର ପୁଡ଼ିଆ, ଜୟପୁର କୁମ୍ଭାରସାହିର ଅନିଲ ଜେନା ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୧୮ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲିମେଲା-କୁଡୁମୁଲୁଗୁମ୍ମା ମୁଖ୍ୟରାସ୍ତାର ଏମ୍.ଭି.-୩୮ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁରେ ଅନିଲ ଜେନାଙ୍କ ଜୀବନ ଯାଇଛି। ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। କୋରାପୁଟ-ସୁନାବେଡ଼ା ୨୬ନଂ. ଜାତୀୟ ରାଜପଥର ନୂଆ କଲୋନୀରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରଜାଲିମକା ଗ୍ରାମର ପଦଲାମ ମାଝି (୩୦)। ପାଙ୍ଗାମ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇବା ସହ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଗାଁ ଜଗନ୍ନାଥ ମନ୍ଦିର ନିକଟ ୧୪୯ନଂ. ଜାତୀୟ ରାଜପଥରେ ଏକ କାର୍ ସାଇକେଲକୁ ଧକ୍କା ଦେଇ ରାସ୍ତାକଡ଼ରେ ଥିବା ଘରେ ପଶିଯାଇଥିଲା। ଏଥିରେ ସାଇକେଲ ଆରୋହୀ ଟିକେନ ଖିଲାର (୩୦)ଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଆହତ ହୋଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା-କୃତ୍ତିବାସପୁର ରାସ୍ତାର ବରପାଲି ଗ୍ରାମ ବାଟବାୟାଣୀଠାରେ ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦାମୋଦରପୁର ଗ୍ରାମର ଧଡ଼ିଆ ନାୟକ (୩୦) ଓ ବାଲିପଙ୍କା ଗ୍ରାମର ବାବୁଲି ନାୟକ (୨୨)ଙ୍କ ମୃତ୍ୟୁ ଘଟିଛି। ଧଡ଼ିଆଙ୍କ ନବବିବାହିତା ଭଉଣୀଙ୍କୁ ଆମ୍ବସରମୁଣ୍ଡାରେ ଛାଡ଼ି ଫେରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଥିଲା।

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକ ନିକଟରେ ଇଣ୍ଟରଭ୍ୟୁ ଦେବାକୁ ଆସିଥିବାବେଳେ ଟ୍ରକ୍ ଧକ୍କାରେ ଦୁଇ ଭଉଣୀ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ମଞ୍ଜୁଳା ମିଞ୍ଜ (୨୦), ଅଞ୍ଜନା ମିଞ୍ଜ (୧୮)। ଉଭୟେ ଏକ ନମ୍ବରବିହୀନ ଗାଡ଼ିରେ ରାଉରକେଲା ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

ବଲାଙ୍ଗୀର ଜିଲା ବେଲଗାଁ-ଟିଟିଲାଗଡ଼ ୫୯ନଂ. ଜାତୀୟ ରାଜପଥର ରିଗ୍‌ଡୁଲ ଗ୍ରାମ ନିକଟରେ ପିକଅପ୍ ଭ୍ୟାନ ଓଲଟି ରାମ ଭୋଇ (୩୮)ଙ୍କ ମୃତ୍ୟୁ ଘଟିଛି। ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ନିର୍ବନ୍ଧ କାମ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ସୁବୁଦ୍ଧି ପାଟଣା ଛକରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା କାର ଧକ୍କାରେ ତୋଟାପଡ଼ାର ଭାଗୀରଥି ଭୁଜବଳ (୫୦)ଙ୍କ ମୃତ୍ୟୁ ଘଟିଛି। ୫ଜଣ ଆହତ ହୋଇଛନ୍ତି। ବୌଦ୍ଧ ଜିଲା ମନମୁଣ୍ଡା ନିକଟ ବାସୁଦେବପାଲି କ୍ରିଷ୍ଣା ଢାବା ନିକଟରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାରେ ସମ୍ବଲପୁର ଜିଲା ମାନେଶ୍ୱରର ବଣ୍ଟି ବେହେରା (୨୮)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଆହତ ହୋଇଛନ୍ତି। ବରଗଡ଼ ଜିଲା ପାଇକମାଳ ଥାନା ମଲଦା ପାହାଡ଼ି ଢାବା ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଭୁବନେଶ୍ୱରପୁର ଗ୍ରାମର ଗୌର ବରିହା ପ୍ରାଣ ହରାଇଛନ୍ତି। କେନ୍ଦୁଝର ଜିଲା ବାଂଶପାଣି ରେଲଷ୍ଟେଶନ ନିକଟରେ ଟାଟା-ବିଶାଖାପାଟଣା ଦ୍ରୁତଗାମୀ ପାସେଞ୍ଜର ଟ୍ରେନ୍‌ରେ କଟିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।

## ସାତକୋଶିଆରେ ବ୍ୟାଘ୍ର ବଂଶ ବୃଦ୍ଧି ଯୋଜନା ଫେଲ୍

# ଏନ୍‌ଟିସିଏ ନିର୍ଦ୍ଦେଶକୁ ଗିଳିଦେଲା ବନ ବିଭାଗ

- ମହାବୀର’ ମୃତ୍ୟୁର ଦୋଷୀଙ୍କୁ ସୁରକ୍ଷା
- ଅନ୍ଧାରରେ ‘ସୁନ୍ଦରୀ’ର ଭାଗ୍ୟ
- କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ମଧ୍ୟପ୍ରଦେଶରୁ ୬ଟି ବାଘ ଅଣାଯିବାର ଯୋଜନା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଟି ମହାବଳ ଅଣାଯାଇ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ଛଡ଼ା ଯାଇଥିଲା। ଏହି ପ୍ରକଳ୍ପକୁ ନେଇ ସେତେବେଳେ ବନ ବିଭାଗ ଅତ୍ୟନ୍ତ ଉଚ୍ଚାଭିଳାଷୀ ହୋଇପଡ଼ିଥିଲା। କିନ୍ତୁ ସାତକୋଶିଆକୁ ଆସିଥିବା ବାଘୁଣୀ ‘ସୁନ୍ଦରୀ’ ମଣିଷ ଖାଇଥିବା ଅଭିଯୋଗ ଆସିବା ଓ ବାଘ ‘ମହାବୀର’ର ଅକସ୍ମାତ ମୃତ୍ୟୁ ଏହି ପ୍ରକଳ୍ପରେ ରକ୍ତଛିଟା ପକାଇଥିଲା। ଏହି ଦୁଇ ଘଟଣାରେ ଦୋଷ ଖସାଇବା ପାଇଁ ହୋଇଥିବା ଷଡଯନ୍ତ୍ରକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଧରିବା ପରେ ବନ ବିଭାଗ ଏକ ପ୍ରକାର ହରଡ଼ଘଣାରେ ପଡ଼ିଯାଇଥିଲା। ଏବେ ଏନ୍‌ଟିସିଏ ଦେଇଥିବା ରିପୋର୍ଟକୁ ଚାପି ଦିଆଯାଇଥିବା ଅଭିଯୋଗ ଉଠୁଛି। ଏପରିକି ଏନ୍‌ଟିସିଏ ନିର୍ଦ୍ଦେଶକୁ ବନ ବିଭାଗ କାର୍ଯ୍ୟକାରୀ ନ କରି ଚାପି ଦେବାକୁ ଆଉ ଏକ ଷଡ଼ଯନ୍ତ୍ର କରିଥିବା କୁହାଯାଉଛି। ମହାବୀର ମୃତ୍ୟୁର ଦୋଷୀ କିଏ ଏଯାଏ ଜଣାପଡି ନ ଥିବାବେଳେ ‘ସୁନ୍ଦରୀ’ର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇଟି ବାଘକୁ ସୁରକ୍ଷା ଦେବାରେ ବନ ବିଭାଗ ଫେଲ୍ ମାରିଥିବାବେଳେ ଏହି ବୃହତ ପ୍ରକଳ୍ପ କ୍ରମଶଃ ଅନ୍ଧାର ଘେରକୁ ଠେଲି ହୋଇଯାଉଛି।

‘ସୁନ୍ଦରୀ’ ଆସିବା ପରଠାରୁ ସାତକୋଶିଆ ଚର୍ଚ୍ଚାରେ ରହି ଆସିଛି। ‘ସୁନ୍ଦରୀ’ ମଣିଷ ଓ ବହୁ ଗୃହପାଳିତ ପଶୁ ମାରିବା ଅଭିଯୋଗ ଆସିବା ପରେ ତାକୁ ଏନ୍‌କ୍ଲୋଜର ଭିତରେ ବନ୍ଦୀ କରି ରଖାଯାଇଛି। ସେହିପରି ‘ମହାବୀର’ର ମୃତ୍ୟୁ ଏଯାଏ ରହସ୍ୟ ଘେରରେ ରହିଛି। ଝିଙ୍କ ମାରିଖାଇବା ଦ୍ୱାରା ତା’ର ମୃତ୍ୟୁ ହୋଇଥିବା ବନ ବିଭାଗ କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏନ୍‌ଟିସିଏ ଓ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବିଶେଷଜ୍ଞମାନେ ବନ ବିଭାଗ ରିପୋର୍ଟକୁ ଭୁଲ୍ ପ୍ରମାଣିତ କରିଥିଲେ। ମହାବୀର ଶିକାରୀଙ୍କ ଫାଶରେ ପଡ଼ିଥିବା ଓ ବେକରେ ଘା’ ସଂକ୍ରମଣ ଯୋଗୁ ମୃତ୍ୟୁ ହୋଇଥିବା ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ଏଥିସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ଏନ୍‌ଟିସିଏ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲା। କିନ୍ତୁ ଏହି ଚିଠି ଯେପରି ଶୀତଳ ଭଣ୍ଡାରରେ ରହିଯାଇଛି। କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ଦୋଷୀ ଅଧିକାରୀଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ଉଠୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଯେଉଁ ବନଖଣ୍ଡ ଅଧିକାରୀଙ୍କ ସମୟରେ ‘ମହାବୀର’ର ମୃତ୍ୟୁ ହୋଇଥିଲା, ସମ୍ପୃକ୍ତ ଅଧିକାରୀଙ୍କୁ ଏହି ଘଟଣାର ତଦନ୍ତ ଭାର ଦିଆଯିବା ବିଭାଗୀୟ କାର୍ଯ୍ୟଧାରାକୁ ପଦାରେ ପକାଇଛି। ଅନ୍ୟପକ୍ଷରେ ବର୍ତ୍ତମାନ ବାଘୁଣୀ ‘ସୁନ୍ଦରୀ’ ଏନ୍‌କ୍ଲୋଜର ଭିତରେ ରହିଛି। ତା’ର ସ୍ୱାଭାବରେ ମଧ ପରିବର୍ତ୍ତନ ଆସିବାରେ ଲାଗିଛି। ଏତେ ଦିନ ଏନ୍‌କ୍ଲୋଜର ଭିତରେ ରଖାଗଲେ ପରବର୍ତ୍ତୀ ସମୟରେ ଜଙ୍ଗଲରେ ରହିବା ତା’ ପାଇଁ କଷ୍ଟକର ହୋଇପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଇତିମଧ୍ୟରେ ବାଘୁଣୀକୁ ଜଙ୍ଗଲରେ ଛଡ଼ାଯିବା ପାଇଁ ବ୍ୟବସ୍ଥା ହୋଇଛି। ତା’ର ଗତିବିଧିକୁ ନଜର ରଖିବା ପାଇଁ ଶିମିଳିପାଳରୁ ଦୁଇଟି ହାତୀ ସେଠାକୁ ଯାଇଛନ୍ତି। କିନ୍ତୁ ସୁନ୍ଦରୀକୁ କେବେ ଛଡ଼ାଯିବ ତାହା ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରୁ ନାହିଁ। ଆଗକୁ ନିର୍ବାଚନ ଆସୁଥିବାରୁ ‘ସୁନ୍ଦରୀ’କୁ ଜଙ୍ଗଲରେ ଛଡ଼ାଗଲେ କାଳେ ପୁଣି କିଛି ଘଟଣା ଘଟିବ ଓ ଅଡୁଆ ପରିସ୍ଥିତି ଉପୁଜିବ ସେହି ଭୟ ଏବେ ବନ ବିଭାଗ ଓ ସରକାରଙ୍କୁ ଘାରିଛି। କାରଣ ସୁନ୍ଦରୀକୁ ଛଡ଼ାଗଲେ ସ୍ଥାନୀୟ ଲୋକେ ବିରୋଧ କରିବେ ଓ ସରକାରଙ୍କୁ ଜବାବ ଦେବା ପାଇଁ ସେମାନେ ନିର୍ବାଚନରୁ ମଧ ଓହରିପାରନ୍ତି। ତେଣୁ ନିର୍ବାଚନ ପୂର୍ବରୁ ସୁନ୍ଦରୀକୁ ଜଙ୍ଗଲରେ ନ ଛାଡ଼ିପାରନ୍ତି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। ଏହି ଦୁଇ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କହିଛନ୍ତି, ସୁନ୍ଦରୀ ବିଷୟରେ ବର୍ତ୍ତମାନ ସୁଦ୍ଧା ଚିନ୍ତା କରାଯାଇ ନାହିଁ। ମହାବୀର ସମ୍ପର୍କରେ ପିସିସିଏଫ୍ (ବନ୍ୟପ୍ରାଣୀ) ଉତ୍ତର ଦେଇପାରିବେ। କିନ୍ତୁ ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କୁ ଅନେକ ଥର ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ ସେ କଲ୍ ରିସିଭ୍ କରି ନ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ରାଜ୍ୟ ପଞ୍ଚାୟତ ସମିତି ମହାସଂଘ


ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ପଞ୍ଚାୟତ ସମିତି ସଭ୍ୟା/ସଭ୍ୟ ମହାସଂଘର କର୍ମକର୍ତ୍ତା ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝିଙ୍କ ତତ୍ତ୍ୱାବଧାନରେ ସଂଘର ସଦସ୍ୟମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବାହ୍ନରେ ଭେଟି ବିଭିନ୍ନ ଦାବି ସମ୍ପର୍କରେ ଜଣାଇଛନ୍ତି। ସଂଘର ମୁଖ୍ୟତଃ ୧୦ଟି ଦାବି ରହିଛି। ଏହି ଦାବିକୁ ବିଚାରକୁ ନେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

ସଂଘ ସଭାପତି ଶରତ କୁମାର ଖିଲାର କହିଛନ୍ତି ଯେ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ସଭ୍ୟ(ନୋମିନି)ଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚଙ୍କ ସହ ନୋମିନି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷରକୁ ବାଧ୍ୟତାମୂଳକ, ନୋମିନିଙ୍କ ବାର୍ଷିକ ଉନ୍ନୟନ ପାଣ୍ଠି ୩୦ ଲକ୍ଷ ଏବଂ ମାସିକ ଭତ୍ତା ୧୮୮୦ରୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରାଯିବା ନେଇ ଦାବି ରଖିଛୁ। ସେହିପରି ସଙ୍ଗଠନ ସମ୍ପାଦକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ବିଭିନ୍ନ ପ୍ରମାଣପତ୍ର ଚିହ୍ନଟରେ ନୋମିନିଙ୍କୁ କ୍ଷମତା ପ୍ରଦାନ, ବାର୍ଷିକ କାର୍ଯ୍ୟଖସଡ଼ା ଅନୁମୋଦନରେ ଦସ୍ତଖତ ଅନ୍ତର୍ଭୁକ୍ତ, ସରପଞ୍ଚଙ୍କୁ ଦିଆଯାଉଥିବା ସମସ୍ତ କ୍ଷମତା ନୋମିନିଙ୍କୁ ପ୍ରଦାନ ଏବଂ ୫ ବର୍ଷର ଅବଧି ସରିବା ପରେ ପେନ୍‌ସନ ପ୍ରଦାନ କରାଯାଉ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।







## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଶ୍ରୀୟା
ପରିବାରବର୍ଗ


ହୃଷୀକେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

Jypsy King, OR 02-S, 4 WD, petrol all papers ok, look like new for sale. 9437746913. D-11062




**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65558

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

Tamando ବଜାର ପଛପଟେ ଏବଂ Infocity- II ପାଚେରି ପାଖରେ plot ପ୍ଲଟ ମିଳୁଅଛି। 9439864322. D-65356

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

Bhubaneswar ହଂସପାଳ ପାଖରେ ଘରବାରି ବାଉଣ୍ଡାରି plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ: 9556403869, 9937355539. D-10830

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Tata memorial Cancer Hospital ପାଖରୁ 1.5km distanceରେ 199/- 229/- 379/-ରେ ମିଳୁଛି: 8658864750. D-64788

ଘରବାରି ପାଚେରି ସହ 760/- psqft. ମୌଜା ଗଙ୍ଗପାଟଣା, ପାଇକରାପୁର, New ଭୁବନେଶ୍ୱରରେ ମିଳୁଛି। 9478430126. D-47999

Residential plot 3.5 km. from Dhauli N.H 12000 sqft. 50 lakhs. 9337102145. D-59852

**Layout approved & Jatni BDO approved plot sale near Adyant +2 Science College, Gangapada, Bhubaneswar, facility- 30' road, boundarywall, electric, children park & temple, cost @ 700 per sqft. Mob: 7682927930.** D-11076

Gharabari individual (2000, 5400) plots at Pahal, Utkalheight, Jharapada, Duplex at Patia (76L), Hanspal for immediate sale. Details: 7008304833 (ବିଷ୍ଣୁ). D-11088

Plot area 1100 sft. approximately is for sale near Gokul/ Avantika Residency on GGP Pandara Road, Bhubaneswar at Rs. 2700/- per sft. approximately (negotiable). Contact immediately: 9437396718. D-64584




Tolet 3 storied building (4000 sqft., 15 rooms, modern flooring, fittings) at Abakash Lane, Puri near Gundicha Temple suitable for office. 9437488148, 8249098745. D-47998




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Ayurvedic full body massage ladies/ gents smart experts therapist. 9114697517. D-65816

Sai solution ayurvedic full body massage ladies/ gents. Contact: 8117033493. D-11070

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

Experience full body massage with us by experts. Enquiry. 0 6 7 4 2 5 9 7 8 2 2 , 7377048581. D-65566

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରୋ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Herbal full body massage with refreshment by well trained therapist. 7 3 8 1 2 3 9 3 8 5 , 06742540855. D-65567

Improving your health, skin care through expert therapist, excellent offer. 9668374480. D-65568

Newly opening ayurvedic body massage smart therapist, Shree herbal. 7750020754. D-65569

Herbal full body massage by smart/ expert therapist. Contact: 8338067247. D-65570

Roshin ayurvedic massage club fully relaxed by smart lady home service facility available. 9937637219. D-65824

Ayurvedic full body massage ladies/ gents experts therapist. 8338097451 . D-65825

### ୧୨ତମ ଜନ୍ମବାର୍ଷିକ ଶୁଭେଚ୍ଛା




(ଶ୍ରୀୟା)

**ପ୍ରୀତିପର୍ଣ୍ଣା ପଟନାୟକ**

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ। ଶୁଭେଚ୍ଛା ସହ: ବାବା, ମାମା, ଅଜା, ରିନୁ ଅପା, ସିପ୍ରା, ବାବି ମାମୁ, ନିତୁ ଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୧୧୦୮୯

### ଶୁଭ ଜନ୍ମଦିନର ଅଭିନନ୍ଦନ




**ହୃଷୀକେଶ**

ଆମ ପାଇଁ ସିଏ ପଥ ପ୍ରଦର୍ଶକ,
ମୁଖେଥାଏ ସଦା ହସ।
ହୃଦୟରେ ଥାଏ ଅସରନ୍ତି ସ୍ନେହ,
ନାମ ତାଙ୍କ ହୃଷୀକେଶ।
କର୍ମରେ ଭରସା କର୍ମ ତାଙ୍କ ନିଶା
କର୍ମରେ ଥାଏ ଆନନ୍ଦ।
ଶୁଭ ଜନ୍ମଦିନେ ଶୁଭାଶିଷ ଢାଳି
ଦିଅନ୍ତୁ ପ୍ରଭୁ ଗୋବିନ୍ଦ। ଧ-୬୨୦୭୦


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ମନେ ପଡନ୍ତି

### ୧୬ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ**

ସହକାରୀ ଆୟୁକ୍ତ, କେନ୍ଦ୍ର ଉତ୍ପାଦ ସୀମାଶୁଳ୍କ ବିଭାଗ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ପବିତ୍ର ମାଘସପ୍ତମୀ

ଚାହୁଁ ଚାହୁଁ ୧୫ବର୍ଷ ବିତିଗଲା। ଅବର୍ତ୍ତମାନରେ ଆପଣଙ୍କ ସ୍ମୃତି ଏବେବି ଉଜ୍ଜୀବିତ ରହିଛି। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ପତ୍ନୀ- ମନି, ଝିଅ- ରୁନୁ, ପିନୁ, ଜ୍ୱାଇଁ- ଲକ୍ଷ୍ମୀନାରାୟଣ, ବିରଜା, ପୁଅ- ସାଇ, ବୋହୂ- ଇତି, ନାତିନାତୁଣୀ ଓ ପଟ୍ଟନାୟକ ପରିବାରବର୍ଗ। ଧ-୧୧୦୭୯


## ଲୋକାୟୁକ୍ତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଚାଟ

# ସତ୍ୟପାଠ ଦାଖଲ କଲେ ସରକାର

- ମାର୍ଚ୍ଚ ୩୧ ସୁଦ୍ଧା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତ ହେବେ
- ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ଲୋକାୟୁକ୍ତ
- ଆଜି ବସିବ ଚୟନ କମିଟି

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ସୁପ୍ରିମକୋର୍ଟଙ୍କ ତାଗିଦ ପରେ ରାଜ୍ୟରେ ଲୋକାୟୁକ୍ତ ଗଠନ କରିବାକୁ ସରକାର ବାଧ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି କରାଯିବ। ଆସନ୍ତା ଏପ୍ରିଲ ୮ ତାରିଖ ସୁଦ୍ଧା ଦୁର୍ନୀତି ନିରୋଧୀ ସଂଗଠନ ଲୋକାୟୁକ୍ତ କାର୍ଯ୍ୟକ୍ଷମ ହେବ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୋମବାର ସୁପ୍ରିମକୋର୍ଟରେ ଏଭଳି ଏକ ସତ୍ୟପାଠ ଦାଖଲ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ସର୍ଚ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ୨୦୧୮ ଡିସେମ୍ବର ୨୪ ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଲୋକାୟୁକ୍ତ ରୁଲ୍ ୨୦୧୮ ସେକ୍ସନ-୪(୪) ଓ ରୁଲ୍ ୧୦ ଅନୁଯାୟୀ ସଦସ୍ୟମାନଙ୍କର ନାମ ଚୂଡ଼ାନ୍ତ କରାଯିବା ସହ ଏ ନେଇ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଦୁଇଟି ଇଂଲିଶ ଓ ଦୁଇଟି ଓଡ଼ିଆ ପ୍ରମୁଖ ଖବରକାଗଜରେ ବିଜ୍ଞାପନ ଦିଆଯାଇଛି। ଏହାଛଡ଼ା ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଲାଗି ସୁପ୍ରିମକୋର୍ଟ ରେଜିଷ୍ଟ୍ରାର, ୨୪ ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ୨୨ଟି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି, ନିର୍ଦ୍ଦେଶକମାନଙ୍କୁ ଉକ୍ତ ପଦବୀ ପାଇଁ ଆବେଦନ କରିବା ସକାଶେ ଅନୁରୋଧ କରାଯାଇଥିଲା। ୨୦୧୯ ଜାନୁୟାରୀ ୮ ଓ ୯ ତାରିଖରେ ଅନୁଷ୍ଠିତ ସର୍ଚ୍ଚ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡାନ୍ତ କରାଯାଇ ଜାନୁୟାରୀ ୯ ତାରିଖରେ ଚୟନ କମିଟି ଅଧ୍ୟକ୍ଷଙ୍କ ନିକଟରେ ଚୂଡାନ୍ତ ତାଲିକା ଦାଖଲ କରାଯାଇଛି। ଫେବୃୟାରୀ ୧୨ ତାରିଖରେ ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନାମ ଚୂଡାନ୍ତ କରାଯିବ । ପରେ ଏହାକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହାକୁ ବିଜ୍ଞପ୍ତି ଆକାରରେ ପ୍ରକାଶ କରାଯିବ । ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବା ସହିତ ଏପ୍ରିଲ ୮ରୁ ରାଜ୍ୟରେ ଲୋକାୟୁକ୍ତ କାର୍ଯ୍ୟାଳୟ କାର୍ଯ୍ୟ ଆରମ୍ଭ କରିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ପ୍ରସ୍ତୁତ କରିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏପରିକି ୨୦୧୫ ଜାନୁୟାରୀ ୧୬ରୁ ଏହି ଆଇନ କାର୍ଯ୍ୟକାରୀ ହୋଇଛି । ଓଡ଼ିଶା ସର୍ଚ୍ଚ କମିଟି ରୁଲ୍ ପ୍ରସ୍ତୁତ କରିବା କାର୍ଯ୍ୟ ଜାରି ରହିଛି ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା। ତେବେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ୨୦୧୮ ଜୁଲାଇ ୧୦ ତାରିଖ ସୁଦ୍ଧା ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ କୋର୍ଟ ୨୦୧୮ ଏପ୍ରିଲ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତ ଗଠନ ନେଇ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ୨୦୧୮ ଅକ୍ଟୋବରରେ ପୁଣି ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ୩ ମାସ ମହଲତ ଦେବାକୁ ଆବେଦନ କରିଥିଲେ। କିନ୍ତୁ ଓଡ଼ିଶାର ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେବା ସହ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି କରାଯିବ ସେ ନେଇ ଜଣାଇବାକୁ କୋର୍ଟ ତାଗିଦ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୮ ଡିସେମ୍ବର ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକାୟୁକ୍ତ ଚୟନ କମିଟି ବୈଠକରେ ସର୍ଚ୍ଚ କମିଟି ପାଇଁ ସଦସ୍ୟଙ୍କ ନାମ ଚୟନ କରାଯାଇଥିଲା। ସେହି କମିଟି ଲୋକାୟୁକ୍ତ ନିଯୁକ୍ତି ପାଇଁ ୫ ଜଣଙ୍କ ନାମ ସୁପାରିସ କରିଥିବା ବେଳେ ଲୋକାୟୁକ୍ତ ସଦସ୍ୟ ପାଇଁ ୧୫ ଜଣଙ୍କ ନାମ ସୁପାରିସ କରିଥିଲା। ଲୋକାୟୁକ୍ତ ମଣ୍ଡଳ ପାଇଁ ୬ ଜଣ ସଦସ୍ୟଙ୍କ ଚୂଡାନ୍ତ ନାମ ୩୦ ଦିନ ମଧ୍ୟରେ ପଠାଇବାକୁ ଚୟନ କମିଟି ସର୍ଚ୍ଚ କମିଟିକୁ ନିର୍ଦ୍ଦେଶ ଦେଇଥିଲା। ଏଠାରେ ଓଡ଼ିଶା ବିଧାନସଭା ୨୦୧୪ ଫେବୃୟାରୀ ୧୪ରେ ଲୋକାୟୁକ୍ତ ବିଲ୍ ପାରିତ ହୋଇଥିଲା। ୨୦୧୫ ଫେବୃୟାରୀ ୧୪ରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା।

୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ । ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା।

## ଆନ୍ଧ୍ରକୁ ସ୍ୱତନ୍ତ୍ର...

ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲ, ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ପ୍ରମୁଖ ନେତା। ଦେଶର ସୁରକ୍ଷା ଲାଗି ସବୁ ରାଜନୈତିକ ଦଳ ଏକାଠି ହେବା ଜରୁରୀ ହୋଇପଡିଛି ବୋଲି ଟିଡିପି ନେତା କହିଛନ୍ତି। ୨୦୧୪ରେ ରାଜ୍ୟ ବିଭାଜନ ବେଳେ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ। ଏଥିସହିତ ରାଜ୍ୟବାସୀଙ୍କ ପ୍ରତି ମୋଦି ଯଦି ବ୍ୟକ୍ତିଗତ ଆକ୍ରମଣ କରନ୍ତି, ତେବେ ଏହାର ଉପଯୁକ୍ତ ଶିକ୍ଷା ପାଇବେ ବୋଲି ସେ ଚେତାବନୀ ଦେଇଛନ୍ତି। ମୋଦି ସରକାର ଦେଶ ତଥା ଗଣତନ୍ତ୍ର ପ୍ରତି ବିପଦ ବୋଲି ଚନ୍ଦ୍ରାବାବୁ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ଟିଡିପିର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବ।

ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି ଚନ୍ଦ୍ରାବାବୁ ବିରୋଧୀ ଦଳଗୁଡିକୁ ଏକାଠି କରିବାରେ ଲାଗିଛନ୍ତି। ଭାଜପା ବିରୋଧୀ ମେଣ୍ଟ ଗଠନ କରିବା ନିମନ୍ତେ ଗତ ୩ ମାସ ମଧ୍ୟରେ ସେ ବିରୋଧୀ ଦଳ ନେତାମାନଙ୍କ ସହ ଏକାଧିକ ବୈଠକ କରିଛନ୍ତି।

ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସମର୍ଥନ ଜଣାଇଛନ୍ତି। ଆନ୍ଧ୍ରପ୍ରଦେଶ ବିଭାଜନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆଉ ବିଳମ୍ବ ନ କରି ତୁରନ୍ତ ପୂରଣ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆନ୍ଧ୍ର ଲୋକଙ୍କଠାରୁ ଅର୍ଥ ଚୋରି କରି ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ସେହିପରି କେଜ୍‌ରିୱାଲ ପ୍ରଧାନମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୋଦି ବିରୋଧୀ ରାଜ୍ୟଗୁଡିକ ପ୍ରତି ଯେଭଳି ବ୍ୟବହାର ଦେଖାଉଛନ୍ତି, ସେଥିରୁ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭଳି ଜଣାପଡୁଥିବା କେଜ୍‌ରିୱାଲ କହିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନଶନସ୍ଥଳକୁ ଆସିପାରି ନ ଥିଲେ ମଧ୍ୟ ସମର୍ଥନ ଜଣାଇଛନ୍ତି। ଆମେ ଚନ୍ଦ୍ରାବାବୁଙ୍କ ସହ ରହିଛୁ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି।

## ଥାନାରେ ପଡ଼ିଛି...

ବୋଲି ସେ କହିଛନ୍ତି। ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କୁହନ୍ତି, ଥାନାଗୁଡ଼ିକରେ ମାମଲା ପଡି ରହିବାର ମୁଖ୍ୟ କାରଣ ହେଲା ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କାରଣ। ବସ୍ତି ଅଞ୍ଚଳରେ ଅଧିକାଂଶ ଆପରାଧିକ କାର୍ଯ୍ୟକଳାପ ଘଟୁଛି। ଥାନାରେ ଏକାଧିକ ମାମଲା ରୁଜୁ ହେଉଥିଲେ ମଧ୍ୟ ପୋଲିସ ରାଜନୈତିକ କିମ୍ବା ଅର୍ଥନୈତିକ କାରଣରୁ ତାହାର ତଦନ୍ତ କରୁନାହିଁ, ଯେଉଁଥିପାଇଁ ମାମଲା ସଂଖ୍ୟା ବର୍ଷକୁ ବର୍ଷ ବଢ଼ି ଚାଲିଛି। ଯଦି ପୋଲିସ ଅର୍ଥନୈତିକ ଓ ରାଜନୈତିକ ଚାପରେ ଆସିବ ନାହିଁ, ତେବେ ତଦନ୍ତ ଠିକ୍‌ରେ ଶେଷ ହେବ।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ମାମଲା

### ପ୍ରଥମ ପୃଷ୍ଠାରୁ...

ପଡ଼ିରହିବାର ମୁଖ୍ୟ କାରଣ ହେଉଛି କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କରିବା। ସେମାନେ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଏହାସହ ତଦନ୍ତକାରୀ ଅଧିକାରୀମାନେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାୟିତ୍ୱରେ ରହୁଛନ୍ତି। ଫଳରେ ତଦନ୍ତ କରିବାକୁ ସେମାନେ ସମୟ ପାଉନାହାନ୍ତି। ସେହିଭଳି ଅଭିଯୋଗକାରୀ ଯଦି ଗରିବ ଲୋକ, ତେବେ ତାଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉନି। କେବଳ ମାମଲା ରୁଜୁ କରି ଚୁପ୍ ବସୁଛି। ଗରିବ ଲୋକଟି ଅର୍ଥ ଦେଇପାରୁ ନ ଥିବାରୁ ସେମାନଙ୍କ ମାମଲା ପଡ଼ି ରହୁଛି।

ଏ ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଥାନାଗୁଡ଼ିକରେ ପୋଲିସ କର୍ମଚାରୀଙ୍କ ଅଭାବ ରହୁଛି। ଏପରି କି ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଥିବାରୁ ତଦନ୍ତ ଠିକ୍ ଭାବେ ହୋଇପାରୁନି। ଯଦି ଲ ଆଣ୍ଡ ଅର୍ଡର ଅଲଗା ହୁଏ, ତେବେ ମାମଲା ଠିକ୍‌ରେ କ୍ଲୋଜ ହେବ। ମୁଁ ଖୁବ୍‌ଶୀଘ୍ର ମାମଲା ଶେଷ କରିବାକୁ ଥାନାଗୁଡ଼ିକୁ ନିର୍ଦ୍ଦେଶ ଦେବି ବୋଲି ମହାନ୍ତି କହିଛନ୍ତି।

## ନାବାଳିକାଙ୍କୁ...

ଫେରିବା ପରେ ଝିଅ ମିକ୍ସର ଖାଉଥିବା ଦେଖିଥିଲେ। ଏହାପରେ ସେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫେରିଥିଲେ। ସେଠାରୁ ସେ ପୁଣି ଘରକୁ ଫେରିବା ବେଳେ ଗଜାନନ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ଘରୁ ବାହାରି ଦୌଡ଼ି ପଳାଇଥିଲେ। ଘର ଭିତରକୁ ଯିବା ପରେ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଝିଅ ଉଲଗ୍ନ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ସେ ପଡ଼ୋଶୀଙ୍କ ସହାୟତାରେ ଝିଅକୁ ତଳକୁ ଆଣିଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ନାବାଳିକାଙ୍କ ଗଳାର ଦୁଇପାର୍ଶ୍ୱରେ ଶକ୍ତ ଦାଗ ରହିଛି। ତେଣୁ ତାଙ୍କୁ ବଳାତ୍କାର ପରେ ତଣ୍ଟିଚିପି ହତ୍ୟା କରାଯାଇଛି ବୋଲି ନାବାଳିକାଙ୍କ ମା' ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାସ୍ଥଳରେ ଗୁଟ୍‌ଖା ଜରି, ବିଡ଼ି ଆଦି ପଡ଼ିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଜଟଣୀ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘରୁ ବିଭିନ୍ନ ନମୁନା ସଂଗ୍ରହ କରିଥିବାବେଳେ ପୋଲିସ ନାବାଳିକାଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ କାହିଁକି ବଳାତ୍କାର ଦଫା ଲଗାଗଲା ନାହିଁ ବୋଲି ପଚରାଯିବାରୁ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି ଯେ, ଅଭିଯୋଗକାରିଣୀ ଏତଲାର ବିଷୟ ସ୍ଥାନରେ ବଳାତ୍କାର କଥା ଲେଖିଥିଲେ ମଧ୍ୟ ତଳେ ବିସ୍ତୃତ ଭାବେ ବଳାତ୍କାର ସମ୍ପର୍କରେ ଲେଖିନାହାନ୍ତି। ତେଣୁ ଆମେ ହତ୍ୟା ମାମଲା ରୁଜୁ କରିଛୁ। ତଦନ୍ତ ବେଳେ ବଳାତ୍କାର ହୋଇଥିବା ଜଣାପଡ଼ିଲେ କୋର୍ଟକୁ ତାହା ଜଣାଇବୁ। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି ଯେ, ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ଦଫା ଲାଗିଛି। ସେ ବଳାତ୍କାର ସମ୍ପର୍କରେ ଲେଖିନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟରୁ ବଳାତ୍କାର କିମ୍ବା ଆତ୍ମହତ୍ୟା ଜଣାପଡ଼ିଲେ ସେହି ଅନୁଯାୟୀ ଦଫା ପରିବର୍ତ୍ତନ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ତିନିକେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରିଥିବାରୁ ଯେଉଁ କାମ ଆରମ୍ଭ କରିବେ ତାହା ନିଷ୍ଫଳ ହେବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ଦେବଦର୍ଶନ ସାଙ୍ଗକୁ ଦୂରଯାତ୍ରା କରିବାର ସୁଯୋଗ ପାଇପାରନ୍ତି। କିନ୍ତୁ ଚତୁର୍ଥସ୍ଥ ରାହୁ ଓ ରାଶିରେ ଚନ୍ଦ୍ର ପାରିବାରିକ ସମସ୍ୟା ନେଇ ଚିନ୍ତାପ୍ରକଟ କରିପାରନ୍ତି।

**ବୃଷ** ଶୁକ୍ର ଓ ଶନି ତୃତୀୟାଧିପ ଚନ୍ଦ୍ରଙ୍କଠାରୁ କୋଣଭାବରେ ଥିବାରୁ ସମ୍ପର୍କୀୟମାନଙ୍କ ସାହାଯ୍ୟରେ ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହୋଇପାରନ୍ତି। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଶେଷ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** ସପ୍ତମ କେନ୍ଦ୍ରରେ ଶୁକ୍ର ଓ ଶନିସ୍ୱାମୀ/ସ୍ତ୍ରୀଙ୍କ ମତପାର୍ଥକ୍ୟ, ଯାତ୍ରା, ବାଣିଜ୍ୟରେ ପ୍ରତିବନ୍ଧକ କିମ୍ବା ବିବାଦୀୟ କ୍ଷେତ୍ରରେ ଅପଦସ୍ଥ ହେବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭକରି ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବେ।

**କର୍କଟ** ଧନାଧିପ ରାହୁ ଦୃଷ୍ଟିରେ ଥିବାରୁ ଧନହାନି, ସାଧାରଣ କଥାରେ ଯୁକ୍ତିତର୍କ ଜନିତ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। କୌଣସି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଧାତୁ, ଅଳଙ୍କାର, ଗୃହୋପକରଣ କ୍ରୟ କରିପାରନ୍ତି।

**ସିଂହ** ତୃତୀୟ ସ୍ଥାନ ଚନ୍ଦ୍ରଙ୍କ ଦୃଷ୍ଟିରେ ଥିବାରୁ କୌଣସି ଭଦ୍ର ମହିଳାଙ୍କ ସାହାଯ୍ୟରେ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ। କୌଣସି ସମସ୍ୟାକୁ ନେଇ ଅଫିସ୍‌ରେ ମନମାରି ବସି ରହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭଲ ହୋଇ ନ ଥିବାରୁ ବ୍ୟସ୍ତତା ଅନୁଭବ କରିବେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ଚତୁର୍ଥ ସପ୍ତମାଧିପ ଚନ୍ଦ୍ରଙ୍କଠାରୁ ଷଡ଼ାଷ୍ଟକ ସ୍ଥିତିରେ ରହି ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରେ ରଖିପାରନ୍ତି। ପାରିବାରିକ କ୍ଷେତ୍ରଜନିତ ଦ୍ୱନ୍ଦ୍ୱରେ ପଡ଼ି କେତେକ କାମକୁ ଚେଷ୍ଟା କଲେ ମଧ୍ୟ ଆରମ୍ଭ କରିପାରିବେ ନାହିଁ। କିନ୍ତୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ପ୍ରକାଶନ, ପ୍ରଶାସନ, ମାଲିମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଧନାଧିପ ଧନସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି ଦେଉଥିବାରୁ ଅର୍ଥ, ସମ୍ମାନ, ଗୃହୋପଯୋଗୀ ଜମିଜମା, ଯାନବାହନାଦି ପ୍ରାପ୍ତି ଯୋଗ ରହିଛି। ଆଜିର କର୍ମକ୍ଷେତ୍ରରେ କୌଣସି ସମ୍ପର୍କୀୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କର୍ମ ସମ୍ପାଦନ କରିବେ। ଆକସ୍ମିକ ଭାବେ କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇପାରନ୍ତି।

**ବିଛା** ରାଶିରେ ଦେବଗୁରୁ ଥିଲେ ମଧ୍ୟ ପାପମଧ୍ୟସ୍ଥ ହେତୁ ପ୍ରତ୍ୟେକ କାମକୁ ଆଶା ଓ ଆକାଂକ୍ଷା ମଧ୍ୟରେ ଦ୍ୱିଧାଗ୍ରସ୍ତ କରାଇପାରନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର କାମଗୁଡିକ କରିବାରେ ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିପାରନ୍ତି।

**ଧନୁ** ରାଶିରେ ଶନି ହେତୁ ପ୍ରତ୍ୟେକ କାମରେ ନିରୁତ୍ସାହତା ଅନୁଭବ କରିବେ। ସମସ୍ତ ପ୍ରକାର ଭୋଗବିଳାସର ପରିବେଶ ମଧ୍ୟ ଉପଭୋଗ୍ୟ ହେବନାହିଁ। ସଭାସମିତିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ହୋଇପାରେ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ମକର** ଦ୍ୱାଦଶସ୍ଥ ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ଆପଣଙ୍କ ମନରେ ବିଳାସବ୍ୟସନ, ମନୋରଞ୍ଜନ, ଭ୍ରମଣ ଓ ବନ୍ଧୁମିଳନ ପାଇଁ ଅନୁପ୍ରେରିତ କରିବ। ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଘରକୁ ଖାଲିହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଆର୍ଥିକ ଅନଟନ କାରଣରୁ ଧାର କରଜ କରିବାକୁ ପଡ଼ିପାରେ।

**କୁମ୍ଭ** ଚନ୍ଦ୍ର ଓ ମଙ୍ଗଳ ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ କୌଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। କିନ୍ତୁ ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା କରୁଥିବା ଲୋକମାନେ ଦୋଷ ଖୋଜି ବୁଲିବେ। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆର୍ଥିକ ସମସ୍ୟାର ସରଳ ସମାଧାନ କରିବାରେ ଅସମର୍ଥ ହୋଇପାରନ୍ତି।

**ମୀନ** ଭାଗ୍ୟାଧିପତି ଚନ୍ଦ୍ରଙ୍କ ସହିତ ରହି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ପୂର୍ବସ୍ଥିରୀକୃତ କର୍ମାରମ୍ଭ ପାଇଁ ମନସ୍ଥ କରିପାରନ୍ତି। ଶନିଙ୍କ ପ୍ରଭାବରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ପରିବହନ, ଆଇନ ଅଦାଲତରୁ ସଫଳତା ପାଇବେ। ଉତ୍ତର ଭାଦ୍ରପଦ୍ ନକ୍ଷତ୍ରର ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ମାଘ ଶୁକ୍ଳପକ୍ଷର ତିଳସପ୍ତମୀ ମଙ୍ଗଳବାର, ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ଯାତ୍ରା, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ, ଆଦିକବି ସାରଳା ଦାସ ଓ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ଫେବୃୟାରୀ ୧୨ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ମାସାନ୍ତ, ସକାଳ ଘ.୯।୧୩ମି. ଗତେ ଘ.୧୦।୩୫ମି. ମଧ୍ୟେ, ଘ.୧୨।୦୦ମି. ଗତେ ଘ.୧।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୫ମି. ଗତେ ଘ.୧।୫୮ମି. ମଧ୍ୟେ, ଘ.୨।୪୮ମି. ଗତେ ଘ.୪।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୨।୫୦ମି. ଗତେ ଘ.୪।୧୬ମି. ମଧ୍ୟେ ରାହୁକାଳ।

# ୧୭ ଜିଲାରେ ୩୮ ନୂଆ ଆହାର କେନ୍ଦ୍ର ଖୋଲିଲା

## ସଂକ୍ଷେପରେ

### ୧୫ରୁ ଆଭ୍ୟନ୍ତରୀଣ, ୧୭ରେ ଉପକୂଳରେ କୁଆପଥର ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଆସନ୍ତା ୧୫ରୁ ଆଭ୍ୟନ୍ତରୀଣ ଏବଂ ଉତ୍ତର ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ଘଡ଼ଘଡ଼ି ସହ ବର୍ଷା ହେବ । କେତେକ ସ୍ଥାନରେ କୁଆପଥର ବର୍ଷା ହେବ । ୧୭ ଓ ୧୮ରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବ। ପଶ୍ଚିମା ବାୟୁ ପ୍ରଭାବ ଯୋଗୁ ପାଗରେ ଏଭଳି ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ଦୁଇଦିନ ହେବ ରାଜ୍ୟରେ ଶୀତ ପରିମାଣ ବୃଦ୍ଧି ପାଇଛି। ପାରଦ ୩ରୁ ୪ଡିଗ୍ରୀ ତଳକୁ ଖସି ଆସିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲସିୟସ ଛୁଇଁଥିବା ବେଳେ ଗତ ଦୁଇଦିନ ମଧ୍ୟରେ ୪ରୁ ୫ ଡିଗ୍ରୀ ସେଲସିୟସ ତଳକୁ ଖସି ଆସିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ତଳେ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ତେବେ ଆସନ୍ତା ୪୮ ଘଣ୍ଟା ଯାଏ ପାରଦ ତଳମୁହାଁ ହେବ। ଫେବୃୟାରୀ ଶେଷ ଯାଏ ରାତ୍ରିରେ ଶୀତ ଅନୁଭୂତ ହେବା ବେଳେ ଦିନରେ ତାପମାତ୍ରା ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଇଛି।

### ଗଜପତିର କ୍ରିଷ୍ଟଜ୍ୟୋତି ହେବେ ଆମେରିକାର ବୋହୂ

**ପାରଳାଖେମୁଣ୍ଡି, ୧୧।୨(ସ୍ୱ.ପ୍ର.):** ପ୍ରଥମ ଦେଖାରେ ଭଲପାଇବସିଲେ ଆଉ ହୃଦୟ ବି ଦେଲେ। ଏହାପରେ ଜୀବନସାଥି କରିବାର ପ୍ରସ୍ତାବ ରଖିଲେ ଆମେରିକୀୟ ଯୁବକ ଏମ୍.ଏସ୍.ମିଲର। ପରିବାର ସମ୍ମତିରେ ଏହି ପ୍ରସ୍ତାବକୁ ସ୍ୱାଗତ କରି ହାତ ବଢ଼ାଇଲେ ଗଜପତି ଜିଲାର ଝିଅ କ୍ରୀଷ୍ଟଜ୍ୟୋତି ବର୍ଦ୍ଧନ। ଉଭୟଙ୍କ ମଧ୍ୟରେ ଆସନ୍ତା ଜୁଲାଇରେ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ବିବାହ ଉତ୍ସବ ଅନୁଷ୍ଠିତ ହେବ। ତେବେ ଏହା ପୂର୍ବରୁ ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲା ନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁହେଁ ଆଇନଗତ ଭାବେ ପରସ୍ପରର ହାତ ଧରିଛନ୍ତି। ଏହାଦ୍ୱାରା ପାରମ୍ପରିକ ରୀତିରେ ବିବାହ ଉତ୍ସବ ନିମନ୍ତେ ପଥ ପରିଷ୍କାର ହେଲା ବୋଲି କ୍ରୀଷ୍ଟଜ୍ୟୋତିଙ୍କ ବାପା ସନ୍ତମୂର୍ତ୍ତୀ ବର୍ଦ୍ଧନ କହିଛନ୍ତି। ସୂଚନା ଅନୁଯାୟୀ, ମିଲର ସମ୍ପ୍ରତି ଆମେରିକାର ଇଣ୍ଡିଆନା ସହରସ୍ଥ ଏକ କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ଗଜପତି ଜିଲା ରାୟଗଡ ବ୍ଲକ ଅଞ୍ଚଳର ସନ୍ତମୂର୍ତ୍ତୀ ବର୍ଦ୍ଧନଙ୍କ ଝିଅ କ୍ରୀଷ୍ଟଜ୍ୟୋତି ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ଏମ୍.କମ୍ ପଢ଼ିବା ପରେ କୋଲକାତାରେ ଏକ କମ୍ପାନୀରେ ଅର୍ଥ ସଂଯୋଜକ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ମିଲର କଲିକତାକୁ କୌଣସି କାମରେ ଆସିଥିଲେ। ସେଠାରେ ସେ କ୍ରୀଷ୍ଟଜ୍ୟୋତିଙ୍କୁ ଦେଖିଥିଲେ। ପ୍ରଥମ ଦେଖାରେ ହିଁ ତାଙ୍କୁ ଭଲ ପାଇବସିଥିଲେ। ଏ ନେଇ ସେ କ୍ରୀଷ୍ଟଜ୍ୟୋତିଙ୍କ ନିକଟକୁ ବିବାହ ପ୍ରସ୍ତାବ ପଠାଇଥିଲେ। କ୍ରୀଷ୍ଟଜ୍ୟୋତି ଓ ତାଙ୍କ ପରିବାର ଏଥିରେ ରାଜି ହେବାରୁ କଥା ଆଗେଇଥିଲା। ଆସନ୍ତା ଜୁଲାଇ ୫ତାରିଖରେ ରାୟଗଡ ଚର୍ଚ୍ଚରେ ବିବାହ ଉତ୍ସବ ଆୟୋଜନ ନିମନ୍ତେ ସ୍ଥିର ହୋଇଛି।

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**



ସଚିବାଳୟଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆହାର କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

- ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ କଲେ ଲୋକାର୍ପଣ
- କେନ୍ଦ୍ର ସଂଖ୍ୟା ୧୫୭ ଛୁଇଁଲା
- ୱେବ୍‌ସାଇଟ୍‌ରେ ମିଳିବ ଆହାର ସୂଚନା
- ଇଚ୍ଛୁକ ବ୍ୟକ୍ତି ଦେଇପାରିବେ ଦାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୋମବାର ରାଜ୍ୟର ୧୭ ଜିଲାର ୩୮ଟି ସ୍ଥାନରେ ନୂତନ ଆହାର କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ରଗୁଡିକର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆହାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଖୁସିର କଥା, ଆହାର କେନ୍ଦ୍ର ସଂଖ୍ୟା ୧୫୭ରେ ପହଞ୍ଚିଲା। ରାଜ୍ୟର ସବୁ ସହରାଞ୍ଚଳ ଏହି ଯୋଜନାରେ ସାମିଲ ହେଲା। ୫୬ଟି ଡାକ୍ତରଖାନା ପରିସରରେ ରାତିରେ ଖାଇବା ସୁବିଧା ମିଳିଲା। ଖାଦ୍ୟର ଗୁଣବତ୍ତା ଓ ପରିଷ୍କାର ପରିଚ୍ଛନ୍ନତା ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେବା ଉଚିତ। ପ୍ରତିଦିନ ପ୍ରାୟ ଏକ ଲକ୍ଷ ମିଲ୍ ଆହାର ଦ୍ୱାରା ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ବୋଲି ନବୀନ ପଟ୍ଟନାୟକ କହିଛନ୍ତି।

ଲୋକାର୍ପିତ ସେଣ୍ଟରଗୁଡିକ ମଧ୍ୟରେ ରାଜଧାନୀ ଉପକଣ୍ଠ ସିଜୁଆସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ) ପରିସରରେ ଏକ କେନ୍ଦ୍ର ରହିଛି। ମାତ୍ର ୫ ଟଙ୍କାରେ ଗୁଣାତ୍ମକ ମାନର ଭାତ ଓ ଡାଲମା ଜନସାଧାରଣଙ୍କୁ ଏହି ଯୋଜନା ଦ୍ୱାରା ପରଷା ଯାଉଛି। ୨୦୧୫ ଏପ୍ରିଲ ପହିଲାରୁ ଏହି ଆହାର ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି। ପ୍ରାଥମିକ ଭାବେ ୫ଟି ପୌରାଞ୍ଚଳର ୨୧ଟି ସ୍ଥାନରେ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରାୟ ୭.୨ କୋଟି ମିଲ ଜନସାଧାରଣଙ୍କୁ ଦିଆଯାଇସାରିଲାଣି। ଏହି ଯୋଜନା ଅନ୍ତର୍ଗତ ଖାଦ୍ୟ ପରିବହନ ପାଇଁ ୬୫ ଗାଡ଼ି ଏବଂ ୨୦୦ ବ୍ୟକ୍ତି ନିଯୁକ୍ତ ହୋଇଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ୧୫ ଏପ୍ରିଲ ୨୦୧୬ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧୦୦ତମ ଆହାର କେନ୍ଦ୍ରର ଲୋକାର୍ପଣ କଟକଠାରେ ହୋଇଥିଲା। ସୋମବାର ଆଉ ୩୮ଟି ନୂତନ ଆହାର ସେଣ୍ଟରର ଶୁଭାରମ୍ଭ ହେବା ସହ ମୁଖ୍ୟମନ୍ତ୍ରୀ ଏହି ସମ୍ବନ୍ଧୀୟ ଏକ ୱେବ୍‌ପୋର୍ଟାଲର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ୱେବ୍‌ପୋର୍ଟାଲଟି ହେଉଛି–http://www.urban-odisha.gov.in/AAHAAR.ଏହି ୱେବ୍‌ସାଇଟ ଜରିଆରେ ଆହାର ଯୋଜନା ପାଇଁ ଇଚ୍ଛୁକ ବ୍ୟକ୍ତି ସହାୟତା ପ୍ରଦାନ କରିପାରିବେ। ସେହିପରି ଇଚ୍ଛୁକ ବ୍ୟକ୍ତିମାନେ ବିବାହ ବାର୍ଷିକୀ, ଜନ୍ମଦିନ, ଶ୍ରାଦ୍ଧ ତଥା ଅନ୍ୟ ଦିନମାନଙ୍କରେ ସ୍ୱେଚ୍ଛାକୃତ ଭାବେ ଯେକୌଣସି ନିର୍ଦ୍ଦିଷ୍ଟ ଆହାର କେନ୍ଦ୍ରକୁ ଖାଦ୍ୟ ପ୍ରଦାନର ବ୍ୟବସ୍ଥା କରିପାରିବେ। ଆହାର କାର୍ଯ୍ୟକ୍ରମକୁ ନେଇ କୌଣସି ପରାମର୍ଶ ରହିଥିଲେ ୱେବସାଇଟ୍‌ର ଉପରୋକ୍ତ ଲିଙ୍କ୍‌ରେ 'ସଜେସନ୍' ଅପ୍‌ଶନକୁ ଯାଇ ପରାମର୍ଶ ଦେଇହେବ। ଆଧାର କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ମନିଟରିଂ କରାଯାଉଛି। ରାଜ୍ୟ ଆହାର ସୋସାଇଟି ଅଧୀନରେ ଗୋଟିଏ ଲେଖାଏ ଜେନେରାଲ ବଡି ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜେନେରାଲ ବଡିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରୁଥିବା ବେଳେ କାର୍ଯ୍ୟନିର୍ବାହୀ କମିଟିରେ ନଗର ଉନ୍ନୟନ ସଚିବ ଅଧ୍ୟକ୍ଷତା କରୁଛନ୍ତି। ଜିଲାସ୍ତରରେ ଜିଲା ଆହାର ସୋସାଇଟି ଏବଂ ମହାନଗରଗୁଡିକରେ ସିଟି ଆହାର ସୋସାଇଟି କାମ କରୁଛି। ରାଜ୍ୟସ୍ତରୀୟ ପ୍ରଶାସନିକ ବ୍ୟବସ୍ଥା ଭଳି ଜିଲାସ୍ତରରେ ମଧ୍ୟ ଜେନେରାଲ ଏବଂ କାର୍ଯ୍ୟନିର୍ବାହୀ କମିଟି କାର୍ଯ୍ୟ କରୁଛି। ଜିଲାଗୁଡିକରେ ଜିଲାପାଳ ଏବଂ ମହାନଗର ନିଗମରେ ପୌର ପ୍ରଶାସନ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ଆହାର ସୋସାଇଟିଗୁଡିକ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ–୧୮୬୦ରେ ପଞ୍ଜିକୃତ ହୋଇଛି।

ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆହାର କେନ୍ଦ୍ର ଲୋକାର୍ପଣ ଅବସରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ଉଷା ଦେବୀ, ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ, ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ ଏବଂ ପୌର ନିର୍ଦ୍ଦେଶକ ସଂଗ୍ରାମ୍‌ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ମହିଳାଙ୍କ ମୁହଁରେ ହସ ଫୁଟାଇଛି ଉଜ୍ଜ୍ୱଳା'




ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ଓ ଧର୍ମେନ୍ଦ୍ର ପ୍ରଧାନ।

- ରାଜ୍ୟ ବ୍ୟାପୀ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳନ
- ଭିଡିଓ କନ୍‌ଫରେନ୍ସିଂରେ ଯୋଗ ଦେଲେ ଦୁଇ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୧୧।୨**

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମହିଳାଙ୍କ ମୁହଁରେ ହସ ଫୁଟାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରେ ଉଜ୍ଜ୍ୱଳା ଏକ ସଫଳତମ ଯୋଜନା ବୋଲି କେନ୍ଦ୍ର ପାନୀୟ ଜଳ ତଥା ପରିମଳ ମନ୍ତ୍ରୀ ଉମା ଭାରତୀ ସୋମବାର ସୂଚନା ଦେଇଛନ୍ତି। ଦେଶର ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ରାଜ୍ୟର ୩୦ ଜିଲାରେ ସୋମବାର ଅନୁଷ୍ଠିତ ହୋଇଥିବା ଉଜ୍ଜ୍ୱଳା ସ୍ୱାଭିମାନ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉମା ଭାରତୀ ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ଯୋଗେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେ ହିତାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏହି ଯୋଜନାରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଆତ୍ମନିର୍ଭରଶୀଳ ହୋଇ ପାରିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସାମଗ୍ରିକ ଭାବେ ପ୍ରାସଙ୍ଗିକ ବାର୍ତ୍ତା ଏବଂ ଭିଡ଼ିଓ ମାଧ୍ୟମରେ ଜିଲ୍ଲାଗୁଡ଼ିକର ପ୍ରତି କ୍ଷେତ୍ରରେ ଉଜ୍ଜ୍ୱଳା ରଥ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲ୍‌ପିଜିର ସୁରକ୍ଷିତ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ହିତାଧିକାରୀମାନେ କାର୍ଯ୍ୟକ୍ରମରେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ଏଲ୍‌ପିଜି ସଂଯୋଗ ଧାରା ସମ୍ପର୍କରେ ଲୋକଙ୍କୁ ଜଣାଇବା ଲାଗି କାର୍ଯ୍ୟକ୍ରମ ଅବସରରେ ଷ୍ଟଲ ସ୍ଥାପନା କରାଯାଇଥିଲା। ଏଥିରେ ରାଜ୍ୟର ୫୦ ହଜାର ହିତାଧିକାରୀ ସାମିଲ ହୋଇଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଟେଣ୍ଡର ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)/ରାୟପୁର ନିମ୍ନଦର୍ଶିତ କାର୍ଯ୍ୟର ନିର୍ବାହ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି।

(୧) ନଂ. ଟେଣ୍ଡର ବିଜ୍ଞପ୍ତି ନଂ.:- ଇ-ଆର୍-ଟି-୧୦୭-୧୮-୧୯, ତାରିଖ: ୦୭।୦୨।୨୦୧୯, କାର୍ଯ୍ୟର ନାମ:- ଡବ୍ଲ୍ୟୁଆର୍‌ଏସ୍ ଫିଲ୍‌ଟର ହାଉସ୍‌ରୁ ରାୟପୁର ଷ୍ଟେଶନ ପର୍ଯ୍ୟନ୍ତ କ୍ଷୟପ୍ରାପ୍ତ ପାଇପଲାଇନ୍ ୨୦୦ ମିମି ଡାୟାକୁ ବଦଳାଇବା। ଟେଣ୍ଡର ମୂଲ୍ୟ: ଟ.୮୫,୫୭,୭୫୫/–, ଇଏମ୍‌ଡି: ଟ.୧,୭୧,୨୦୦/–, ଟେଣ୍ଡର କାଗଜପତ୍ର ମୂଲ୍ୟ: ଟ.୫,୦୦୦/–, ସମାପ୍ତି ଅବଧି: ୦୮ (ଆଠ) ମାସ।

(୨) ନଂ. ଟେଣ୍ଡର ବିଜ୍ଞପ୍ତି ନଂ.:- ଇ-ଆର୍-ଟି-୧୦୮-୧୮-୧୯, ତାରିଖ: ୦୭।୦୨।୨୦୧୯, କାର୍ଯ୍ୟର ନାମ:- ରାୟପୁର ଡିଭିଜନର ଲାଖୋଲିଠାରେ ବାଲାଷ୍ଟ ଡିପୋର ବ୍ୟବସ୍ଥା କରିବା। ଟେଣ୍ଡର ମୂଲ୍ୟ: ଟ.୨,୩୯,୯୬,୨୮୫/–, ଇଏମ୍‌ଡି: ଟ.୨,୭୦,୦୦୦/–, ଟେଣ୍ଡର କାଗଜପତ୍ର ମୂଲ୍ୟ: ଟ.୧୦,୦୦୦/–, ସମାପ୍ତି ଅବଧି: ୦୮ (ଆଠ) ମାସ।

ବିଡରମାନେ କେବଳ ତା୦୭।୦୩।୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ୍ ଅଫରଗୁଡ଼ିକୁ ରଦ୍ଦ କରିଦିଆଯିବ। ବିବରଣୀ ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ।

ଡିଭିଜନାଲ ଇଞ୍ଜିନିୟର୍ (II)
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)
ଏସ୍‌ଇସି ରେଳପଥ, ରାୟପୁର

PR/R/ENGG/PM/242

ସ୍ୱଚ୍ଛ ଭାରତ ଅଭିଯାନ

## ହକି ବିଶ୍ୱକପ୍‌ରେ ଦୁର୍ନୀତି ଅଭିଯୋଗ ଆଣିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧।୨(ବ୍ୟୁରୋ):** ହକି ବିଶ୍ୱକପରେ ଖର୍ଚ୍ଚର ହିସାବ ରାଜ୍ୟ ବିଧାନସଭାରେ ସରକାର ନ ଦେବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ରାଜ୍ୟରେ ଆୟୋଜିତ ହୋଇଥିବା ହକି ବିଶ୍ୱକପରେ କମନ ୱେଲ୍‌ଥ ଗେମ୍ ଭଳି ଦୁର୍ନୀତି ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ହକି ବିଶ୍ୱକପରେ ଓଡିଶା ସରକାରଙ୍କ ପାଖରେ ସଲମାନ ଖାନ୍ ଏବଂ ଶାହରୁଖ ଖାନ୍‌ଙ୍କୁ ଆଣି ନଚେଇବା ପାଇଁ ଟଙ୍କା ଅଛି, ହେଲେ ରାଜ୍ୟର ଶିକ୍ଷକଙ୍କୁ ଦରମା ଦେବାକୁ ସରକାରଙ୍କର ପଇସା ନାହିଁ। ହକିପାଇଁ ଅନେକ ଟଙ୍କା କମ୍ପାନୀମାନଙ୍କଠାରୁ ଅଣଓଡିଆ ଅଫିସରମାନେ ବିଶେଷତଃ ଖେଳ ବିଭାଗ ତରଫରୁ ଆଦାୟ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସେଥିରେ ସଂଶ୍ଳିଷ୍ଟ ଅଛନ୍ତି। ସିଏଜି ଏଥିରେ ହସ୍ତକ୍ଷେପ କରିବା ସହ ଏହି ଚୋରିକୁ ଲୋକଲୋଚନକୁ ଆଣିବାକୁ ଧର୍ମେନ୍ଦ୍ର ଆଶାବ୍ୟକ୍ତ କରୁଥିବା କହିଛନ୍ତି । ଏହାସହ ଓଡିଶାରେ ଲୋକାୟୁକ୍ତ ନିଯୁକ୍ତି ନେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟରେ ବହୁ ସାମ୍ବିଧାନିକ ପଦବୀ ଖାଲି ରହିଛି। ରାଜ୍ୟ ସରକାର ଏ ନେଇ ଯଥାଶୀଘ୍ର କାର୍ଯ୍ୟ କରିବା ଉଚିତ।

ଧର୍ମେନ୍ଦ୍ରଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ଧର୍ମେନ୍ଦ୍ର ନିଜ ରାଜ୍ୟକୁ ତଳେ ପକାଇବା ପାଇଁ ଯାହା ନାହିଁ ତା' କହିଚାଲିଛନ୍ତି। ହକି ବିଶ୍ୱ କପ୍‌ର ସବୁ ଦାୟିତ୍ୱ ହକି ଫେଡେରେଶନ୍(ମହାସଂଘ) ତୁଲାଇଥିବା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାର କେବଳ ଆୟୋଜନ କରିଥିଲେ। ଅତି ସୁନ୍ଦରଭାବେ ସରକାର ଏହି ଦାୟିତ୍ୱ ତୁଲାଇଥିବାରୁ ସବୁଆଡୁ ପ୍ରଶଂସା ମିଳିଛି। ଏବେ ଧର୍ମେନ୍ଦ୍ରଙ୍କ କଥା ପବନରେ ବାଡି ବୁଲାଇବା ସହ ସମାନ ବୋଲି ସମୀର କହିଛନ୍ତି।




CLASSIFIED DISPLAY












ନମ୍ର ହେବା ଅର୍ଥ ହେଲା- ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ- ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ।

-ଶ୍ରୀମା

# ବିବେକକୁ ବ୍ୟବହାର

ସରକାରୀ ଚାକିରିରେ ନିଯୁକ୍ତି ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ରାଜସ୍ଥାନରେ ଗୁଜର ସମ୍ପ୍ରଦାୟ ଅଡ଼ି ବସିଛନ୍ତି। ସେମାନଙ୍କ ଆନ୍ଦୋଳନ ଫେବୃୟାରୀ ୧୦ରେ ଉଗ୍ରରୂପ ଧାରଣ କରିଥିଲା। ବିକ୍ଷୋଭକାରୀମାନେ ସଡ଼କ, ରେଳରୋକୋ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇଥିଲେ। ଫେବୃୟାରୀ ୧୧ରେ ଆନ୍ଦୋଳନ ୪ର୍ଥ ଦିନରେ ପହଞ୍ଚିଛି। ଫଳରେ ଅନେକ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଗୁଜର ଚାଷୀ ଓ ବଣିକ ସମ୍ପ୍ରଦାୟ ଭାବେ ଜଣାଶୁଣା। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ରେ ନେଇଛନ୍ତି। ହେଲେ ସର୍ବାଧିକ ପଛୁଆବର୍ଗ (ଏମ୍‌ବିସି) ମାନ୍ୟତା ପାଇବା ଦାବିରେ ସେମାନେ ଦୀର୍ଘବର୍ଷ ହେବ ଆନ୍ଦୋଳନ କରିଆସୁଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମ୍ପ୍ରଦାୟ ଦାବି ପୂରଣ ପାଇଁ ପୁଣି ଜାଗି ଉଠିଥିବା କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ଉଚ୍ଚବର୍ଗରେ ଥିବା ଗରିବଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି କେନ୍ଦ୍ର ସରକାର ନିକଟରେ ଘୋଷଣା କରିବା ପରେ ଗୁଜରମାନେ ସେଥିରୁ ଶକ୍ତି ପାଇଛନ୍ତି।

ଏହା ଯେ କେହି ବିଶ୍ୱାସ କରିବେ, ନିର୍ବାଚନ ଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଅପର୍ଯ୍ୟାପ୍ତ ଯୋଜନା ଓ ମାଗଣା ସୁବିଧା ଘୋଷଣା କରି ଜନସାଧାରଣଙ୍କୁ ଖୁସି କରିବା ଲାଗି ଚେଷ୍ଟା କରୁଛନ୍ତି। ଗୁଜର ବିକ୍ଷୋଭକାରୀମାନେ ଏହି ସମୟର ଫାଇଦା ଉଠାଇବା ପାଇଁ ଉଦ୍ୟମ କରୁଥିବା ବୁଝାପଡ଼ିଯାଉଛି। ଭାରତୀୟ ସମ୍ବିଧାନକୁ ଦେଖିଲେ ଜାତିଗତ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଯାଇପାରିବ ନାହିଁ। କେବଳ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ। ନିକଟରେ ତାହା ମୋଦି ସରକାର ପାର୍ଲାମେଣ୍ଟରେ କରିଦେଇଛନ୍ତି। ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ, ଯାହାର ଅର୍ଥ ହେଲା ଆଗୁଆ ଜାତିର ପଛୁଆ ଲୋକଙ୍କୁ ସନ୍ତୁଷ୍ଟ କରି ଭୋଟ ଆଣିବା ପାଇଁ ଏହି ସରକାରର ଉଦ୍ୟମ ପୂର୍ବରୁ ସମ୍ବିଧାନରେ ଥିବା ୫୦ ପ୍ରତିଶତ ସଂରକ୍ଷଣ ବନ୍ଧକୁ ଭାଙ୍ଗି ଦେଇଛି। ଏହା ସମସ୍ୟାକୁ କେବଳ ବୃଦ୍ଧି କରିଚାଲିବ। ଏଭଳିସ୍ଥଳେ ରାଜସ୍ଥାନର ଦୁଇ ମାସର ପୁରୁଣା ଅଶୋକ ଗେହଲଟ ସରକାର କିଛି ପଦକ୍ଷେପ ନେଇପାରୁ ନ ଥିବା ବେଳେ ଉଚ୍ଚବର୍ଗରେ ଆର୍ଥିକ ଦୁର୍ବଳଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରି ନରେନ୍ଦ୍ର ମୋଦି ସରକାର ଅଡୁଆରେ ପଡ଼ିଯାଇଛନ୍ତି। ତେଣୁ କେନ୍ଦ୍ର ସରକାର ଏ ଦିଗରେ ନୀରବ ରହିଥିବା ଦେଖିବାକୁ ମିଳୁଛି। ସେହିପରି ମୋଦି ସରକାର ନିଯୁକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବା ପାଇଁ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଯୁବପିଢ଼ିଙ୍କୁ ଯେଉଁ ଆଶା ଦେଖାଇଥିଲେ, ତାହା ଫୁସୁରି ଯାଇଛି। ସେ ସେତେବେଳେ କହିଥିଲେ ଯେ, କ୍ଷମତାକୁ ଆସିଲେ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦେବେ। ପ୍ରତିଶ୍ରୁତି ପାଳନ ହେବା ତ ଦୂରର କଥା, ବିଗତ ବର୍ଷଗୁଡ଼ିକରେ ଯେଉଁ ଧାରାରେ ଚାକିରି ସୁଯୋଗ ସୃଷ୍ଟି କରାଯାଉଥିଲା ସେଥିରେ ମଧ୍ୟ ଭଙ୍ଗା ପଡ଼ିଗଲା। ନିକଟରେ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ ପ୍ରଦର୍ଶିତ ତଥ୍ୟକୁ ଦେଖିଲେ ୪୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୭-୧୮ରେ ଏହା ଥିଲା ସବୁଠାରୁ ନ୍ୟୂନ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି। ଯେତେବେଳେ ଯୁବବର୍ଗଙ୍କ ପାଇଁ ଚାକିରି କରିବା ଲାଗି ଅନୁକୂଳ ବାତାବରଣ ଅଣାଯାଇପାରୁ ନାହିଁ, ସେତେବେଳେ ନିଯୁକ୍ତି ସକାଶେ ସ୍ଥାନ ସଂରକ୍ଷଣ ପ୍ରତିଶତ ବଢ଼ାଇ ଚାଲିବା ହାସ୍ୟାସ୍ପଦ ମନେହେଉଛି।

ଆଜି ଭାରତର ଜନସଂଖ୍ୟା ଦେଖିଲେ ୧୩୦ କୋଟି ଟପିଲାଣି। ସମୁଦାୟ ଜନସଂଖ୍ୟାର ଏକ ବୃହତ୍ ଭାଗ ହେଉଛନ୍ତି ଯୁବବର୍ଗ। ସମସ୍ତଙ୍କ ପାଇଁ ସରକାରୀ ଚାକିରି ଯୋଗାଇବା ସହଜ ନୁହେଁ। ସେଥିପାଇଁ ଔଦ୍ୟୋଗିକ ବିକାଶର ଆବଶ୍ୟକତା ରହିଛି। ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଚାଇନା ଭଲ ଭାବେ ବୁଝିସାରିଛି ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାକିରି ଦେଇ ହେବ ନାହିଁ। ସେଥିପାଇଁ ସେହି ଦେଶର ନାଗରିକଙ୍କୁ ଆତ୍ମନିର୍ଭରଶୀଳ ହେବା ଲାଗି ଶିକ୍ଷା ଦିଆଯାଇଥାଏ। ଫଳରେ ଅନେକ ବ୍ୟକ୍ତି କ୍ଷୁଦ୍ର ଉଦ୍ୟୋଗ କରି ସେମାନଙ୍କ ଉତ୍ପାଦ ଦେଶ ଓ ବିଦେଶକୁ ପଠାଇ ପାରୁଛନ୍ତି । ଏକଦା ଭାରତରେ କୁଟୀର ଶିଳ୍ପ ବିକଶିତ ହୋଇଥିଲା। ହେଲେ ଏହାର ନାଗରିକମାନେ ବ୍ୟବସାୟ ସହ ଜଞ୍ଜାଳ ଓ ବିପଦ ଲାଗି ରହିଥିବା ଆଶଙ୍କା କରି ଧୀରେ ଧୀରେ ସେଥିରୁ ନିବୃତ୍ତ ହେଲେ। କେତେକ କ୍ଷେତ୍ରରେ ନିଜ କୌଳିକ ବୃତ୍ତିକୁ ବ୍ୟାପକ କରି କିଭଳି ନୂଆ ସମ୍ଭାବନା ସୃଷ୍ଟି କରାଯାଇପାରିବ, ସେ ଦିଗରେ ଯୁବପିଢ଼ି ଚିନ୍ତା ବା ଚେଷ୍ଟା ନ କରି ଚାକିରି ପଛରେ ଧାଇଁବାରୁ ବେରୋଜଗାରଙ୍କ ସଂଖ୍ୟା ବଢ଼ିଚାଲିଛି ବୋଲି କୁହାଯାଇପାରେ। ଆଜିର ଏକବିଂଶ ଶତାବ୍ଦୀର ଯୁବତୀଯୁବକମାନେ ଧରାବନ୍ଧା ଶଗଡ଼ ଗୁଳାରେ ନ ଯାଇ କିଛି ନୂଆ କରିବା ଲାଗି ଚେଷ୍ଟା କଲେ ହୁଏତ ପରିବର୍ତ୍ତନ ଅଣାଯାଇପାରନ୍ତା।

ସମୟ ଆସିଲାଣି, ଆମ ଦେଶର ରାଜନେତାମାନଙ୍କ ବାଚଳାମିରେ ଭାସି ନ ଯାଇ ଜନସାଧାରଣ ବିଶେଷକରି ଯୁବବର୍ଗ ନିଜର ବିବେକ ବ୍ୟବହାର କରିବେ। କଂଗ୍ରେସ ହେଉ ବା ଭାଜପା କେହି ବି ବେକାର ଯୁବତୀଯୁବକଙ୍କ ହାତରେ ଚାକିରି ଦେଇପାରିବେ ନାହିଁ। ସେଥିପାଇଁ ଆସନ୍ତାକାଲିର ଭାରତୀୟମାନେ ନିଜକୁ ସ୍ୱାବଲମ୍ବୀ ହେବା ସକାଶେ ପ୍ରସ୍ତୁତ ହେବା ଅତ୍ୟନ୍ତ ଆବଶ୍ୟକ। ସରକାରୀ ଚାକିରିର ସଂଖ୍ୟା ଅତି ନ୍ୟୂନ। ସେଗୁଡ଼ିକ ମଧ୍ୟରୁ ଖାଲି ପଡ଼ିଥିବା ପଦବୀ ମଧ୍ୟ ସମ୍ପୂର୍ଣ୍ଣ ପୂରଣ କରାଯାଇପାରୁ ନାହିଁ। ତେଣୁ ଚାକିରି ନୁହେଁ, ନିଜ ରୋଜଗାର ପନ୍ଥା ନିଜେ ଭାବିବାକୁ ଆମେ ବାଧ୍ୟ ହେବା କଥା।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ଫେବୃୟାରୀ ୧୯୯୪**

- ଦକ୍ଷିଣ ଆଫ୍ରିକାର ଜଣେ ତୁଙ୍ଗ କୃଷ୍ଣକାୟ ନେତା ସାବେଲୋ ଫାମା ତାଞ୍ଜାନିଆର ମରୋଗୋରୋ ସହରରେ ଏକ କାର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି।
- ଓଡ଼ିଶାରେ କଂଗ୍ରେସ ଓ ଜନତା ଦଳର ବିକଳ୍ପ ରୂପେ ଏକ ମିଳିତ ବାମପନ୍ଥୀ ଶକ୍ତି ପ୍ରତିଷ୍ଠା ପାଇଁ ସିପିଆଇ ଓ ଏସୟୁସିଆଇ ପକ୍ଷରୁ ଅଭିଯାନ ଆରମ୍ଭ।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 4 | 2 | E | | D | 3 | 6 | | | | | | |
| E | 3 | | | | 5 | | B | | | | C | | | 6 |
| 9 | C | | | | | E | | | | | | | | |
| 7 | | | | 6 | | | 0 | 5 | | | | | | |
| 6 | | | | | 1 | | 2 | | | | 5 | | B | |
| | | | | | B | | A | C | D | E | 6 | | 4 | |
| D | | | | | 7 | | | 2 | | B | | 8 | E | 5 |
| | | 5 | | D | | | 8 | | 1 | | | | | 0 |
| C | | | | | 9 | | | | | | 7 | | 6 | |
| | | | C | | | | 1 | 3 | | | | | A | |
| B | | | D | | | | | 9 | 6 | | E | | 1 | 7 |
| | | A | | | | 2 | C | | | | 3 | E | | D |
| | | | 3 | | | | | 1 | | | B | | 8 | |
| | E | | B | | | 3 | 5 | | 2 | 1 | | C | 0 | A |
| | | D | A | | | | | | 9 | | 4 | B | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | 4 | 0 | 5 | E | D | 9 | B | 2 | 3 | C | A | 8 | 1 |
| 8 | C | 5 | 6 | 2 | A | 1 | 0 | E | B | D | 7 | 3 | 9 | 4 |
| E | A | 3 | D | 9 | C | 8 | 5 | 4 | 1 | 0 | 6 | 7 | 2 | B |
| 9 | 2 | 1 | 3 | 4 | B | 7 | 6 | C | 8 | A | 5 | D | E | 0 |
| B | 0 | D | 7 | 8 | 1 | 3 | 2 | A | 4 | 9 | E | C | 5 | 6 |
| 6 | B | A | 8 | 7 | 4 | 9 | C | 1 | 3 | 2 | D | 5 | 0 | E |
| 1 | 9 | E | 5 | D | 3 | 0 | 7 | 2 | A | B | 8 | 4 | 6 | C |
| C | 5 | 0 | B | A | 2 | E | 4 | D | 9 | 6 | 1 | 8 | 3 | 7 |
| 2 | 4 | 8 | 1 | C | 6 | B | 3 | 5 | E | 7 | 0 | 9 | A | D |
| D | 3 | 7 | 9 | E | 0 | 6 | A | 8 | 5 | C | 4 | B | 1 | 2 |
| 5 | 8 | 6 | 2 | B | 7 | A | 1 | 0 | C | 4 | 3 | E | D | 9 |
| 0 | E | 2 | 4 | 6 | D | 5 | B | 9 | 7 | 8 | A | 1 | C | 3 |
| A | 1 | B | C | 3 | 9 | 4 | 8 | 6 | D | E | 2 | 0 | 7 | 5 |
| 4 | 7 | C | E | 1 | 8 | 2 | D | 3 | 0 | 5 | 9 | 6 | B | A |
| 3 | D | 9 | A | 0 | 5 | C | E | 7 | 6 | 1 | B | 2 | 4 | 8 |

ଗତକାଲିର ଉତ୍ତର

# ସାର୍ବଜନୀନ ନ୍ୟୂନତମ ଆୟ

ସହଦେବ ସାହୁ

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଆମ ଦେଶ ଏକ ୨.୬ ଟ୍ରିଲିଅନ ଡଲାର ଇକନମି, ପୃଥିବୀରେ ଷଷ୍ଠ ଧନୀ ଦେଶ। ଯଦି ଟଙ୍କାର କ୍ରୟମୂଲ୍ୟ ହାର ହିସାବରେ ଦେଖିବା ୯.୪୬ ଟ୍ରିଲିଅନ ଡଲାର ହେବ ଏବଂ ଭାରତ ହେବ ବିଶ୍ୱରେ ୩ୟ ଧନୀ ଦେଶ (୧ ଡଲାର = ୭୧ଟଙ୍କା, ୧ ଟ୍ରିଲିଅନ = ୧ ଲକ୍ଷ କୋଟି)। ଦେଶର ଏତେ ସମ୍ପଦ ପୁଣି ବର୍ଷକୁ ଶତକଡା ୭ ଭାଗ ବୃଦ୍ଧିପାଉଛି! ଆମର ଏଭଳି ଜିଡିପି ବୃଦ୍ଧି ହାର ଅନୁପାତରେ କର୍ମ ଯୋଗାଣ ବଢୁନାହିଁ। ବରଂ ଚଳିତ ବର୍ଷ ବେକାରି ବୃଦ୍ଧି ହାର ଗତ ୨୦ ବର୍ଷ ଭିତରେ ସର୍ବାଧିକ, ୬.୨%, ଏବେ ଜିଡିପିରେ ୧୦ ଶତାଂଶ ବୃଦ୍ଧି ହେଲେ କର୍ମଯୋଗାଣ ବୃଦ୍ଧି ହାର ୧ ଶତାଂଶ ହେଉଛି, ବଡ ନିରୁତ୍ସାହଜନକ! ତେଣୁ ଆମ ଦେଶର ଅଭିବୃଦ୍ଧି ଏକ ନିକମା ଅଭିବୃଦ୍ଧି। କାରଣ କୁହାଯାଉଛି ଯେ ଉତ୍ପାଦନକାରୀ ଶିଳ୍ପ କାରଖାନା ବଢ଼ିଲେ ବି ସ୍ୱୟଂଚାଳିତ କଳ ବ୍ୟବସ୍ଥା (ଅଟୋମେଶନ) ବଢୁଥିବାରୁ ଚାକିରି ଆଉ ସେତେ ମିଳିବ ନାହିଁ; ବେକାର ସଂଖ୍ୟା ବଢ଼ି ବଢ଼ି ଚାଲିଲେ ଦେଶରେ ବିଶୃଙ୍ଖଳା ବଢ଼ିବ, ଗଣତନ୍ତ୍ର ବିପନ୍ନ ହେବ।

ଏ ସମସ୍ୟାର ସମାଧାନ କରିବ ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍, ସାର୍ବଜନୀନ ସର୍ବନିମ୍ନ ଆୟ ବ୍ୟବସ୍ଥା ବୋଲି ଏବେ କଥା ଉଠିଛି। ୨୦୧୯ ନିର୍ବାଚନ ପରିପ୍ରେକ୍ଷୀରେ କଂଗ୍ରେସ ଭଳି ଜାତୀୟ ଦଳ ଏ କଥା ଉଠାଇଛି। ତେଲେଙ୍ଗାନା ପ୍ରଦେଶର 'ରୟତୁବନ୍ଧୁ' ଏବଂ ଓଡ଼ିଶାର 'କାଳିଆ' ଯୋଜନା ଏ ଦିଗରେ ଗୋଟିଏ ଗୋଟିଏ ପଦକ୍ଷେପ। ଯେତେବେଳେ ଲୋକେ ସବୁଦିନିଆ ଦାରିଦ୍ର୍ୟରେ ଅଛନ୍ତି ଏବଂ ସରକାର ଗରିବଙ୍କୁ ଲାଞ୍ଚହୀନ ସବ୍‌ସିଡ଼ି ବା ରିହାତି ଦେଇପାରୁନାହାନ୍ତି, ସେତେବେଳେ ବେସିକ୍ ଇନ୍‌କମ୍ ଲୋକର ବ୍ୟାଙ୍କ ଖାତାରେ ଜମା ହୋଇଯାଉ। ଏହା ବେରୋଜଗାରୀ ଭତ୍ତା ନୁହେଁ, ଏହା ଦରମା ଭଳି ଏକ ରୋଜଗାର। ଏଥିରେ ବ୍ୟକ୍ତିର ଆୟ କି ସମ୍ପତ୍ତି ଭଳି ସର୍ତ୍ତ ରହେ ନାହିଁ। ସର୍ବନିମ୍ନ ଆୟ ରାଷ୍ଟ୍ର ତରଫରୁ ଦିଆଯାଉ। ରୟତୁବନ୍ଧୁ ବା କାଳିଆ ଭଳି ଯୋଜନା ରୋଜଗାର ସମର୍ଥନକାରୀ, ରୋଜଗାର ନୁହେଁ। ବେସିକ୍ ଇନ୍‌କମ୍ ଏକ ଆୟ, ରାଷ୍ଟ୍ର ଦିଏ।

ଯଦି ବେସିକ୍ ଇନ୍‌କମ୍, ନିମ୍ନତମ ଆୟ, ଯୋଜନା ଚାଲୁ କରାଯାଏ ସାରା ଭାରତରେ ଆକାଶଛୁଆଁ ପୁଞ୍ଜି ଦରକାର। ବର୍ଷକୁ ୩.୧ ଟ୍ରିଲିୟନ ଟଙ୍କା (୪.୫ ଲକ୍ଷ କୋଟି) ଦରକାର। ଆମ ଦେଶରେ ଯେତେ ପ୍ରକାର ରିହାତି, ସବସିଡି, ଏମ୍‌ଏଲ୍‌ଏ ଲ୍ୟାଡ୍, ଏମ୍‌ପି ଲ୍ୟାଡ୍ ଆଦି ସହିତ ମାଗଣା ସ୍କୁଲ ଭୋଜନ, ମଧ୍ୟାହ୍ନ ଭୋଜନ, ବୃଦ୍ଧାବୃଦ୍ଧ ବିଧବା ଭତ୍ତା, ମଙ୍ଗଳସୂତ୍ର, ଲାପ୍‌ଟପ, ଛତା, ଜୋତା ଭଳି ଭୋଟରକୁ ଭୁଲାଇବା ଉପହାର ଆଦିକୁ ମିଶାଇଲେ ବର୍ଷକୁ ୩.୧ ଟ୍ରିଲିୟନ ଟଙ୍କା (୪.୫ ଲକ୍ଷ କୋଟି) ମିଳିଯିବ। ସବୁଠୁ ବଡ଼ କଥା ହେବ ଦେଶରେ ଲୋକଙ୍କ ଚରିତ୍ରରେ ସୁଧାର ଆସିଯିବ, ସିଧାସଳଖ ବ୍ୟାଙ୍କରେ ଜମା ହେଉଥିବାରୁ ଲାଞ୍ଚମିଛ ବା ଅନୈତିକ ଆଚରଣ ଲୋକସଂସ୍କୃତିରୁ ଉଠିଯିବ, ସାର୍ବଜନୀନ ଜୀବନରେ ସାଧୁତା ଆସିଯିବ। ସମସ୍ତେ ବେସିକ୍ ଇନ୍‌କମ୍ ପାଉଥିବାରୁ ଚୋରି ଡକାୟତି ବହୁତ କମିଯିବ, ସମାଜରେ ଶିଶୁ କି ମଣିଷ ଚାଲାଣ ଆଶଙ୍କା ରହିବ ନାହିଁ। ସମସ୍ତେ ବେସିକ୍ ଆୟ ପାଉଥିବାରୁ ଶିଶୁଶ୍ରମିକ ବା ଦାଦନ ସମସ୍ୟା ନ ଥିବ। ଶାସନ ବ୍ୟବସ୍ଥା ସୁସ୍ଥ ହୋଇଯିବ। ନେତାମାନଙ୍କ ବାହାପିଆ କଥା ଦରକାର ପଡ଼ିବ ନାହିଁ, ସେବା ମନୋବୃତ୍ତି ଥିବା ଲୋକ ଲୋକପ୍ରତିନିଧି ହୋଇପାରିବ, ଟଙ୍କା ବାଣ୍ଟିବା ଲୋକ ନୁହେଁ। ଋଣଛାଡ଼ ବା ବୀମା ଭଳି ଚାଷୀମୁହାଁ ଯୋଜନା ଲୋକଙ୍କୁ କୃଷିକ୍ଷେତ୍ରରେ ବନ୍ଧାହୋଇ ରହିବାକୁ ଉତ୍ସାହିତ କରେ, କୃଷିପ୍ରଧାନ ହେଲେ ଅର୍ଥନୀତିର ଅଭିବୃଦ୍ଧି ସେତେ ଭଲ ହୁଏ ନାହିଁ। କୃଷକକୈନ୍ଦ୍ରିକ ଯୋଜନା ତୁଳନାରେ ସାର୍ବଜନୀନ ନ୍ୟୂନତମ ଆୟ ବରଂ ବେଶି ଯୁକ୍ତିଯୁକ୍ତ ମନେହୁଏ। ଏଥିରେ କୌଣସି ବୃତ୍ତି ବା ପେସା ବା ଜମି ମାଲିକାନା ଉପରେ ଜୋର ଦିଆଯାଏ ନାହିଁ କି କୌଣସି କାମର ମାପ ଉପରେ ଏହା ନିର୍ଭର କରେ ନାହିଁ। ତେଣୁ ବିଭିନ୍ନ ବର୍ଗରେ ଲୋକଙ୍କୁ ଭାଗ କରି ଖାତା ରଖିବା ଦରକାର ନାହିଁ। ଆୟକର ବିଭାଗ ଭଳି କମ୍ପୁଟର ସବୁ ହିସାବ ରଖିବ। କେବଳ ସମସ୍ୟା ରହିବ ବଜେଟର। ୨୦୧୭-୧୮ ମୂଲ୍ୟରେ ଦେଖିଲେ ୨ ବୟସ୍କ ଓ ୩ ପିଲା ଥିବା ୫ କୁଟୁମ୍ବି ପରିବାର ପାଇଁ ବର୍ଷକୁ ପ୍ରାୟ ୧୮ହଜାର ଟଙ୍କା ଦରକାର। ଅର୍ଥନୀତିଜ୍ଞ ପ୍ରଣବ ବର୍ଦ୍ଧନଙ୍କ ମତରେ ୧୬ହଜାର ଟଙ୍କା। ଦେଶର ମୋଟ ଖର୍ଚ୍ଚ ହେବ ୪.୩ ଟ୍ରିଲିୟନ ଟଙ୍କା ବା ଜିଡିପିର ଶତକଡା ୩ ଭାଗରୁ କମ୍।

କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ବର୍ତ୍ତମାନର ସବ୍‌ସିଡ଼ି ଓ ୱେଲଫେୟାର ଯୋଜନା ଭିତରେ ବହୁତ ଗଳାବାଟ, ତୋସରପାତ ଓ ଗରହିସାବି ରହିଛି, ଆମ ଚରିତ୍ର ଯାହା ଏଭଳି ଦୁରାଚାରରୁ ଆମେ ରକ୍ଷା ପାଇପାରିବା ନାହିଁ। ଆୟକରଦାତାଙ୍କୁ ଛାଡି ସମସ୍ତଙ୍କୁ ଏକ ଗ୍ୟାରେଣ୍ଟିଥିବା ରୋଜଗାର ଦେବା ଉଚିତ ହେବ।

ବେସିକ୍ ଇନ୍‌କମ ପରିମାଣ ସବୁ କାଳରେ ଦେଶର ମିନିମମ୍ ୱେଜ୍ (ସରକାର ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରି)ଠାରୁ କମ୍ କରାଯାଇଥାଏ। ଆମ ରାଜ୍ୟରେ ଅଣକୁଶଳୀ ଶ୍ରମିକର ଦୈନିକ ମଜୁରି ଦିନକୁ ୨୮୦ ଟଙ୍କା, ମାସକୁ ୨୦ ଦିନ ଧରି ୫୬୦୦ର ୪୦%, ୨୨୪୦ଟଙ୍କା ହୋଇଥିବାରୁ ବେସିକ୍ ଇନ୍‌କମ୍ ୨୦୦୦ ଟଙ୍କା ହେବା କଥା- ପିଲାଛୁଆ ଓ ବଡ଼ ପ୍ରତ୍ୟେକଙ୍କୁ। ଏ ସବୁଥିରେ ଦରକାର ହେଉଛି ରାଜନୈତିକ ଇଚ୍ଛାଶକ୍ତି। ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର, ସିଧାସଳଖ ଉପଭୋକ୍ତାର ହିସାବ ଖାତାରେ ଜମା ଦେବା କଥା ଚାଲୁ ହୋଇଗଲାଣି। ସବୁ ଢଙ୍ଗ ରଙ୍ଗର ହିସାବ ଉଠାଇ ଦେଇ କେବଳ ବେସିକ୍ ଇନ୍‌କମ୍ ହିସାବ ରହିବ।

ସମସ୍ତେ ଚାହୁଁଛନ୍ତି ବେସିକ୍ ଇନ୍‌କମ୍ ବ୍ୟବସ୍ଥା ଚାଲୁହେଉ, କିନ୍ତୁ ନଜିର ଚାହୁଁଛନ୍ତି। କେହି ତ ପ୍ରଥମେ ଆରମ୍ଭ କରିବା କଥା। ଆମେ କାହିଁକି ଆରମ୍ଭ ନ କରିବା ? ତଥାପି ଆମ ଆଗରେ ଗୋଟିଏ ଉଦାହରଣ ଅଛି, ତାହା ହେଉଛି ଆମେରିକାର ଗୋଟିଏ ପ୍ରଦେଶ ଆଲାସ୍କାର। ୧୯୫୯ରେ ରାଜ୍ୟପାହ୍ୟା ପାଇଥିବା ଆମେରିକାର ଏହି ପ୍ରଦେଶ ୧୯୮୨ରୁ ଯେଉଁ ବ୍ୟବସ୍ଥା କରିଛି ଜାଣିବା କଥା। ଖଣିଜ ତେଲ ଓ ଅନ୍ୟ ଖଣିଜ ପଦାର୍ଥରୁ ରାଜ୍ୟ ସରକାର ପାଉଥିବା ରୟାଲଟି ବା ରାଜଭାଗକୁ ଏକ ସ୍ୱତନ୍ତ୍ର ପାଣ୍ଠିରେ ରଖିଛନ୍ତି, ଆଲାସ୍କା ପରମାନେଣ୍ଟ ଫଣ୍ଡ। ଏହାକୁ ନିବେଶ କରି ସରକାର ଯେଉଁ ଲାଭାଂଶ ପାଆନ୍ତି ତାହାକୁ ବାଣ୍ଟି ପ୍ରତ୍ୟେକ ବାସିନ୍ଦାକୁ ତା' ଆକାଉଣ୍ଟରେ ପ୍ରତିବର୍ଷ ୧୦୦୦ରୁ ୨୦୦୦ ଡଲାର ଭିତରେ ଦିଅନ୍ତି। ତେଲ ଦର କମ୍ ବେଶି ହେଲେ ଡିଭିଡେଣ୍ଡ କମ୍ ବେଶି ହୁଏ। ୨୦୧୭ରେ ସରକାର ବୟସ୍କ ଓ ପିଲାଙ୍କୁ ମିଶାଇ ମୁଣ୍ଡ ପିଛା ୧୧୦୦ ଡଲାର ଡିଭିଡେଣ୍ଡ ଦେଇଥିଲେ। ପାଞ୍ଚ କୁଟୁମ୍ବ ବାଲା ପରିବାରଟିଏ ୫୫୦୦ ଡଲାର ପାଇଥିଲା। ଏହି ଡିଭିଡେଣ୍ଡ ଲୋକଙ୍କୁ ବେକାର ବା ଅଳସୁଆ କରି ନ ଥିଲା। ବରଂ ଆଲାସ୍କାରେ ପାର୍ଟଟାଇମ୍ କାମ ଶତକଡା ୧.୮ଭାଗ ବଢ଼ିଥିଲା। ବେସିକ୍ ଇନ୍‌କମ୍ ପାଇଥିବା ପରିବାରରେ ଉଚ୍ଚଶିକ୍ଷାର ବିସ୍ତାର ଘଟିଛି। ଆଗରୁ ଅବହେଳିତ ଥିବା ପରିବାରର ପିଲାମାନେ ପାଠପଢ଼ା ଛାଡୁନାହାନ୍ତି, ବରଂ ବେଶି ବର୍ଷ ପଢ଼ାପଢ଼ି କରିବାକୁ ଉତ୍ସାହିତ ହୋଇଛନ୍ତି। ବେସିକ୍ ଇନ୍‌କମ ଦେବା ବିପକ୍ଷରେ ଗୋଟିଏ ବଡ଼ ଚିନ୍ତା ଥିଲା, ଯଦି ତୁମେ ଲୋକଙ୍କୁ ବିନା କାମରେ ଟଙ୍କା ଦେବ ତେବେ ସେମାନେ କାହିଁକି କାମ କରିବେ ? କିନ୍ତୁ ଆଲାସ୍କା ତାହା ଭୁଲ ପ୍ରମାଣ କରିଛି।

ଫିନ୍‌ଲାଣ୍ଡରେ ୨୦୧୭ରୁ ଆଂଶିକ ଭାବେ ଇନ୍‌କମ ପ୍ରୋଗାମ ଚାଲୁ ହୋଇଛି, ତାହା କେବଳ ବେକାରମାନଙ୍କୁ ଦିଆଯାଉଛି। ଏହା ପରୀକ୍ଷାମୂଳକ ଭାବେ ଚାଲିଛି। ଫିନ୍‌ଲାଣ୍ଡରେ ଅନେକ ଲୋକ ବେସିକ୍ ଇନ୍‌କମ ପାଇ ଅଳସୁଆ ହୋଇଗଲେ। କିନ୍ତୁ ଏହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରିବାର ପରିବାର ଭିତରେ ଅସମାନତା ଉପରେ ଯେଉଁ ଚିନ୍ତା ଥିଲା ଏବଂ ଯେଉଁ କାର୍ଯ୍ୟକ୍ଷେତ୍ରରେ ଅଟୋମେଶନ ବଢୁଥିବାରୁ ବେକାରି ବଢ଼ିବାରେ ଯେଉଁ ଚିନ୍ତା ଥିଲା, ତାକୁ ବେସିକ୍ ଇନ୍‌କମ ସମାଧାନ କରୁଛି। ତେବେ ଫିନ୍‌ଲାଣ୍ଡ ସରକାର ବର୍ଷକ ପାଇଁ ବେସିକ୍ ଇନ୍‌କମ ପ୍ରୋଗ୍ରାମ ଚାଲୁ କରିଥିଲେ ଓ ବର୍ଷ ଶେଷରେ ତାହାକୁ ବନ୍ଦ କରିଥିଲେ। ଏ ବର୍ଷ ବି ଚାଲୁ ରଖିବେ କିନ୍ତୁ ଗୋଟିଏ ସର୍ତ୍ତରେ ଯେ ଯେଉଁ ବେକାର ବ୍ୟକ୍ତି ଚାକିରି ଖୋଜିବାକୁ ଚେଷ୍ଟା କରିବ ନାହିଁ କିମ୍ବା କାମ ପାଇଁ ତାଲିମନେବା ଲାଗି ମଙ୍ଗିବ ନାହିଁ ତାକୁ ବେସିକ୍ ଇନ୍‌କମ ମିଳିବ ନାହିଁ। ଆମ ଦେଶରେ ଯୁବା ବର୍ଗର ଲୋକେ ବେସିକ୍ ଇନ୍‌କମ ପାଇଗଲେ ଘରେ ବସି ତାସ୍ ଖେଳିବେ। ପେନ୍ ସ୍କୁଲ ଅଫ୍ ସୋସିଆଲ ପଲିସି ଆଣ୍ଡ ପ୍ରାକ୍ଟିସ୍ ସର୍ଭେ କରି ଆଶ୍ଚର୍ଯ୍ୟଜନକ ଫଳ ପାଇଛି ଯେ ଜଣେ ସାଧାରଣ ଆଲାସ୍କା ନାଗରିକ ଆମେରିକାର ଅନ୍ୟ ରାଜ୍ୟର ବାସିନ୍ଦାଙ୍କ ଭଳି କାମ କରୁଛନ୍ତି। ଯେତେବେଳେ ଲୋକେ ଅଧିକା ପଇସା ପାଉଛନ୍ତି ସେମାନେ ଖର୍ଚ୍ଚ ବଢ଼ାଇ ଦିଅନ୍ତି। ପଡ଼ିଶାରେ ଥିବା ଦୋକାନୀ ଯଥା ଚା ଜଳଖିଆ ବା ଦରଜୀ ଦୋକାନ ଆଦିରେ ବେଶି କିଣାବିକା ଚାଲେ। ତେଣୁ ସେ ଦୋକାନଗୁଡ଼ିକରେ ମାଲିକମାନେ ଅଧିକ ଲୋକ ରଖନ୍ତି। ଏ ଦୁଇଟି ଯାକ କଥା ମିଶାଇ ଦେଲେ ଦେଖାଯାଏ ଯେ ଆଲାସ୍କାର ୟୁନିଭର୍ସାଲ୍ ଇନ୍‌କମ ପ୍ରୋଗ୍ରାମ ସେଠାକାର କର୍ମସଂସ୍ଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଉନାହିଁ।

ଫିନ୍‌ଲାଣ୍ଡରେ ଦଳେ ଲୋକଙ୍କୁ ସେମାନେ ବେକାର ଥିବାରୁ କିମ୍ବା ପାର୍ଟଟାଇମ କାମ କରୁଥିବାରୁ ଅର୍ଥାତ୍ ସରକାରୀଖାତାରେ ନିୟମିତ ରୋଜଗାରୀ ତାଲିକାରେ ନ ଥିବାରୁ ସେମାନଙ୍କୁ ବେସିକ୍ ଇନକମ୍ ଦିଆଯାଉଥିଲା। ଟିକସଦାତାମାନେ ଯେତେବେଳେ ଜାଣନ୍ତି ଯେ ତାଙ୍କ ଟିକସର କିଛି ଅଂଶ ଗରିବଙ୍କୁ ନଗଦ ଆକାରରେ ମିଳୁଛି ସେତେବେଳେ ସେମାନେ ଅଧିକା ଟିକସ ଦେବାକୁ ଅରାଜି ହେଉନାହାନ୍ତି। ତେଣୁ ଫିନ୍‌ଲାଣ୍ଡରେ ଅନ୍ୟ ଦେଶ ତୁଳନାରେ ଅଧିକ ଟିକସ ଦେଉଥିଲେ ବି ଲୋକେ ଖୁସି ରହୁଛନ୍ତି। ଆଲାସ୍କାରେ ଦେଖାଗଲା ବେଶିରୁ ବେଶି ମହିଳା କାମରେ ଲାଗିଗଲେ, କାରଣ ଯାହା ପଇସା ପାଇଲେ ସେଥିରେ କାର୍ କିଣିଲେ, ଦୂରକୁ ଯାଇ କାମ କରିପାରିଲେ।

sahadevasahoo@gmail.com

# ଘରଣୀ ଓ ସ୍ମାର୍ଟ ଫୋନ୍

ଡ. କୁଳାଙ୍ଗାର

ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଏବେ ସ୍ମାର୍ଟ ଫୋନ୍ ହେଉଛି ଅନ୍ୟତମ ଅତ୍ୟାବଶ୍ୟକ ଦ୍ରବ୍ୟ। ନାରୀ ଆଉ ପୂର୍ବପରି ଅବଳା ହୋଇନାହିଁ। ଏବେ ପରିବାରରେ ଉଭୟ ମହିଳା ଓ ସ୍ମାର୍ଟ ଫୋନ୍ ଅପରିହାର୍ଯ୍ୟ। ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ ପରି ଏବେ ମଣିଷ ସୁନ୍ଦର ଦିଶେ ସ୍ମାର୍ଟ ଫୋନ୍ ଥିଲେ। ଉଭୟ ଘରଣୀ ଓ ସ୍ମାର୍ଟ ଫୋନ୍‌କୁ ଯିଏ ସୁରକ୍ଷିତ ରଖିପାରେ ସିଏ ହେଉଛି ଅସଲ ମରଦ।

ସ୍ମାର୍ଟ ଫୋନ୍ ପ୍ରଭାବରେ ଆଜିକାଲି ବହୁନାରୀ ଓଭରସ୍ମାର୍ଟ ହୋଇସାରିଲେଣି। ଏହାର ପ୍ରମାଣ ହେଲା ତା'ର ସ୍ତ୍ରୀ। ତା' ସ୍ତ୍ରୀ ଆଗରୁ ଟିଭିରେ ଓଡ଼ିଆ ସିରିଏଲ ଦେଖିସାରିଲା ପରେ ଖାଇଦେଇ ଶୋଇ ପଡୁଥିଲା। କିଛିମାସ ହେଲା ସିଏ ଦରମାରୁ କାଟି ତା' ପାଇଁ ସ୍ମାର୍ଟ ଫୋନ୍‌ଟିଏ ଆଣିଦେଲା ପରେ ସ୍ତ୍ରୀ ତା'ର ଆଉ ରାତିରେ ଶୋଉନି। ରାତିସାରା ତା' ଘରର ଲାଇଟ୍ ଜଳୁଥିବାରୁ କଲୋନୀବାଲାଏ ଶାନ୍ତିରେ ଶୋଇ ପାରୁଛନ୍ତି। କଲୋନୀରେ ଆଉ ପୂର୍ବପରି ଚୋରିଭୟ ନାହିଁ। କେବଳ ଲାଇଟ୍ ନୁହେଁ, ମଝିରେ ମଝିରେ ଚାଟିଂରେ ମେସେଜ୍ ପଢ଼ି ଘରଣୀର ଉଚ୍ଛୁଳା ହସ ଏବଂ ଆସିଥିବା ଭିଡିଓ ଶବ୍ଦରେ କଲୋନୀଟି ନିଶାର୍ଦ୍ଧରେ ମଧ୍ୟ ଚଳଚଞ୍ଚଳ ଲାଗୁଛି। ଯଦି କୋଉଠି ଟିକେ ଖୁଡ୍‌ଖାଡ୍ ଶୁଭିଲା ଘରଣୀ ଝରକା ବାଟେ ସ୍ମାର୍ଟ ଫୋନ୍‌ର ଟର୍ଚ୍ଚ ପକେଇ ଦେଖିଦେଉଛନ୍ତି!

ଅବଶ୍ୟ ମାଡାମ୍ ଆଜିକାଲି ଟିକିଏ ଡେରିରେ ଉଠୁଛନ୍ତି। କିନ୍ତୁ ସକାଳୁ ବିଶେଷ କିଛି କାମ ରହୁ ନ ଥିବାରୁ ଏଥିରେ ବିଶେଷ କିଛି ଅସୁବିଧା ହେଉନାହିଁ। ମେସେଜ୍‌ରୁ ଶିଖି ଆଜିକାଲି ସକାଳୁ ଉଠି ଗୁଡ୍‌ମର୍ନିଂ କହୁଛନ୍ତି। ଉଠୁଉଠୁ ସ୍ମାର୍ଟ ଫୋନ୍‌ରେ ଭକ୍ତିଗୀତ ବଜେଇ ଘରକୁ ଆଧ୍ୟାତ୍ମିକ ପରିବେଶରେ ଅଳଙ୍କୃତ କରିବା ସହ ମୋବାଇଲରୁ ଭିଡିଓ ଦେଖି ବିଭିନ୍ନ ଯୋଗ କରୁଛନ୍ତି। ଫଳସ୍ୱରୂପ ତା' ଘରଣୀ ଆଜିକାଲି କୁଆଡ଼େ ଅଧିକ ଫିଟ୍ ଓ ସୁନ୍ଦରୀ ଦିଶୁଛି ବୋଲି ବହୁ ପୁରୁଷ ବନ୍ଧୁ ହ୍ୱାଟ୍ସଆପ୍‌ରେ ମେସେଜ୍ ଦେଇ ଫେସ୍‌ବୁକ୍‌ରେ ଲୋଡ୍ ହୋଇଥିବା ଫଟୋ ସବୁକୁ ଲାଇକ୍ କରିବା ସହ ଅସମ୍ଭବ କମେଣ୍ଟ ଦେଇଛନ୍ତି।

ସ୍ମାର୍ଟ ଫୋନ୍ ଜରିଆରେ ପତ୍ନୀ ମହୋଦୟା ତାଙ୍କର ଘରଲୋକ, ଗାଆଁଲୋକ, ସାଙ୍ଗସାଥୀ, ଦୂର ସମ୍ପର୍କୀୟଙ୍କ ସହିତ ନିୟମିତ ସମ୍ପର୍କରେ ଅଛନ୍ତି। ଶାଶୁଘର ଲୋକଙ୍କ କଥା ପଡିଲେ ଆଗରୁ ତାଙ୍କର ମିଜାଜ୍ ଗରମ ହୋଇଯାଉଥିଲା, ଏବେ ଶାଶୁଘର ଲୋକଙ୍କ ସହ କଥାବାର୍ତ୍ତା ହେଲା ବେଳକୁ ତାଙ୍କ ସ୍ମାର୍ଟ ଫୋନ୍ ଗରମ ହୋଇଯାଉଛି!

ହାତରେ ସ୍ମାର୍ଟ ଫୋନ୍ ଧରେଇବା ପରେ କେବଳ ଘରଣୀର ନୁହେଁ, ତା'ର ମଧ୍ୟ ବହୁ ଲାଭହୋଇଛି। ସବୁଠୁ ବଡ଼କଥାଟି ହେଲା ଆଜିକାଲି ଘରେ କଳିଗୋଳ, ରାଗରୁଷା କମିଛି। ଆଗରୁ କଥାକଥାରେ ଚିଡ଼ିଚିଡ଼ି ହୋଇ ଗାଳି ଦେଉଥିବା ଘରଣୀ ଆଜିକାଲି ମୋବାଇଲ୍‌ରେ ବ୍ୟସ୍ତ ରହିବା କାରଣରୁ ଆଉ ଗାଳି ଦେବାକୁ ଟାଇମ୍ ମିଳୁନାହିଁ।

ଘରୁ ବାହାରିଲା ବେଳେ ଦୃଷ୍ଟିରୁ ଅନ୍ତର ହେବା ପର୍ଯ୍ୟନ୍ତ ଆସିଲା ବେଳେ ଅମୁକ ଆଣିବ ସମୁକ ଆଣିବ ବୋଲି ଫରମାଇସ୍ କରିବାଟା ଘରଣୀମାନଙ୍କର ଆଦତ। ଏବେ କିନ୍ତୁ ଘରଣୀ ହ୍ୱାଟ୍ସଆପ୍‌ରେ ସଉଦା ତାଲିକା, ଆବଶ୍ୟକ ଓଜନର ପରିବା ଓ ବ୍ଲାଉଜ୍ ସାଇଜ୍ ଆଦି ମେସେଜ୍ କରିଦେଉଛନ୍ତି। ଅନଲାଇନ୍ ଶପିଂରେ ପାରଙ୍ଗମ ହେବା ଫଳରେ ଘରଣୀ କିଣାକିଣି କରିବାକୁ ବଜାର ଯାଇ ଖିଆପିଆର ଅତିରିକ୍ତ ଖର୍ଚ୍ଚ କମିଛି।

ଘରଣୀ ମାତ୍ରେ ହିଁ ତ ସନ୍ଦେହୀ। ଯଦି ଘରକୁ ଶୀଘ୍ର ଫେରିଲ କାରଣ କୁହ! ଡେରିରେ ଫେରିଲେ କାରଣ ଦର୍ଶାଅ। ଖୁସିମନରେ ଫେରିଲେ, କାହାକୁ ଦେଖା କରିଛ କୁହ ? ପୂର୍ବପରି ଏସବୁ ଆଉ ତାକୁ ଶୁଣିବାକୁ ପଡୁନାହିଁ। କାରଣ ସନ୍ଦେହ ଉଦ୍ରେକ ହେବା ମାତ୍ରେ ଘରଣୀ ଭିଡିଓ କଲ୍ କରି ସବୁକିଛି ତଦାରଖ କରିଦେଉଛନ୍ତି।

ପୂର୍ବରୁ ଘରଣୀମାନଙ୍କର ଲୋଭଥିଲା ନୂଆଶାଢ଼ି ଅବା ଅଳଙ୍କାରରେ, ଏବେ କିନ୍ତୁ ସେମାନଙ୍କର ଲୋଭ ସ୍ୱାମୀମାନଙ୍କର ସ୍ମାର୍ଟ ଫୋନ୍ ଲକ୍‌ର ପାସ୍‌ୱାର୍ଡରେ। ବହୁ ଫନ୍ଦିଫିକର କରି ଘରଣୀ ତା'ର ମୋବାଇଲର ପାସ୍‌ୱାର୍ଡଟି ନେଇଛନ୍ତି। ଦିନେ ସିଏ ଗାଧୁଆଘରେ ପଶିଥିଲା ବେଳେ ଘରଣୀ ତା'ର ମୋବାଇଲଟିକୁ ଖୋଲି ବିଭିନ୍ନ ଚାଟ୍‌ର ହିଷ୍ଟ୍ରି ସବୁକୁ ଖେଳେଇ ଚାଲିଲେ। କୋଉ ଝିଅକୁ ସିଏ ରାତି ଅଧରେ ଉତ୍ତର ଦେଇଛି, କାହାର ଫଟୋ ଦେଖି ସୁନ୍ଦରୀ ବୋଲି କହିଛି ସବୁକୁ ପଢି ଜଳି ଉଠିଲେ।

ସିଏ ଗାଧୁଆଘରୁ ବାହାରୁ ବାହାରୁ ଘରଣୀ ତା'ର ଆରମ୍ଭ କରିଦେଲେ ଶବ୍ଦବର୍ଷଣ। ଲାଜ ଲାଗୁନିବୁଢ଼ାଟିଏ ହେଲଣି, ଏୟା କରୁଛ ! ଘରଣୀଙ୍କ ଝିଙ୍ଗାସରେ ମର୍ମାହତ ହୋଇ ସିଏ ସ୍ମାର୍ଟ ଫୋନ୍ ଛାଡି ଗୋଟିଏ ସାଧାରଣ ମୋବାଇଲ ଧରୁଛି। ଘରଣୀ ମହୋଦୟା କିନ୍ତୁ ସେମିତି ସ୍ମାର୍ଟ ଅଛନ୍ତି!

ମାର୍ଫତ୍- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ, ଅଲରା,
ନରସିଂହପୁର, କଟକ, ମୋ- ୯୩୩୮୫୮୧୩୦୯

## ଏଇ ଭାରତରେ

ମନୋବଳ ଦୃଢ଼ ଥିଲେ ଜଣେ ଦୁର୍ବଳ ବ୍ୟକ୍ତି ବି ଅସାଧ୍ୟ ସାଧନ କରିପାରେ। ବୃଦ୍ଧ ବୟସରେ ବି କୌଣସି ବ୍ୟକ୍ତି ଘୋଡା ସହ ତାଳ ଦେଇ ଦୌଡି ପାରନ୍ତି। ଏହା ଅସମ୍ଭବ ମନେହେଲେ ମଧ୍ୟ ସତ୍ୟ। ଏପରି ଏକ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଛି ଜଣେ ୬୬ ବର୍ଷ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ। ପଞ୍ଜାବର ବଟାଲାସ୍ଥିତ ତଲବଣ୍ଡି ଝିଙ୍ଗୁରାର ବାସିନ୍ଦା ବଲୱନ୍ତ ସିଂ ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ ମଧ୍ୟ ପ୍ରତିଦିନ ଘୋଡା ସହ ଦୌଡ ପ୍ରତିଯୋଗିତା କରୁଛନ୍ତି। ନାଁ ଯେପରି ବଲୱନ୍ତ, ବାସ୍ତବରେ ସେ ସେହିପରି ବଳବନ୍ତ ଓ ସୁସ୍ଥ। ବୟସରେ ବୃଦ୍ଧ ହେଲେ ମଧ୍ୟ ବାର୍ଦ୍ଧକ୍ୟ ଯେପରି ତାଙ୍କୁ ସ୍ପର୍ଶ କରିନାହିଁ। ପ୍ରତିଦିନ ସକାଳୁ ସେ ଘୋଡା ସହ ପ୍ରାୟ ୨ କିଲୋମିଟର ଦୌଡିଥାନ୍ତି। ସେଥିପାଇଁ ସ୍ଥାନୀୟ ଲୋକେ ତାଙ୍କୁ ବଲୱନ୍ତ ଘୋଡା ବୋଲି ଶ୍ରଦ୍ଧାରେ ଡାକନ୍ତି। ବଲୱନ୍ତ ଗାଁଠାରୁ ଗୁରୁଦାସପୁର ମଧ୍ୟରେ ଥିବା ୩୧ କିଲୋମିଟର ଦୂରତାକୁ ମାତ୍ର ଦେଢ଼ ଘଣ୍ଟାରେ ଅତିକ୍ରମ କରିଥାଆନ୍ତି। ଇତିମଧ୍ୟରେ ସେ ଶହେରୁ ଅଧିକ ମେଡାଲ ଏବଂ ଟ୍ରଫି ଜିଣି ସାରିଛନ୍ତି। ୧୮ବର୍ଷ ବୟସରୁ ସେ କବାଡି ଖେଳିବା ଆରମ୍ଭ କରିଥିଲେ। କିଛି ଦିନ ତଳେ ବିଏସ୍‌ଏଫ୍ ପକ୍ଷରୁ ଆୟୋଜିତ ଦୌଡ ପ୍ରତିଯୋଗିତାରେ ସେ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ !

(ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ସାହିତ୍ୟ ଅବହେଳିତ

ମହାଶୟ,

ଆମ ଓଡ଼ିଶାରେ କେତେଗୋଟି ହାତଗଣତି ଶିଶୁ କିଶୋର ପତ୍ରିକା ପ୍ରକାଶିତ ହୋଇଥାଏ। କେତେକ ଖବରକାଗଜ କିଛି କିଛି ଶିଶୁ ସାହିତ୍ୟ ନିମନ୍ତେ ପ୍ରୟାସୀ। ମାତ୍ର ପୂର୍ବରୁ ପ୍ରକାଶ ପାଉଥିବା 'ଶିଶୁ ଲେଖା' ନିୟମିତ ହୋଇପାରିଲା ନାହିଁ। ତାହା ବଜାରରେ ଉପଲବ୍ଧ ନୁହେଁ। ଅନେକ ବିବଦମାନ ଚାଟଶାଳି ପାଠ ବା ବର୍ଣ୍ଣବୋଧ ପ୍ରକାଶ ପାଇ ବିକ୍ରୟ ହେଉଛି। ମାତ୍ର ସରକାରଙ୍କ ଶିକ୍ଷା ବିଭାଗର ନିର୍ଭୁଲ ପ୍ରାମାଣିକ ବର୍ଣ୍ଣବୋଧ ପ୍ରକାଶ ପାଇ କାହିଁକି ବିକ୍ରୟ ହେଉନାହିଁ, ତାହା ଜାଣି ହେଉନାହିଁ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

### ବିଧାନସଭାର ଧାର୍ଯ୍ୟ ଦିବସ ହ୍ରାସ ନ ଘଟୁ

ଓଡ଼ିଶା ବିଧାନସଭା ଅଧିବେଶନ କରଦାତାମାନଙ୍କ ଅର୍ଥରେ ଚାଲେ। ବିଧାନସଭା ମନ୍ଦିର ସଦୃଶ। ଏଠାରେ ରାଜ୍ୟର ଶାସନଖସଡା ପ୍ରସ୍ତୁତ ହୁଏ। ବିଧାୟକମାନଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟାକୁ ଉପସ୍ଥାପନ କରିବାର ସୁଯୋଗ ମିଳିବା ସଙ୍ଗେ ସଙ୍ଗେ ପ୍ରତିକାର ପାଇଁ ମଧ୍ୟ ବିଭାଗୀୟ ମନ୍ତ୍ରୀମାନଙ୍କର ପ୍ରତିଶ୍ରୁତି ମିଳେ। କିନ୍ତୁ ଦୁଃଖର କଥା ବିଧାନସଭା ଅଧିବେଶନ ଯେତିକି ଦିନ ଚାଲିବା କଥା ଚାଲିପାରୁନି। ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଉପସ୍ଥାପିତ ହୋଇପାରୁନି। ଏଥିପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ଦାୟୀ। ତେଣୁ ଅନୁରୋଧ ରାଜ୍ୟର ମଙ୍ଗଳ ପାଇଁ ଧାର୍ଯ୍ୟ ଦିବସକୁ ଅଯଥା ହୋ ହଲ୍ଲା କରି ହ୍ରାସ କରନ୍ତୁ ନାହିଁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଚାକିରିଆ ଓ ପେନ୍‌ସନଭୋଗୀ ବି 'କାଳିଆ'ରେ

ଅନେକ ବଡ଼ବଡ଼ିଆ ପ୍ରକୃତ ହିତାଧିକାରୀଙ୍କ ଅଧିକାରକୁ ଛଡାଇ ନେଉଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାରେ ସରକାରୀ ଚାକିରିଆ ଓ ପେନ୍‌ସନଭୋଗୀ ସାମିଲ ହୋଇ ପ୍ରଥମ କିସ୍ତିର ୫ ହଜାର ଟଙ୍କାକୁ ଅକ୍ତିଆର କରିନେଇଛନ୍ତି ଓ ନେବା ପାଇଁ ଅନ୍ୟମାନେ ବି ସଜବାଜ ହେଉଛନ୍ତି। ଏଭଳି ଯଦି ହୁଏ ତେବେ ପ୍ରକୃତ ହିତାଧିକାରୀମାନେ ଉପକୃତ ହେବେ ତ !

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭୋଗ ଖାଇ ୭୦ ଛାତ୍ରୀଛାତ୍ର ଅସୁସ୍ଥ

ବାରିପଦା ଅଫିସ, ୧୧।୨: ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅନ୍ତର୍ଗତ ରଙ୍ଗାମାଟିଆ (ବି) ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ଭୋଗ ଖାଇ ୭୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସୋମବାର ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ଓ ଅନ୍ୟକେତେଙ୍କୁ ଏବଂ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏଥିସହ ଏକ ଡାକ୍ତରୀ ଦଳ ରଙ୍ଗାମାଟିଆ ଗାଁକୁ ଯାଇ ଅନ୍ୟ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ରଙ୍ଗାମାଟିଆ (ବି) ପ୍ରାଥମିକ ବିଦ୍ୟାଳୟରେ ରବିବାର ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାରେ ଚୁଡ଼ା, କଦଳୀ, ଅଙ୍କୁର, ଗୁଡ଼ ଏବଂ ସେଉ ମିଶାଇ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ କରାଯାଇଥିଲା। ସେହି ଭୋଗକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରର ପିଲା ଏବଂ କେତେଜଣ ଅଭିଭାବକ ଖାଇଥିଲେ। ସୋମବାର ଭୋର ସମୟରେ ୭୦ପିଲାଙ୍କର ପ୍ରଥମେ ପେଟ କାମୁଡ଼ା ସହ ଝାଡ଼ାବାନ୍ତି ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ବେହେରାଙ୍କ ସହ ଅଭିଭାବକ ମିଶି ଅସୁସ୍ଥ ପିଲାଙ୍କୁ ପ୍ରଥମେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ହେବାରୁ କେତେ ଜଣଙ୍କୁ ଛାତ୍ରୀଛାତ୍ରଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରାଯାଇଛି।

# ୭.୯୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଆସିକା,୧୧।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ସିଙ୍ଗିପୁର ଗ୍ରାମ ନିକଟରେ ସୋମବାର ଭୋରରେ ପୋଲିସ ଚଢ଼ାଉ କରି ଗଞ୍ଜେଇ ଚାଲାଣ କରୁଥିବା ଏକ ଟ୍ରକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ମଳିପଡ଼ାର ରୋଜିତ କୁମାର ବେହେରା, ବ୍ରହ୍ମପୁର ଟାଉନ ଥାନା ଖଲାସି ସାହିର ଭି. ଜାନିବାସ ଓ ପୁଲବାଣୀ ଟାଉନ ଥାନା ନାରାୟଣୀ ମନ୍ଦିର ରୋଡର ସୁଶାନ୍ତ କୁମାର ଦିଗାଲ। ଟ୍ରକ ସହ କାର୍ଟନରେ ୨୪ଟି ପ୍ୟାକେଟରେ ଥିବା ୭ କୁଇଣ୍ଟାଲ ୯୪ କେଜି ଗଞ୍ଜେଇ, ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୪ ହଜାର ଟଙ୍କା ଓ ୩ ମୋବାଇଲ ଫୋନ ପୋଲିସ ଜବତ କରିଛି। ଗଜପତି ଜିଲା ମୋହାନାରୁ ଖେରଗଡ଼-ପାଟପୁର-ଆସିକା ଦେଇ ଭଞ୍ଜନଗର-ପୁଲବାଣୀ ରାସ୍ତାରେ ଯାଉଥିବା ଟ୍ରକଟି ଆଗ୍ରା ଓ ଦିଲ୍ଲୀ ଯାଉଥାନ୍ତା ବୋଲି ତଦନ୍ତ ପରେ ଜଣାପଡ଼ିଛି। ଅପରାହ୍ନରେ ଗାଙ୍ଗପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ଏହି ସୂଚନା ଦେଇଛି। ଓଆର ୦୪ଏଲ ୪୪୨୯ ନମ୍ବର ବିଶିଷ୍ଟ ଟ୍ରକର ଡ୍ରାଇଭର ପଛ କାବିନ ତଳେ ଏକ ବାକ୍ସ ତିଆରି କରି ଅଭିଯୁକ୍ତମାନେ ଗଞ୍ଜେଇ ପ୍ୟାକେଟ ଚାଲାଣ କରୁଥିବା ଗାଙ୍ଗପୁର ପୋଲିସକୁ ସୂଚନା ମିଳିଥିଲା। ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ ସିଙ୍ଗିପୁର ଗ୍ରାମ ନିକଟରେ ଚଢ଼ାଉ କରାଯାଇ ଉକ୍ତ ଟ୍ରକ୍କୁ ଜବତ କରାଯାଇଥିଲା। ଏ ନେଇ ଗାଙ୍ଗପୁର ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ନଂ.୨୧/୧୯ରେ ଏକ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାସ, ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ଓ ବେଲଗୁଣ୍ଠା ତହସିଲଦାର ସୁବଳ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

ଜବତ ଗଞ୍ଜେଇ ସହ ଟ୍ରକ୍।

## ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ପିଏମ୍-କିଷାନ ଯୋଜନାକୁ ପ୍ରଶଂସା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପିଏମ୍-କିଷାନ ଯୋଜନା ପାଇଁ ହିତାଧିକାରୀଙ୍କ ତାଲିକା ପଠାଇବାକୁ ନିକଟରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ଏଯାଏଁ ତାଲିକା ପଠାଇନାହିଁ। କେନ୍ଦ୍ର ପ୍ରସ୍ତାବିତ ଆୟୁଷ୍ମାନ ଯୋଜନା ପରି ପିଏମ୍-କିଷାନ ଯୋଜନାକୁ ରାଜ୍ୟ ସରକାର ମନାକରିଦେବେ ବୋଲି ଆଲୋଚନା ହୋଇଥିଲା। ହେଲେ ସୋମବାର ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ଚିଠି ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ଟାଣିଛି। ମୁଖ୍ୟମନ୍ତ୍ରୀ ଉକ୍ତ ଚିଠି ମାଧ୍ୟମରେ ପିଏମ୍-କିଷାନ ଯୋଜନାକୁ ପ୍ରଶଂସା କରିବା ସହ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି, ଯାହାକୁ ନେଇ କେନ୍ଦ୍ର-ରାଜ୍ୟ ଆରୋପ-ପ୍ରତ୍ୟାରୋପରେ ରାଜନୀତି ଭିନ୍ନ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିଏମ୍-କିଷାନ ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଏଥିରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଉ। କେନ୍ଦ୍ରର ଶତପ୍ରତିଶତ ଅର୍ଥରେ ଏହା ପ୍ରଦାନ କରାଯାଉଥିବାରୁ ଏହାକୁ ସ୍ୱାଗତ କରୁଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ଡିସେମ୍ବରରେ ରାଜ୍ୟ ସରକାରଙ୍କ ଦ୍ୱାରା କୃଷି ଓ କୃଷକ ସଶକ୍ତୀକରଣ ପାଇଁ 'କାଳିଆ' ଯୋଜନାର ଆରମ୍ଭ କରାଯାଇଛି। ଏଥିରେ ସିଧାସଳଖ ଭାବେ ରାଜ୍ୟର ୯୨ ପ୍ରତିଶତ ଚାଷୀବର୍ଗ ଉପକୃତ ହେବେ। ଏହି ବର୍ଗରେ ଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, ଭୂମିହୀନ କୃଷି ଶ୍ରମିକ ଏବଂ ନାମମାତ୍ର ଚାଷୀ ଉପକୃତ ହେବେ। ଗତ ଜାନୁଆରୀରୁ ଏହି ଯୋଜନା କାର୍ଯ୍ୟକାରୀ ହେବା ଆରମ୍ଭ ହୋଇଯାଇଛି। ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ତେଣୁ ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ୍-କିଷାନ ଯୋଜନାରେ ଭାଗଚାଷୀ, ଭୂମିହୀନ ଏବଂ ନାମମାତ୍ର ଚାଷୀ ପରିବାରଙ୍କୁ ସାମିଲ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ଚିଠିର ଜବାବ କେନ୍ଦ୍ର ସରକାର କିମ୍ବା ଭାଜପା କିପରି ରଖିଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ରାଜ୍ୟ ଏଯାବତ୍ ଆୟୁଷ୍ମାନ ଯୋଜନା ଲାଗୁ କରି ନ ଥିବାରୁ କେନ୍ଦ୍ରୀୟ ନେତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ଜାରି ରଖିଛନ୍ତି। ହେଲେ ପିଏମ୍-କିଷାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପରାମର୍ଶ ଦେଇଛନ୍ତି। ଭବିଷ୍ୟତରେ ଏହି ଯୋଜନାକୁ ନେଇ କେନ୍ଦ୍ର-ରାଜ୍ୟ ମୁହାଁମୁହିଁ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

## ଅଣ୍ଡର ୱାଟର ଭେଇକିଲ୍ ପ୍ରତିଯୋଗିତା-୨୦୧୯

# ଏନ୍ଆଇଟିର ରୋବୋଟିକ୍ସ ଟିମ୍ ବିଜୟୀ

ରାଉରକେଲା ଅଫିସ,୧୧।୨

ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ରାଉରକେଲା (ଏନ୍ଆଇଟିର) ର ରୋବୋଟିକ୍ସ ଟିମ୍ ନ୍ୟାସନାଲ ଷ୍ଟୁଡେଣ୍ଟ ଅଟୋନୋମସ୍ ଅଣ୍ଡର ୱାଟର ଭେଇକିଲ (ଏସ୍ଏଭିଇ) ପ୍ରତିଯୋଗିତା-୨୦୧୯ରେ ଆଇଆଇଟି, ବମ୍ବେ ସହିତ ଯୁଗ୍ମ ଭାବେ ପ୍ରଥମ ପୁରସ୍କାର ଜିତିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓସନ୍ ଟେକ୍ନୋଲୋଜି ଏହି ପ୍ରତିଯୋଗିତା ଆୟୋଜନ କରିଥିଲା। ଯେଉଁ ଛାତ୍ରମାନେ ସମୁଦ୍ର ତଳେ ଦୃଶ୍ୟମାନ ସ୍ୱୟଂଚାଳିତ ଯାନ ଏବଂ ଡିଜାଇନ୍ ପ୍ରସ୍ତୁତି ଇଞ୍ଜିନିୟରିଂରେ ଡିଗ୍ରୀ କରୁଛନ୍ତି ସେହିମାନଙ୍କ ଲାଗି ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସାମୁଦ୍ରିକ ଜ୍ଞାନକୌଶଳ ଏବଂ ଅନୁସନ୍ଧାନରେ ଛାତ୍ରମାନଙ୍କୁ ସମ୍ପୃକ୍ତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ଏନ୍ଆଇଟି ଉକ୍ତ ପ୍ରତିଯୋଗିତାର ବିଜୟୀ ଟିମ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସହାୟତା କରିବ। ବିଜୟୀ ଟିମ୍ରୁ ଦୁଇ ସଦସ୍ୟଙ୍କୁ ଚୟନ କରାଯିବ। ସେମାନେ ୨୦୧୯ ଜୁଲାଇରେ ଆମେରିକାର ସାନ୍ ଡିଏଗୋରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସ୍ଡ ଆସେଟ୍ସ ମ୍ୟାନେଜମେଣ୍ଟ ଶାଖା (SAMB), ୪/୩୪, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ (ଓକାଲତ ବ୍ୟାଙ୍କ ବିଲ୍ଡିଂ, ୪ର୍ଥ ମହଲା), ଭୁବନେଶ୍ୱର - ୭୫୧୦୦୧, ଜିଲ୍ଲା: ଖୋର୍ଦ୍ଧା, (ଓଡ଼ିଶା), ମୋ.: ୯୪୩୭୧୮୬୬୬୯, E-mail: sbi.10130@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ସାଙ୍କେତିକ/ଭୌତିକ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

**ଇ-ନିଲାମ ତାରିଖ: ୨୭.୦୨.୨୦୧୯**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ (ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.,** ସା: ଓଲରା, ପୋ: ବଡ଼ଚଣା, ଜିଲ୍ଲା: ଯାଜପୁର, ଓଡ଼ିଶା - ୭୫୪୦୨୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ ଅଗ୍ରୱାଲା, **ନିର୍ଦ୍ଦେଶକମାନେ: (୧) ଶ୍ରୀ ବନୱାରିଲାଲ ଅଗ୍ରୱାଲା,** ପିତା: ୰ ବାଲୁରାମ ଅଗ୍ରୱାଲା, **(୨) ଶ୍ରୀମତୀ ସୁଷମା ଅଗ୍ରୱାଲା, ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ | **ଜାମିନ୍ଦାରମାନେ: (୧) ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ ଅଗ୍ରୱାଲା, **(୨) ଶ୍ରୀ ବନୱାରିଲାଲ ଅଗ୍ରୱାଲା,** ପିତା: ୰ ବାଲୁରାମ ଅଗ୍ରୱାଲା, **(୩) ଶ୍ରୀମତୀ ସୁଷମା ଅଗ୍ରୱାଲା,** ସ୍ୱାମୀ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ସମସ୍ତଙ୍କ ଠିକଣା ସା: ଗିରିମା, ୱାର୍ଡ ନଂ.: ୧୨, କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା-୭୫୭୦୩୭ / **କର୍ପୋରେଟ୍ ଜାମିନ୍ଦାର: ମେସର୍ସ ଗାଲାକ୍ସି ଟାଏ-ଅପ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା,** ପିତା: ବନୱାରିଲାଲ ଅଗ୍ରୱାଲା, ସା: ୨୭, ଓ୍ୱେଷ୍ଟର୍ଣ୍ଣ ଷ୍ଟ୍ରିଟ୍, ୩ୟ ମହଲା, ମିନି ବିଲ୍ଡିଂ, କୋଲକାତା-୭୦୦୦୧୨ (ପଶ୍ଚିମ ବଙ୍ଗ) | ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲା, ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ. | **ମେସର୍ସ ସାବିତ୍ରୀ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲିଃ.** (ରାଇସ୍ ମିଲ୍ ୩୭ଟିପିଏଚ୍ କ୍ଷମତା ବିଶିଷ୍ଟ)ର ନାମରେ ଥିବା ଜମି ଏବଂ ଗୃହ, କାରଖାନା ଏବଂ ଯନ୍ତ୍ରପାତି, ସେଡ୍ ଏବଂ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୯, ପ୍ଲଟ ନଂ.: ୩୫, କ୍ଷେତ୍ର: ଏକର ୦.୬୬ ଡିସିମିଲି, ଖାତା ନଂ.: ୫୪୯/୫୩, ପ୍ଲଟ ନଂ.: ୪୦, କ୍ଷେତ୍ର: ଏକର ୨.୧୪ ଡିସିମିଲି, ଖାତା ନଂ.: ୪୨୭, ପ୍ଲଟ ନଂ.: ୪୪, କ୍ଷେତ୍ର: ଏକର ୦.୨୦ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ.: ୪୬୧, ପ୍ଲଟ ନଂ.: ୩୬, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୩୬୧, ପ୍ଲଟ ନଂ.: ୨୪, କ୍ଷେତ୍ର: ଏକର ୦.୩୩ ଡିସିମିଲି, ଖାତା ନଂ.: ୧୯୨, ପ୍ଲଟ ନଂ.: ୪୧, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୩୫୦, ପ୍ଲଟ ନଂ.: ୩୪, କ୍ଷେତ୍ର: ଏକର ୦.୨୭ ଡିସିମିଲି, ଖାତା ନଂ.: ୨୪୩, ପ୍ଲଟ ନଂ.: ୨୯, କ୍ଷେତ୍ର: ଏକର ୦.୧୦ ଡିସିମିଲି, ଖାତା ନଂ.: ୧୯୭, ପ୍ଲଟ ନଂ.: ୩୧, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୩୦୬, ପ୍ଲଟ ନଂ.: ୨୮, କ୍ଷେତ୍ର: ଏକର ୦.୪୯ ଡିସିମିଲି, ଖାତା ନଂ.: ୩୧୨, ପ୍ଲଟ ନଂ.: ୩୨, କ୍ଷେତ୍ର: ଏକର ୦.୦୭ ଡିସିମିଲି, ଖାତା ନଂ.: ୧୫୯, ପ୍ଲଟ ନଂ.: ୩୩, କ୍ଷେତ୍ର: ଏକର ୦.୪୧ ଡିସିମିଲି, ଖାତା ନଂ.: ୨୬୦, ପ୍ଲଟ ନଂ.: ୨୫, କ୍ଷେତ୍ର: ଏକର ୨.୭୧ ଡିସିମିଲି, ଖାତା ନଂ.: ୩୯୦, ପ୍ଲଟ ନଂ.: ୪୨, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୨୦୪, ପ୍ଲଟ ନଂ.: ୪୭, କ୍ଷେତ୍ର: ଏକର ୦.୮୭ ଡିସିମିଲି, ଖାତା ନଂ.: ୪୨୪, ପ୍ଲଟ ନଂ.: ୪୬, କ୍ଷେତ୍ର: ଏକର ୦.୧୯ ଡିସିମିଲି, **ମୋଟ କ୍ଷେତ୍ର: ଏକର ୯.୯୭ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ, ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ଆସେଟ୍ସ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୫୪୯/୪୭, ପ୍ଲଟ ନଂ.: ୧୧, କ୍ଷେତ୍ର: ଏକର ୦.୭୫ ଡିସିମିଲି, ଖାତା ନଂ.: ୪୫୦, ପ୍ଲଟ ନଂ.: ୨୨, କ୍ଷେତ୍ର: ଏକର ୦.୨୯ ଡିସିମିଲି, ଖାତା ନଂ.: ୪୯୮, ପ୍ଲଟ ନଂ.: ୧୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୫୪୯/୪୬, ପ୍ଲଟ ନଂ.: ୮, କ୍ଷେତ୍ର: ଏକର ୦.୭୨ ଡିସିମିଲି, ଖାତା ନଂ.: ୩୧୩, ପ୍ଲଟ ନଂ.: ୭, କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ.: ୯୩, ପ୍ଲଟ ନଂ.: ୭/୯୬୪, କ୍ଷେତ୍ର: ଏକର ୦.୩୦ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୨୩, କ୍ଷେତ୍ର: ଏକର ୦.୦୬ ଡିସିମିଲି, ଖାତା ନଂ.: ୫୦୧, ପ୍ଲଟ ନଂ.: ୭/୯୬୩, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ.: ୫୪୯/୫୧, ପ୍ଲଟ ନଂ.: ୯, କ୍ଷେତ୍ର: ଏକର ୦.୫୪ ଡିସିମିଲି, ଖାତା ନଂ.: ୫୪୯/୫୦, ପ୍ଲଟ ନଂ.: ୧୬, କ୍ଷେତ୍ର: ଏକର ୦.୫୩ ଡିସିମିଲି, ଖାତା ନଂ.: ୩୯୫, ପ୍ଲଟ ନଂ.: ୬, କ୍ଷେତ୍ର: ଏକର ୧.୩୭ ଡିସିମିଲି, ଖାତା ନଂ.: ୨୪୨, ପ୍ଲଟ ନଂ.: ୧୦, କ୍ଷେତ୍ର: ଏକର ୦.୧୭ ଡିସିମିଲି, ଖାତା ନଂ.: ୨୯୧, ପ୍ଲଟ ନଂ.: ୧୫, କ୍ଷେତ୍ର: ଏକର ୦.୬୦ ଡିସିମିଲି, ଖାତା ନଂ.: ୫୪୯/୫୪, ପ୍ଲଟ ନଂ.: ୨୧, କ୍ଷେତ୍ର: ଏକର ୨.୧୨ ଡିସିମିଲି, **ମୋଟ କ୍ଷେତ୍ର: ଏକର ୮.୩୦ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଓଲରା, ବଡ଼ଚଣା, ଜିଲ୍ଲା: ଯାଜପୁର, ଯାହାର ଖାତା ନଂ.: ୧୩୮, ପ୍ଲଟ ନଂ.: ୪୩, କ୍ଷେତ୍ର: ଏକର ୧.୨୦ ଡିସିମିଲି, ଖାତା ନଂ.: ୪୫୪, ପ୍ଲଟ ନଂ.: ୩୦, କ୍ଷେତ୍ର: ଏକର ୦.୪୮ ଡିସିମିଲି, **ମୋଟ କ୍ଷେତ୍ର: ଏକର ୧.୬୮ ଡିସିମିଲି, ଶ୍ରୀ ଦିଲ୍ଲୀପ କୁମାର ଅଗ୍ରୱାଲାଙ୍କ** ନାମରେ ଥିବା ସମ୍ପତ୍ତି ଯାହାକି ମୌଜା: ଓଲରା, ଯାଜପୁର, ଖାତା ନଂ.: ୫୪୯/୬୩, ପ୍ଲଟ ନଂ.: ୨୦, କ୍ଷେତ୍ର: ଏକର ୧.୦୬ ଡିସିମିଲି, **ସମୁଦାୟ ମୋଟ କ୍ଷେତ୍ର: ଏକର ୨୧.୦୧ ଡିସିମିଲି।** | ୧୨.୧୦.୨୦୧୬ ସୁଦ୍ଧା ଟ.୭୪,୦୧,୨୫,୧୨୮/- + ୧୩.୧୦.୨୦୧୬ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୪୦,୭୭,୦୦,୦୦୦/- / ଟ.୪,୦୭,୭୦,୦୦୦/- / ୧୭.୧୦.୨୦୧୬ |
| ୨. | **ଋଣଗ୍ରହୀତା: ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ, ନିର୍ଦ୍ଦେଶକମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ,** ପିତା- ରାମ କୈଳାସ ଅଗ୍ରୱାଲ, **୨) ଶ୍ରୀମତୀ ବବିତା ଅଗ୍ରୱାଲ,** ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା-୭୬୯୦୦୪ | **ଜାମିନ୍ଦାରମାନେ: ୧) ଶ୍ରୀ ସଞ୍ଜୟ ଅଗ୍ରୱାଲ,** ପିତା- ରାମ କୈଳାସ ଅଗ୍ରୱାଲ, **୨) ଶ୍ରୀମତୀ ବବିତା ଅଗ୍ରୱାଲ,** ସ୍ୱାମୀ- ଶ୍ରୀ ସଞ୍ଜୟ ଅଗ୍ରୱାଲ, ସିସି-୨, ସିଭିଲ୍ ଟାଉନସିପ୍, ରାଉରକେଲା, ପୋ: ରାଉରକେଲା-୪, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୪ | ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ., ଶ୍ରୀ ସଞ୍ଜୟ ଅଗ୍ରୱାଲ | (କ) ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃର ନାମରେ ଥିବା କାରଖାନା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ମୌଜା: ଗୋପାଳପାଲ୍ଲୀ, ବିଜୟନଗର, ଜିଲ୍ଲା: ଦେବଗଡ଼, ଖାତା ନଂ.: ୫୬/୨୦, ପ୍ଲଟ୍ ନଂ.: ୬୨୭/୧୦୬୯, ୬୨୭/୧୦୭୦, ୬୨୭/୧୦୭୪, ୬୫୦/୧୦୭୯, ୬୨୭/୧୦୭୧, ୬୨୭/୧୦୭୫, ୬୫୦/୧୦୮୦, ୬୫୦/୧୦୮୧, ୬୨୭/୧୦୭୩ ଏବଂ ୬୫୦/୧୦୭୮, **ସମୁଦାୟ କ୍ଷେତ୍ର: ଏକର୫.୬୨ଡିସିମିଲି,** କିସମ: ଘରବାରୀ ଏବଂ ଶିଳ୍ପାଞ୍ଚଳକୁ ପରିବର୍ତ୍ତନ ହୋଇନାହିଁ। **(ଖ) ସଞ୍ଜୟ ଅଗ୍ରୱାଲଙ୍କ** ନାମରେ ଥିବା ଖାଲି ଜମି ଯାହାର ମୌଜା: ଯୋରପାଲି, କିରୋଡିମଲ ନଗର, ଜିଲ୍ଲା: ରାୟଗଡ଼ା, ଖାତା ନଂ.: ୧୧, ପ୍ଲଟ୍ ନଂ.: ୨୪୩/୨, ୨୪୩/୩, ୨୪୪/୧, ୨୫୦/୨, ୨୪୭/୧, ୨୪୭/୨ ଏବଂ ୨୫୪/୧, **ସମୁଦାୟ କ୍ଷେତ୍ର: ଏକର ୪.୪୨ ଡିସିମିଲି,** କିସମ: ଘରବାରି, **(ଗ) ବିଏମ୍ଆର ରାଇସ୍ ମିଲ୍ ପ୍ରା. ଲିଃ**ର ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି (ଟ୍ରକ୍ ଏବଂ ଲୋଡ଼ର ବ୍ୟତିତ) | ୧୮.୦୨.୨୦୧୫ ସୁଦ୍ଧା ଟ.୩,୦୮,୯୨,୭୧୦/- + ୧୯.୦୨.୨୦୧୫ ଠାରୁ ପରବର୍ତ୍ତିସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୯୪,୦୦,୦୦୦/- ଟ.୧୯,୪୦,୦୦୦/-; (ଖ)ଟ.୨,୦୮,୦୦,୦୦୦/- ଟ.୨୦,୮୦,୦୦୦/-; (ଗ)ଟ.୧,୪୯,୦୦,୦୦୦/- ଟ.୧୪,୯୦,୦୦୦/- / ୧୦.୧୨.୨୦୧୪ |
| ୩. | **ଋଣଗ୍ରହୀତା: ଶ୍ରୀ ମେଟାଲିକ୍ସ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍,** ପ୍ଲଟ୍ ନଂ.: ୫୪୬, ପ୍ରଥମ ମହଲା, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, **ନିର୍ଦ୍ଦେଶକମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ** ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ୍, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | **ଜାମିନ୍ଦାରମାନେ: ୧) ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ** ଆଇନଗତ ଉତ୍ତରାଧିକାରୀମାନେ: **ଶ୍ରୀମତୀ ରାକ୍ଷୀ ଅଗ୍ରୱାଲ, ରାଘବ ଅଗ୍ରୱାଲ ଏବଂ ଭବ୍ୟ ଅଗ୍ରୱାଲ,** ସା: ପାୱାର ହାଉସ୍ ରୋଡ୍, ଥାନା: ଉଦିତ ନଗର, ରାଉରକେଲା, ସୁନ୍ଦରଗଡ଼, **୨) ଶ୍ରୀ ମୁରଲୀଧର ଅଗ୍ରୱାଲ,** ପିତା: ୰ ବଦ୍ରି ପ୍ରସାଦ ଅଗ୍ରୱାଲ, **୩) ଅଂଶୁଲ କୁମାର ଅଗ୍ରୱାଲ,** ପିତା: ମୁରଲୀଧର ଅଗ୍ରୱାଲ, କ୍ର. ନଂ. ୨ ଏବଂ ୩ଙ୍କ ଠିକଣା- ସା: ଗୁରୁଦ୍ୱାର ରୋଡ୍, ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୰ ପ୍ରମୋଦ କୁମାର ଅଗ୍ରୱାଲ | ୰ ପ୍ରମୋଦ କୁମାର ଅଗ୍ରୱାଲଙ୍କ ନାମରେ ଥିବା ବ୍ୟବସାୟିକ ଜମି ଏବଂ ଗୃହ ଯାହାର ମୌଜା: ବଡ଼ବିଲ୍, ଜିଲ୍ଲା: କେନ୍ଦୁଝର, ଖାତା ନଂ.: ୪୫୮/୬୧୭, ପ୍ଲଟ ନଂ.: ୧୧୭୯/୨୬୧୫ ଏବଂ ୧୮୧୦/୨୬୧୬, କ୍ଷେତ୍ର: ଏକର ୦.୦୫୦ଡିସିମିଲି, କିସମ: ଘରବାରି। | ୩୧.୧୨.୨୦୧୨ ସୁଦ୍ଧା ଟ.୫,୧୧,୫୫,୩୦୦/- + ୦୧.୦୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୯୫,୦୦,୦୦୦/- / ଟ.୯,୫୦,୦୦୦/- / ୨୩.୦୫.୨୦୧୩ |
| ୪. | **ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.,** ପ୍ଲଟ୍ ନଂ.: ୪୯୧୨(ପି), ଇଏ-୫୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ ବିଧୂ ଭୂଷଣ ନାୟକ,** ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, **୩) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୪) ଶ୍ରୀ ଅଂଶୁମାନ ସାମନ୍ତରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ. ଏବଂ ଶ୍ରୀ କୌଶିକ ମହାନ୍ତି | (କ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.ର ନାମରେ ଥିବା ୧) କାରଖାନା ଜମି ଏବଂ ଗୃହ, ୨) କାରଖାନା ଏବଂ ଯନ୍ତ୍ରପାତି ଏବଂ ସେଡ୍ ଆଦି ସମ୍ପତ୍ତି ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ୭୮୭, ପ୍ଲଟ୍ ନଂ.: ୨୩୦୩(ପି), ୨୩୦୮(ପି), ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୯୧, ୯୧/ଏ, ୯୧/ବି, କ୍ଷେତ୍ର: ଏକର୧.୩୧୬ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଖ) ମେସର୍ସ ଗ୍ଲୋବାଲ ଗାଲଭାନାଇଜର୍ସ ପ୍ରା. ଲିଃ.**ର ନାମରେ ଥିବା **୧)** କାରଖାନା ଜମି, **୨)** ସେଡ୍ ଯାହାର ମୌଜା: ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଖୋର୍ଦ୍ଧା, ଖାତା ନଂ.: ୫୩୧/୧, ପ୍ଲଟ୍ ନଂ.: ୨୩୨୬(ପି), ଇଡ଼କୋ ପ୍ଲଟ୍ ନଂ.: ୬୯, କ୍ଷେତ୍ର: ଏକର୧.୦୦୪ଡିସିମିଲି, କିସମ: ଶିଳ୍ପାଞ୍ଚଳ, **(ଗ) ଶ୍ରୀ କୌଶିକ ମହାନ୍ତିଙ୍କ** ନାମରେ ଥିବା ଫ୍ରିହୋଲ୍ଡ ଜମି ଏବଂ ଆଜବେଷ୍ଟସ୍ ଛାତ ଥିବା ଆଉଟହାଉସ୍ ଯାହାର ମୌଜା: କଳାରାହାଙ୍ଗ, ଭୁବନେଶ୍ୱର, ଖାତା ନଂ.: ୪୯୭, ପ୍ଲଟ୍ ନଂ.: ୨୯୮, କ୍ଷେତ୍ର: ଏକର୮.୪୦୦ଡିସିମିଲିରୁ ଏକର୦.୧୧୧ଡିସିମିଲି, ମ୍ୟୁଟେଟେଡ ଖାତା ନଂ.: ୭୨୫/୧୪୧୭, ପ୍ଲଟ୍ ନଂ.: ୨୯୮/୪୧୫୦, କିସମ: ଘରବାରି। | ୨୦.୦୩.୨୦୧୭ ସୁଦ୍ଧା ଟ.୧୧,୩୯,୧୧,୩୫୯.୭୦ + ୨୧.୦୩.୨୦୧୭ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)୧)ଟ.୧,୪୮,୦୦,୦୦୦/- ଟ.୧୪,୮୦,୦୦୦/-; ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/-; (ଖ)୧)ଟ.୯୧,୦୦,୦୦୦/- ଟ.୯,୧୦,୦୦୦/-; ୨)ଟ.୭୧,୦୦,୦୦୦/- ଟ.୭,୧୦,୦୦୦/-; (ଗ) ଟ.୮୯,୦୦,୦୦୦/- ଟ.୮,୯୦,୦୦୦/- / ୨୧.୦୩.୨୦୧୭ |
| ୫. | **ଋଣଗ୍ରହୀତା: ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ.,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ ବିଧୂ ଭୂଷଣ ନାୟକ,** ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮, **୩) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୪) ଶ୍ରୀ ଅଂଶୁମାନ ସାମନ୍ତରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅବିନାଶ ମହାନ୍ତି | (କ) କାରଖାନା ଜମି ଏବଂ ଗୃହ, (ଖ) କାରଖାନା, ଯନ୍ତ୍ରପାତି ଏବଂ ଫ୍ୟାକ୍ଟ୍ରି ସେଡ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଣିଛତ୍ର, ମଳିପଡା ଛକ, ଖାତା ନଂ.: ୫୦୦/୪୯, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୭୫୦ ଡିସିମିଲି, ପ୍ଲଟ୍ ନଂ.: ୧୫/୧୨୬୨, କ୍ଷେତ୍ର: ଏକର୦.୯୦୦ଡିସିମିଲି, କିସମ: ଘରବାରି, **ମାଲିକାନା- ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. ଏବଂ ଅବିନାଶ ମହାନ୍ତି, କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ମେସର୍ସ ଗ୍ଲୋବାଲ ରିବାର୍ସ ପ୍ରା. ଲିଃ. କୁ ଲିଜ୍ ଦିଆଯାଇଅଛି)**ଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୫୦୦/୫୦, ପ୍ଲଟ୍ ନଂ.: ୧୫, କ୍ଷେତ୍ର: ଏକର୨.୦୦୦ଡିସିମିଲି, କିସମ: ଘରବାରି, **ସମୁଦାୟ କ୍ଷେତ୍ର: ଏକର୩.୬୫୦ଡିସିମିଲ** | ୩୧.୧୦.୨୦୧୩ ସୁଦ୍ଧା ଟ.୧୧,୯୭,୭୦,୫୭୩/- + ୦୧.୧୧.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୧,୭୭,୦୦,୦୦୦/- ଟ.୧୭,୭୦,୦୦୦/-; (ଖ)ଟ.୧,୫୨,୦୦,୦୦୦/- ଟ.୧୫,୨୦,୦୦୦/-/ ୨୦.୦୧.୨୦୧୪ |
| ୬. | **ଋଣଗ୍ରହୀତା: ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.,** ସା: ପ୍ଲଟ୍ ନଂ.: ଏମ୍-୭୨, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୪, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଅବିନାଶ ମହାନ୍ତି** | **ଜାମିନ୍ଦାରମାନେ: ୧) ଶ୍ରୀ ଅବିନାଶ ମହାନ୍ତି,** ପ୍ଲଟ୍ ନଂ.: ୫୫୬, ବିଜେବି ନଗର, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୧୪, **୨) ଶ୍ରୀ କୌଶିକ ମହାନ୍ତି,** ତପସ୍ୱିନୀ, ପ୍ଲଟ୍ ନଂ.: ୨୫୨/୩୩୧୮, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ଅଂଶୁମାନ ସାମନ୍ତାରାୟ,** ପ୍ଲଟ୍ ନଂ.: ୪୯୧୨ (ପି), ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୪, **୪) ଶ୍ରୀ ବିଧୂ ଭୂଷଣ ନାୟକ,** ଡ୍ୟୁପ୍ଲେକ୍ସ-୧୫, ରତ୍ନା ନିବାସ, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର-୭୫୧୦୧୮ | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ. | ମେସର୍ସ ଅରୋ ଇସ୍ପାତ (ଇଣ୍ଡିଆ) ପ୍ରା. ଲିଃ.ର ନାମରେ ଥିବା (କ) ଫ୍ୟାକ୍ଟ୍ରି ଜମି, (ଖ) ଫ୍ୟାକ୍ଟ୍ରି ଗୃହ ଏବଂ (ଗ) ଫ୍ୟାକ୍ଟ୍ରି ସେଡ୍ ଯାହାକି ରାମନଗର, ମୌଜା: ଖୁଣ୍ଟୁଣୀ, ଜିଲ୍ଲା: କଟକ, ଖାତା ନଂ.: ୨୩୪/୨୯୭, ପ୍ଲଟ୍ ନଂ.: ୭୯/୮୬୭/୯୨୮, କ୍ଷେତ୍ର: ଏକର୦.୮୧ ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୨/୧୨୪୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୬/୧୨୪୭, କ୍ଷେତ୍ର: ଏକର୦.୪୫ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୯୨୭/୧୨୪୬, କ୍ଷେତ୍ର: ଏକର୦.୩୮ଡିସିମିଲି, ପ୍ଲଟ୍ ନଂ.: ୭୮୫/୯୧୯/୧୨୪୫, କ୍ଷେତ୍ର: ଏକର୦.୪୦ଡିସିମିଲି, ପ୍ଲଟ୍ ନଂ.: ୭୮୫/୮୭୧/୧୨୪୪, କ୍ଷେତ୍ର: ଏକର୦.୨୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୨.୫୪ଡିସିମିଲି,** କିସମ: କାରଖାନା | ୧୯.୦୧.୨୦୧୪ ସୁଦ୍ଧା ଟ.୭,୨୬,୬୭,୩୧୭/- + ୨୦.୦୧.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ)ଟ.୩୯,୦୦,୦୦୦/- / ଟ.୩,୯୦,୦୦୦/-; (ଖ)ଟ.୨୨,୦୦,୦୦୦/- / ଟ.୨,୨୦,୦୦୦/-; (ଗ)ଟ.୩୩,୦୦,୦୦୦/- / ଟ.୩,୩୦,୦୦୦/- / ୨୦.୦୧.୨୦୧୪ |
| ୭. | **ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ.,** କାରଖାନା: ସା: କୁଟୁଗାଁ, ପୋ: ଚିପିଦ୍ରା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ରେଜିଷ୍ଟ୍ରେଡ୍ ଅଫିସ: ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା। | **ଜାମିନ୍ଦାରମାନେ/ବନ୍ଧକଦାତାମାନେ: ୧) ଶ୍ରୀ ମହେଶ କୁମାର ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **୨) ଶ୍ରୀ ଗଣେଶ କୁମାର ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **୩) ଶ୍ରୀମତୀ ଶକୁନ୍ତଳା ଦେବୀ,** ସ୍ୱାମୀ: ୰ ଲକ୍ଷ୍ମୀ ନାରାୟଣ ଶର୍ମା, **ଜାମିନ୍ଦାରମାନେ: ୧) ଶ୍ରୀମତୀ ଜୟନ୍ତୀ ଶର୍ମା,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ କମଳ ଶର୍ମା, **୨) ଶ୍ରୀମତୀ ପଦ୍ମା ଉପାଧ୍ୟାୟ,** ପିତା: ୰ ଲକ୍ଷ୍ମୀ ନାରାୟଣ ଶର୍ମା ଏବଂ ସ୍ୱାମୀ: ଶ୍ରୀ ଘନଶ୍ୟାମ ଉପାଧ୍ୟାୟ, **କର୍ପୋରେଟ୍ ଜାମିନ୍ଦାରମାନେ: ୧) ମେସର୍ସ ଉତ୍କଳ ମିନେରାଲ୍ସ, ୨) ମେସର୍ସ ଆଶା ଟ୍ରେଡିଙ୍ଗ କୋ.** | ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ଶ୍ରୀ ମହେଶ କୁମାର ଶର୍ମା ଶ୍ରୀମତୀ ଶକୁନ୍ତଳା ଦେବୀ ଶ୍ରୀ ଗଣେଶ କୁମାର ଶର୍ମା | (କ) ମେସର୍ସ ଶ୍ରୀ ଗଣେଶ ସ୍ପଞ୍ଜ ଆଇରନ୍ ପ୍ରା. ଲିଃ. ର କାରଖାନା। ପରିସରରେ ଗଚ୍ଛିତ ଥିବା କୋଇଲା, କୋଇଲା ଫାଇନ୍ସ, ଆଇରନ୍ ଓ୍ୱର ଫାଇନ୍ସ, କାରଖାନା, ଯନ୍ତ୍ରପାତି ଏବଂ କାରଖାନା ସେଡ୍ସ (ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଆର୍ଥିକ ସହାୟତା ପ୍ରାପ୍ତ), ୨୦୦ ଟିପିଡି ସ୍ପଞ୍ଜ ଆଇରନ୍ କାରଖାନା, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ, ଆଇରନ୍ ଓର କ୍ରସର, ଇଣ୍ଡକ୍ସନ୍ ଫର୍ଣ୍ଣେସ ରୋଲିଂ ମିଲ୍ ଅନ୍ୟାନ୍ୟ କଳକବଜା ଯନ୍ତ୍ରପାତି ଏବଂ ସେଡ୍ ସହିତ ଫ୍ୟାକ୍ଟ୍ରି ଜମି, ଗୃହ, ଶ୍ରମିକ ଘର, କ୍ୟାଣ୍ଟିନ୍, ପାଣିଟାଙ୍କି, ବାଉଣ୍ଡରି ଇତ୍ୟାଦି ଯାହାର ମୌଜା: କୁଟୁଗାଁ, ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୩, ୬୪୪, ୬୪୬, ୬୪୭/୧୪୭୯, ୬୭୫, ୬୪୮/୧୨୯୩, ୭୨୮, ଯଥାକ୍ରମେ କ୍ଷେତ୍ର: ଏକର ୧.୬୫, ୦.୩୧, ୧.୬୪, ୦.୫୬, ୧.୧୭, ୦.୨୪, ୦.୭୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭, ପ୍ଲଟ୍ ନଂ.: ୬୩୬, ୬୩୭, ୬୨୮, ଯଥାକ୍ରମେ କ୍ଷେତ୍ର: ଏକର ୦.୩୯, ୦.୬୦, ୦.୭୨ ଡିସିମିଲି, ପୁରୁଣା ଖାତା ନଂ.: ୮୫, ପ୍ଲଟ୍ ନଂ.: ୬୪୨, ୬୪୮, ୭୨୮/୧୩୬୨, ୬୪୩/୧୩୬୩, ୬୪୩/୧୩୬୪, ୬୪୬/୧୩୬୫, ୬୪୭/୧୩୬୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୦, ୦.୧୯, ୦.୩୩, ୦.୩୮, ୦.୨୭, ୦.୪୮, ୦.୩୮ ଡିସିମିଲି, ପୁରୁଣା ଖାତା ନଂ.: ୪୪, ପ୍ଲଟ୍ ନଂ.: ୬୭୩, କ୍ଷେତ୍ର: ଏକର ୦.୫୧ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୬୪୭, କ୍ଷେତ୍ର: ଏକର ୦.୨୦ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୩, ପ୍ଲଟ୍ ନଂ.: ୬୭୪/୧୪୭୦, କ୍ଷେତ୍ର: ଏକର ୦.୧୫ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୨, ପ୍ଲଟ୍ ନଂ.: ୬୭୪/୧୪୬୯, କ୍ଷେତ୍ର: ଏକର ୦.୫୦ ଡିସିମିଲି, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୬୭୪/୧୪୮୦, ୭୨୯, ୬୭୬, ୬୭୪/୧୪୮୧, ଯଥାକ୍ରମେ କ୍ଷେତ୍ର: ଏକର ୧.୬୭, ୧.୧୩, ୦.୫୪, ୦.୫୦ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୪, ପୁରୁଣା ଖାତା ନଂ.: ୭୩, ପ୍ଲଟ୍ ନଂ.: ୭୨୪, ୭୨୫, ଯଥାକ୍ରମେ କ୍ଷେତ୍ର: ଏକର ୦.୧୧, ୦.୩୫ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୪୭/୩, ପୁରୁଣା ଖାତା ନଂ.: ୪୫, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର ୦.୨୩ ଡିସିମିଲି, ପୁରୁଣା ଖାତା ନଂ.: ୧୨୭/୩୬, ପ୍ଲଟ୍ ନଂ.: ୬୪୭/୧୪୭୧, କ୍ଷେତ୍ର: ଏକର ୦.୩୫ ଡିସିମିଲି, ପୁରୁଣା ଖାତା ନଂ.: ୩୨, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର ୦.୪୬ ଡିସିମିଲି, ପୁରୁଣା ଖାତା ନଂ.: ୭୫, ପ୍ଲଟ୍ ନଂ.: ୭୩୨, ୭୩୫, ୭୩୬, ଯଥାକ୍ରମେ କ୍ଷେତ୍ର: ଏକର ୦.୩୪, ୦.୩୬, ୦.୫୩ ଡିସିମିଲି, ପୁରୁଣା ଖାତା ନଂ.: ୩୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୩୦, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୩୧ ଡିସିମିଲି, ପୁରୁଣା ଖାତା ନଂ.: ୧୭, ପ୍ଲଟ୍ ନଂ.: ୬୭୮(ଅଂଶ), ୬୭୯(ଅଂଶ), ୭୨୬, ଯଥାକ୍ରମେ କ୍ଷେତ୍ର: ଏକର ୦.୫୧, ୦.୩୧, ୦.୧୭ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୪, ପୁରୁଣା ଖାତା ନଂ.: ୨୯, ପ୍ଲଟ୍ ନଂ.: ୬୫୬, କ୍ଷେତ୍ର: ଏକର ୦.୪୨ ଡିସିମିଲି, ମ୍ୟୁଟେସନ୍ ଖାତା ନଂ.: ୧୨୭/୫୩, ପୁରୁଣା ଖାତା ନଂ.: ୩୮, ପ୍ଲଟ୍ ନଂ.: ୭୭୫, କ୍ଷେତ୍ର: ଏକର ୨.୨୬ ଡିସିମିଲି, ପୁରୁଣା ଖାତା ନଂ.: ୪୦, ପ୍ଲଟ୍ ନଂ.: ୭୨୩, କ୍ଷେତ୍ର: ଏକର ୦.୮୦ ଡିସିମିଲି, କିସମ: ଶିଳ୍ପାଞ୍ଚଳ, **ସମୁଦାୟ କ୍ଷେତ୍ର : ଏକର ୨୩.୮୯ ଡିସିମିଲି। (ଖ) ଶ୍ରୀମତୀ ଶକୁନ୍ତଳା ଦେବୀଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କମରଯୋଡା, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୭୪/୨୩୦, ପୁରୁଣା ଖାତା ନଂ.: ୧୭୪/୧୨୬, ପ୍ଲଟ୍ ନଂ.: ୨୯୭/୧୪୩୭, ୧୨୨୩/୧୪୩୮, ଯଥାକ୍ରମେ କ୍ଷେତ୍ର: ଏକର ୦.୦୧୨ ଡିସିମିଲି, ଏକର ୦.୦୪୫ ଡିସିମିଲି, ପୁରୁଣା ଖାତା ନଂ.: ୧୭୪/୧୮୫, ପ୍ଲଟ୍ ନଂ.: ୧୨୨୩/୧୪୭୮, ୨୯୭/୧୪୭୯, ଯଥାକ୍ରମେ କ୍ଷେତ୍ର: ଏକର ୦.୦୨୫, ୦.୦୧୮ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦୦ଡିସିମିଲି,** କିସମ: ଘରବାରି (ଏହା ଶକୁନ୍ତଳା ଦେବୀ ଏବଂ ଗଣେଶ କୁମାର ଶର୍ମାଙ୍କ ଗୃହ ଋଣ ନିମନ୍ତେ ବନ୍ଧକ ସମ୍ପ୍ରସାରିତ କରାଯାଇଅଛି)। **(ଗ) ଶ୍ରୀ ମହେଶ କୁମାର ଶର୍ମା**ଙ୍କ ନାମରେ ଖାଲି ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୨, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧, କ୍ଷେତ୍ର: ଏକର ୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। **(ଘ) ଶ୍ରୀ ଗଣେଶ କୁମାର ଶର୍ମା**ଙ୍କ ନାମରେ ଥିବା ଜମି ଯାହାର ମୌଜା: ଜଜାଙ୍ଗ, ସା/ପୋ: ଯୋଡା, ଜିଲ୍ଲା: କେନ୍ଦୁଝର, ମ୍ୟୁଟେସନ୍ ଖାତା ନଂ.: ୧୫୧/୮୧, ପୁରୁଣା ଖାତା ନଂ.: ୭୨, ପ୍ଲଟ୍ ନଂ.: ୪୨୧/୧୭୧୫, କ୍ଷେତ୍ର: ଏକର୧.୪୪ଡିସିମିଲି, କିସମ: ଶିଳ୍ପାଞ୍ଚଳ। | ୩୧.୦୩.୨୦୧୩ ସୁଦ୍ଧା ଟ.୪୨,୪୩,୪୬,୮୬୧/- + ୦୧.୦୪.୨୦୧୩ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | (କ) ଟ.୨୦,୬୮,୦୦,୦୦୦/- ଟ.୨,୦୬,୮୦,୦୦୦/-; (ଖ)ଟ.୧,୬୯,୦୦,୦୦୦/- ଟ.୧୬,୯୦,୦୦୦/-; (ଗ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/-; (ଘ) ଟ.୬୩,୦୦,୦୦୦/- ଟ.୬,୩୦,୦୦୦/- / ୨୪.୦୪.୨୦୧୩ |

* କାରଖାନା, ଯନ୍ତ୍ରପାତି, ସେଡ୍ ଏବଂ ଷ୍ଟକ୍ରୁ ସଫଳ ବିକ୍ରୟ ପରେ ଜମି ଏବଂ ଗୃହ ଆଦି ସମ୍ପତ୍ତିର ବିକ୍ରୟ ବିଚାର କରାଯିବ।

**ବିଡ୍ ବୃଦ୍ଧି ପରିମାଣ: ସମ୍ପତ୍ତି କ୍ର. ନଂ. ୩, ୪(କ)୨), ୪(ଖ)୧), ୪(ଖ)୨), ୪(ଗ), ୬(କ), ୬(ଖ), ୬(ଗ), ୭(ଗ) ଏବଂ ୭(ଘ) ନିମନ୍ତେ - ଟ.୧୦,୦୦୦/- ଏବଂ ଅନ୍ୟ ସମ୍ପତ୍ତିଗୁଡ଼ିକ ନିମନ୍ତେ - ଟ.୫୦,୦୦୦/-**

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୫.୦୨.୨୦୧୯ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା**

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ୍-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.** ର ୱେବସାଇଟ **https://bankeauctions.com** ମାଧ୍ୟମରେ ଉପରଦର୍ଶିତ ତା୨୭.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://bankeauctions.com** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନକମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30802030269, Name of the A/C.: SBI, SAMB, Bhubaneswar, Name of the Beneficiary: State Bank of India, IFSC Code No.: SBIN0009025** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SAMB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana, Helpline Nos. 0124-4302020/21/22/23/24, 7291981124/25/26, Helpline No.: +91-124-4302000(Gurgaon), Mr. Kingshuk Ghosh: +91-9836311889 (Kolkata), Helpline E-mail Id: support@bankeauctions.com, kolkata@c1india.com** ଠାରୁ ପ୍ରାପ୍ତ କରିପାରିବେ ଏବଂ ସମ୍ପତ୍ତି ସମ୍ବନ୍ଧିୟ ଯେକୌଣସି ସୂଚନା ନିମନ୍ତେ **Authorised Officer, State Bank of India, Contact No.: 9437101649, 9437018948, 9437186669, Email ID: sbi.10130@sbi.co.in** ରେ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରନ୍ତୁ।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଠାରେ **ତା୨୫.୦୨.୨୦୧୯ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://bankeauctions.com** ରେ ଅନ୍ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜ୍ମେଣ୍ଟ ଶାଖା, ଭୁବନେଶ୍ୱର**ଙ୍କ ଦ୍ୱାରା ଚିହ୍ନଟ କରାଯିବ। **M/s C1 India Pvt. Ltd., Udyog Vihar, Phase-2, Gulf Petrochem Building, Building No. 301, Gurgaon, Haryana**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **ସମ୍ପତ୍ତି କ୍ର.ନଂ. ୧ ନିମନ୍ତେ- Mob.: 9437065856, ସମ୍ପତ୍ତି କ୍ର.ନଂ. ୨ ଏବଂ ୩ ନିମନ୍ତେ - Mob: 8658562113, ସମ୍ପତ୍ତି କ୍ର.ନଂ. ୪, ୫ ଏବଂ ୬ ନିମନ୍ତେ - Mob: 8658562113 ଏବଂ ସମ୍ପତ୍ତି କ୍ର.ନଂ. ୭ ନିମନ୍ତେ- Mob: 7377977178** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s C1 India Pvt. Ltd.**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତୃଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s C1 India Pvt. Ltd.** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍ଟି, ଆସେସମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୫) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୬) **ଏହି ବିଜ୍ଞପ୍ତି ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଏକ ୧୫ ଦିନିଆ ନୋଟିସ୍ ଅଟେ।**

ତାରିଖ : ୧୧.୦୨.୨୦୧୯
ସ୍ଥାନ : ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ମାଓବାଦୀ ମିଲିସିଆ ଗିରଫ

### ହାତିବାରୀ ସରପଞ୍ଚଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତି

କୋରାପୁଟ, ୧୧।୨ (ସ୍ୱ.ପ୍ର)-କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଞ୍ଚଳରୁ ସୋମବାର ମାଓବାଦୀ ମିଲିସିଆ ଆପ୍ପନା ସେଡ଼ାଙ୍କୁ ଗିରଫ କରାଯାଇଥିବା ଏସ୍‌ପି କନୱ୍ୱର ବିଶାଳ ସିଂ ସୂଚନା ଦେଇଛନ୍ତି। ଗିରଫ ଆପ୍ପନା ପାଡୁଆ ଥାନା ଅନ୍ତର୍ଗତ ବାଳିଆଗୁଡ଼ା ଗ୍ରାମର ସିମନା ସେଡ଼ାଙ୍କ ପୁଅ। ସେ ନନ୍ଦପୁର ଏରିଆ କମିଟି ସଦସ୍ୟ ରହିଛନ୍ତି। ୨୦୧୭ରେ ନନ୍ଦପୁର ବ୍ଲକ୍ ହାତିବାରୀ ପଞ୍ଚାୟତ ସରପଞ୍ଚ ଜଗନ୍ନାଥ ଖରାଙ୍କ ହତ୍ୟାକାଣ୍ଡରେ ଆପ୍ପନା ଜଡ଼ିତ ଥିବା ପୋଲିସ ସନ୍ଦେହ କରୁଛି। ଏନେଇ ସେତେବେଳେ ପାଡୁଆ ଥାନାରେ ୬୮/୧୭ରେ ଏକ ମାମଲା ରୁଜୁ ହୋଇଥିଲା। ଆପ୍ପନାଙ୍କୁ ପୋଲିସ ପ୍ରାଥମିକ ଜେରା କରିଛି।

## ଆଜି ଭାଜପାର ଢେଙ୍କାନାଳ ବନ୍ଦ

ଢେଙ୍କାନାଳ ଅଫିସ, ୧୧।୨-ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ମଙ୍ଗଳବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ପାଳନ କରାଯିବ। ଆବଶ୍ୟକ ସୁବିଧା ନ ଥାଇ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର, ଡାକ୍ତର ଅଭାବ, ଅତ୍ୟାଧୁନିକ ମେଶିନ ରୋଗୀସେବାରେ ନ ଲାଗିବା, ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀ ଉପକୃତ ନ ହେବା ପ୍ରତିବାଦରେ ଢେଙ୍କାନାଳ ବନ୍ଦ କରାଯାଉଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ସଙ୍କଟରେ ବନ୍ୟପ୍ରାଣୀ ବାଦୁଡ଼ି

**ମାଲକାନଗିରି, ୧୧।୨ (ଡି.ଏନ୍.ଏ.)**

ସ୍ତନ୍ୟପାୟୀ ପକ୍ଷୀ ଭାବେ ପରିଚିତ ବାଦୁଡିଙ୍କ ବଂଶ ବୃଦ୍ଧିରେ ଏବେ ସମସ୍ୟା ଉପୁଜିଛି। ସଙ୍କଟରେ ରହିଛି ଏବେ ସେମାନଙ୍କ ଜୀବନ। ଏହି ରାତ୍ରିଚର ସ୍ତନ୍ୟପାୟୀ ପ୍ରାଣୀ ପୂର୍ବରୁ ଜଙ୍ଗଲରେ ଥିବା ଜଳାଶୟ ନିକଟସ୍ଥ ବଡବଡ ଗଛ ଉପରେ ଦିନବେଳା ବିଶ୍ରାମ ନେଇଥାନ୍ତି। ସନ୍ଧ୍ୟା ପରେ ଏମାନେ ଦଳ ଦଳ ହୋଇ ନିଜର ଖାଦ୍ୟ ସଂଗ୍ରହ ପାଇଁ ବାହାରିଥାନ୍ତି। ଗୋଟିଏ ରାତି ମଧ୍ୟରେ ୫୦ରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟ ଯାଇଥାନ୍ତି। ସୂର୍ଯ୍ୟୋଦୟ ପୂର୍ବରୁ ନିଜ ବାସସ୍ଥଳିକୁ ଫେରି ଆସନ୍ତି। ଏମାନଙ୍କ ମୁଖ୍ୟ ଖାଦ୍ୟ ହେଲା ବିଭିନ୍ନ ଗଛର ଫଳ। ବର୍ତ୍ତମାନ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଜଳାଶ୍ରୟ ଏବଂ ଝରଣା ନ ଥିବା ଏବଂ ବଡବଡ ବୃକ୍ଷ ହ୍ରାସ ଯୋଗୁ ସେମାନଙ୍କ ବାସସ୍ଥଳି ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଫଳରେ ବାଦୁଡି ସଂଖ୍ୟା ପୂର୍ବାପେକ୍ଷା କମ୍ ଦୃଷ୍ଟିଗୋଚର ହେଉଛି। ଏବେ ବାଦୁଡିମାନେ ସହରାଞ୍ଚଳରେ ଥିବା ବଡବଡ ବୃକ୍ଷ ଓ ଜଳାଶ୍ରୟ ନିକଟରେ ଦିନବେଳା ବସା ବାନ୍ଧି ରହୁଛନ୍ତି। ମାଲକାନଗିରି ଜିଲା ସଦର ମହକୁମା ପି.ଡବ୍ଲ୍ୟୁ.ଡି. କଲୋନୀ ଓ ସାପ୍ତାହିକ ବଜାର ପରିସରରେ ଥିବା ପ୍ରାୟ ୧୦ ଏକର ପରିମିତ ଜମିରେ ୩୦ରୁ ଊର୍ଦ୍ଧ୍ୱ ଗଛରେ ଏମାନେ ଦିନବେଳା ବସା ବାନ୍ଧି ରହୁଥିବା ବେଳେ ସନ୍ଧ୍ୟାରେ ଖାଦ୍ୟ ଅନ୍ୱେଷଣରେ ଯାଇଥାନ୍ତି। ତେବେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଏମାନେ ବର୍ତ୍ତିପାରନ୍ତି ନାହିଁ। ଶିକାରୀମାନେ ଦିନବେଳା ଛିଟିକିଣି ଏବଂ ଆଖପାଖ ଅଞ୍ଚଳରେ ଥିବା ପିଜୁଳି ଏବଂ ଅମୃତଭଣ୍ଡା ଗଛରେ ଜାଲ ବାନ୍ଧି ଏମାନଙ୍କୁ ଶିକାର କରଥାନ୍ତି। ସୁସ୍ୱାଦୁ ରୂପେ ପରିଚିତ ବାଦୁଡି ମାଂସ ବାତ ଓ ଶ୍ୱାସ ରୋଗୀଙ୍କ ପାଇଁ ଔଷଧ ରୂପେ କାମ କରିଥାଏ । ଗତବର୍ଷ ମାଲକାନଗିରି ବନ ବିଭାଗ ନିକଟସ୍ଥ ଏମ୍.ଭି.– ୪୨ ଗ୍ରାମରେ କେତେକ ଶିକାରୀ ବାଦୁଡିଙ୍କୁ ଧରି ବିକ୍ରି କରୁଥିବା ଦୃଷ୍ଟିକୁ ଆସିବା ପରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଚଳିତ ବର୍ଷ ଗ୍ରୀଷ୍ମ ଆରମ୍ଭରୁ ଏହି ବାଦୁଡିମାନେ ଦିନବେଳା ଆକାଶରେ ବୁଲି ନିକଟସ୍ଥ ବାଲିସାଗରକୁ ଝାମ୍ପ ଦେଇ ପାଣି ପିଉଥିବା ଦେଖିବାକୁ ମିଳୁଛି। ଏକକାଳୀନ ୫୦ରୁ ୧୦୦ ବାଦୁଡି ବାଲିସାଗର ପୋଖରୀ ଉପରେ ବୁଲି ପାଣି ପିଉଥିବା ବେଳେ ଛିଟିକିଣି ମାରି ଏମାନଙ୍କୁ ଘଉଡାଇବା ଏବଂ ମାରିବା ପାଇଁ ଅନେକ ଶିକାରୀ ସବୁ ସମୟରେ ପୋଖରୀ ଚାରିପଟେ ବୁଲୁଛନ୍ତି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ବାଦୁଡି ଏଠାରେ ଦେଖିବାକୁ ମିଳେ। ବାଦୁଡିଙ୍କ ସୁରକ୍ଷା ସମ୍ପର୍କରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାଦୁଡି ଶିକାର ପାଇଁ କେତେକ ଶିକାରୀଙ୍କ ନଜର ସର୍ବଦା ରହି ଆସିଛି। ଚଳିତବର୍ଷ ବନ ବିଭାଗ ଏମାନଙ୍କ ସୁରକ୍ଷା ପାଇଁ ଦିନବେଳା ସମ୍ପୃକ୍ତ ଅଞ୍ଚଳରେ ପହରା ଦେବା ପାଇଁ ଜଙ୍ଗଲ ସୁରକ୍ଷା ସ୍କ୍ୱାଡ ଗଠନ କରିଛି। ରାତ୍ର ବେଳା ଯେପରି କୌଣସି ଶିକାରୀ ଏହି ଅଞ୍ଚଳକୁ ନ ଆସନ୍ତି, ଜାଲ କିମ୍ବା ଛିଟିକିଣି ଦ୍ୱାରା ବାଦୁଡିଙ୍କୁ ନ ମାରିପାରନ୍ତି ସେଥିପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ରଖାଯାଇଛି। ବାଦୁଡି ମାରି କୌଣସି ଶିକାରୀ ଧରାପଡିଲେ ସେମାନଙ୍କ ବିରୋଧରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାଦୁଡିଙ୍କ ସୁରକ୍ଷା ପାଇଁ ସାପ୍ତାହିକ ହାଟରେ ମଧ୍ୟ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ନାୟକ କହିଛନ୍ତି।


ଗଛରେ ଝୁଲି ରହିଥିବା ବାଦୁଡ଼ି ।

**ସୁରକ୍ଷା ନ ଦେଲେ ବିଲୁପ୍ତ ସମ୍ଭାବନା**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଳଥ ଡାଲି,**
**ଟିକିଏ ମାଗିଲେ ଦଉଥା ଡାଳି ।**

ଆଗକାଳରେ କୋଳଥ ଗରିବମାନଙ୍କର ଖାଦ୍ୟ ରୂପେ ଗଣା ହେଉଥିଲା। ସହଜରେ ମିଳୁଥିବା ଓ ଅଳ୍ପ ଦାମିକିଆ ଜିନିଷ ଟିକିଏ ମାଗୁଥିଲେ ତାକୁ ବହୁତ ବା ଅଧିକ ଦେଲେ କିଛି କ୍ଷତି ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଂସା ଲୋଟା;**
**ଯାହା ହାବୁଡୁଛି ଅଣ୍ଟାକୁ ଉଠା ।**

ଚୋରର ପ୍ରକୃତି ଚୋରି କରିବା। ସୁବିଧା ସୁଯୋଗ ପାଇଲେ ଆଗପଛ କି ଭଲମନ୍ଦ ନ ବିଚାରି ଜିନିଷ ଉଠେଇନେବା ସେମାନଙ୍କ ଚିରାଚରିତ ଅଭ୍ୟାସ ହୋଇଥାଏ। ଯାହା ପାଉଛ ଧର ନୀତିରେ ଯେତେବେଳେ ଯାହା ମିଳୁଛି ତାକୁ ନେବା ଲାଗି ବ୍ୟାକୁଳ ହୋଇ ଉଠିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତୃଣମୂଳ ପ୍ରଶାସନରେ ବ୍ୟାପକ ଅଦଳବଦଳ

**ଭୁବନେଶ୍ୱର, ୧୧।୨ (ବ୍ୟୁରୋ)**

ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଶାସନିକସ୍ତରରେ ବ୍ୟାପକ ଅଦଳବଦଳ ଦେଖିବାକୁ ମିଳୁଛି। ଦୁଇଦିନ ତଳେ ସଂଖ୍ୟାଧିକ ଆଇଏଏସ୍ ଏବଂ ୩୭ ଓଏଏସ୍ ଅଧିକାରୀଙ୍କ ବଦଳି ହୋଇଥିଲା। ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ତୃଣମୂଳ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ନଂ.୪୭୬୫ ଅନୁଯାୟୀ, ୫୬ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ଏମାନଙ୍କ ମଧ୍ୟରେ ଉପଜିଲାପାଳ, ତହସିଲଦାର, ବିଡିଓଙ୍କ ନା ରହିଛି। ନୂତନ ସ୍ଥାନକୁ ତହସିଲଦାର ଭାବେ ବଦଳି ହୋଇଥିବା ଅଧିକାରୀଙ୍କ ମଧ୍ୟରେ ସ୍ନିଗ୍ଧାଛାୟା ମହାପାତ୍ର(ବାଲିଆପାଳ), ସୁସ୍ମିତା ଗୁଡୁ(ଓଡପଦା), ଅଶୋକ କୁମାର ମାଝି(କଣ୍ଟାବାଞ୍ଜି), ନୀଳାମ୍ବର ମହାନନ୍ଦ(ଉଲୁଣ୍ଡା), ବିଶ୍ୱରଞ୍ଜନ କର(ଘଟଗାଁ), ଦୀପ୍ତିରେଖା ପାତ୍ର(ବାଲିକୁଦା) ଏବଂ ସୌଦାମିନୀ ସାହୁ(ପରଜଙ୍ଗ) ପ୍ରମୁଖ। ସେହିପରି ବିଜ୍ଞପ୍ତି ନଂ.୪୭୫୯ ଅନୁଯାୟୀ ୧୦ ଅଧିକାରୀଙ୍କୁ ନୂତନ ସ୍ଥାନକୁ ବଦଳି କରାଯାଇଛି। ସେମାନେ ହେଉଛନ୍ତି ଅଶୋକ କୁମାର ଗଡ଼ତିଆ, ସୋନା ଗୁଡୁ, ସୁଧାକର ସାମନ୍ତରାୟ, ଅନିତା ପାତ୍ର, ଜୟନ୍ତୀ କୁମାର ପୃଷ୍ଟି, ଅଭିମନ୍ୟୁ ମାଝି, ଲଙ୍କେଶ୍ୱର ଅମାତ, ସରୋଜ କୁମାର ବେହେରା, ଦାମୋଦର ଖୁଣ୍ଟିଆ ଏବଂ ସୁଷମା ବାରିକ। ଅନୁରୂପ ଭାବେ ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟରତ ୨୮ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। ସେମାନେ ହେଉଛନ୍ତି ନାରାୟଣ ଚନ୍ଦ୍ର ନାଏକ, କିଶୋର ପଣ୍ଡା, ପ୍ରିୟଦର୍ଶିନୀ ମିର୍ଦ୍ଧା, ବସନ୍ତ କୁମାର ମାଝି, ଡ. ମାନି ପ୍ରସାଦ ମିଶ୍ର, ଅନୁପମା ଘୋଷ, ପ୍ରଣବ କୁମାର ଚାନ୍ଦ, ରଞ୍ଜିତା ମେରୀ ନାୟକ ଏବଂ ଡ. ଶୁଭଶ୍ରୀ ତ୍ରିପାଠୀ ପ୍ରମୁଖ।

### ସୋହେଲା ଅଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର ପ୍ରସଙ୍ଗ

## ୧୪ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ପଦ ଛାଡନ୍ତୁ କହିଲା କଂଗ୍ରେସ

**ଭୁବନେଶ୍ୱର, ୧୧।୨ (ବ୍ୟୁରୋ):**

ସୋହେଲା ଥାନା ଅନ୍ତର୍ଗତ ମେଲଛାମୁଣ୍ଡାର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଘଟଣା ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ଏହି ଘଟଣାରେ ଜଣେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତିରୁ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ପ୍ରମାଣିତ ହେଉଛି। ଏହିଭଳି ଏକ ସ୍ପର୍ଶକାତର ଘଟଣା ସାରା ଦେଶର ଚହଳ ସୃଷ୍ଟି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଗୋଟିଏ ଦିନ ଶାସନରେ ରହିବାର ଅଧିକାର ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ନାରା କେବଳ ପ୍ରତାରଣା। ପ୍ରତିଦିନ ରାଜ୍ୟରେ ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଆପରାଧିକ ଘଟଣା ଘଟି ଚାଲିଛି। ତଥାପି ମଧ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି। ଏହା ପୂର୍ବରୁ ବହୁ ଘଟଣା ଘଟିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ରାଜନୈତିକ ଚାପ କାରଣରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ ସୋହେଲାରେ ବଳାତ୍କାର କରିଥିବା ଅଭିଯୁକ୍ତ କେଉଁ ଦଳର କର୍ମୀ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଜଣେ ସାଧାରଣ ବ୍ୟକ୍ତି କୌଣସି ରାଜନୈତିକ ଦଳର ପୃଷ୍ଠପୋଷକତା ନ ଥିଲେ ପୋଲିସ ଅଧିକାରୀଙ୍କ ଭଡାଘର ଚାବିକୁ କିପରି ନେଲା ଏହା ତଦନ୍ତ ସାପେକ୍ଷ। ଏଥିରୁ ଅନୁମେୟ ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ମୁଖ୍ୟମନ୍ତ୍ରୀ ନିଜ ପଦବୀରେ ରହିବାର ନୈତିକ ଅଧିକାର ହରାଇଛନ୍ତି ବୋଲି ପଞ୍ଚାନନ କହିଛନ୍ତି। ଆସନ୍ତା ୧୪ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ପ୍ରଦାନ ନ କଲେ ମହିଳା କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଘୋଷଣା କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ୨୦୧୭ରେ ରାଉରକେଲାର ଜଣେ ୧୬ ବର୍ଷୀୟା ନାବାଳିକାକୁ ରାଜସ୍ଥାନରେ ବିକ୍ରି କରାଯାଇଥିଲା। ନାବାଳିକାଙ୍କୁ ସେଠାର ପୋଲିସ ଓଡିଶାକୁ ପଠାଇଥିଲା। ହେଲେ ଓଡିଶା ପୋଲିସ ତାକୁ ସୁରକ୍ଷା ଦେଇପାରି ନ ଥିଲା। କିନ୍ତୁ ନାବାଳିକାର ପିତା ଦିଲ୍ଲୀ ପୋଲିସ ପାଖରେ ଅଭିଯୋଗ କଲାପରେ ସେଠାର ପୋଲିସ ଅଧିକାରୀ ନାବାଳିକାକୁ ଉଦ୍ଧାର କରିଥିଲା। ଏଥିରୁ ହିଁ ରାଜ୍ୟରେ କିଭଳି ଭାବେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ସରକାର ଅବହେଳା କରୁଛନ୍ତି ତାହା ଜଣାପଡୁଛି ବୋଲି ସୁମିତ୍ରା କହିଛନ୍ତି।

# ଭାଜପାର ଜନଅଦାଲତ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୧୧।୨ (ବ୍ୟୁରୋ):**

ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି, ଭ୍ରଷ୍ଟାଚାରଠାରୁ ଆରମ୍ଭ କରି ପ୍ରିୟାପ୍ରୀତି ତୋଷଣ ପର୍ଯ୍ୟନ୍ତ ସବୁର ଏକ ଲମ୍ବା ତାଲିକା ପ୍ରସ୍ତୁତ ହୋଇଛି। ଉକ୍ତ ତାଲିକାରେ ଦୁର୍ନୀତିର ଚେର ପଞ୍ଚାୟତ, ବ୍ଲକ ଓ ସଚିବାଳୟ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଛି। ପୌର ପରିଷଦରୁ ମ୍ୟୁନିସିପାଲିଟି ପର୍ଯ୍ୟନ୍ତ ମଧ୍ୟ ଏହାର ଚେର ଲମ୍ବି ରହିଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଭଳି ସମସ୍ତ ଅନୁଷ୍ଠାନ ଗୁଡିକ ଦୁର୍ନୀତି ଏବଂ ଭ୍ରଷ୍ଟାଚାରରେ ଲିପ୍ତ ଅଛନ୍ତି ବୋଲି ଭାଜପା ଅଭିଯୋଗ ଆଣିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏହି ଲମ୍ବା ତାଲିକାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଭାଜପା ପକ୍ଷରୁ ଅଦାଲତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଯାହା ୧୧ଫେବୃୟାରୀରୁ ଆରମ୍ଭ ହୋଇ ୧୭ ପର୍ଯ୍ୟନ୍ତ ଚାଲିବ। ଏହି ଜନଅଦାଲତ କାର୍ଯ୍ୟକ୍ରମ ରାଜ୍ୟର ୨୧ ସଂସଦୀୟ ନିର୍ବାଚନମଣ୍ଡଳୀରେ କରାଯିବ । ଏହି କାର୍ଯ୍ୟକ୍ରମ ବେଳେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ଥାଣୁତା ଓ ଅପାରଗତାକୁ ସାମ୍ନାକୁ ଅଣାଯିବ। ସାଧାରଣ ଜନପ୍ରତିନିଧି ତଥା ବିଜେଡିର ବ୍ଲକ ଚେୟାରମ୍ୟାନଠାରୁ ଆରମ୍ଭ କରି ସରପଞ୍ଚ, ବିଧାୟକ ଏବଂ ସାଂସଦମାନଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଯୋଗୁ ସାଧାରଣ ଓଡିଆ ଲୋକେ କିପରି ଅବହେଳିତ ହୋଇଛନ୍ତି, ଏହାର ଏକ ୧୫ମିନିଟ୍‌ର ପ୍ରମାଣିକ ଚିତ୍ର ଲୋକମାନଙ୍କୁ ଦେଖାଯିବ । ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଏକ ପ୍ରତୀକ କୋର୍ଟ ରୁମର ପରିସର ମଧ୍ୟରେ ବସାଯାଇ ଜଣଙ୍କୁ ସାଙ୍କେତିକ ଭାବେ ଜଜ୍‌ଙ୍କୁ ବସାଯିବାର ବ୍ୟବସ୍ଥା କରାଯାଇଛି । ଉପସ୍ଥିତ ଜନସାଧାରଣ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଅଭିଯୋଗ କହିବେ। ବିଚାରପତି ତାହାର ଶୁଣାଣି କରିବେ। ପରେ ବିଚାରପତି ଓ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ସରକାର ପରିବର୍ତ୍ତନ କରିବାକୁ ଶପଥ ନେବେ। ଏହି କାର୍ଯ୍ୟକ୍ରମ ସୋମବାରଠାରୁ ବ୍ରହ୍ମପୁର, ପୁରୀ ଏବଂ କଳାହାଣ୍ଡିରେ ଅନୁଷ୍ଠିତ ହୋଇଛି। ୧୨ତାରିଖରେ ମୟୂରଭଞ୍ଜ, ସମ୍ବଲପୁର, କେନ୍ଦ୍ରାପଡା, ୧୩ରେ ଢେଙ୍କାନାଳ, ନବରଙ୍ଗପୁର, କେନ୍ଦୁଝର, ୧୪ରେ ବରଗଡ, କଟକ, କନ୍ଧମାଳ, ୧୫ରେ ବାଲେଶ୍ୱର, କୋରାପୁଟ, ସୁନ୍ଦରଗଡ, ୧୬ରେ ଭଦ୍ରକ ଓ ବଲାଙ୍ଗୀର ଏବଂ ୧୭ରେ ଭୁବନେଶ୍ୱର, ଯାଜପୁର, ଜଗତ୍‌ସିଂହପୁରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମୀର ସୂଚନା ଦେଇଛନ୍ତି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମର ଏକ ପୋଷ୍ଟର ରିଲିଜ କରାଯାଇଛି।



ଜନଅଦାଲତ କାର୍ଯ୍ୟକ୍ରମର ପୋଷ୍ଟର ରିଲିଜ କରାଯାଉଛି ।

# ମା'ଛେଉଣ୍ଡ ନାବାଳକଙ୍କୁ ଚେଙ୍କ


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଶିଶୁ।

**ରାଉରକେଲା ଅଫିସ, ୧୧।୨**

- ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି
- ଚିକିତ୍ସା ନାଁରେ ଶିଶୁଙ୍କୁ ନିର୍ଯାତନା

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଦମଦାପଡା ଗାଁ। ଏହି ଗାଁରେ ପୁଣି ଜଣେ ନାବାଳକଙ୍କୁ ଚିକିତ୍ସା ଆଳରେ ଚେଙ୍କ ଦିଆଯାଇଛି। ୭ ବର୍ଷର ଏହି ନାବାଳକଙ୍କ ପେଟରେ ୧୦ଟି ଚେଙ୍କ ଚିହ୍ନ ରହିଛି। ଚିକିତ୍ସା ନାଁରେ ଶିଶୁମାନଙ୍କୁ ଏପରି ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହେଉଥିଲେ ସୁଦ୍ଧା ଏ ନେଇ ଜିଲାପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି।

ସମ୍ପୃକ୍ତ ନାବାଳକ ଜଣକ ଜନ୍ମରୁ ସିକଲ୍‌ସିସ୍ ରୋଗରେ ପୀଡିତ ଥିଲେ। ମା'ଛେଉଣ୍ଡ ହୋଇଥିବାରୁ ବାପା ହାବିଲ ବାଗେ ତାଙ୍କୁ ପିଉସୀ ଘରେ ଛାଡି ଦେଇଥିଲେ। ଅଧିକାଂଶ ସମୟରେ ନାବାଳକର ପେଟ ଫୁଲି ରହୁଥିଲା। ଚିକିତ୍ସା କରାଯିବା ପରେ ବି ପିଲାଟି ସୁସ୍ଥ ହେଉ ନ ଥିଲା। ଦିନ ମଜୁରିଆ ଭାବେ କାମ କରୁଥିବା ହାବିଲ ଅର୍ଥାଭାବରୁ ପୁଅକୁ ଭଲ ଡାକ୍ତର ପାଖକୁ ନେବାକୁ ସାହସ ଜୁଟାଇ ପାରୁ ନ ଥିଲେ। ଏପରି ଅବସ୍ଥାରେ ପିଉସୀଙ୍କ କଥାରେ ଗତ ସୋମବାର ନାବାଳକଙ୍କୁ ଚେଙ୍କ ଦିଆଯାଇଥିଲା । ଏହା ପରେ ତାଙ୍କୁ ଜ୍ୱର ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ହାବିଲ ପୁଅକୁ ସୋମବାର ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଭର୍ତ୍ତି କରାଇଥିଲେ। ଏ ନେଇ ହାବିଲ କହିଛନ୍ତି, ଆମେ ଗରିବ ଲୋକ। ବଡ ଡାକ୍ତର କି ଅନ୍ୟ କୌଣସି ଡାକ୍ତରଖାନା ନେଇ ପୁଅର ଚିକିତ୍ସା କରାଇବା ସମ୍ଭବ ନୁହେଁ। ଅନିଚ୍ଛା ସତ୍ତ୍ୱେ ଅନ୍ୟ କଥାରେ ପଡି ଚେଙ୍କ ଚିକିତ୍ସାକୁ ଗ୍ରହଣ କରିଥିଲି। ଆଉ ଭୁଲରେ ସୁଦ୍ଧା ଏହି ଚିକିତ୍ସା ସହାୟତା ନେବୁ ନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଏଭଳି ଅନ୍ଧବିଶ୍ୱାସ ବିରୋଧରେ ରାଜ୍ୟ ସରକାରଙ୍କ ସଚେତନତା ସୃଷ୍ଟି କରୁଥିବା କହୁଥିବା ବେଳେ ବାସ୍ତବରେ ଏହା ଫେଲ ମାରିଥିବା ଏହି ଘଟଣାରୁ ଜଣାପଡୁଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ 6 ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474
7827246964
Add : - 41/14, Sec-1 Pushp Vihar, Delhi

ପ୍ରଯୋଜକ ବୋନି କପୁର ଇଜିପ୍ଟିଆନ୍ ଡ୍ରାମା 'ହେପ୍ଟାଃ ଦି ଲାଷ୍ଟ ଲେକ୍ଚର'ର ରିମେକ୍ ହିନ୍ଦି ଓ ଅନ୍ୟ ଭାରତୀୟ ଭାଷାରେ ପ୍ରସ୍ତୁତ କରିବା ପାଇଁ ଅଧିକାର ହାସଲ କରିଛନ୍ତି।



# ଗ୍ରାମୀ ଆୱାର୍ଡସରୁ ବାଦ୍ ପଡ଼ିଲେ ଫାଲ୍‌ଗୁନୀ, ପ୍ରଶାନ୍ତ

**ଲସ୍ ଏଞ୍ଜେଲସ୍:**

ଏଠାରେ ରବିବାର ଗ୍ରାମି ଆୱାର୍ଡସର ୬୧ତମ ସଂସ୍କରଣ ଆୟୋଜିତ ହୋଇଥିବା ବେଳେ ପୁରସ୍କାରରୁ ବାଦ୍ ପଡିଛନ୍ତି ମୂଳ ଭାରତୀୟ ଫାଲ୍‌ଗୁନୀ ଶାହ ଏବଂ ପ୍ରଶାନ୍ତ ମିସ୍ତ୍ରି। ଏଥିରେ ଭାରତରୁ ଯୋଗ ଦେଇଥିଲେ ଗ୍ରାମି ତଥା ଓସ୍କାର ବିଜୟୀ ବିଶିଷ୍ଟ ସଂଗୀତଜ୍ଞ ଏ.ଆର. ରେହମନ୍।

ଲଣ୍ଡନରେ ଅବସ୍ଥାପିତ ଭାରତୀୟ ସଂଗୀତ ପ୍ରଯୋଜକ ତଥା ଇଞ୍ଜିନିୟର ପ୍ରଶାନ୍ତ ମିସ୍ତ୍ରିଙ୍କ ଆଲବମ୍ 'ସିମ୍ବଲ' ଗ୍ରାମି ଆୱାର୍ଡସର ବେଷ୍ଟ ଇମର୍ସିଭ୍ ଅଡିଓ ଆଲବମ୍ ପାଇଁ ମନୋନୀତ ହୋଇଥିଲେ ହେଁ ଏହି ସମ୍ମାନ ପାଇଥିଲା 'ଆଇ ଇନ୍ ଦି ସ୍କାଏ-୩୫ତମ ଆନିଭର୍ସରି ଏଡିଶନ୍'। ଅପରପକ୍ଷରେ ଫାଲ୍‌ଗୁନୀଙ୍କ ଆଲବମ୍ 'ଫାଲୁସ୍ ବାଜାର' ବେଷ୍ଟ ଚିଲ୍‌ଡ୍ରେନ୍ସ ମ୍ୟୁଜିକ୍ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଏହି ପୁରସ୍କାର 'ଅଲ୍ ଦି ସାଉଣ୍ଡ୍ସ' ପାଇଁ ଲୁସି କାଲନ୍ତ୍ରି ଏବଂ ଜାଜ୍ କ୍ୟାଟ୍ସଙ୍କୁ ପ୍ରଦାନ କରାଯାଇଛି।



ଏହି ଅବସରରେ ରେହମନ୍, ରବିବାର ରାତିରେ ଉତ୍ସବ ଆରମ୍ଭ ପୂର୍ବରୁ ଏକ ଫଟୋଗ୍ରାଫ୍ ଟୁଇଟ୍ କରିଛନ୍ତି। ଏଥିରେ ସେ, ତାଙ୍କ କନ୍ୟା ରେହିମା ଏବଂ ଅନ୍ୟମାନେ ଅଛନ୍ତି। ସେଠାରୁ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଫଟୋ ପୋଷ୍ଟ କରି ଲକ୍ଷଲକ୍ଷ ପ୍ରଶଂସକଙ୍କୁ ଉତ୍ସବ ବିଷୟରେ ଜଣାଇଛନ୍ତି।

ବେଷ୍ଟ ପପ୍ ଭୋକାଲ ଆଲବମ୍ କାଟାଗୋରିରେ ସିଙ୍ଗର ଆରିଆନା ଗ୍ରାଣ୍ଡେ ପ୍ରଥମ ଗ୍ରାମି ଆୱାର୍ଡ ପାଇଛନ୍ତି। ଉକ୍ତ ଗାୟିକା ଉତ୍ସବ ସ୍ଥଳରେ ଉପସ୍ଥିତ ନ ଥିବାରୁ ରେକର୍ଡିଂ ଏକାଡେମୀ ତାଙ୍କ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସାଉଣ୍ଡଗାର୍ଡେନ ସିଙ୍ଗର କ୍ରିସ କର୍ନେଲ ତାଙ୍କ ସଂଗୀତ 'ହ୍ୱେନ୍ ବ୍ୟାଡ ଡଜ୍ ଗୁଡ୍' ପାଇଁ ମରଣୋତ୍ତର ଭାବେ ଏହି ପୁରସ୍କାର ଲାଭ କରିଛନ୍ତି। ସ୍ୱର୍ଗତ ଗାୟକ ବେଷ୍ଟ ରକ୍ ପରଫରମାନ୍ସ କାଟାଗୋରିରେ ବିଜୟୀ ହୋଇଥିଲେ ଏବଂ ପୁରସ୍କାର ଗ୍ରହଣ କରିଥିଲେ ତାଙ୍କ ଦୁଇ ସନ୍ତାନ ଟୋନି ଏବଂ କ୍ରିଷ୍ଟୋଫର। ଏହି ଅବସରରେ ପୂର୍ବତନ ଫାଷ୍ଟ ଲେଡି ମିଶେଲେ ଓବାମା ୨୦୧୯ ଗ୍ରାମୀ ପୁରସ୍କାର ଉତ୍ସବ ସ୍ଥଳରେ ଅଚାନକ ଉପସ୍ଥିତ ହୋଇ ଅତିଥି ସତ୍କାରକଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଜୀବନରେ ସଂଗୀତର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ ତାହା ବର୍ଣ୍ଣନା କରିଥିଲେ। ମିଶେଲେ(୫୫)ଙ୍କ ସହିତ ଗ୍ରାମି ପୁରସ୍କାର ବିଜୟୀ ଲେଡି ଗାଗା, ଜାଡା ପିଙ୍କେଟ ସ୍ମିଥ୍ ଏବଂ ଜେନିଫର ଲୋପେଜ୍‌ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସୋମବାର କାର୍ଡି ବି ପ୍ରଥମ ସୋଲୋ ୱମ୍ୟାନ ଭାବେ ବେଷ୍ଟ ରାପ୍ ଆଲବମ୍ ଗ୍ରାମି ଆୱାର୍ଡ ଜିଣିଛନ୍ତି। ସେହିପରି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟର ସ୍ପୋକନ୍ ୱାର୍ଡ ଆଲବମ୍ ପାଇଁ ଗ୍ରାମି ପୁରସ୍କାର ପାଇଛନ୍ତି। ବିଶିଷ୍ଟ ରେକର୍ଡ ପ୍ରଡ୍ୟୁସର କ୍ୱିନ୍ସ ଜୋନ୍ସ ତାଙ୍କ ଡକ୍ୟୁମେଣ୍ଟାରି 'କ୍ୱିନ୍ସି' ପାଇଁ ବେଷ୍ଟ ମ୍ୟୁଜିକ୍ ଫିଲ୍ମ କାଟାଗୋରିରେ ଗ୍ରାମି ପୁରସ୍କାର ବିଜୟୀ ହୋଇଛନ୍ତି।

# ଗଗନୟାନ ପାଇଁ ୧୦ ଜଣଙ୍କୁ ତାଲିମ





**ନୂଆଦିଲ୍ଲୀ:**


ଦେଶର ପ୍ରଥମ ମାନବଯୁକ୍ତ ମହାକାଶଯାନ କାର୍ଯ୍ୟକ୍ରମ 'ଗଗନୟାନ' ପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ବାୟୁସେନାକୁ ଦାୟିତ୍ୱ ଦେଇଛି। ବାୟୁସେନାର ୧୦ ଯବାନଙ୍କୁ ଏଥିପାଇଁ ତାଲିମ ପ୍ରଦାନ କରାଯିବ। ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍‌ଙ୍କ କହିବାନୁଯାୟୀ, ମହାକାଶଚାରୀ ଚୟନ ଓ ତାଲିମ ନିମନ୍ତେ ସବୁପ୍ରକାର ମାନଦଣ୍ଡ ଏବଂ ଆବଶ୍ୟକତା ନିର୍ଦ୍ଧାରଣ କରାଯାଇ ବାୟୁସେନାରେ ଦାଖଲ କରାଯାଇଛି। ବର୍ତ୍ତମାନ କ୍ରିଉ ମେମ୍ବର ଚୟନ ଓ ତାଲିମ ପାଇଁ ବାୟୁସେନା ସମ୍ପୂର୍ଣ୍ଣ କ୍ଷମତା ପାଇଛି। ମହାକାଶଚାରୀଙ୍କ ପ୍ରଥମ ଦୁଇ ସ୍ତରୀୟ ତାଲିମ ବାୟୁସେନାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ମେଡିସିନ୍ (ବେଙ୍ଗାଲୁରୁ)ଠାରେ ଅନୁଷ୍ଠିତ ହେବ ଏବଂ ଚୂଡାନ୍ତ ପର୍ଯ୍ୟାୟ ତାଲିମ ବିଦେଶରେ ହେବ। ୧୦ ତାଲିମପ୍ରାପ୍ତଙ୍କ ମଧ୍ୟରୁ ଚୂଡାନ୍ତ ପର୍ଯ୍ୟାୟରେ ୩ଜଣଙ୍କୁ ମହାକାଶ ଯାତ୍ରା ପାଇଁ ଚୟନ କରାଯିବ। ଦେଶ ବାହାରେ ତାଲିମ ପାଇଁ ରୁଷିଆ ଏବଂ ଫ୍ରାନ୍ସ ଭଳି ଦୁଇ-ତିନୋଟି ଦେଶ ଦୃଷ୍ଟିରେ ଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ଦେଶ ପକ୍ଷରୁ ଡକରା ଆସି ନ ଥିବା ଶିବନ୍ ପ୍ରକାଶ କରିଥିଲେ।

## ଇତିହାସର ଆଇନାରେ

### ଫେବୃୟାରୀ ୧୨ର ପ୍ରମୁଖ ଘଟଣା

୧୮୫୫ ଫେବୃୟାରୀ ୧୨ରେ ମିଶିଗାନ୍ ଷ୍ଟେଟ୍ ୟୁନିଭର୍ସିଟି ପ୍ରତିଷ୍ଠା ହୋଇଥିଲା। ଆମେରିକାର ମିଶିଗାନ୍‌ସ୍ଥିତ ଇଷ୍ଟ ଲାନ୍‌ସିଂଠାରେ ଅବସ୍ଥିତ ଏହା ଏକ ପବ୍ଲିକ୍ ରିସର୍ଚ୍ଚ ୟୁନିଭର୍ସିଟି। ଏହା ଦେଶର ପ୍ରଥମ ପ୍ରତିଷ୍ଠାନ, ଯେଉଁଠାରେ ବିଜ୍ଞାନଭିତ୍ତିକ କୃଷି ବିଷୟରେ ଉଚ୍ଚ ଶିକ୍ଷା ଦିଆଯାଏ। ମୋରିଲ ଆଇନ କାର୍ଯ୍ୟକାରୀ ହେବାପରେ ଉକ୍ତ ବିଶ୍ୱବିଦ୍ୟାଳୟରେ କୃଷି ବ୍ୟତୀତ ଅନ୍ୟାନ୍ୟ ବିଷୟକୁ ପାଠ୍ୟକ୍ରମରେ ସ୍ଥାନ ଦିଆଯାଇଥିଲା।

୨୦୦୪ ଫେବୃୟାରୀ ୧୨ରେ ସାନ୍‌ଫ୍ରାନ୍‌ସିସ୍କୋ ନଗରୀରେ ସମଲିଙ୍ଗୀଙ୍କ ବିବାହ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥିଲା। ସାନ୍‌ଫ୍ରାନ୍‌ସିସ୍କୋ ହେଉଛି ଉତ୍ତର କାଲିଫର୍ନିଆର ଏକ ସାଂସ୍କୃତିକ, ବ୍ୟବସାୟିକ ଏବଂ ଆର୍ଥିକ କେନ୍ଦ୍ର ଏବଂ ଆମେରିକାର ୧୩ତମ ଜନବହୁଳ ନଗରୀ। ୨୦୧୭ ସର୍ଭେ ଅନୁଯାୟୀ ଏହାର ଲୋକସଂଖ୍ୟା ୮,୮୪,୩୬୩।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୧.୫ |
| ଚାନ୍ଦବାଲି | ୨୭.୩ | ୧୪.୦ |
| କଟକ | ୨୯.୦ | ୧୨.୮ |
| ପାରାଦ୍ୱୀପ | ୨୬.୬ | ୧୫.୨ |
| ଭୁବନେଶ୍ୱର | ୨୯.୮ | ୧୩.୪ |
| ଗୋପାଳପୁର | ୨୯.୦ | ୧୭.୫ |
| ପୁରୀ | ୨୬.୨ | ୧୭.୦ |
| ଅନୁଗୋଳ | ୨୯.୧ | ୧୦.୦ |
| ବାରିପଦା | ୨୭.୪ | ୧୨.୦ |
| ଝାରସୁଗୁଡ଼ା | ୨୮.୨ | ୦୯.୫ |
| କେନ୍ଦୁଝର | ୨୬.୯ | ୧୦.୦ |
| ସମ୍ବଲପୁର | ୨୯.୬ | ୧୦.୯ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୨୮.୮ | ୧୨.୧ |
| ତାଳଚେର | ୨୯.୮ | ୧୪.୩ |
| ଭବାନୀପାଟଣା | ୩୦.୨ | ୧୧.୫ |
| ବଲାଙ୍ଗୀର | ୨୯.୬ | ୧୧.୦ |
| କୋରାପୁଟ | ୨୯.୬ | ୧୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୪.୬ | ୧୨.୨ |
| ସୋନପୁର | ୩୩.୮ | ୧୨.୬ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପିତାଙ୍କୁ ଉପହାର ଉତ୍ସର୍ଗ କଲେ ଅନୁପମ

**ମୁମ୍ବାଇ:** ବିଶିଷ୍ଟ ଅଭିନେତା ଅନୁପମ ଖେର୍‌ଙ୍କ ମେଡିକାଲ ଡ୍ରାମା ସିରିଜ୍ 'ନ୍ୟୁ ଆମଷ୍ଟରଡମ୍' ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ ଆଉଟଷ୍ଟାଣ୍ଡିଂ କାଷ୍ଟ ଆୱାର୍ଡ ଲାଭ କରିଛି। ଅନୁପମ ଏହି ପୁରସ୍କାର ସ୍ୱର୍ଗତ ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଆଟଲାଣ୍ଟାଠାରେ ରବିବାର ରାତିରେ ଅନୁପମ ଏହି ପୁରସ୍କାର ଲାଭ କରିଛନ୍ତି।

ଅନୁପମ ଏଥିରେ ଖୁସିହୋଇ ସୋସିଆଲ୍ ମିଡିଆରେ ଟୁଇଟ୍ କରିଛନ୍ତି। ସେଥିରେ ସେ ଲେଖିଛନ୍ତି, 'ପିତାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳନ ହେଉଥିବା ବେଳେ ତାଙ୍କୁ ଏହି ପୁରସ୍କାର ଉତ୍ସର୍ଗ କରୁଛି। ସେ ମୋର ସର୍ବୋତ୍ତମ ବନ୍ଧୁ ଏବଂ ଖୁବ୍ ବଡ ପ୍ରଶଂସକ।' ତାଙ୍କ ଘନିଷ୍ଠ ବନ୍ଧୁ ଅନିଲ କପୁର ମଧ୍ୟ ଟୁଇଟ୍ କରି ଲେଖିଛନ୍ତି, ଆମେ ଖୁବ୍ ଆନନ୍ଦ ଓ ଗର୍ବର ସହିତ ଆପଣଙ୍କ ଆସିବା ବାଟକୁ ଚାହିଁ ରହିଛୁ। ସ୍କାଡ୍ ଏ ଟିଭିଫେଷ୍ଟ ୨୦୧୯ରେ 'ନ୍ୟୁ ଆମଷ୍ଟରଡମ୍' ସିରିଜ୍ ଆଉଟ୍‌ଷ୍ଟାଣ୍ଡିଂ କାଷ୍ଟ ଜିତିଥିବାରୁ ଅଭିନନ୍ଦନ।' ଅନୁପମ ଏହାର ଜବାବ ଦେବା ସହିତ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, 'ପ୍ରିୟତମ ବନ୍ଧୁ ଅନିଲ, ଆପଣଙ୍କ ଭଲ ପାଇବା ଏବଂ ଗଭୀର ସ୍ନେହ ସଦିଚ୍ଛା ମୋ ପ୍ରତି ଢେର। ମୋତେ ସାହାଯ୍ୟ କରିବା ସହିତ ସର୍ବୋତ୍ତମ ପ୍ରଦର୍ଶନ ଲାଗି ପ୍ରେରଣା ମଧ୍ୟ ଦେଇଥିଲେ।'



## ଖେଳ ଖବର

# ଟପ୍-୧୦୦ରେ ପ୍ରଜନେଶ

**ନୂଆଦିଲ୍ଲୀ,୧୧।୨(ପିଟି):** ଭାରତୀୟ ପୁରୁଷ ସିଙ୍ଗଲ୍ସ ଟେନିସ୍ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ସୋମବାର ବିଶ୍ୱ ର୍‌ୟାଙ୍କିଂର ଟପ୍ ୧୦୦ରେ ପ୍ରବେଶ କରିଛନ୍ତି। ପୂର୍ବାପେକ୍ଷା ୬ ପାହ୍ୟା ଉପରକୁ ଉଠି ସେ ୯୭ତମ ସ୍ଥାନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟରରେ ଶ୍ରେଷ୍ଠ ମାନ୍ୟତା। ସେ ୩ୟ ଭାରତୀୟ ଖେଳାଳି ଭାବେ ଏହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଛନ୍ତି। ତାଙ୍କ ପୂର୍ବରୁ ସୋମଦେବ ବର୍ମନ ଓ ୟୁକି ଭାମ୍ବ୍ରି ଟପ୍ ୧୦୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ବାମହାତୀ ପ୍ରଜନେଶ ଗତ ସିଜନରେ ଭଲ ପ୍ରଦର୍ଶନ କରିଥିଲେ। ଚଳିତ ବର୍ଷ ଏଟିପି ଚେନ୍ନାଇ ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିବାରୁ ତାଙ୍କ ର୍‌ୟାଙ୍କିଂରେ ଉନ୍ନତି ଆସିଛି। ନିଜ ମାନ୍ୟତାକୁ ବଜାୟ ରଖିବାରେ ସଫଳ ହେଲେ ସେ ସିଧାସଳଖ ଗ୍ରାଣ୍ଡ ସ୍ଲାମ ଟୁର୍ଣ୍ଣାମେଣ୍ଟରେ ଖେଳିପାରିବେ। ନିକଟ ଅତୀତରେ ଭାମ୍ବ୍ରି ଟପ୍ ୧୦୦ରେ ପ୍ରବେଶ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେ ଆହତ ସମସ୍ୟା ଯୋଗୁ ତାଲିକାରୁ ବାଦ୍ ପଡ଼ିଛନ୍ତି। ସେ ଏବେ ରାମକୁମାର ରମାନାଥନ(୧୨୮)ଙ୍କ ପଛକୁ ୧୫୬ତମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଅଛନ୍ତି ସାକେତ ମାଇନେନି (୨୫୫ତମ) ଓ ଶଶୀ କୁମାର ମୁକୁନ୍ଦ (୨୭୧ତମ)। ଡବଲ୍ସରେ ରୋହନ ବୋପାନ୍ନା ୩୭ତମ ସ୍ଥାନ ବଜାୟ ରଖିଥିବାବେଳେ ଡିଭିଜ ଶରନ ୩୯, ଲିଆଣ୍ଡର ପେସ୍ ୭୫ ସ୍ଥାନ ଅଧିକାର କରିଛନ୍ତି।

# ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର,୧୧।୨(ସ୍ପୋର୍ଟ୍ସ ବ୍ୟୁରୋ)**

## କିଟ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମଠାରେ ସୋମବାର କିଟ୍ ପ୍ରିମିୟର ଲିଗ୍(କେପିଏଲ୍)ର ଦ୍ୱାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଫରିଦାବାଦର ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଅମୃତସରର ପ୍ରତିପକ୍ଷ ଗୁରୁନାନକ ଡିମ୍ଡ ବିଶ୍ୱବିଦ୍ୟାଳୟକୁ ହରାଇ ଚାମ୍ପିୟନ୍ ହୋଇଛି। ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ବିନିମୟରେ ୨୧୬ ରନ୍ କରିଥିଲା। ଜବାବରେ ଗୁରୁନାନକ ବିଶ୍ୱବିଦ୍ୟାଳୟ ୯ ଉଇକେଟ ବିନିମୟରେ ମାତ୍ର ୧୪୩ ରନ୍ ହାସଲ କରି ପରାସ୍ତ ହୋଇଥିଲା। ଗୁରୁନାନକ ପ୍ରଥମ ରନର୍ସ ଅପ୍ ବିବେଚିତ ହୋଇଥିବା ବେଳେ ହାଇଦ୍ରାବାଦ୍‌ର ଜେଏନ୍‌ଟିୟୁ ତୃତୀୟ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଲିଉଡ୍ ଅଭିନେତା ତଥା ରାଜ୍ୟ ସଭା ସାଂସଦ ଅନୁଭବ ମହାନ୍ତି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଏବଂ କିମ୍‌ସ ସିଇଓ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଅଲ-ଫାଲହା ବିଶ୍ୱବିଦ୍ୟାଳୟକୁ ଚାମ୍ପିୟନ୍ ଟ୍ରଫି ସହ ନଗଦ ୨ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ପ୍ରଥମ୍ ରନର୍ସ ଅପ୍ ଗୁରୁନାନକ ବିଶ୍ୱବିଦ୍ୟାଳୟକୁ ଟ୍ରଫି ସହ ନଗଦ ୧ଲକ୍ଷ, ତୃତୀୟ ଶ୍ରେଷ୍ଠ ଦଳ ଜେଏନ୍‌ଟିୟୁକୁ ୫୦ ହଜାର ଓ ଚତୁର୍ଥ ଶ୍ରେଷ୍ଠ ଦଳ ମୁମ୍ବାଇକୁ ୨୫ ହଜାର ଟଙ୍କା ନଗଦ ଅର୍ଥରାଶ ପୁରସ୍କାର ପ୍ରଦାନ କରାଯାଇଥିଲା।




ଟ୍ରଫି ସହ ଚାମ୍ପିୟନ ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଟିମ୍।

ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଜେଏନ୍‌ଟିୟୁର ଅଭିରଥ ରେଡ୍ଡୀ, ଶ୍ରେଷ୍ଠ ବୋଲର୍ ଭାବେ ଅଲ୍-ଫାଲହା ବିଶ୍ୱବିଦ୍ୟାଳୟର ଫଇଜାନ୍ ଆଲାମ୍, ଶ୍ରେଷ୍ଠ ଫିଲଡର୍ ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଏମ୍ ପ୍ରଶାନ୍ତ, ଶ୍ରେଷ୍ଠ ଉଇକେଟ୍ ରକ୍ଷକ ମୁମ୍ବାଇ ବିଶ୍ୱବିଦ୍ୟାଳୟର ରୁଦ୍ର ଧାଣ୍ଡେ, ଫାଇନାଲ୍ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଅଲ-ଫଲହା ବିଶ୍ୱବିଦ୍ୟାଳୟର ଅନୁଭବ ଆହୁଜାଙ୍କୁ ୬ ହଜାର ଟଙ୍କା ଲେଖାଏ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ୍ ଅଫ୍ ଦି ସିରିଜ ମନୋନୀତ ହୋଇଥିବା ଅଲ୍-ଫାଲହାର ଆକାଶ ଅନ୍ତିଲକୁ ନଗଦ ୮ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଓଲିଉଡ୍ ସିନେତାରକା ଓ ଓଡିଆ ଧାରାବାହିକ କଳାକାରଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ନିର୍ଦ୍ଦେଶକ ପ୍ରଫେସର ଜୟନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲିଗ୍ ଦେଶର ୧୨ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ।

### ପିଏସ୍‌ପିବି ଟାଇଟଲ ବଜାୟ ରଖିଲା

# ପଦ୍ମିନୀଙ୍କ ପ୍ରଭାବୀ ପ୍ରଦର୍ଶନ



ପଦ୍ମିନୀ ରାଉତ

**କୋଲକାତା,୧୧।୨(ପି.ଟି.)**

ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ସୋମବାର ଶେଷ ହୋଇଥିବା ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତାରେ ପିଏସ୍‌ପିବି ବାଜି ମାରିଛି। ସୂର୍ଯ୍ୟ ଶେଖର ଗାଙ୍ଗୁଲି ଓ ଅରବିନ୍ଦ ଚିଦାମ୍ବରମ୍ ନେତୃତ୍ୱ ନେଇ ୮ଟି ଗେମ୍‌ରୁ ଦଳକୁ ୪ଟିରେ ବିଜୟୀ କରାଇଥିଲେ। ମୋଟ ୧୮ରୁ ୧୭ ପଏଣ୍ଟ ପାଇ ପିଏସ୍‌ପିବି ଶୀର୍ଷରେ ରହିଥିଲା ଓ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ର ୩୯ତମ ସଂସ୍କରଣରେ ବାଜି ମାରିଥିଲା। ଅପରପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ୧୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ- ବି ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପିଏସ୍‌ପିବି ବିଜୟରେ ଓଡ଼ିଆ ଚେସ୍ ତାରକା ତଥା ଆଇଏମ୍ ପଦ୍ମିନୀ ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହିଳା ବିଭାଗରେ ସେ ୭ଟି ଗେମ୍ ଖେଳି ସବୁ ୭ଟିରେ ବିଜୟ ହାସଲ କରିଥିଲେ। ଫଳରେ ମହିଳା ବିଭାଗରେ ପିଏସ୍‌ପିବି ଟାଇଟଲ ବଜାୟ ରଖି ୧୭ତମ ଜାତୀୟ ମହିଳା ଟିମ୍ ଚେସ୍ ଚାମ୍ପିୟନଶିପ୍ ହାସଲ କରିଛି। ସେହିପରି ଏୟାର ଇଣ୍ଡିଆ ଓ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

# ଗୁଣନିଧି କପ୍ ଫୁଟ୍‌ବଲ: ଉଦ୍‌ଘାଟନୀ ଜିତିଲା କଳିଙ୍ଗ ସ୍ପୋର୍ଟିଂ

**ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ୍.ଏ.)**

ଲିଙ୍ଗରାଜ କ୍ଲବ ଆନୁକୂଲ୍ୟରେ ବି.ଏମ୍. ହାଇସ୍କୁଲ ଖେଳପଡ଼ିଆରେ ଗୁଣନିଧି କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତ୍ରୟୋଦଶ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଟାଇବ୍ରେକରରେ କଳିଙ୍ଗ ସ୍ପୋର୍ଟିଂ ୩-୧ ଗୋଲରେ ଖୋର୍ଦ୍ଧାର ଜୟଦୁର୍ଗା କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଲସ୍କୋର କରିବାରେ ବିଫଳ ହୋଇଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। କଳିଙ୍ଗ ପକ୍ଷରୁ ମିଟୁ ବେହେରା, ମହେନ୍ଦ୍ର ଜାଲି ଓ ଶିବ ବାରିକ ଗୋଲ କରିଥିଲେ। ସେହିଭଳି ଜୟଦୁର୍ଗା ପକ୍ଷରୁ ଅବିନାଶ ଏକମାତ୍ର ଗୋଲ ଦେଇଥିଲେ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରବୀନ୍ଦ୍ର କୁମାର ମହାପାତ୍ର, ଦାଶରଥି ଗରାବଡୁ, ଗଣେଶ ପାଲ, ଅଜୟ କୁମାର ଦାଶ, ନରେନ୍ଦ୍ର ସେଠୀ, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ରାମଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ବେହେରା, ଶାଗିର ଅହମ୍ମଦ, ଆମଜେଦ୍ ଖାଁ ମ୍ୟାଚ୍ ପରିଚାଳନା କରିଥିବାବେଳେ ଆଦିତ୍ୟ ନାରାୟଣ ପାଲ୍ ମ୍ୟାଚ୍ କମିଶନର ରହିଥିଲେ। ମଙ୍ଗଳବାର ଲିଙ୍ଗୁକେଶ୍ୱର ଆଥ୍‌ଲେଟିକ ଆସୋସିଏଶନ (ଶରଣକୁଳ) ଓ ଗଣ୍ଡରପୁର ସ୍ପୋର୍ଟିଂ(ବାରଙ୍ଗ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

# ପଦ ଛାଡ଼ିବେ ମ୍ୟାକ୍‌ମିଲାନ

**ଅକ୍‌ଲାଣ୍ଡ,୧୧।୨:** ନ୍ୟୁଜିଲାଣ୍ଡ ଦଳର ବ୍ୟାଟିଂ କୋଚ୍ କ୍ରେଗ୍ ମ୍ୟାକ୍‌ମିଲାନ ଚଳିତବର୍ଷ ହେବାକୁ ଥିବା ବିଶ୍ୱକପ୍ ପରେ ପଦ ତ୍ୟାଗ କରିବେ। ଗତ ୫ ବର୍ଷ ହେଲା ସେ ଏହି ଦାୟିତ୍ୱ ତୁଲାଉଛନ୍ତି। ବ୍ୟସ୍ତବହୁଳ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଯୋଗୁ ସେ ପଦ ତ୍ୟାଗ କରିବାକୁ ଚାହୁଁଥିବା କହିଛନ୍ତି। ଏ ସମ୍ପର୍କରେ ମୋ ପରିବାର ସହ ଆଲୋଚନା କରିସାରିଛି। ସେମାନେ ଗତ ୫ ବର୍ଷ ହେଲା ମୋ ପାଇଁ ବହୁ ବଳିଦାନ ଦେଇଛନ୍ତି। ବର୍ଷକୁ ବର୍ଷ କ୍ରିକେଟର ପରିମାଣ ଓ ମୋ ବୟସ ବୃଦ୍ଧି ପାଉଥିବାରୁ ଏହି ଦାୟିତ୍ୱ ତୁଲାଇବା ସହଜ ହେଉନାହିଁ ବୋଲି ମ୍ୟାକ୍‌ମିଲାନ କହିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ନ୍ୟୁଜିଲାଣ୍ଡ ଦଳ ୨୦୧୫ ବିଶ୍ୱକପ୍ ଫାଇନାଲ ଖେଳିଥିଲା।

# ପାକିସ୍ତାନର ସ୍ମରଣୀୟ ସିରିଜ ବିଜୟ

**ଦୁବାଇ, ୧୧।୨:** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମହିଳା କ୍ରିକେଟ୍ ଟିମ୍ ବିପକ୍ଷରେ ସୋମବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌କୁ ପାକିସ୍ତାନ ୪ ଉଇକେଟ୍‌ରେ ଜିତିନେଇଛି। ପାକିସ୍ତାନ ମହିଳା କ୍ରିକେଟ ଟିମ୍ ଏଥିସହ ୨-୧ରେ ସିରିଜ ବିଜୟୀ ହୋଇଛି। ଏଥିସହ ପାକିସ୍ତାନ ପ୍ରଥମଥର ଲାଗି ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଦିନିକିଆ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଛି। ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୩ ଓଭରରେ ୧୫୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଷ୍ଟାଫିନ ଟେଲର ୫୨ ରନ କରିଥିଲେ। ଜବାବରେ ପାକିସ୍ତାନ ଓପନର୍ ସିଦ୍ରା ଅମିନ୍ (୫୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ୬ ଉଇକେଟ୍ ହରାଇ ୧୬ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ପାକିସ୍ତାନ (୧୨ ପଏଣ୍ଟ) ଆଇସିସି ୱିମେନ୍ସ ଚାମ୍ପିୟନଶିପ୍ ପଏଣ୍ଟ ତାଲିକାରେ ଅଷ୍ଟ୍ରେଲିଆ (୧୬), ନ୍ୟୁଜିଲାଣ୍ଡ (୧୪) ଓ ଭାରତ (୧୨) ୪ର୍ଥ ସ୍ଥାନରେ ରହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯



ବ୍ରାହ୍ମ ମୁହୂର୍ତ୍ତ ଓ ସନ୍ଧ୍ୟା ସମୟରେ ମନ ଶାନ୍ତି ଓ ପବିତ୍ର ଥାଏ। ଏହି ସମୟରେ ଭଗବାନଙ୍କୁ ଡାକିବା। ଅସୁସ୍ଥ ଥିଲେ ବା କାର୍ଯ୍ୟର ଚାପ ଥିଲେ ଥରେ ସ୍ମରଣ ବା ପ୍ରଣାମ କଲେ ଚଳିବ।
- ମା' ଶାରଦାଦେବୀ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଶ୍ରୀ ଶନିଶ୍ଚର ମହାଗ୍ରହ ମନ୍ଦିର ଟ୍ରଷ୍ଟ, ବାଣୀବିହାର ପକ୍ଷରୁ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ, ମନ୍ଦିର ପ୍ରାଙ୍ଗଣ, ଶନିବିହାର, ବାଣୀବିହାର ମୁଖ୍ୟଫାଟକ ସମ୍ମୁଖ, ସକାଳ ୮ଟା।
- ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ତଥା ସହରରୁ ଗାଁର ୧ମ ସ୍ୱନକ୍ଷତ୍ର ଉତ୍ସବ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- 'ତୋ' ଚୁଡ଼ିର ଯୋଉ ସାଉଣ୍ଡ.. ରାଉଣ୍ଡ ରାଉଣ୍ଡ' ଗୀତର ଭିଡିଓ ରିଲିଜ, ସାଇ ମଣ୍ଡପ, ସାମନ୍ତରାପୁର, ପୂର୍ବାହ୍ନ ୧୧ଟା।
- ପାର୍ଲେ ଲିଙ୍ଗରାଜ ବିସ୍କୁଟ୍ସ ୱାର୍କର୍ସ ୟୁନିୟନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଇଲେକ୍ସନ ୱାଚ ପକ୍ଷରୁ ଭୋଟର ସଚେତନତା ଅଭିଯାନ, ଜୟଦେବ ଭବନ, ପୂର୍ବାହ୍ନ ୧୧ଟା।
- ସମ୍ବାଦକେଶରୀର ୨୯ତମ ବାର୍ଷିକୋତ୍ସବ, ଜୟଦେବ ଭବନ, ପୂର୍ବାହ୍ନ ୧୧ଟା।
- ପୁସ୍ତକ ଲୋକାର୍ପଣ ଉତ୍ସବ, ଦୀନବନ୍ଧୁ ସ୍ନେହୀ ସଦନ କଳ୍ପନା ଫ୍ଲାଟ ଏରିଆ, ଅପରାହ୍ନ ୩ଟା।
- ଓଡ଼ିଶା ପୋଲିସ ଅଫିସର୍ସ ଅମଲା ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, ଇଡକୋଲ ଅଡିଟୋରିୟମ, ଅପରାହ୍ନ ୪ଟା ୩୦।
- ସର୍ବୋଦୟ ଇଣ୍ଟରନ୍ୟାଶନାଲ୍ ଟ୍ରଷ୍ଟ, ଓଡ଼ିଶା ଓ ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ୍‌ର ମିଳିତ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ଉପରେ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଅପରାହ୍ନ ୫ଟା ୩୦।
- ଗୋଲ୍ଡେନ୍ ଟ୍ରାଏଙ୍ଗ୍‌ଲ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ସମ୍ବର୍ଦ୍ଧନା ଓ ସଙ୍ଗୀତ ସନ୍ଧ୍ୟା, ଜୟଦେବ ଭବନ, ସନ୍ଧ୍ୟା ୬ଟା।
- ଖଣ୍ଡଗିରି-ଉଦୟଗିରି ମହୋତ୍ସବ, ଟୁରିଷ୍ଟ ଇଣ୍ଟରପ୍ରିଟେଶନ ସେଣ୍ଟର, ଖଣ୍ଡଗିରି, ସନ୍ଧ୍ୟା ୬ଟା ୩୦ରୁ ୯ଟା ୩୦।
- ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ, ଭାରତୀୟ ବିଦ୍ୟାଭବନର ସମ୍ମିଳନୀ ହଲ, ୟୁନିଟ-୩, ସନ୍ଧ୍ୟା ୬ଟା ୩୦।
- ଆରୋହଣର ନିଖିଳ ଉତ୍କଳ ନାଟ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

### କଟକ

- ପାରଳା ମହାରାଜା ପାର୍କକୁ କଟକ ମହାନଗର ନିଗମ ଅଧୀନରେ ଉତ୍ସର୍ଗ ଉତ୍ସବ, ଓଏମ୍‌ପି, ସକାଳ ୯ଟା ୪୫।
- 'ଦି କନ୍‌ସେପ୍ଟ ଅଫ୍ ଇଣ୍ଡିଭିଜୁଆଲ ୱେଲବିଙ୍ଗ ଇନ୍ ଦି ଫଙ୍କସନିଂ ଆଣ୍ଡ କାପାବିଲିଟି ଆପ୍ରୋଚ' ଶୀର୍ଷକ ଆଲୋଚନାଚକ୍ର, ଅର୍ଥନୀତି ବିଭାଗ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଅପରାହ୍ନ ୩ଟା।
- ଯଶୋଦା ସଦନର ବାର୍ଷିକୋତ୍ସବ, ଯଶୋଦା ସଦନ ପରିସର, କଲେଜ ଛକ, ସନ୍ଧ୍ୟା ୫ଟା।

### ପୁରୀ

- ସର୍ବୋଦୟ ମେଳା, ଗାନ୍ଧୀସ୍ମୃତି ପୀଠ, ସକାଳ ୮ଟା।
- ବିଜୁ ଯୁବ ବାହିନୀ ୱାର୍ଡ ୨୨ର ମୁଁହିରୋ କାର୍ଯ୍ୟକ୍ରମ, ରାଣୀସତୀ ଭବନ, ଅପରାହ୍ନ ୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ବାର୍ଷିକୋତ୍ସବ, ନୀଳକଣ୍ଠ ନଗର, ଚୁଡଙ୍ଗସାହି, ସନ୍ଧ୍ୟା ୬ଟା ୩୦।

### ଜଟଣୀ

- ଆଇଆଇଟି ଭୁବନେଶ୍ୱରର ପ୍ରତିଷ୍ଠା ଦିବସ, ଅରଗୁଳ, ପୂର୍ବାହ୍ନ ୧୦ଟା ୩୦।

### ବାଲିଅନ୍ତା

- ସରସ୍ୱତୀ ପୂଜା ଅବସରରେ ବାସୁଦେବ ଯୁବସଂସଦ ପକ୍ଷରୁ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ମାଟିକୋଟ, ଅପରାହ୍ନ ୫ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ଭିଙ୍ଗାରପୁର ଦୁର୍ଗାମଣ୍ଡପ ନିକଟ, ରାତି ୮ଟା।

### ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀ ଶ୍ରୀ କୁଞ୍ଜବିହାରୀ ପୀଠ, ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମନ୍ଦିର ପରିସର ମା' ମଙ୍ଗଳାଙ୍କ ପାର୍ଶ୍ୱ ଦେବତା ସ୍ଥାପନ, ଶ୍ରୀରାମ ନଗର, ସନ୍ଧ୍ୟା ୭ଟା।

### ଖୁଣ୍ଟୁଣୀ

- ୩୫ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ଭୋଗରା ବାଭତୀ ମନ୍ଦିର, ସକାଳ ୬ଟା।
- ୧୫ଶ ବାର୍ଷିକ ଯଜ୍ଞୋତ୍ସବ, ତୋଟପଡ଼ା, ଭଗବତ ଗୋସାଁଇଙ୍କ ପୀଠ, ସକାଳ ୬ଟା।
- ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ଓରନ୍ଦାସ୍ଥିତ ରାଧାକୃଷ୍ଣ ପୀଠ, ସକାଳ ୮ଟାରୁ ସନ୍ଧ୍ୟା ୬ଟା।

### ସାକ୍ଷୀଗୋପାଳ

- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଶ୍ରୀରାମଚନ୍ଦ୍ରପୁର, ସନ୍ଧ୍ୟା ୬ଟା।

ଭାଲେଣ୍ଟାଇନ୍ସ ଡେ' ପାଳନକୁ ବିରୋଧ କରିବ କଳିଙ୍ଗ ସେନା

# ପ୍ରେମୀଯୁଗଳଙ୍କୁ ବିଛୁଆତି ଭୟ

ଭୁବନେଶ୍ୱର,୧୧।୨(ବ୍ୟୁରୋ)

ପ୍ରେମର ମାସ ହେଉଛି ଫେବୃୟାରୀ। ଗତ ୭ ତାରିଖ ପ୍ରେମ ସପ୍ତାହ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୪ ତାରିଖ ହେଉଛି ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ'। ରୋଜ୍ ଡେ', ପ୍ରପୋଜ ଡେ', ଚକୋଲେଟ୍ ଡେ', ଟେଡି ଡେ' ଓ ପ୍ରମିଜ ଡେ' ପରେ ମଙ୍ଗଳବାର ହେଉଛି ହଗ୍ ଡେ', ବୁଧବାର କିସ୍ ଡେ' ଓ ଗୁରୁବାର ଭାଲେଣ୍ଟାଇନ୍ ଡେ'। ଏହି ଦିନକୁ ନିଜର ଖାସ୍ ମଣିଷଙ୍କ ପାଇଁ କିଭଳି ସ୍ମରଣୀୟ କରିବେ ସେଥିପାଇଁ ନିଆରା ଭାବେ ସେଲିବ୍ରେଟ୍ କରିବାକୁ ଯୁବପିଢ଼ି ଓ ପ୍ରେମୀଯୁଗଳଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଏପରିସ୍ଥଳେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏହାକୁ ବିରୋଧ କରିବାକୁ କଳିଙ୍ଗ ସେନା ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଭାଲେଣ୍ଟାଇନ୍ସ ଡେ'କୁ ଆଉମାତ୍ର ଦୁଇଦିନ ରହିଥିବାବେଳେ ଏହାକୁ ବିରୋଧ କରି କଳିଙ୍ଗ ସେନା ବିଛୁଆତି ଲଗାଇବାକୁ ଧମକ ଦେଇଛି। ଏହାକୁ ନେଇ ପ୍ରେମୀଯୁଗଳଙ୍କ ମଧ୍ୟରେ ଭୟ ଘାରିଛି।

କଳିଙ୍ଗ ସେନା ମହିଳା ଶାଖା ସଭାପତି ବିନତା ମହାନ୍ତି କହିଛନ୍ତି, ଭାଲେଣ୍ଟାଇନ୍ସ ଡେ' ଦିନ ପାର୍କ, ସିନେମା ହଲ ଏବଂ ଶପିଂ ମଲ୍‌ରେ ବିରୋଧ କରାଯିବ। ଯଦି କୌଣସି ପ୍ରେମୀଙ୍କୁ ଏକାଠି କିମ୍ବା ଅଂସଯତ ଅବସ୍ଥାରେ ଦେଖିବାକୁ ମିଳିବେ ସେମାନଙ୍କ ଦେହରେ ବିଛୁଆତି ଓ ବାଇଡଙ୍ଗ ଲଗାଯିବ। ଏଥିପାଇଁ ୭ କଲେଜର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ଥାନରେ ସଜାଗ ରଖାଯିବ। ଏହି ଦିନକୁ ପାଳନ କରି ଯୁବପିଢ଼ିମାନେ ଭାରତୀୟ ସଂସ୍କୃତିକୁ ନଷ୍ଟ କରୁଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଭାଲେଣ୍ଟାଇନ୍ସ ଡେ' ଦିନ ଭୁବନେଶ୍ୱରର ସମସ୍ତ ଶପିଂ ମଲ୍ ଓ ପାର୍କକୁ ବନ୍ଦ କରିବାକୁ କଳିଙ୍ଗ ସେନା ପୋଲିସ ଡିଜି ଆର୍.ପି. ଶର୍ମା ଏବଂ ଭୁବନେଶ୍ୱର-କଟକ ପୋଲିସ କମିଶନର୍ ସତ୍ୟଜିତ ମହାନ୍ତିଙ୍କ ନିକଟରେ ଦାବି କରିଛି। ଏହାବ୍ୟତୀତ ଆଉ କେତେକ ସଂଗଠନ ମଧ୍ୟ ଭାଲେଣ୍ଟାଇନ୍ସ ଡେ'କୁ ବିରୋଧ କରିବ। ଫୋରମ ମାର୍ଟ, ବିଏମ୍‌ସି ମଲ୍, ପାଣ୍ଟାଲୁନ୍ସ, ଏକାମ୍ର ପାର୍କ, ଇନ୍ଦିରାଗାନ୍ଧୀ ପାର୍କ, ବିଜୁ ପଟ୍ଟନାୟକ ପାର୍କ, ସାଇନ୍ସ ପାର୍କ, ଖଣ୍ଡଗିରିସ୍ଥିତ ଜୟଦେବ ବାଟିକା, ନନ୍ଦନକାନନର ବଟାନିକାଲ ଗାର୍ଡେନ୍ ଆଦି ସ୍ଥାନ ଟାର୍ଗେଟରେ ରହିବ ବୋଲି ସୂଚନା ମିଳିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଳିଙ୍ଗ ସେନାର କର୍ମକର୍ତ୍ତା।

### ସୁରକ୍ଷା ଯୋଗାଇବ ପୋଲିସ

**୧୦୦ ଡାଏଲ କରିବାକୁ କମିଶନରଙ୍କ ପରାମର୍ଶ**

ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମୀଯୁଗଳଙ୍କ ଉପରେ ପୂର୍ବରୁ ଆକ୍ରମଣ ହୋଇଥିବା ନଜିର ରହିଛି। ଏବେ ବିଭିନ୍ନ ସଂଗଠନର ବିରୋଧ ଧମକକୁ ଦୃଷ୍ଟିରେ ରଖି ଚଳିତବର୍ଷ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରିବ କମିଶନ୍‌ରେଟ୍ ପୋଲିସ। ସହରରେ ଥିବା ପାର୍କ, ଫିଲ୍ମ ହଲ୍, ଶପିଂ ମଲ୍‌ଗୁଡିକରେ ପୋଲିସର କଡା ପ୍ରହରା ରହିବ। ଯୁବତୀ, ଯୁବକ ଯେପରି କୌଣସି ଆକ୍ରମଣ ଓ ନିର୍ଯାତନାର ଶିକାର ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ପାଟ୍ରୋଲିଂ ସହ ସାଦା ପୋଷାକରେ ପୋଲିସ ମୁତୟନ କରାଯିବ। ପ୍ରେମୀଯୁଗଳ ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ଆବଶ୍ୟକ ସଂଯମତା ରକ୍ଷା କଲେ ପୋଲିସ ସମସ୍ତ ପ୍ରକାର ସୁରକ୍ଷା ଓ ସହାୟତା ଯୋଗାଇ ଦେବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ପୋଲିସ ହେଲ୍‌ପ ଲାଇନ୍ ନଂ. ୧୦୦କୁ ଡାଏଲ କରି ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଡାକ୍ତରଙ୍କ ସ୍ତ୍ରୀ ସୁଜାତା ହତ୍ୟାକାଣ୍ଡ

# ପଲିଗ୍ରାଫ୍ ରିପୋର୍ଟରେ ମିଳିଲାନି ସୁରାକ

ପୁରୀ ଅଫିସ,୧୧।୨

- ଫାଇଲ ବନ୍ଦ ହେବା ଆଶଙ୍କା
- ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

ରେଲ୍‌ୱେ କ୍ୱାର୍ଟର୍ସରେ ପୁରୀ ରେଲ୍‌ୱେ ମେଡିକାଲରେ କାର୍ଯ୍ୟରତ ଡା. ସଞ୍ଜୀବ ସାହୁଙ୍କ ସ୍ତ୍ରୀ ସୁଜାତାଙ୍କୁ ଗତ ଡିସେମ୍ବର ୧୭ରେ ହତ୍ୟା କରାଯାଇଥିଲା। ଏହି ମାମଲାକୁ ୫୫ ଦିନ ବିତିଲାଣି। ପୋଲିସ ବର୍ତ୍ତମାନ ସୁଦ୍ଧା ହତ୍ୟାକାରୀର ଟେର୍ ପାଇନାହିଁ। ନିକଟରେ ସଞ୍ଜୀବ ଏବଂ ରେଲ୍‌ୱେ ମେଡିକାଲରେ କାର୍ଯ୍ୟରତ ନର୍ସ ଓ ତାଙ୍କ ସ୍ୱାମୀଙ୍କ ପଲିଗ୍ରାଫ୍ ଟେଷ୍ଟ କରିଥିଲା ପୋଲିସ। ରିପୋର୍ଟ ଆସି ନ ଥିବା କହି ପୋଲିସ ଘଟଣା ଉପରୁ ନଜର ହଟାଇବା ଲାଗି ଉଦ୍ୟମ କରୁଥିବା ଜଣାପଡିଛି। ଅନ୍ୟପଟେ ପଲିଗ୍ରାଫ୍ ରିପୋର୍ଟରେ କୌଣସି ସୁରାକ ମିଳି ନ ଥିବା ଜଣାପଡ଼ିଛି। ନିଜ ଭାବମୂର୍ତ୍ତିକୁ ବଞ୍ଚାଇବା ଲାଗି ମାମଲାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସଫେଇ ଦେଉଛି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଆଗକୁ ସାଧାରଣ ନିର୍ବାଚନ ରହିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାରୁ ଅନେକ ପୋଲିସ ଅଫିସରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତଦନୁଯାୟୀ ଏହି ମାମଲାର ତଦନ୍ତକାରୀ ଅଧିକାରୀ ବିଶ୍ୱରଞ୍ଜନ ସେନାପତିଙ୍କୁ କମିଶନରେଟ୍ ପୋଲିସକୁ ବଦଳି ହୋଇଛି। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ ମଧ୍ୟ ଅନ୍ୟତ୍ର ବଦଳି ସମ୍ଭାବନା ରହିଛି। ଏ ଦୃଷ୍ଟିରୁ ହତ୍ୟାକାଣ୍ଡର ଫାଇଲ ବନ୍ଦ ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କୁହନ୍ତି, ଏହି ମାମଲାର ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ସମସ୍ତଙ୍କୁ ଜେରା କରାଯାଇଛି। ମୃତ ଶରୀରର ଭିସେରା ଟେଷ୍ଟ ଲାଗି ପଠାଯାଇଥିଲା। ଏପରି କି ପଲିଗ୍ରାଫ୍ ଟେଷ୍ଟ ବି କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସୁରାକ ହସ୍ତଗତ ହୋଇନାହିଁ ବୋଲି ସେନାପତି କହିଛନ୍ତି।

# ଓଡ଼ିଶା ଫେରିବାକୁ ମନା କଲେ ଉଦ୍ଧାର ନାବାଳିକା

ଭୁବନେଶ୍ୱର,୧୧।୨(ବ୍ୟୁରୋ)

- ରାଜ୍ୟ ସରକାରଙ୍କ ସହାୟତାକୁ ମୁହଁ ମୋଡିଲେ
- ଆଶ୍ରୟସ୍ଥଳରେ ବାପାଙ୍କ ସହ ରହିବେ ନାବାଳିକା ପୀଡିତା

ରାଜସ୍ଥାନରୁ ଉଦ୍ଧାର ନାବାଳିକାଙ୍କୁ ଆଣିବାକୁ ଦିଲ୍ଲୀ ଯାଇଥିବା ଓଡ଼ିଶା ପୋଲିସକୁ ଖାଲି ହାତରେ ଫେରିବାକୁ ପଡିଛି। ପୋଲିସର ଅସହଯୋଗ ପରେ ନାବାଳିକାଙ୍କ ବାପା ନିଜ ଉଦ୍ୟମରେ ଝିଅକୁ ଉଦ୍ଧାର କରିଥିଲେ। ତେଣୁ ଏବେ ପୋଲିସ ଉପରେ ଭରସା ତୁଟାଇ ରାଜ୍ୟ ସରକାରଙ୍କ ସହଯୋଗକୁ ମନା କରିଦେଇଛନ୍ତି ନାବାଳିକା ଓ ତାଙ୍କ ବାପା। ଝିଅ ସହ ଝାଡ଼ଖଣ୍ଡର ଏକ ଆଶ୍ରୟସ୍ଥଳରେ ରହିବେ ବୋଲି ନାବାଳିକାଙ୍କ ବାପା ଦିଲ୍ଲୀ ମହିଳା କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସୂଚନା ମୁତାବକ, ସୁନ୍ଦରଗଡ଼ ଜିଲା ଲାଠିକଟା ଥାନା ଅଞ୍ଚଳରେ ପରିବାର ସହ ରହୁଥିଲେ ନାବାଳିକା। କେତେଜଣ ସମ୍ପର୍କୀୟ ନାବାଳିକାଙ୍କୁ ପ୍ରଲୋଭିତ କରି ଅପହରଣ କରିନେବା ପରେ ରାଜସ୍ଥାନର ମୁକେଶ ଅଗ୍ରୱାଲ ଓ କିଷାନ ଅଗ୍ରୱାଲଙ୍କୁ ବିକ୍ରି କରିଦେଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଖବର ପାଇବା ପରେ ଝିଅକୁ ଉଦ୍ଧାର ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ପୋଲିସ ସେତେଟା ଗୁରୁତ୍ୱ ନ ଦେବାରୁ ନାବାଳିକାଙ୍କ ବାପା ଗତ ଜାନୁୟାରୀ ମାସରେ ଦିଲ୍ଲୀ ମହିଳା କମିଶନରଙ୍କୁ ଯୋଗାଯୋଗ କରି ସହଯୋଗ ଲୋଡ଼ିଥିଲେ। ଦିଲ୍ଲୀ ମହିଳା କମିଶନରଙ୍କ ଆଣ୍ଟି ଟ୍ରାଫିକିଂ ଟିମ୍ ଚଢାଉ କରି ଗତ ୮ ତାରିଖରେ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ମୁକେଶ ଓ କିଷାନଙ୍କୁ ଗିରଫ କରାଯାଇଥିଲା। ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡିବା ପରେ ତାଙ୍କୁ ଦିଲ୍ଲୀର ଏକ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଦିଲ୍ଲୀ ମହିଳା କମିଶନରଙ୍କଠାରୁ ସୂଚନା ପାଇବା ପରେ ଶୋଇ ପଡିଥିବା ଓଡ଼ିଶା ପୋଲିସ ତତ୍ପର ହୋଇଉଠିଥିଲା। ନାବାଳିକାଙ୍କୁ ଓଡ଼ିଶା ଆଣିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯାଇଥିଲା।


କଟକ ରେଳଷ୍ଟେଶନର ସୌନ୍ଦର୍ଯ୍ୟକରଣ ପାଇଁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରେ ଥିବା ପାଚେରିକୁ ଚିତ୍ରିତ କରାଯାଇଛି।

# ଅଗ୍ନିକାଣ୍ଡରେ ୧୦ ବଖରା ଭସ୍ମ

ଖୋର୍ଦ୍ଧା ଅଫିସ/ଜଟଣୀ/ବେଗୁନିଆ,୧୧।୨ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାର ଜଟଣୀ ଓ ବେଗୁନିଆ ବ୍ଲକରେ ସୋମବାର ଅଗ୍ନିକାଣ୍ଡ ଘଟି ୧୦ ବଖରା ଜଳିଯାଇଛି। ପ୍ରଥମ ଘଟଣା ବେଗୁନିଆରେ ଘଟିଥିଲା। ବେଗୁନିଆ ତହସିଲ ଅଧୀନ ପୋଡାଡିହ ଗ୍ରାମର ଅସହାୟ ବିଧବା ମହିଳା କୌଶଲ୍ୟା ମଲିକ ରୋଷେଇ ଘରେ ସକାଳ ପ୍ରାୟ ସାଢେ ୯ଟା ରେ ରୋଷେଇ କରୁଥିବାବେଳେ ହଠାତ୍ ଚାଳରେ ନିଆଁ ଲାଗି ଯାଇଥିଲା। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ଏଥିରେ ୨ବଖରା ସହ ପ୍ରାୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି।

ସେହିଭଳି ଅପରାହ୍ନ ୧ଟା ୪୫ରେ ଜଟଣୀ ତହସିଲ ଛତାବର ଆରଆଇ ସର୍କଲର ମଧୁପୁର ଗାଁରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଭାଗବତ ଟୁଙ୍ଗୀ, ଯୋଗେନ୍ଦ୍ର ମହାପାତ୍ରଙ୍କ ୫ ବଖରା, ଦୁର୍ଯ୍ୟୋଧନ ସାହୁଙ୍କ ୨ ବଖରା ଜଳି ଯାଇଛି। ଆନୁମାନିକ ୨ ଲକ୍ଷ ଟଙ୍କାର ଉପକରଣ ପୋଡି ନଷ୍ଟ ହୋଇଥିବା ଅଗ୍ନିଶମ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ। ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଯୋଗେନ୍ଦ୍ରଙ୍କ ଘରୁ ନିଆଁ ଲାଗିଥିବା ଜଣାପଡିଛି। ଖୋର୍ଦ୍ଧା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଦମକଳ ଆସିବାରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି।

## ଜଳିଗଲା କ୍ୟାବିନ, ହୋଟେଲ

କଟକ ରୋଡ,୧୧।୨(ଡି.ଏନ୍.ଏ.)

ଲକ୍ଷ୍ମୀସାଗର ଥାନା ଅଧୀନ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳରେ ସୋମବାର ଅଗ୍ନିକାଣ୍ଡ ଘଟି ଏକ କ୍ୟାବିନ ଓ ହୋଟେଲ ଜଳିଯାଇଛି। ଅଗ୍ନିକାଣ୍ଡରେ ଦୋକାନରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି। ତେବେ କ୍ଷୟକ୍ଷତିର ଆକଳନ ହୋଇପାରି ନାହିଁ। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୩ଟାରେ ୨ଦୋକାନ ବନ୍ଦ ଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ଏ ନେଇ ସ୍ଥାନୀୟ ଲୋକେ କଳ୍ପନା ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ସରୋଜ କୁମାର ରାଉତ କହିଛନ୍ତି।



## ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୧୧।୨(ବ୍ୟୁରୋ)

ସରକାରଙ୍କ ସହ ଆଲୋଚନା ପରେ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ସଂଘ ପକ୍ଷରୁ ୧୨ତାରିଖ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲେ। କିନ୍ତୁ ସୋମବାର ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଂଘର ସଭାପତି ଦିଲ୍ଲୀପ କୁମାର ସାମନ୍ତରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସଂଘର ସାଧାରଣ ସମ୍ପାଦକଙ୍କ ସହଯୋଗରେ ଆମ ଦାବିଗୁଡ଼ିକ ସକ୍ରୀୟ ବିଚାରାଧୀନ ଅଛି ବୋଲି କୃଷି ବିଭାଗ ପକ୍ଷରୁ ଚିଠି ଯୋଗେ କୁହାଯାଇଥିବା ସଭାପତି କହିଛନ୍ତି।

## ଫଟୋରେ ଖବର



ପୋଲିସ କର୍ମଚାରୀଙ୍କୁ ସପ୍ତାହରେ ଗୋଟିଏ ଦିନ ଛୁଟି ପ୍ରଦାନ ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସୋମବାର ସୁନ୍ଦରପଦା ସେବା ପ୍ରତିନିଧିଙ୍କ ବିକ୍ଷୋଭ।


ବଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ସୋନୁ ନିଗମ ପତ୍ନୀଙ୍କ ସହ ସୋମବାର ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରୁଛନ୍ତି।



ଭୁବନେଶ୍ୱର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାରେ ସୋମବାର ଓଡ଼ିଆ ଚଳଚ୍ଚିତ୍ର 'ଟାଲ ଟିକେ ପ୍ରେମ କରିବା'ର ଶୁଭ ମହୁରତ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।



ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡିକ ହରାଇ ଦେଉଥାଏ,
ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
- ଜନ୍‌ସନ୍



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଜବତ, ୨ଗିରଫ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଏକ ହୋଟେଲରେ ପଶି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଧୀନ ମସ୍ଜିଦ କଲୋନୀ ଅଞ୍ଚଳରେ ରହୁଥିବା ଶେଖ ରମଜନ ଏବଂ ଅବଦୁଲ ସାମଦ। ସୂଚନା ମୁତାବକ, ଖାରବେଳ ନଗର ଥାନା ଅଧୀନ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ଦୀପକ ଦ୍ୱିବେଦୀଙ୍କ ଏକ ହେଟେଲ ରହିଛି। ଗତ ୧ତାରିଖରେ ହେଟେଲରୁ ଗ୍ୟାସ ସିଲିଣ୍ଡର, ଚୁଲା, ହୋଟେଲର ରୋଷେଇ ସାମଗ୍ରୀ ସହ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ହେବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୪୪/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ କୋର୍ଟ ଚାଲାଣ କରିଛି।

### ଟିକସ ଫାଙ୍କିବା ମହଙ୍ଗା ପଡିଲା
### ବସ୍‌ରୁ ଜବତ ହେଲା ଗ୍ରୋସେରି, କପଡ଼ା

**ଭୁବନେଶ୍ୱର, ୧୧।୨(ବ୍ୟୁରୋ):** ଟିକସ ଫାଙ୍କି ବେଆଇନ ଭାବେ ମାଲ ପରିବହନ କରୁଥିବା ବସ୍ ଉପରେ କେନ୍ଦ୍ରୀୟ ସୀମା ଶୁଳ୍କ ଏବଂ ଦ୍ରବ୍ୟ ଓ ସେବା କର (ଜିଏସଟି) ପକ୍ଷରୁ ଚଢାଉ କରାଯାଇଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଉକ୍ତ ବସ୍‌ରୁ ଗ୍ରୋସେରି (ତେଜରାତି ସାମଗ୍ରୀ) ଓ କପଡ଼ା ଜବତ କରାଯାଇଛି। ସୋମବାର ସକାଳେ କୋଲକାତାରୁ ପୁରୀ ଆସୁଥିବା ଏକ ବସରେ ଟିକସ ଫାଙ୍କି ମାଲ ପରିବହନ ହେଉଥିବା ଖବର ମିଳିଥିଲା। ଯୋଜନା ମୁତାବକ ବରମୁଣ୍ଡା ବସଷ୍ଟାଣ୍ଡରେ ସୀମା ଶୁଳ୍କ କର୍ମଚାରୀ ବସ୍‌କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବସ ଉପରେ ଓ ଭିତରେ ଗ୍ରୋସେରି ଏବଂ ପ୍ୟାଣ୍ଟ ଶାର୍ଟ କପଡ଼ା ମିଳିଥିଲା। ମାଲ ଆଣିଥିବା ବ୍ୟକ୍ତି କ୍ରୟ ସମ୍ପର୍କିତ କାଗଜପତ୍ର ଦେଖାଇ ନ ପାରିବାରୁ ବିଭାଗ ପକ୍ଷରୁ ବସ୍‌ଟିକୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ଅଣାଯିବା ପରେ ସମସ୍ତ ସାମଗ୍ରୀ ଜବତ କରାଯାଇଛି।

### ରବୀନ୍ଦ୍ର ମଣ୍ଡପ ସୁରକ୍ଷା କର୍ମୀଙ୍କୁ ମାଡ଼

**ଭୁବନେଶ୍ୱର,୧୧।୨ (ବ୍ୟୁରୋ):** ରବୀନ୍ଦ୍ର ମଣ୍ଡପରେ କାର୍ଯ୍ୟ କରୁଥିବା ଜଣେ ସୁରକ୍ଷା କର୍ମୀଙ୍କୁ ଦୁଇ ଜଣ ଯୁବକ ମାଡ଼ ମାରିଛନ୍ତି। ଏନେଇ ସୁରକ୍ଷା କର୍ମୀ ମନୋରଞ୍ଜନ ଦାଶ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟା ବେଳେ ମନୋରଞ୍ଜନ ରବୀନ୍ଦ୍ର ମଣ୍ଡପ ୨ ନମ୍ବର ଫାଟକରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଉକ୍ତ ଯୁବକ ଦ୍ୱୟ ମଦ୍ୟପାନ କରି ଗେଟ୍ ଖୋଲିବାକୁ କହିଥିଲେ। ମଣ୍ଡପରେ କୌଣସି କାର୍ଯ୍ୟକ୍ରମ ନ ଥିବାରୁ ଗେଟ୍ ଖୋଲା ଯାଇପାରିବ ନାହିଁ ବୋଲି ମନୋରଞ୍ଜନ କହିଥିଲେ। ଏହାପରେ ଦୁଇ ଯୁବକ ମଣ୍ଡପ ପାଚେରି ଡେଇଁ ତାଙ୍କୁ ମାଡ଼ ମାରିଥିଲେ। ମନୋରଞ୍ଜନ ପିସିଆରକୁ ଫୋନ୍ କରିବା ପରେ ପୋଲିସ ଆସି ଦୁଇ ଯୁବକଙ୍କୁ କାବୁ କରିଥିଲା।

ଗୋଲ୍‌ଡେନ୍ ଟ୍ରାଏଙ୍ଗଲ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ


# ରୁଷିଆର ୪, କିର୍ଗିଜ୍‌ସ୍ତାନର ୨ ଫିଲ୍ମ ପ୍ରଦର୍ଶିତ

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସିନେମାକୁ ନେଇ ଆୟୋଜିତ ୪ର୍ଥ ଗୋଲ୍‌ଡେନ୍ ଟ୍ରାଏଙ୍ଗଲ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଜିଟିଆଇଏଫ୍ଏଫ୍)ର ସୋମବାର ଥିଲା ତୃତୀୟ ଦିବସ। ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଏହି ମହୋତ୍ସବରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୋଟ ୯ଟି ସିନେମା ପ୍ରଦର୍ଶିତ ହୋଇଥିଲା। ରୁଷିଆରୁ ସର୍ବାଧିକ ୪ଟି ଫିଲ୍ମ ସହ କିର୍ଗିଜ୍‌ସ୍ତାନର ୨ଟି ଫିଲ୍ମ ଏବଂ ଗୋଟିଏ ଲେଖାଏ ବଙ୍ଗଳା, ହିନ୍ଦୀ ଓ ମରାଠି ଫିଲ୍ମ ଦେଖିଥିଲେ ଦର୍ଶକ। ଏହାମଧ୍ୟରେ 'କ୍ଲୋଜର୍', 'ଅଙ୍କଲ୍ ଶାଶା' ଓ 'ହେରିଟେଜ୍' ଭଳି ଫିଲ୍ମ ରହିଥିଲା।

ରଷିଆନ୍ ଫିଲ୍ମ 'ହଣ୍ଡ୍ରେଡ୍ ରୁବ୍‌ଲସ ଫର୍ ଏ ଡ୍ରିମ୍'ରୁ ଆରମ୍ଭ ହୋଇଥିଲା ଜିଟିଆଇଏଫ୍ଏଫ୍‌ର ୩ୟ ଦିବସ। ରୁଷିଆର ଏକ ଆଞ୍ଚଳିକ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ହେଉଥିବା ଲୋକପ୍ରିୟ ଶୋ' 'ହଣ୍ଡ୍ରେଡ୍ ରୁବ୍‌ଲସ ଫର୍ ଏ ଡ୍ରିମ୍' ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ଆଧାରିତ। ସ୍ୱପ୍ନକୁ ନେଇ ବଞ୍ଚୁଥିବା ଯେକୌଣସି ବ୍ୟକ୍ତି ଏହି ଶୋ'ରେ ଅଂଶଗ୍ରହଣ କରି ନିଜ ସ୍ୱପ୍ନକୁ ସାକାର କରିବାକୁ ଦର୍ଶକମାନଙ୍କଠାରୁ ସହାୟତା ସ୍ୱରୂପ ଅର୍ଥ







ପ୍ରଦର୍ଶିତ ଫିଲ୍ମ 'ହେରିଟେଜ୍'(ଉପର) ଓ 'ହଣ୍ଡ୍ରେଡ୍ ରୁବ୍‌ଲସ ଫର୍ ଏ ଡ୍ରିମ୍'(ତଳ)।

ମାଗିପାରିବେ। ହେଲେ 'ହଣ୍ଡ୍ରେଡ୍ ରୁବ୍‌ଲସ ଫର୍ ଏ ଡ୍ରିମ୍'ର ଇତିହାସରେ କେହି ଜଣେ ବି ହେଲେ ଆବଶ୍ୟକ ଅର୍ଥ ସଂଗ୍ରହ କରିପାରି ନ ଥିଲେ। ଶୋ'ର ଏହି ବୈଚିତ୍ର୍ୟ ଚଳଚ୍ଚିତ୍ରରେ ପ୍ରତିଫଳିତ ହୋଇଥିଲା। ଏହାର ନିର୍ଦ୍ଦେଶନା ଦେଇଥିଲେ ଇଭାନ୍ ଆର୍ଟେମୋଭ୍। ସେହିଭଳି କିର୍ଗିଜ୍‌ସ୍ତାନର ଫିଲ୍ମ 'ଲାଇଫ୍ ଇଜ୍ ୱାଣ୍ଡରଫୁଲ୍' ଆଉ ଏକ ଆକର୍ଷଣୀୟ ଫିଲ୍ମ ଥିଲା। ଜଣେ ସାଧାରଣ ଲୋକର କାହାଣୀକୁ ନେଇ ଏହି ଚଳଚ୍ଚିତ୍ର ତିଆରି ହୋଇଥିବାବେଳେ ଭବିଷ୍ୟତରୁ କିଛି ଆଶା, ଆକାଂକ୍ଷା ନ ରଖି ବି ସେ କିଭଳି ଏକ ସକରାତ୍ମକ ଜୀବନ ବଞ୍ଚୁଛି ତାହାର ନିଚ୍ଛକ ପ୍ରତିଫଳିତ ହୋଇଛି। ଜଣେ ଭିନ୍ନକ୍ଷମ ହୋଇ ବି ସେ କିଭଳି ନିଜ ପାରିବାରିକ, ସାମାଜିକ, ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସନ୍ତୁଳନ ରକ୍ଷାକରି ଚାଲିଛନ୍ତି ତାହାକୁ ନିର୍ଦ୍ଦେଶକ ଏଥିରେ ଦେଖାଇବାର ପ୍ରୟାସ କରିଥିଲେ। ଭିନ୍ନକ୍ଷମ ଓ ସାଧାରଣ ଲୋକଙ୍କ ପାଇଁ ଏକାଧିକ ସାମାଜିକ ବାର୍ତ୍ତା ଏହି ଫିଲ୍ମରେ ରହିଥିଲା। ଅନ୍ୟପକ୍ଷରେ ଡକ୍ୟୁମେଣ୍ଟାରି ଫିଲ୍ମ 'ହେରିଟେଜ୍' କିର୍ଗିଜ୍‌ସ୍ତାନର ଲୋକପ୍ରିୟ ପାରମ୍ପରିକ କ୍ରୀଡା 'କୋକ୍ ବୋରୁ' ବା 'ଡେଡ୍ ଗୋଟ୍ ପୋଲୋ' ଉପରେ ଆଧାରିତ ଥିଲା। ଫିଲ୍ମରେ କିର୍ଗିଜ୍‌ସ୍ତାନରେ ପ୍ରଚଳିତ ପ୍ରଥା, ପରମ୍ପରା ଓ ପାରମ୍ପରିକ କ୍ରୀଡା ସମ୍ପର୍କରେ ଅନେକ କିଛି ଜାଣିବାକୁ ପାଇଥିଲେ ଦର୍ଶକ। କ୍ଷୁଦ୍ର ଚଳଚ୍ଚିତ୍ରର ଦେଶ କୁହାଯାଉଥିବା କିର୍ଜିସ୍ତାନର ଅଧିକାଂଶ ଫିଲ୍ମ ତିଆରି କରିବାକୁ ସେଠାକାର ସରକାର ସହାୟତା ଯୋଗାଇ ଦେଉଥିବାବେଳେ ଭାରତରେ ମଧ୍ୟ ଏହି ଟ୍ରେଣ୍ଡ ଆରମ୍ଭ କରିବାକୁ କିର୍ଜିସ୍ତାନରୁ ଆସିଥିବା ଜଣାଶୁଣା ପ୍ରଯୋଜକ ତଥା ଅଭିନେତ୍ରୀ ଚଲ୍‌ପନ୍ ଇଡ୍ରିସୋଭା କହିଛନ୍ତି।

୩ୟ ଦିବସରେ ପ୍ରଦର୍ଶିତ ଅନ୍ୟ ଫିଲ୍ମ ମଧ୍ୟରେ ରହିଥିଲା ରୁଷିଆର 'ଅଙ୍କଲ ଶାଶା', 'କ୍ଲୋଜର୍', 'ଫେଥ୍', ବଙ୍ଗଳା ଫିଲ୍ମ 'ଭଙ୍କାକୁ', ହିନ୍ଦୀର 'ମା', ମରାଠିର 'ଏକ୍ ରୁପେନ୍‌ଚି ଯାତ୍ରା'। ଆଗାମୀ ବର୍ଷଠାରୁ ଏହି ଚଳଚ୍ଚିତ୍ର ମହୋତ୍ସବକୁ ଭୁବନେଶ୍ୱର ବ୍ୟତୀତ ପୁରୀ, କଟକ ଓ କୋଣାର୍କରେ ଆୟୋଜନ କରାଯିବ ବୋଲି ମହୋତ୍ସବ ସଭାପତି ପ୍ରିୟରଞ୍ଜନ ସାହୁ କହିଛନ୍ତି।

## ଆଜି ମାଘ ସପ୍ତମୀ ବୁଡ଼



ମାଘସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗା ବେଳାଭୂମିରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଚନ୍ଦ୍ରଭାଗାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**କୋଣାର୍କ, ୧୧।୨(ଡି.ଏନ.ଏ.)**

ମଙ୍ଗଳବାର ମାଘସପ୍ତମୀ ବୁଡ଼। ଆଜିଠାରୁ ଆରମ୍ଭ ହେବ ପ୍ରସିଦ୍ଧ ଚନ୍ଦ୍ରଭାଗା ମାଘସପ୍ତମୀ ମେଳା। ଏଥିପାଇଁ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମି ଉତ୍ସବମୁଖର ହୋଇଉଠିଛି। ସୋମବାର ଷଷ୍ଠୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ଼ ବଢ଼ି ଚାଲିଥିଲା। ତୀର୍ଥ ପୁଷ୍କରିଣୀ ସଂଲଗ୍ନ ମେଳା ପଡିଆରେ ଶ୍ରଦ୍ଧାଳୁମାନେ ଚାଞ୍ଚରା ଓ ବାଉଁଶ କଣିରେ ଅସ୍ଥାୟୀ କୁଡିଆରେ ମାଟିହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରି ଅର୍କାଦିତ୍ୟଙ୍କୁ ଅର୍ପଣ କରିବା ପରେ ପରିବାର ବର୍ଗଙ୍କ ସହ ସେବନ କରିଥିଲେ। ଏହାପରେ ନିକଟ ହାଣ୍ଡିଭଙ୍ଗା ପୁଷ୍କରିଣୀରେ ହାଣ୍ଡି ବାଡେଇ ଥିବା ଦେଖିବାକୁ ମିଳିଥିଲା। ସେହିଭଳି ସପ୍ତମୀ ଉପଲକ୍ଷେ ଛୋଟାରାମ ବାବାଙ୍କ ଆଶ୍ରମରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ତ୍ରିଶମ୍ଭୁ ବାବା ତ୍ରିବେଣୀଶ୍ୱର, ବାବା ଐଶାନେଶ୍ୱର ଓ ବାବା ଦକ୍ଷିଣେଶ୍ୱର ମହାଦେବ ସୁସଜ୍ଜିତ ବିମାନ ଓ ଉଜ୍ଜ୍ୱଳ ଆଲୋକମାଳାରେ ନିଜ ବିଜେସ୍ଥଳୀରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି କୋଣାର୍କ ଏନ୍ଏସି ପଡିଆ, ପୂର୍ତ୍ତ ବିଭାଗ ଓ କୋଣାର୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପଂକ୍ତି ଭୋଗ ଲାଗି ହୋଇଥିଲା। ରାତି ୨ଟା ୫୮ରେ ତୀର୍ଥ ପୁଷ୍କରିଣୀ ସ୍ନାନ ମଣ୍ଡପରେ ବିଜେ କରିଥିଲେ। ସେଠାରେ ଦେବନୀତି ଅନୁଯାୟୀ ତ୍ରିଶମ୍ଭୁଙ୍କ ପୂଜାର୍ଚ୍ଚନା ଓ ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହାପରେ ଭୋର୍ ୪ଟାରେ ଲକ୍ଷାଧିକ ଶ୍ରଦ୍ଧାଳୁ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଥିଲେ।

ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହଜିଲା ଖୋଜିଲା ମଞ୍ଚ ଖୋଲାଯାଇଛି। ମାଘ ସ୍ନାନ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ପୂର୍ବରୁ ପୁଷ୍କରିଣୀ ଖନନ ଓ ଚୂନ ପକାଯାଇ ବିଶୋଧନ କରାଯାଇଥିଲା। ପୁରୀ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୀର୍ଥ ପୁଷ୍କରିଣୀ, ମେଳା ପଡିଆ, ହେଲିପ୍ୟାଡ୍, ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

### କର୍କଟ ପୀଡ଼ିତା ଦଶାହ ପାଇଁ ନାହିଁ ଅର୍ଥ

**ଗୋପ, ୧୧।୨(ଡି.ଏନ୍.ଏ.)**

ପୁରୀ ଜିଲ୍ଲା ଗୋପ ବ୍ଲକ ଅଧୀନ ବନ୍ତଳୀଗ୍ରାମପଞ୍ଚାୟତର ମହାପୁର ଗ୍ରାମର ସଦାଶିବ ସାହୁଙ୍କ ସ୍ତ୍ରୀ ନଖିମଣୀ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଗତ ୯ତାରିଖ ସନ୍ଧ୍ୟାରେ ଆଖି ବୁଜିଥିଲେ। ଅତ୍ୟନ୍ତ ଗରିବ ହୋଇଥିବାରୁ ଚିକିତ୍ସା ଲାଗି ତାଙ୍କ ପାଖରେ ଆବଶ୍ୟକ ଅର୍ଥ ନ ଥିଲା। ତାଙ୍କ ସ୍ୱାମୀ ସଦାଶିବ ବହୁ କଷ୍ଟରେ କିଛି ଅର୍ଥ ଯୋଗାଡ଼ କରି ପୁରୀ ମେଡିକାଲରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ପୁରୀ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ମାତ୍ର ଜିଲାପାଳଙ୍କଠାରୁ କୌଣସି ସହାୟତା ନ ମିଳିବାରୁ ଶେଷରେ ନିରାଶ ହୋଇ ସ୍ତ୍ରୀଙ୍କୁ ଧରି ଘରକୁ ଚାଲି ଆସିଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ପୁନର୍ବାର ପୁରୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ନିଜ ରୋଗ ସମ୍ପର୍କରେ ଜଣାଇବା ସହ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ନଖିମଣୀଙ୍କ ଚିକିତ୍ସା ପାଇଁ ପୁରୀ ସିଡିଏମ୍‌ଓଙ୍କ ପତ୍ର ସଂଖ୍ୟା ନଂ ୯୭୧ ୫।୨।୨୦୧୯ରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଜଣାଇଥିଲେ। ଏବେ ନଖିମଣୀଙ୍କ ମୃତ୍ୟୁକୁ ୩ଦିନ ବିତିଯାଇଥିଲେ ବି କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ଘରେ ପହଞ୍ଚି ନାହାନ୍ତି। ତାଙ୍କ ପରିବାର ପାଇଁ ସରକାରୀ ସହାୟତା ସାତ ସପନ ପାଲଟିଛି। ଅର୍ଥ ଅଭାବରୁ ଏବେ ତାଙ୍କର ଦଶାହ ଚିନ୍ତାରେ ରହିଛନ୍ତି ସଦାଶିବ। ଏଥିପାଇଁ କେତେକ ବ୍ୟକ୍ତି ଦଶାହ କାର୍ଯ୍ୟ କରିବା ଲଗି ହାତ ବଢାଇଥିବା ଜଣାପଡିଛି।

# ଜୀବନକୁ ସୁନିୟନ୍ତ୍ରିତ କରିବାର ମାର୍ଗ ପ୍ରଦର୍ଶନ କରନ୍ତି ଗୁରୁ



ଉଦ୍‌ବୋଧନ ଦେଉଛନ୍ତି ପୂଜନୀୟ ବିଙ୍କିଦା।

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ସ୍ଥାନୀୟ ସତ୍‌ସଙ୍ଗ ବିହାରଠାରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମମହୋତ୍ସବ ଓ ଚତୁର୍ବିଂଶ ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଦିବସବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ବିନତି ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ ସମେତ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସତ୍‌ସଙ୍ଗର ଡେପୁଟି ଆଡ୍‌ମିନିଷ୍ଟ୍ରେଟର ଡ. ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ(ପୂଜନୀୟ ବିଙ୍କିଦା')ଙ୍କ ଉପସ୍ଥିତିରେ ପାଳିତ ଉତ୍ସବରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶିଷ୍ୟ ଓ ଅନୁରାଗୀ ଯୋଗଦେଇଥିଲେ। ଏହି ଅବସରରେ ଡ. ଚକ୍ରବର୍ତ୍ତୀ କହିଲେ, ଏ ଜଗତ କର୍ମମୟ। କର୍ମ ବିନା ଈପ୍‌ସିତ ପ୍ରାପ୍ତି ଅସମ୍ଭବ। କର୍ତ୍ତବ୍ୟବୋଧ ଓ କର୍ମଶକ୍ତିକୁ ଜାଗ୍ରତ କରାଇବା ସହ ଜୀବନକୁ ସୁନିୟନ୍ତ୍ରିତ କରିବାର ମାର୍ଗଦର୍ଶନ କରାଇଥାନ୍ତି ଗୁରୁ। ତାଙ୍କ ନିର୍ଦ୍ଦେଶିତ ପଥରେ ଚାଲିଲେ ଜୀବନ ସରସସୁନ୍ଦର ହୋଇଉଠେ ବୋଲି ପୂଜନୀୟ ବିଙ୍କିଦା' ନିଜ ବକ୍ତବ୍ୟରେ କହିଥିଲେ।



ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁ।

ପୂର୍ବାହ୍ନରେ ପ୍ରଫେସର ହୃଷୀକେଶ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଡା. ହେମନ୍ତ ନାୟକ ମୁଖ୍ୟବକ୍ତା, ପ୍ରତିରଦ୍ୱିକ୍ ପ୍ରତାପ ଚନ୍ଦ୍ର ଦାସ ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିବାବେଳେ ଇଂ. ଉମାକାନ୍ତ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ ଆଣ୍ଡାମାନ ନିକୋବରର ଏମ୍‌ପି ବିଷ୍ଣୁପଦ ରାୟ ମୁଖ୍ୟ ଅତିଥି, ମୁମ୍ବାଇ ଚିଫ୍ ରେଭିନ୍ୟୁ ଅଫିସର ମହେନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ବିପିୟୁଟିର କୁଳପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କ ଭାବାଦର୍ଶ ଉପରେ ଆଲୋକପାତ କରିଥିଲେ। ଉତ୍ସବ ଉପଲକ୍ଷେ ପ୍ରକାଶିତ ସ୍ମରଣିକା 'ତର୍ପଣ'ର ଲୋକାର୍ପଣ କରାଯାଇଥିଲା। କଲିକତାରୁ ଆସିଥିବା ପଣ୍ଡିତ ବଳରାମ ଦାସ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିବାବେଳେ ତବଲାରେ ସହଯୋଗ କରିଥିଲେ ମନୋରଞ୍ଜନ କାଞ୍ଜିଲାଲ। ଚକ୍ରଧାରୀ ନାୟକଙ୍କ ପରିଚାଳନାରେ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସହସ୍ରାଧିକ ବ୍ୟକ୍ତି ଶ୍ରୀଶ୍ରୀଠାକୁରଙ୍କ ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସଙ୍ଗୀତା



ପଦ୍ମ



ସାର୍ଥକ



ସୋମୁ



ରଶ୍ମିତା



ସାଗର



ପ୍ରଦୀପ



ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି।
-ଫ୍ରାନ୍ସିସ୍ କ୍ୱାର୍ଲସ



## ସଂକ୍ଷେପରେ

### ୨୦ରେ ବ୍ରହ୍ମଗିରି ଆସିବେ ମୁଖ୍ୟମନ୍ତ୍ରୀ ୧୬୭ କୋଟିର ବୃହତ୍ ପାନୀୟଜଳ ପ୍ରକଳ୍ପର କରିବେ ଶିଳାନ୍ୟାସ

**ପୁରୀ ଅଫିସ,୧୧।୨:** ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମଗିରି ଗସ୍ତରେ ଆସିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା କହିଛନ୍ତି ଯେ, ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିମଧ୍ୟରେ ୧୬୭ କୋଟି ଟଙ୍କା ବ୍ୟୟରେ ଏକ ବୃହତ୍ ପାନୀୟଜଳ ପ୍ରକଳ୍ପ ମଧ୍ୟ ରହିଛି। ଏହି ପାନୀୟଜଳ ପ୍ରକଳ୍ପ ଦ୍ୱାରା ବ୍ରହ୍ମଗିରି ବ୍ଲକର ୧୧ ପଞ୍ଚାୟତ ଏବଂ କୃଷ୍ଣପ୍ରସାଦ ବ୍ଲକର ୭ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଦାସବର୍ମା ସୂଚନା ଦେଇଛନ୍ତି।

### ଚନ୍ଦ୍ରଭାଗା ବୁଡ଼ ଯାତ୍ରୀଙ୍କ ମଙ୍ଗଳା ଦର୍ଶନ

କାକଟପୁର, ୧୧।୨(ଡି.ଏନ୍.ଏ.)-ଚନ୍ଦ୍ରଭାଗା ମାଘ ସପ୍ତମୀ ମେଳାରେ ବୁଡ଼ ପକାଇବା ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ ସୋମବାର କାକଟପୁରର ମା'ମଙ୍ଗଳାଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନ ଓ ବାହାର ପ୍ରଦେଶରୁ ଆସିଥିବା ଶ୍ରଦ୍ଧାଳୁମାନେ ଏଥିରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁମାନେ ପ୍ରାଚୀ ନଦୀ ଜଳ ମୁଣ୍ଡରେ ଶିଞ୍ଚନ କରିବା ସହ ମା'ଙ୍କୁ ଦର୍ଶନ କରି ପୂଜା କରିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯାଇଥିଲା।

### ଏନ୍‌ବିଡବ୍ଲ୍ୟୁ ବଳରେ ଦମ୍ପତି ଗିରଫ

**କଟକ ଅଫିସ୍,୧୧।୨:** ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ବାଦାମବାଡି ପୋଲିସ ସୋମବାର ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳର ପିତାମ୍ବର ମହାନ୍ତି ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ମହାନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୦୧୬ରେ ଏକ ଗଣ୍ଡଗୋଳ ମାମଲାରେ ଉଭୟ ସ୍ତ୍ରୀ ଓ ସ୍ୱାମୀ ସାମିଲ ଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାବେଳେ ସେମାନେ କୋର୍ଟରେ ହାଜର ହେଉ ନ ଥିଲେ। ଫଳରେ କୋର୍ଟ ସେମାନଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ବାଦାମବାଡି ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

### ବେକରେ ବନ୍ଧୁକ ଲଗାଇ ଧମକ: କାବୁକଲେ ଲୋକେ

**ପୁରୁଣା ଭୁବନେଶ୍ୱର,୧୧।୨(ଡି.ଏନ.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡିଆପୋଖରୀ ଛକଠାରେ ସୋମବାର ରାତି ୮ ଟାରେ ଦୁଇଜଣ ଦୁର୍ବୃତ୍ତ ଦୁଇଟି ପଲସର ବାଇକ୍‌ରେ ଆସି ଜଣେ ଦୋକାନୀଙ୍କୁ ଇସାରା ଦେଇ ଡାକିଥିଲେ। ଏଥିରେ କିଛି ବି ବ୍ୟତିକ୍ରମ ହେବାରୁ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ୯ ଏମ.ଏମ. ରିଭଲଭର ଦୋକାନୀଙ୍କ ବେକରେ ଲଗାଇ ଭୟଭୀତ କରାଇଥିଲେ। ଏହାଦେଖି ଲୋକେ ଭୟଭୀତ ହୋଇ ପଡିଥିଲେ। କେତେଜଣ ସାହସୀ ଯୁବକ ୨ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ କାବୁ କରିଥିଲେ। ଏହାର ଫାଇଦା ନେଇ ଅନ୍ୟ ଜଣେ ଯୁବକ ଖସି ପଳାଇଥିଲେ। ପରେ ଶତାଧିକ ଲୋକ ରୁଣ୍ଡ ହୋଇ ଧରାପଡିଥିବା ଯୁବକଙ୍କୁ ଉତ୍ତମ ମଧ୍ୟମ ଦେଇ କାବୁ କରିଥିଲେ। ଉତ୍ତରା ଫାଣ୍ଡି ଅଧିକାରୀ ଅଶୋକ ଗୋଚ୍ଛାୟତ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତଙ୍କୁ ଉଦ୍ଧାର କରିବା ସହ ଘଟଣାର ଅନୁସନ୍ଧାନ ଚଳାଇଥିବା ସେ କହିଛନ୍ତି।

■ ଶ୍ରୀମନ୍ଦିରରେ ବୁଧବାରିଆ କମିଟି

# ଘୋଷଣା ହେଲା, ଗଠନ ହେଲାନି

**ପୁରୀ ଅଫିସ,୧୦।୨**



ଶ୍ରୀମନ୍ଦିର ନୀତିକାନ୍ତିରେ କୌଣସି ପ୍ରକାର ବିଭ୍ରାଟ କିମ୍ବା ବିଳମ୍ବକୁ ଆଉ ବରଦାସ୍ତ କରାଯିବ ନାହିଁ। ବିଳମ୍ବ ଆଉ ବିଶୃଙ୍ଖଳା କରୁଥିବା ସେବକଙ୍କୁ ରୋକ୍‌ଠୋକ ଶୁଣାଇଦେଇଛି ମନ୍ଦିର ପ୍ରଶାସନ। ନୀତିରେ ବିଳମ୍ବ ହେଲେ ପାଳିଆ ପୁରସ୍କାର କାଟ ସାଙ୍ଗକୁ ସେବାରୁ ବହିଷ୍କୃତର ଚରମ ନିଷ୍ପତ୍ତି ମଧ୍ୟ ନେଇଛି। ତେବେ ମହାପ୍ରଭୁଙ୍କ ନୀତିକାନ୍ତିଙ୍କୁ ଆହୁରି ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବୁଧବାରିଆ କମିଟି ଗଠନ କରିବ ବୋଲି ନିଷ୍ପତ୍ତି ନେଇଥିଲା। ଏ ନେଇ ମୁଖ୍ୟ ପ୍ରଶାସକ ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ କମିଟି ଗଠନ ହୋଇନାହିଁ।

ମହାପ୍ରଭୁଙ୍କ ନୀତିକାନ୍ତିର ସୁପରିଚାଳନା ପାଇଁ ୨୦୧୩ରେ ବୁଧବାରିଆ କମିଟି ଗଠନ କରାଯାଇଥିଲା। ପ୍ରାୟ ୨୨ ଜଣ ଯୁବ ସେବକ ଏହାର ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ଏହାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଥିଲା। ନୀତି କିପରି ଠିକ୍ ଭାବେ ଚାଲିବ ସେ ନେଇ ପ୍ରତି ବୁଧବାର କମିଟି ବୈଠକ ବସି ଆଲୋଚନା ହେଉଥିଲା। ସଦସ୍ୟମାନେ ବିଭିନ୍ନ ପର୍ଯ୍ୟାୟରେ ମନ୍ଦିରରେ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରୁଥିଲେ। କିନ୍ତୁ ୨୦୧୫ ବେଳକୁ ଏହି କମିଟି ଧୀରେ ଧୀରେ ନିଷ୍କ୍ରିୟ ହୋଇପଡିଥିଲା। ଏହାପରେ ଶ୍ରୀମନ୍ଦିରରେ ଅନେକଥର ବିଭ୍ରାଟ ଦେଖାଦେଇଛି। ସେହିପରି ମହାପ୍ରଭୁଙ୍କ ନୀତିକାନ୍ତିରେ ବିଳମ୍ବ କିଛି ସେବାୟତଙ୍କ ଅଭ୍ୟାସରେ ପରିଣତ ହୋଇଛି। ଏମିତି ବି ହୋଇଛି ମହାପ୍ରଭୁଙ୍କୁ ଅଖିଆ, ଅପିଆ ରଖିଛନ୍ତି। ତେଣୁ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିସହ ପୁନଶ୍ଚ ବୁଧବାରିଆ କମିଟି ଚାଲୁ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ। ଗତ ମାସ ୧୮ ତାରିଖରେ ମୁଖ୍ୟ ପ୍ରଶାସକ କହିଥିଲେ ଯେ, ନୀତିକାନ୍ତିଙ୍କୁ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ କାର୍ଯ୍ୟକ୍ଷମ ଥିବା ବୁଧବାରିଆ କମିଟି ବନ୍ଦ ରହିଛି। ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇବା ଲାଗି ନିଷ୍ପତ୍ତି ହୋଇଛି। ୫/୭ ଦିନ ମଧ୍ୟରେ ଏହି କମିଟି କାମ ଆରମ୍ଭ କରିବ। ହେଲେ ଇତିମଧ୍ୟରେ ୨୩ ଦିନ ବିତିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ବୁଧବାରିଆ କମିଟି ଗଠନ କରାଯାଇ ନ ଥିବା ଜଣାପଡିଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କୁ ପଚାରିବାରୁ ଠାକୁରଙ୍କ ନୀତିକାନ୍ତିରେ ସମନ୍ୱୟ ରକ୍ଷା କରିବା ପାଇଁ ୨୦୧୩ରେ ଏହି କମିଟି ଗଠନ କରାଯାଇଥିଲା। ବୁଧବାର କମିଟିର ବୈଠକ ବସି ନୀତିକାନ୍ତି ଶୃଙ୍ଖଳା ଲାଗି ଆଲୋଚନା କରାଯାଉଥିବାରୁ ଏହାକୁ ବୁଧବାରିଆ କମିଟି ବୋଲି କୁହାଯାଉଥିଲା। ପ୍ରାୟ ୨ବର୍ଷ ପର୍ଯ୍ୟନ୍ତ କମିଟି ଠିକ୍‌ଠାକ ଦାୟିତ୍ୱ ସମ୍ପନ୍ନ କରିଥିଲା। ହେଲେ ୨୦୧୫ ବେଳକୁ ଏହା ନିଷ୍କ୍ରିୟ ହୋଇଯାଇଥିଲା। ଏବେ ପୁଣି ଏହି କମିଟି କାର୍ଯ୍ୟକ୍ଷମ କରିବା ଲାଗି ନିଷ୍ପତ୍ତି ହୋଇଛି। ଖୁବ୍‌ଶିଘ୍ର କମିଟି ଗଠନ ହେବ ବୋଲି ସେ ସୂଚନା ଦେଇଛନ୍ତି।



ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ମଦମୃତ୍ୟୁର ଶିକାର ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଭୁବନେଶ୍ୱରଠାରେ ସୋମବାର ଅନୁଷ୍ଠିତ ମହମବତୀ ଶୋଭାଯାତ୍ରା।

ଶ୍ରୀମନ୍ଦିରର ସମସ୍ୟା ଓ ସମାଧାନ

# ୧୭ରେ ଗୋବର୍ଦ୍ଧନ ମଠରେ ଉଚ୍ଚସ୍ତରୀୟ ବୈଠକ

**ପୁରୀ ଅଫିସ, ୧୧।୨**

ବିଭିନ୍ନ ସମୟରେ ବିତର୍କକୁ ଆସୁଛି ଶ୍ରୀମନ୍ଦିର। ସେବକ ହୁଅନ୍ତୁ ଅବା ଭକ୍ତ କିମ୍ବା ପ୍ରଶାସନିକ ଅଧିକାରୀ, ଏମାନଙ୍କ ପାଇଁ ବେଳେବେଳେ ବଦ୍‌ନାମ ହେଉଛି ବଡ଼ଦେଉଳ। ଅନେକ ସମୟରେ ଅପ୍ରୀତିକର ଘଟଣା ପାଇଁ ବାହାରୁ ଆସୁଥିବା ଦର୍ଶନାର୍ଥୀ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଏବଂ ଓଡ଼ିଶା ପ୍ରତି ଏକ ଭିନ୍ନ ଧାରଣା ଜନ୍ମୁଛି। ଦିନକୁ ଦିନ ଶ୍ରୀମନ୍ଦିରକୁ ନେଇ ଅଭାବନୀୟ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ନୀଳାଦ୍ରି ବିଜେ ବିଶୃଙ୍ଖଳା, ବ୍ରହ୍ମ ବିଭ୍ରାଟ, ରତ୍ନଭଣ୍ଡାର ଖୋଲାଯିବା, ରତ୍ନଭଣ୍ଡାର ଚାବି ହଜିବା, ଗର୍ଭଗୃହ ଦର୍ଶନ ବନ୍ଦ, ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ ହେବା, ଠାକୁର ଅଖିଆଅପିଆ ରହିବା, ୪ ଦିନ ଧରି ମହାପ୍ରସାଦ ବନ୍ଦ ହେବା, ୧୪ ଘଣ୍ଟା ଶ୍ରୀମନ୍ଦିର ଦ୍ୱାର ନ ଫିଟିବା, ଧାଡ଼ିଦର୍ଶନକୁ ନେଇ ହିଂସାକାଣ୍ଡ ଓ ଜଳାପୋଡ଼ା, ମନ୍ଦିର ଭିତରେ ଭକ୍ତ ଅସଦାଚରଣର ଶିକାର ହେବା, ସେବାୟତ-ଭକ୍ତ ମାର୍‌ପିଟ ହେବା ଭଳି ଅନେକ ପ୍ରକାର ବିବାଦୀୟ ଘଟଣା ଘଟିଛି। ଏସବୁ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆହୁରି ବିବାଦୀୟ ହୋଇପଡ଼ିବ ଶ୍ରୀମନ୍ଦିର। ତେଣୁ ଏହାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏଥିପାଇଁ ଆସନ୍ତା ୧୭ ତାରିଖରେ ଗୋବର୍ଦ୍ଧନ ମଠରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକକୁ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଆଇନ ମନ୍ତ୍ରୀ, ଆଇନ ସଚିବ, ରାଜ୍ୟ ଦେବୋତ୍ତର କମିଶନର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ଜିଲା ଜଜ୍, ବିଭିନ୍ନ ସେବକ ନିଯୋଗ କର୍ମକର୍ତ୍ତା, ହାଇକୋର୍ଟ ଓକିଲ ସଂଘ କର୍ମକର୍ତ୍ତା, ପୁରୀ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯିବ। ଦୀର୍ଘଦିନ ଧରି ଶ୍ରୀମନ୍ଦିରରେ ଲାଗିରହିଥିବା ଅବ୍ୟବସ୍ଥାକୁ ସୁଧାରିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ବ୍ଲକ ଅଫିସ ଛାତରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ନିଆଳି,୧୧।୨(ଡି.ଏନ୍.ଏ.)**

**ମିଳିଲାନି ରାଶନ କାର୍ଡ**

■ ଲାଞ୍ଚ ମଗାଯାଉଥିବା ଅଭିଯୋଗ ଆଣିଲେ ମହିଳା

ରାଶନକାର୍ଡ ପାଇବା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ ମିଳିଲାନି। ଶେଷରେ ନିରାଶ ହୋଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ ଜଣେ ମହିଳା। ସୋମବାର ପୂର୍ବାହ୍ନରେ ଏଭଳି ଘଟଣା ଦେଖିବାକୁ ମିଳିଛି ନିଆଳି ବ୍ଲକ ଅଞ୍ଚଳରେ। ଏହି ବ୍ଲକ ଅଧୀନ ଏରଞ୍ଚ ପଞ୍ଚାୟତ କୂଳଶ୍ରୀ ଗ୍ରାମର ବବିତା ମହରଣା(୨୪) ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କ ପରିବାର ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ରାଶନକାର୍ଡ ପାଇବା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ବ୍ଲକ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ଲାଞ୍ଚ ନ ଦେବା ହେତୁ ରାଶନକାର୍ଡ ହୋଇପାରୁ ନ ଥିବା ବବିତା କହିଛନ୍ତି। ରାଶନକାର୍ଡ ନ ପାଇବାରୁ ସେ ହତାଶ ହୋଇ ସୋମବାର ମଧ୍ୟାହ୍ନରେ ବ୍ଲକ କାର୍ଯ୍ୟାଳୟ ଛାତ ଉପରୁ ଡେଇଁ ଆତ୍ମହତ୍ୟା ପାଇଁ ଉଦ୍ୟମ କରୁଥିଲେ। ଏହିସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଘଟଣା ସମ୍ପର୍କରେ ଜାଣିବା ପରେ ଛାତ ଉପରକୁ ଯାଇ ଉକ୍ତ ମହିଳାଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୨୦ ତାରିଖ ମଧ୍ୟରେ ତାଙ୍କୁ ରାଶନକାର୍ଡ ଯୋଗାଇ ଦିଆଯିବ ବୋଲି ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ମହିଳା ଜଣଙ୍କ ଶାନ୍ତ ହୋଇ ଛାତରୁ ତଳକୁ ଓହ୍ଲାଇଥିଲେ।

# ବସ୍ତିରେ ଅପରାଧ ରୋକିବ 'ଆପୋସ'





କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଭୁବନେଶ୍ୱର,୧୧।୨ (ବ୍ୟୁରୋ)**

ବସ୍ତିରେ ଅପରାଧ ରୋକିବା ପାଇଁ କମିଶନରେଟ ପୋଲିସର ସହାୟ ହେବ 'ଆପୋସ' ଯୋଜନା। ବସ୍ତିରେ ପ୍ରାୟ ୪୦ ପ୍ରତିଶତ ଲୋକ ରହୁଛନ୍ତି। ଏଠାରେ ସାମାଜିକ ନିୟନ୍ତ୍ରଣ ପ୍ରକ୍ରିୟା ଅତ୍ୟନ୍ତ ଦୁର୍ବଳ। ବସ୍ତିରେ ରହୁଥିବା ଲୋକମାନେ ବିଭିନ୍ନ ଅଞ୍ଚଳ ଓ ଶ୍ରେଣୀରୁ ଆସୁଥିବାରୁ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କ କ୍ଷୀଣ। ତେଣୁ ବସ୍ତିରେ ଅପରାଧ ବଢ଼ିବାର ଏହା ଅନ୍ୟତମ କାରଣ। ବସ୍ତି ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରଖି ସେମାନଙ୍କୁ ସୁରକ୍ଷା ଦେବା 'ଆପୋସ' ଯୋଜନାର ମୂଳ ଲକ୍ଷ୍ୟ ବୋଲି ସୋମବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ଯୋଜନାର ଶୁଭାରମ୍ଭ କରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ ବିଭାଗ) ଅସିତ୍ ତ୍ରିପାଠୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଏହା ଏକ ଭଲ କାର୍ଯ୍ୟକ୍ରମ। ଏହାଫଳରେ ବସ୍ତିର ଯୁବକଙ୍କ ହାତରେ ସେଠାକାର ସୁରକ୍ଷା ରହିବ। ସେମାନେ ବସ୍ତିର ଅପରାଧ ରୋକିବା ଦିଗରେ ମୁଖ୍ୟ ମାଧ୍ୟମ ହେବେ ବୋଲି ସେ କହିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମର ଏକ ଲୋଗୋ ଉନ୍ମୋଚିତ ହୋଇଥିଲା।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଲେ, ପୋଲିସ ଉପରେ ବସ୍ତି ବାସିନ୍ଦାଙ୍କ ସାମଗ୍ରିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବା ସହ ସାମାଜିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଗମ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଖେଳକୁ ମାଧ୍ୟମ କରି ପୋଲିସ ଯୁବକମାନଙ୍କୁ ସେମାନଙ୍କ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭଲିବଲ୍, ଫୁଟ୍‌ବଲ ଓ କ୍ରିକେଟ୍ ଆଦି ଖେଳ ପୋଲିସ ଆୟୋଜନ କରିବ। ଏହାସହ ବସ୍ତି-ବସ୍ତି ମଧ୍ୟରେ ଟୁର୍ନାମେଣ୍ଟ ଆୟୋଜନ କରିବା ସହ ଆବଶ୍ୟକ ଖେଳ ସରଞ୍ଜାମ ତଥା ଖେଳପଡ଼ିଆ ଆଦି ପୋଲିସ ଯୋଗାଇଦେବ ବୋଲି କମିଶନର କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ ଉପସ୍ଥିତ ଥିଲେ। ଏଥିରେ ସାଲିଆସାହି, ପଣ୍ଡା ପାର୍କ, ଶିଖରଚଣ୍ଡୀ, ଭରତପୁର, ହଳଦିପଡ଼ିଆ ଓ ପଥରବନ୍ଧ ଆଦି ବସ୍ତିର ଯୁବକମାନେ ଯୋଗଦେଇଥିଲେ।

# ଗୋଷ୍ଠୀ ସଂଘର୍ଷ: ଜଣେ ଗିରଫ

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ହେବା ପରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ବିଡିଏ କଲୋନୀ ନୀଳମାଧବ ବସ୍ତି ଅଞ୍ଚଳର ଦିବାକର ସାହୁ। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅଧୀନ ବିଡିଏ କଲୋନୀ ଅଞ୍ଚଳରେ ରହୁଥିବା ସ୍ୱପ୍ନଜିତ୍ ତରାଇଙ୍କ ସହ ଅଭିଯୁକ୍ତ ଦିବାକରଙ୍କ ପୂର୍ବ ଶତ୍ରୁତା ରହିଥିଲା। ରବିବାର ରାତିରେ ସ୍ୱପ୍ନଜିତ୍ ତାଙ୍କ ସାଙ୍ଗମାନଙ୍କ ସହ ଘରକୁ ଫେରୁଥିବା ବେଳେ ଦିବାକର ଏବଂ ତାଙ୍କ ସମର୍ଥକମାନେ ଅଟକାଇଥିଲେ। ପୂର୍ବ ବିବାଦକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବଚସା ହୋଇଥିଲା। ଦିବାକରଙ୍କ ସମର୍ଥକମାନେ ସ୍ୱପ୍ନଜିତଙ୍କ ସମର୍ଥକଙ୍କୁ ଲୁହା ରଡ ଏବଂ ହକି ଷ୍ଟିକରେ ମାଡ ମାରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରୁ ଆହତ ସ୍ୱପ୍ନଜିତ୍ ଏବଂ ତାଙ୍କର ବନ୍ଧୁମାନଙ୍କୁ ହସ୍ପିଟାଲକୁ ନେଇଥିଲା। ଏ ନେଇ ସ୍ୱପ୍ନଜିତ ଅଭିଯୋଗ କରିବା ପରେ ପୋଲିସ ୫୮/୧୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦିବାକରଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି।

# ବିବାଦ: ଗଙ୍ଗପଡ଼ା ପଞ୍ଚାୟତରେ ହୋଇପାରିଲାନି ପିଠା କାର୍ଯ୍ୟକ୍ରମ

**ଯାଁଳା/ଜଟଣୀ,୧୧।୨(ଡି.ଏନ.ଏ.)**

ଜଟଣୀ ବ୍ଲକର ଗଙ୍ଗପଡା ପଞ୍ଚାୟତରେ ରବିବାର ହେବାକୁ ଥିବା ପିଠା କାର୍ଯ୍ୟକ୍ରମ ହୋଇ ନ ପାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନିର୍ଦ୍ଦିଷ୍ଟ କାରଣକୁ ନେଇ ସରପଞ୍ଚ, ସମିତି ସଭ୍ୟ ଓ ଗାଁର କେତେଜଣ ଲୋକ ବିରୋଧ ଯୋଗୁ ଏହା ହୋଇ ପାରି ନ ଥିବା ଜଣାପଡିଛି। ପଞ୍ଚାୟତରେ ପୂର୍ବରୁ ଦୁଇଥର ପିଠା କାର୍ଯ୍ୟକ୍ରମ ହୋଇସାରିଛି। ଜାନୁୟାରୀ ୨୦ରେ ହୋଇଥିବା ପିଠା କାର୍ଯ୍ୟକ୍ରମକୁ ନେଇ ସରପଞ୍ଚ ଗୀତାଞ୍ଜଳି ମହାରଣାଙ୍କ ସ୍ୱାମୀ ସୁଧାଂଶୁ ଶେଖର ଓ ବିଡିଓଙ୍କ ମଧ୍ୟରେ ସେହି ମାସ ୨୨ରେ ପାଟିତୁଣ୍ଡ ହୋଇଥିଲା। ଏନେଇ ନେଇ ସୁଧାଂଶୁଙ୍କ ନାମରେ ବିଡିଓ ଥାନାରେ ଆକ୍ରମଣ ଅଭିଯୋଗ କରିଥିଲେ। ଏ ନେଇ ଗୀତାଞ୍ଜଳି କୁହନ୍ତି, ପିଠା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କଲେ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମେତ ରହିଯାଇଥିବା ବିଲ୍ ପାସ୍ କରି ଦେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ହେଲେ କାର୍ଯ୍ୟକ୍ରମ ସରିବା ପରେ ପ୍ରତିଶ୍ରୁତି ଅନୁଯାୟୀ କୌଣସି କାର୍ଯ୍ୟ ହୋଇ ନ ଥିଲା। ଏ ନେଇ ତାଙ୍କ ସ୍ୱାମୀ ପଚାରିବାକୁ ଯାଇଥିବା ବେଳେ ଆକ୍ରମଣ ଉଦ୍ୟମ ଅଭିଯୋଗ ବିଡିଓ ଥାନାରେ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ୧୦ ତାରିଖ କାର୍ଯ୍ୟକ୍ରମକୁ ପଞ୍ଚାୟତର ବହୁ ଲୋକ ବିରୋଧ କରିବାରୁ ଏହା ହୋଇ ପାରି ନ ଥିବା ସେ କହିଛନ୍ତି। ସେହିପରି ସମିତି ସଭ୍ୟ ସୁଶୀଳ କୁମାର ସ୍ୱାଇଁ କୁହନ୍ତି, ପଞ୍ଚାୟତକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଆମ ଗାଁ ଆମ ବିକାଶ ହେଉ ବା ଅନ୍ୟ କୌଣସି ଯୋଜନାରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କୁ ସାମିଲ କରାଯାଉନାହିଁ। ଉନ୍ନତିମୂଳକ କାର୍ଯ୍ୟ ବାବଦରେ ସେମାନେ ଦେଉଥିବା ପ୍ରସ୍ତାବକୁ ଗ୍ରହଣ କରାଯାଉନାହିଁ। ଏଣୁ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଆୟୋଜନକୁ ବିରୋଧ କରାଯାଇଥିବା ସେ କହିଛନ୍ତି। ବିଡିଓ ବାସୁଦେବ ମାହାରୀ କୁହନ୍ତି, ପିଠା କାର୍ଯ୍ୟକ୍ରମ କ'ଣ ପାଇଁ ହୋଇପାରିଲା ନାହିଁ ତାହାର ଅନୁଧ୍ୟାନ କରାଯାଉଛି। ୨୦ ତାରିଖ ପର୍ଯ୍ୟନ୍ତ ସମୟ ରହିଛି। ଆବଶ୍ୟକ ପଡିଲେ ବ୍ଲକ ପ୍ରଶାସନ ପକ୍ଷରୁ ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

## ଫଟୋରେ ଖବର




ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଶ୍ରାଦ୍ଧ ଉତ୍ସବରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ଦଳୀୟ ନେତୃବୃନ୍ଦ।





ଓଡ଼ିଶା ସରକାରଙ୍କ ବସ୍ତି ଆଇନ ୨୦୧୭ ଅନୁସାରେ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ଜନମଙ୍ଗଳ ବସ୍ତି ବିକାଶ ସମିତି ବଳିଆପଣ୍ଡା ପୁରୀ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।



ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝି ନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।
- ସ୍ୱାମୀ ସଚ୍ଚିଦାନନ୍ଦ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

**ନିରାକାରପୁର,୧୧।୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ରାମେଶ୍ୱର ଗାଁ ନିକଟ ନୂଆ ଜଗନ୍ନାଥ ସଡ଼କ ଉପରେ ସୋମବାର ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଉଛନ୍ତି ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହ ବଜାର ସାହିର ବାଜି ରାଉତରାୟ(୩୫)। ଖବର ପାଇ ନିରାକାରପୁର ପୋଲିସ ବାଜିଙ୍କୁ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେ ବାଇକ୍ ନଂ ଓଆର୦୧କେ ୪୦୬୦ରେ ଆସୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଭାବେ ଆହତ ହୋଇଥିଲେ।

### ଧୀରଞ୍ଜନ ହତ୍ୟା ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

ଧାର ଟଙ୍କା ମାଗିବାରୁ ହୋଇଥିଲା ଆକ୍ରମଣ

**ନିମାପଡ଼ା,୧୧।୨(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅଳନ୍ଧା ଗ୍ରାମର ଧୀରଞ୍ଜନ ରାଉତ(୩୨)ଙ୍କୁ ଲୁହା ରଡରେ ପିଟି ପିଟି ହତ୍ୟା କରାଯାଇଥିଲା। ପ୍ରାୟ ସାଢେ ୮ମାସ ପରେ ଏହି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ନିମାପଡ଼ା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଦିପିରେଣ୍ଡା ଗ୍ରାମର ପ୍ରତାପ ପ୍ରଧାନ। ଏହା ସହ ପୋଲିସ ତାଙ୍କଠାରୁ ଏକ ମୋବାଇଲ ଫୋନ ଜବତ କରିଛି। ସୂଚନାଥାଉ କି, ମୁଖ୍ୟ ଅଭିଯୁକ୍ତ ପ୍ରତାପ ମୃତ ଧୀରଞ୍ଜନଙ୍କଠାରୁ ୧୦ହଜାର ଟଙ୍କା ଧାର ନେଇଥିଲେ। ଗତ ୧୨ ମେ ୨୦୧୮ରେ ଗଣେଶ ବଜାର ନିକଟରେ ଥିବା ଏକ ହୋଟେଲରେ ଧୀରଞ୍ଜନ ଧାର ଦେଇଥିବା ଟଙ୍କା ପ୍ରତାପଙ୍କୁ ମାଗିଥିଲେ। ଧାର ଟଙ୍କା ମାଗିବାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ପ୍ରତାପ, ତାଙ୍କ ଭାଇ ପ୍ରଦୀପ୍ତ, ବାପା ପରିକ୍ଷିତ ଓ ଜଣେ ସହଯୋଗୀ ଗାନୁଆ ବେହେରା ପ୍ରମୁଖ ସଂଘବଦ୍ଧଭାବେ ଧୀରଞ୍ଜନଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଧୀରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ଧୀରଞ୍ଜନଙ୍କ ଭାଇ କାଳନ୍ଦୀ ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ୪ ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ.୧୨୮/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ୧୪ ମେ ୨୦୧୮ରେ ମୁଖ୍ୟ ଅଭିଯୁକ୍ତ ପ୍ରତାପଙ୍କ ବାପା ପରିକ୍ଷିତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ରବିବାର ମୁଖ୍ୟ ଅଭିଯୁକ୍ତ ପ୍ରତାପଙ୍କୁ ପୋଲିସ ନିମାପଡ଼ାରୁ ଗିରଫ କରିଛି। ଫେରାର ଥିବା ଆଉ ଦୁଇ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

### ଜାତୀୟ କୁଷ୍ଠ ନିରାକରଣ ସଚେତନତା

**ଯାଁଳା, ୧୧।୨( ଡି.ଏନ.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତରେ କୁଷ୍ଠ ରୋଗ ନିରାକରଣ ଲାଗି ସଚେତନତା ସଭା ସୋମବାର ହୋଇଯାଇଛି। ଏଥିରେ ପୁରୁଷମହିଳା ସ୍ୱାସ୍ଥ୍ୟକର୍ମୀ, ଯାଁଳା ପଞ୍ଚାୟତ ସେକ୍ରେଟାରୀ, ନୋମିନ ଏବଂ ପ୍ରତ୍ୟେକ କେନ୍ଦ୍ରର ଅଙ୍ଗନୱାଡି କର୍ମୀ, ଆଶା ଦିଦି, ୱାର୍ଡମେମ୍ବର ଯୋଗ ଦେଇଥିଲେ। ଲୋକମାନଙ୍କ ଶରୀରରେ ଥିବା ଛଉଗୁଡିକୁ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଚିହ୍ନଟ କରାଯିବ ବୋଲି ଆଲୋଚନା ହୋଇଥିଲା। ଚିହ୍ନି ପାରୁ ନ ଥିବା ଛଉକୁ ନ ଲୁଚାଇ ଅଙ୍ଗନୱାଡି, ଆଶା ଓ ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା।

### ମାଘସପ୍ତମୀ: ସୁନାମୁହିଁ ଘାଟକୁ ଗଲେ ଉମା, ଚନ୍ଦ୍ରଶେଖର

**ନିଆଳି, ୧୧।୨(ଡ଼ି.ଏନ୍.ଏ.):** ମାଘ ସପ୍ତମୀ ଉପଲକ୍ଷେ ପୁଣ୍ୟତୋୟା ପ୍ରାଚୀ ନଦୀରେ ବୁଡ ପକାଇବା ପାଇଁ ନିଆଳିର ସୁନାମୁହିଁ ଘାଟରେ ପ୍ରତିବର୍ଷ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ତଦନୁଯାୟୀ, ସୋମବାର ନିଆଳି ଅଞ୍ଚଳର ଶୋଭନେଶ୍ୱରଙ୍କ ପୀଠରେ ବିଭିନ୍ନ ପୂଜାନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମନ୍ଦିରରୁ ଉମା, ଚନ୍ଦ୍ରଶେଖରଙ୍କୁ ବିମାନ ଶୋଭାଯାତ୍ରାରେ ଦୀନାସିଂହପାଟଣା ନିକଟ ପ୍ରାଚୀନଦୀର ସୁନାମୁହିଁ ଘାଟକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସରପଞ୍ଚ ପ୍ରଶାନ୍ତ ସିଂହଙ୍କ ସହ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ପ୍ରାତଃରେ ଉକ୍ତ ଘାଟରେ ଠାକୁର ସ୍ନାନ କରିବା ପରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଜଣାପଡିଛି। ସେହିପରି ମଙ୍ଗଳବାରଠାରୁ ୪ଦିନ ବ୍ୟାପି ନିଆଳି ମହୋତ୍ସବ ଅନୁଷ୍ଠିତ ହେବ।

---

ନବନିର୍ମାଣ କୃଷକ ସଙ୍ଗଠନର ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ

# ମାଲ ବୋଝେଇ ଗାଡ଼ିକୁ ଅଟକାଇଲେ ଚାଷୀ

**ଖୋର୍ଦ୍ଧା ଅଫିସ,୧୧।୨**

କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ଜଙ୍କିଆ ଓ ନିରାକାରପୁର ଥାନା ଅଞ୍ଚଳର ରାମେଶ୍ୱର ଛକ ଅଞ୍ଚଳରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଅର୍ଥନୈତିକ ଅବରୋଧ ହୋଇଥିଲା। ଜାତୀୟ ରାଜପଥରେ ଯାଉଥିବା ମାଲ ନେଇ ଯାଉଥିବା ଯଥା କ୍ଷୀର, ଦହି, ମାଛ, ଅଣ୍ଡା, ପନିପରିବା ପରି ଖାଦ୍ୟ ପଦାର୍ଥ ଯାଉଥିବା ଯାନକୁ ଅଟକା ଯାଇଥିଲା। ଯାତ୍ରୀବାହୀ ବସ, ବାଇକ, ଅନ୍ୟ ମାଲ ବୋଝେଇ ଯାନବାହନକୁ ଛାଡି ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ଠାରୁ ୧୨ଟା ୧୫ ମିନିଟ୍ ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ ଜାରି ରହିଥିଲା। ଖବରପାଇ ନିରାକାରପୁର ଥାନା ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇ ଆଣି ଥାନା ପରିସର ମଧ୍ୟରେ ରଖିଥିଲା। ଏହି ଆନ୍ଦୋଳନରେ ଖୋର୍ଦ୍ଧା, ନୟାଗଡ ଜିଲା ସମେତ ରାଜ୍ୟର ଅନ୍ୟ ଜିଲାର ଚାଷୀମାନେ ସାମିଲ ହୋଇଥିଲେ। ରାଜ୍ୟ ଯୁବ ଛାତ୍ର ସଂଯୋଜକ ଏମ୍.ଡି. ମନୋହର ଅଲ୍ଲିଙ୍କ ନେତୃତ୍ୱରେ ଖୋର୍ଦ୍ଧା ସଂଯୋଜକ ସୁରେଶ ମାନସିଂହ, ବାଲେଶ୍ୱର ମହିଳା ସଙ୍ଗଠନର ସମ୍ପାଦିକା ମଧୁମିତା ସାମଲ, ନୟାଗଡ ଜିଲା ସହ ସଂଯୋଜକ ମମତା ନାଥୁର, ଖୋର୍ଦ୍ଧା ସହ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଆନ୍ଦୋଳନ ନେଇ ପୋଲିସ ପାଖରେ ନ ଥିଲା ଖବର

ରାମେଶ୍ୱର ଛକରେ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ କରିବ ବୋଲି ପୋଲିସ ପାଖରେ ଖବର ନ ଥିଲା। ଏପରି କି ଏଠାର ଆନ୍ଦୋଳନ ନେଇ ଗୋଇନ୍ଦା ବିଭାଗ ମଧ୍ୟ ଜାଣି ପାରି ନ ଥିଲା। ତେବେ ହଠାତ୍ ଚାଷୀଙ୍କ ଅର୍ଥନୈତିକ ଅବରୋଧ ଘଟଣାକୁ ନେଇ ଜଙ୍ଗିଆ ଥାନା ପୋଲିସ ୩୨ ଜଣ ଚାଷୀ ନେତା ଓ ଚାଷୀଙ୍କୁ ଗିରଫ କରି ପରେ ଜାମିନ୍‌ରେ ଛାଡିଛି। ଏ ନେଇ ଦଫା ୩୪୧, ୩୨୩, ୩୫୩, ୧୮୬, ୨୮୩, ୫୦୬, ୧୪୯ରେ ନଂ. ୨୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି। ଅନ୍ୟପକ୍ଷେ ଯେଉଁ ସ୍ଥାନରେ ଆନ୍ଦୋଳନ ହୋଇଥିଲା ତାହା ନିରାକାରପୁର ଥାନା ଅଞ୍ଚଳରେ ଯାଉଛି ବୋଲି କୁହାଯାଉଛି। ତେବେ ଜଙ୍କିଆ ଥାନା ପୋଲିସ ମକଦ୍ଦମା ରୁଜୁ କରି ଘଟଣା ତଦନ୍ତ କରିବା ଚାଷୀଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ତେବେ ଜଣେ ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଦୁଇ ଥାନା ଅଞ୍ଚଳରେ ହୋଇଥିବାରୁ ଗୋଟିଏ ଥାନାରେ ମାମଲା ରୁଜୁ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

### ସରକାରୀ ନେତାଙ୍କୁ ଗାଁ ମନା

ପ୍ରାଇସ୍, ପେନସନ୍, ପ୍ରେଜିଷ୍ଟ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛି। ୩ ଥର ବଡ ଆନ୍ଦୋଳନ ମଧ୍ୟରୁ ୨ଟି ଆନ୍ଦୋଳନକୁ ସରକାର ବିଫଳ କରି ଦେଇଛନ୍ତି। ସରକାରଙ୍କ କାଳିଆ ଯୋଜନା ପରେ ତୃତୀୟ ଆନ୍ଦୋଳନ ହୋଇଥିଲା। ତେବେ ଆନ୍ଦୋଳନର ଦୁଇଦିନ ପୂର୍ବରୁ ସରକାର ପୋଲିସ ଲଗାଇ ନେତାମାନଙ୍କୁ ଅଟକ ରଖିଥିଲେ। ପରେ ଗିରଫଦାରି ଜାରି କଲେ। ଯଦି ଚାଷୀମାନଙ୍କୁ ଭୁବନେଶ୍ୱର ମନା, ତେବେ ସରକାରୀ ଦଳର ନେତାମାନଙ୍କୁ ଗାଁ ମନା କରାଯିବାକୁ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଅର୍ଥନୈତିକ ଅବରୋଧ କରି ସରକାର ଓ ପୋଲିସକୁ ଚାଷୀ ଟ୍ରେଲର ଦେଖାଇଛନ୍ତି। ଆଗକୁ କିପରି ଆନ୍ଦୋଳନ ତ୍ୱରାନ୍ୱିତ ହେଉଛି ତାହା ସରକାର ଦେଖିବେ ବୋଲି ଜିଲା ସହ ସଂଯୋଜକ ମମତା ଓ ସଂଯୋଜକ ସୁରେଶ କହିଛନ୍ତି।



ଜିଲା କଂଗ୍ରେସ ପକ୍ଷରୁ ବାହାରିଥିବା ପଦଯାତ୍ରା।

## କଂଗ୍ରେସର ଜନ ଆଶୀର୍ବାଦ ପଦଯାତ୍ରା

**ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଏହି ଅବସରରେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଜନ ଆଶୀର୍ବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ପାଖରୁ ଶତାଧିକ କଂଗ୍ରେସ କର୍ମୀଙ୍କ ସହ ବାହାରିଥିବା ପଦଯାତ୍ରାରେ ସଭାନେତ୍ରୀ ରଶ୍ମି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଏବେ ସାଧାରଣ ଜନତାଙ୍କ ପାଖରେ ଅପହଞ୍ଚ ସହ ମହିଳାମାନେ ଅସୁରକ୍ଷିତ ବୋଲି ମହାପାତ୍ର କହିଥିଲେ। ଏହି ଯାତ୍ରା ୩ ଦିନ ଧରି ଚାଲିବ ବୋଲି ଦଳ ପକ୍ଷରୁ କୁହାଯାଇଛି।



୧୪ ଦଫା ଦାବିରେ ଓଡ଼ିଶା ଦିବ୍ୟାଙ୍ଗ ମହାସଂଘ ଭୁବନେଶ୍ୱର ପକ୍ଷରୁ ସୋମବାର ଲୋୟର୍ ପିଏମ୍‌ଜିଠାରେ ଧାରଣା ଦିଆଯାଇଛି।

## ଗ୍ରାମ୍ୟରାସ୍ତା ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ସୋମବାର ଗ୍ରାମ୍ୟରାସ୍ତା ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଆର୍‌ଡି ବିଭାଗ ଦ୍ୱାରା ଏହି ରାସ୍ତାକାମ ହେବାକୁ ଥିବାବେଳେ ମାର୍ଚ୍ଚ ଶେଷସୁଦ୍ଧା କାମ ସରିବ ବୋଲି ବିଧାୟକ ମିଶ୍ର କହିଛନ୍ତି। ଏହାଦ୍ୱାରା ନନ୍ଦନକାନନ ମୁଖ୍ୟ ରାସ୍ତାକୁ ଏକ ପକ୍କା ଓ ଚଉଡା ରାସ୍ତା ଗ୍ରାମ ମଧ୍ୟକୁ ଆସିବ। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟ କୁନାଲ ରାଉତ, ସରପଞ୍ଚ ପବିତ୍ର ପାତ୍ର, ସମିତିସଭ୍ୟା ତଥା ନାରୀ ଜାଗରଣ ମଞ୍ଚର ସଭାନେତ୍ରୀ ଝୁନା ରାଉତ, ଅଜୟ କୁମାର ବେହେରା, ରଘୁନାଥପୁର ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ହୃଦାନନ୍ଦ ରାଉତ, ସୁରେଶ ରାଉତ, ଅରୁଣ ରାଉତ, ନବଘନ ପାତ୍ରଙ୍କ ସମେତ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହେଲା ଜନଶୁଣାଣି

**କଟକ ଅଫିସ, ୧୧।୨**

**କାବୁଲା ନାଳ ସ୍ଲୁଇସ ଗେଟ୍ ମାମଲା**

ବାଙ୍କୀ ବ୍ଲକର କାବୁଲା ନାଳରେ ନିର୍ମିତ ସ୍ଲୁଇସ ଗେଟ୍ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସୋମବାର ଜନଶୁଣାଣି ହୋଇଛି। ଗଣ୍ଡରପୁରସ୍ଥିତ ଡ୍ରେନେଜ ଅଫିସ ପରିସରରେ ବାଙ୍କୀ ବ୍ଲକର ଆନନ୍ଦପୁର ଓ ସାମନ୍ତରାପୁର ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣି ବିଭାଗୀୟ ମୁଖ୍ୟଯନ୍ତ୍ରୀ କରିଥିଲେ। ସୂଚନାଥାଉ କି, ମହାନଦୀରୁ ବାହାରିଥିବା କାବୁଲା ନାଳ ସିଧାସଳଖ ଅଂଶୁପାକୁ ସଂଯୋଗ କରୁଛି। ବନ୍ୟା ସମୟରେ କାବୁଲା ନାଳ ଦେଇ ଉଦ୍‌ବୃତ୍ତ ବନ୍ୟାଜଳ ପ୍ରବାହିତ ହୋଇଥାଏ। ତେବେ ଜଳ ପ୍ରବାହିତ ସମୟରେ କେନାଲର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିକୁ ପାଣି ମାଡ଼ି ବାଲିଚର ହୋଇଯାଇଥାଏ। ଏହାର ପ୍ରତିକାର ପାଇଁ ଡ୍ରେନେଜ ବିଭାଗ ଏକ ସ୍ଲୁଇସ ଗେଟ୍ କାବୁଲା କେନାଲ ଉପରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ସ୍ଲୁଇସ ଗେଟ୍‌ର ସ୍ଥାନ ନିରୂପଣକୁ ନେଇ ଆନନ୍ଦପୁର ଓ ସାମନ୍ତରାପୁର ଗ୍ରାମବାସୀଙ୍କ ପିଟିଶନ ଉପରେ ୨୦୧୬ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଗ୍ରାମବାସୀ ପିଟିଶନରେ ଦର୍ଶାଇଥିଲେ ଯେ, ମହାନଦୀ ମୁହାଣରେ ଏହି ସ୍ଲୁଇସ ଗେଟ୍ ନିର୍ମାଣ କରା ନ ଯାଇ ମୁହାଣଠାରୁ ୭୦୦ ମିଟର ଉପର ମୁଣ୍ଡରେ ଏହାକୁ ନିର୍ମାଣ କରାଯାଉଛି। ଫଳରେ ବନ୍ୟା ସମୟରେ ସେମାନଙ୍କ ଚାଷଜମି ବାଲିଚର ହୋଇଯିବ। ହାଇକୋର୍ଟ ଏହି ନିର୍ମାଣ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏହାପରେ ଡ୍ରେନେଜ ବିଭାଗ ପକ୍ଷରୁ ସ୍ଲୁଇସ ଗେଟ୍ ନିର୍ମାଣ ସ୍ଥାନକୁ ୨୦୦ ମିଟର ତଳକୁ ଅର୍ଥାତ୍ ମୁହାଣଠାରୁ ୫୦୦ ମିଟର ଦୂରରେ ନିର୍ମାଣ ଆରମ୍ଭ କରିଥିଲେ। ଏହାପରେ ଗ୍ରାମବାସୀ ପୁନର୍ବାର ହାଇକୋର୍ଟରେ ରିଟ୍‌ପିଟିଶନ ଦାଖଲ କରିଥିଲେ। ଉକ୍ତ ରିଟ୍ ପିଟିଶନର ଶୁଣାଣି କରି ହାଇକୋର୍ଟ ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣି ପାଇଁ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଜାନୁୟାରୀ ୧୭ ତାରିଖରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବଳରେ ସୋମବାର ଜନ ଅଭିଯୋଗର ଶୁଣାଣି ହୋଇଥିଲା। ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ଡ୍ରେନେଜ ବିଭାଗର ଯନ୍ତ୍ରୀମାନେ ସ୍ଥାନ ପରିଦର୍ଶନ କରି କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଗେଟ୍ ନିର୍ମାଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଅଧାପନ୍ତରିଆ ହୋଇପଡ଼ିଛି ଆପ୍ରୋଚ ରାସ୍ତାକାମ

**ବାଲିଅନ୍ତା,୧୧।୨(ଡି.ଏନ୍.ଏ.)**

**ଲୋକେ ହନ୍ତସନ୍ତ**

ବାଲିଅନ୍ତାରେ ହୋଇଥିବା ମହାତ୍ମା ସେତୁ ଉଦ୍‌ଘାଟନ ହୋଇ ୪ମାସ ବିତିଗଲାଣି। କିନ୍ତୁ ଉଭୟପଟର ଆପ୍ରୋଚ ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଯାହାଦ୍ୱାରା ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ବାଲିଅନ୍ତା ହାଇସ୍କୁଲ, ଜବାହରଲାଲ ନେହେରୁ କଲେଜ ଓ ଶ୍ରୀ ଜୟଦେବ କଲେଜକୁ ଯାତାୟାତ କରୁଥିବା ଶତାଧିକ ଛାତ୍ରୀଛାତ୍ର ସହ ସାଇକେଲ ଓ ବାଇକ୍ ଆରୋହୀ ଅଧିକ ସମସ୍ୟାରେ ପଡୁଛନ୍ତି। ବାଲିଅନ୍ତା ବଜାର ପାର୍ଶ୍ୱର ୧୩୦ମିଟର ଆପ୍ରୋଚ ରାସ୍ତା ମେଟାଲିଂ ଅବସ୍ଥାରେ ରହିଛି। ରାସ୍ତାରେ ପିଚୁ ନ କରାଇବାରୁ ମେଟାଲଗୁଡିକ ଉଠି ଗୋଡି ଛିଟିକିବା ଯୋଗୁ ପ୍ରତିଦିନ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅଣ୍ଡିଲୋ ଗ୍ରାମପାର୍ଶ୍ୱ ୧୫୦ମିଟର ଆପ୍ରୋଚ ରାସ୍ତା ଉପରେ ମୋରମ ଗଦା ହୋଇରହିଛି। ବେଳେବେଳେ ଲୋକେ ମୋରମରେ ପିଚି ହୋଇ ଆହତ ହେଉଛନ୍ତି। ଏହି ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ(ଭୁବନେଶ୍ୱର ଡିଭିଜନ-୪) ଚୁପ ହୋଇ ବସିଛି। ଲୋକଙ୍କ ସମସ୍ୟାକୁ ବିଭାଗ ଆଖି ବୁଜି ଦେଇଥିବା ଅଣ୍ଡିଲୋ ଗ୍ରାମର ପ୍ରକାଶ ସାହୁ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହି ରାସ୍ତାକାମ ନେଇଥିବା ଠିକାଦାର କାମଛାଡି ପଳାଇ ଯାଇଥିବା ଜଣାପଡିଛି। ବିଭାଗ ଅଧିକାରୀମାନେ କାର୍ଯ୍ୟାଳୟରେ ବସି ରହୁଥିବାବେଳେ ଲୋକଙ୍କ ସମସ୍ୟା ପ୍ରତି ନଜର ନ ଦେବା କି ଘଟଣାସ୍ଥଳକୁ ଆସୁ ନ ଥିବା ବ୍ରଜ ସାହୁ କହିଛନ୍ତି। ଉକ୍ତ ରାସ୍ତାଟି ଜୟଦେବ ନିର୍ବାଚନମଣ୍ଡଳୀର ଏକ ମୁଖ୍ୟରାସ୍ତା ଓ ପର୍ଯ୍ୟଟନ କେନ୍ଦ୍ର ଜୟଦେବ ପୀଠକୁ ସଂଯୋଗ କରୁଥିବାରୁ ଏହାର ମରାମତି ଜରୁରୀ ବୋଲି ସାମାଜିକ କର୍ମୀ ନିରଞ୍ଜନ ଜେନା କହିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ରାୟ କୁହନ୍ତି, ରାସ୍ତାଟିର ମରାମତି କାର୍ଯ୍ୟ ଶେଷ ଆସନ୍ତା ମାର୍ଚ୍ଚ ୫ତାରିଖ ପର୍ଯ୍ୟନ୍ତ ରହିଛି। ବାକି ରଖିଥିବା କାମକୁ ଶେଷ କରିବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ଚିଠି କରାଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ରାୟ କହିଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ବାରଙ୍ଗ କଲେଜରେ ଛାତ୍ରୀମାନଙ୍କୁ ନେଇ ଆରମ୍ଭ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାରଦିନ ଧରି ଚାଲିଥିବା ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ସଂଘମିତ୍ରା ବେହେରା, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଅତିଥିଭାବେ ଯୋଗଦେଇ ଏହା କେବଳ ଆତ୍ମରକ୍ଷା ନୁହେଁ ଜୀବନକୁ ଶୃଙ୍ଖଳିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିବାବେଳେ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଡ.ପ୍ରବୀର କୁମାର ମହାନ୍ତି ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବାଲକାଟୀ,୧୧।୨ଡି.ଏନ୍.ଏ.)**






ବାଲକାଟୀ ରଥିଯେମୀ ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସ୍କୁଲ ପରିଚାଳନା କମିଟିର ସଭାପତି ଶଙ୍କର ସାହୁ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧଉଳି ସେଣ୍ଟ୍ରାଲ ବ୍ୟାଙ୍କ ଶାଖା ପରିଚାଳକ ଦାମୋଦର ନନ୍ଦ ଯୋଗଦେଇଥିଲେ। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂ ବାର୍ଷିକ ବିବରଣୀ ପାଠ କରିବା ପରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ.ରଜନୀ ରଞ୍ଜନ ଦାଶ, ଅଧ୍ୟାପକ ଡ.କାଳନ୍ଦୀ ଚରଣ ସାହୁ, ସରପଞ୍ଚ ଭାଗ୍ୟଧର ନନ୍ଦୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଯୁବ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁଙ୍କୁ 'ସରସ୍ୱତୀ ଯୁବ ଚଳଚ୍ଚିତ୍ର ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପଞ୍ଚମ ଶ୍ରେଣୀରେ ବୃତ୍ତି ପାଇଥିବା ସ୍କୁଲ ଛାତ୍ର ଅଂଶୁମାନ ସାହୁ, ଜ୍ୟୋତିରଞ୍ଜନ ଭୋଇଙ୍କ ସମେତ ୨୨ଜଣ ନୃତ୍ୟ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସଭାକୁ ଶିକ୍ଷକ ବିଶ୍ୱଜିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଇଂଲିଶ ଭାଷା ସମ୍ପର୍କିତ ସେମିନାର

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ଇଂଲିଶ ବିଭାଗ ପକ୍ଷରୁ 'ଇଂଲିଶ ଭାଷା-ଶିକ୍ଷାଦାନ ଓ ଅଧ୍ୟୟନ' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବୈକୁଣ୍ଠ ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସେମିନାରରେ ବିଜେବି କଲେଜ ପ୍ରାଧ୍ୟାପକ ଡ. ଭରତ ଚନ୍ଦ୍ର ସାମଲ, ପିଏନ୍ କଲେଜ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବାଶିଷ ପଣ୍ଡା ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ଇଂଲିଶ ଭାଷାର ଆଚରଣ, ଉଚ୍ଚାରଣ, ବ୍ୟାକରଣ ଏବଂ ଅନୁବାଦ ଉପରେ ଆଲୋକପାତ କରିଥିଲେ। ଇଂଲିଶ ଭାଷା ଆଉ ବିଦେଶୀ ଭାଷା ଭାବେ ନାହିଁ। ଏହା ଦ୍ୱିତୀୟ ଭାଷା ଭାବେ ଆମେ ଗ୍ରହଣ କରୁଛେ ବୋଲି ଭରତ ଚନ୍ଦ୍ର ସାମଲ ମତବ୍ୟକ୍ତ କରିଥିଲେ। ଇଂଲିଶ ଭାଷା ବିନା ଆମେ ଆଗେଇ ପାରିବା ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏହାର ବ୍ୟବହାର ଅଛି ବୋଲି ଅଧ୍ୟକ୍ଷ ଡ.ଦାଶ କହିଛନ୍ତି। ବିଭାଗୀୟ ମୁଖ୍ୟ ପ୍ରଫେସର ଦୀପାଳି ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ସହଦେବ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୪ଜଣ ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

**ପୁରୁଣା ଭୁବନେଶ୍ୱର, ୧୧।୨(ଡି.ଏନ.ଏ.)**

ସୋମବାର ରାଜଧାନୀ ଉପକଣ୍ଠ ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡ଼ିଆପୋଖରୀ ଛକଠାରେ ଥିବା ରୁକ୍ମଣୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ଭବାନୀ ଚରଣ ପଟ୍ଟନାୟକ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଇମ୍ପା ଆଇଟି ମୁଖ୍ୟ ଦେବାଶିଷ ଦାସ, ଲେଫ୍ଟନାଣ୍ଟ ଜେନେରାଲ ନାରଣ ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ଦିବାକର ବେଉରା, ରମେଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ କଲ୍ୟାଣ ମଣ୍ଡପ ନିର୍ଦ୍ଦେଶକ ଦୀନବନ୍ଧୁ ବେଉରା ଅଧ୍ୟକ୍ଷତା କରିଥିଲେ।

ପ୍ରେମ.. ଅପହରଣ... ବଳାତ୍କାର

## ବିବାହ ପରେ ନାବାଳିକାଙ୍କୁ ନିର୍ଯାତନା

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରି ବଳାତ୍କାର। ପରେ ତାଙ୍କୁ ମନ୍ଦିରରେ ବିବାହ କରି ମାନସିକ, ଶାରୀରିକ ନିର୍ଯାତନା ଦେବା ଘଟଣାରେ ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ବସ୍ତି ଅଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ନାୟକ(୨୪)। ସୋମବାର ଉଭୟଙ୍କର ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ

**ଅଭିଯୁକ୍ତ ଗିରଫ**

ପ୍ରଶାନ୍ତ ମଞ୍ଚେଶ୍ୱର ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇଥିଲେ। ୬ ମାସ ତଳେ ତାଙ୍କୁ ଅପହରଣ କରି ପୁରୀ ନେଇ ଯାଇଥିଲେ। ସେଠାରେ ତିନିଦିନ ରହି ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଜିଲା ତ୍ରିଶୁଳିଆ ନିକଟରେ ଥିବା ଏକ ମନ୍ଦିରରେ ବିବାହ କରି ଘରକୁ ଆଣିଥିଲେ। ଉଭୟ ପରିବାରଙ୍କ ଆପୋସ ବୁଝାମଣା ପରେ ନାବାଳିକା ଜଣକ ଅଭିଯୁକ୍ତ ପ୍ରଶାନ୍ତଙ୍କ ପାଖରେ ରହିବାକୁ ଉଭୟ ପରିବାର ଅନୁମତି ଦେଇଥିଲେ। ମାତ୍ର କିଛି ଦିନ ପରେ ପ୍ରଶାନ୍ତ ନାବାଳିକାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ଏପରି କି ଗତ ମାସରେ ନାବାଳିକାଙ୍କ ଗୋଡରେ ଗରମ ପେଯ ପଡିଯିବା ପରେ ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରିଥିଲେ। ଫଳରେ ନାବଳିକା ଗୋଡରେ ଗଭୀର ଯନ୍ତ୍ରଣା ଅନୁଭବ କରିବା ସହ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରିବାର ଲୋକେ ଏ ନେଇ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ. ୧୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

**ନିରାକାରପୁର,୧୧।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ରାମଦୟା ପରିଷଦ ପ୍ରାଙ୍ଗଣ ମାରୁତି ମଣ୍ଡପରେ ସୋମବାର ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶେଷରେ କଳାକାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ମହୋତ୍ସବର ସଂଯୋଜନା କରିଥିଲେ।

ଚୌକିଦାରଙ୍କ ସ୍ୱାର୍ଥ ପାଇଁ ସାଧୁତା, ଜାତୀୟ ସ୍ୱାର୍ଥ ଏବଂ ଦେଶର ନିରାପତ୍ତା ସହ ସାଲିସ କରାଯାଇପାରେ ।

- ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା



# କଂଗ୍ରେସର ଶକ୍ତି ପ୍ରଦର୍ଶନ



- ପ୍ରିୟଙ୍କାଙ୍କ ମେଗା ରୋଡ୍ ଶୋ
- ୟୁପିରେ କଂଗ୍ରେସ ଅଗ୍ରଣୀ ଭୂମିକା ନେବ: ରାହୁଲ

ଲକ୍ଷ୍ନୌ,୧୧।୨

ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବବୃହତ୍ ତଥା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶରେ ସୋମବାର କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। ପୂର୍ବ ଉତ୍ତରପ୍ରଦେଶ ପାଇଁ ଦଳର ମହାସଚିବ ନିଯୁକ୍ତ ହେବା ପରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଥମ ଥର ଉତ୍ତରପ୍ରଦେଶ ଗସ୍ତରେ ଯାଇଥିବାବେଳେ ତାଙ୍କୁ ଲକ୍ଷ୍ନୌରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିମାନ ବନ୍ଦରରୁ ପ୍ରିୟଙ୍କାଙ୍କୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୨୫ କିଲୋମିଟର ମେଗା ରୋଡ୍ ଶୋ'ରେ ନିଆଯାଇଥିଲା। ଏଥିରେ ଲକ୍ଷାଧିକ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ରୋଡ୍ ଶୋ'ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆ, ପ୍ରଦେଶ କଂଗ୍ରେସ ସଭାପତି ରାଜ ବବର ମଧ୍ୟ ଉପସ୍ଥିତ ଥିଲେ। ସକ୍ରିୟ ରାଜନୀତିରେ ପ୍ରଦାର୍ପଣ କରିଥିବା ପ୍ରିୟଙ୍କାଙ୍କୁ ଦେଖିବା ଲାଗି ଲୋକମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା।

ଆସନ୍ତୁ ନୂଆ ଭବିଷ୍ୟତ ଗଢ଼ିବା ବୋଲି ପ୍ରିୟଙ୍କା ଆହ୍ୱାନ ଦେଇଥିଲେ। ଉତ୍ତରପ୍ରଦେଶରେ କଂଗ୍ରେସ ଅଗ୍ରଣୀ ଭୂମିକା ନେବ। ରାଜ୍ୟରେ ସରକାର ନ ଗଢ଼ିବା ପର୍ଯ୍ୟନ୍ତ ଦଳ ଚୁପ୍ ବସିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। କେବଳ ଲୋକ ସଭା ନିର୍ବାଚନ ତାଙ୍କ ଦଳର ଲକ୍ଷ୍ୟ ନୁହେଁ, ଏଠାରେ କଂଗ୍ରେସ ସରକାର ଗଢ଼ିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସାଢ଼େ ୪ ଘଣ୍ଟାର ରୋଡ ଶୋ' ପରେ ରାହୁଲ କହିଥିଲେ। କଂଗ୍ରେସ ୟୁପିରୁ ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି। ପ୍ରିୟଙ୍କା ଏବଂ ଜ୍ୟୋତିରାଦିତ୍ୟ ୟୁପିରେ ଦଳକୁ ପୁଣି ଥରେ ମଜଭୁତ କରିବେ। ସବୁଠୁ ଜନବହୁଳ ରାଜ୍ୟ ୟୁପିରେ କଂଗ୍ରେସ ଏକାକୀ ଲଢ଼ିବ ବୋଲି ସେ ଦୋହରାଇଥିଲେ।

ରାହୁଲ ରାଫାଲ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ରମାଗତ ଭାବେ ଟାର୍ଗେଟ କରି ଚାଲିଥିବାବେଳେ ରୋଡ ଶୋ'ରେ ମଧ୍ୟ ସେହି ପ୍ରସଙ୍ଗ ଉଠାଇଥିଲେ। ପ୍ରତି ଚୁକ୍ତିନାମାରେ ଦୁର୍ନୀତି ରୋକିବା ଲାଗି ସର୍ତ୍ତାବଳୀ ରଖାଯାଇଥାଏ। ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଲାଭବାନ କରିବା ଲାଗି ମୋଦି ଉକ୍ତ ଦୁର୍ନୀତିନିରୋଧୀ ଧାରାକୁ ବାଦ୍ ଦେଇଥିବା ରାହୁଲ କହିଥିଲେ। ପ୍ରଧାନମନ୍ତ୍ରୀ କୃଷକଙ୍କୁ ଅଣଦେଖା କରି ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛନ୍ତି। ଚୌକିଦାର ହୋଇ ଦେଶର ସମ୍ପତ୍ତିକୁ ଜଗିବେ ବୋଲି କହିଥିବା ମୋଦି ଶିଳ୍ପପତିମାନଙ୍କୁ ୩.୫ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିଛନ୍ତି ବୋଲି ରାହୁଲ କହିଥିଲେ।

୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ୟୁପିରେ ୨ଟି ଆସନ ଜିତିଥିଲା। କିଛି ଦିନ ପୂର୍ବରୁ ଶେଷ ହୋଇଥିବା ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଢ଼ିବା ରାହୁଲଙ୍କର ବଡ଼ ସଫଳତା ଥିଲା। ତାଙ୍କ ପ୍ରତି ଜନସମର୍ଥନ ବୃଦ୍ଧି ପାଇଛି। ଆଗାମୀ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ରାହୁଲ ଅଣ୍ଟା ଭିଡ଼ିଥିବାବେଳେ ବିଭିନ୍ନ ଦଳ ସହ ମେଣ୍ଟ ଯୋଜନାରେ ଅଛନ୍ତି। ତେବେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଏବଂ ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ କଂଗ୍ରେସକୁ ବାଦ୍ ଦେଇ ମେଣ୍ଟ କରିବା ଫଳରେ ଉକ୍ତ ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ରାହୁଲ ଭଉଣୀ ପ୍ରିୟଙ୍କା ଏବଂ ଯୁବନେତା ଜ୍ୟୋତିରାଦିତ୍ୟଙ୍କୁ ଉକ୍ତ ରାଜ୍ୟର ଦାୟିତ୍ୱ ଦେଇଛନ୍ତି।

## ସଂକ୍ଷେପରେ

### ଅନ୍ତରୀଣ ବଜେଟ ଲୋକ ସଭାରେ ଗୃହୀତ



ନୂଆଦିଲ୍ଲୀ,୧୧।୨-କଂଗ୍ରେସ ଏବଂ ବାମଦଳ ସଦସ୍ୟମାନଙ୍କ କକ୍ଷତ୍ୟାଗ ମଧ୍ୟରେ ଲୋକ ସଭାରେ ସୋମବାର ଅନ୍ତରୀଣ ବଜେଟ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଫେବୃୟାରୀ ୧ରେ ଏହି ବଜେଟ ଉପସ୍ଥାପନ କରିଥିଲେ। ବଜେଟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବର୍ଷକୁ ୬୦୦୦ ଟଙ୍କା ପଠାଇବା ଲାଗି ବ୍ୟବସ୍ଥା ହୋଇଛି। ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବିରୋଧୀ ଦଳଗୁଡିକର ଜୋରଦାର ପ୍ରତିବାଦ ମଧ୍ୟରେ ଗୋୟଲ ବିନିଯୋଗ ବିଲ୍ ଏବଂ ଅର୍ଥ ବିଲ୍ ଆଗତ କରିଥିଲେ। ଅର୍ଥମନ୍ତ୍ରୀ ଉତ୍ତର ରଖିବା ପରେ ବାଚନିକ ଭୋଟରେ ବିଲ୍ ଗୃହୀତ ହୋଇଥିଲା। ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ଏବଂ ବଜେଟରେ ସମସ୍ତଙ୍କ ହିତକୁ ଦୃଷ୍ଟି ଦିଆଯାଇଛି। ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କୁ ବଜେଟରେ ସରକାର ପ୍ରାଥମିକତା ଦେଇଥିବା ଗୋୟଲ କହିଥିଲେ।

### ବିକାନେର ଜମି ଦୁର୍ନୀତି ମାମଲା
### ଜେରା ପାଇଁ ଜୟପୁରରେ ରବର୍ଟ

ନୂଆଦିଲ୍ଲୀ,୧୧।୨(ପି.ଟି.)-ବିଦେଶରେ ସମ୍ପତ୍ତି କ୍ରୟରେ ହୋଇଥିବା ଅନୈତିକ ଅର୍ଥ କାରବାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଗତ ସପ୍ତାହରେ ତୃତୀୟଥର ସ୍ଥାନୀୟ ଇଡି କାର୍ଯ୍ୟାଳୟରେ ଜେରାର ସମ୍ମୁଖୀନ ହୋଇଥିବା ବେଳେ ରାଜସ୍ଥାନର ବିକାନେର ଜମି କିଣା ଦୁର୍ନୀତି ମାମଲାରେ ତଦନ୍ତରେ ସହଯୋଗ କରିବାକୁ ତାଙ୍କ ମା' ମୌରିନଙ୍କ ସହ ସେ ଜୟପୁର ଗସ୍ତ କରିଛନ୍ତି। ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜୟପୁରର ଭବାନୀ ସିଂ ରୋଡସ୍ଥିତ ଇଡି କାର୍ଯ୍ୟାଳୟରେ ଭଦ୍ରା ଏବଂ ତାଙ୍କ ମା' ହାଜର ହେବେ। ଏହି ମାମଲାରେ ଭଦ୍ରାଙ୍କ ସ୍କାଏଲାଇଟ କମ୍ପାନୀ ପ୍ରାଇଭେଟ୍ ଲି.ର ଅନ୍ୟ ସହଯୋଗୀମାନଙ୍କୁ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### 'ଶସ୍ତା ରାଜନୀତି କରୁଛି କଂଗ୍ରେସ'

ନୂଆଦିଲ୍ଲୀ,୧୧।୨(ପି.ଟି.)-ଜାତିପ୍ରଥାକୁ ନେଇ ତାଙ୍କର ବୟାନକୁ ପ୍ରସଙ୍ଗ କରି କଂଗ୍ରେସ ଶସ୍ତା ରାଜନୀତି ଚଳାଇଛି ଏବଂ ଘୃଣାକୁ ପ୍ରୋତ୍ସାହନ ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି। ନିକଟରେ ପୁଣେର ଏକ ଜନସଭାକୁ ସମ୍ବୋଧିତ କରି ଜାତିପ୍ରଥା ଉପରେ ଗଡ଼କରୀ ବିବାଦୀୟ ମନ୍ତବ୍ୟ ରଖିଥିଲେ। ଜାତିପ୍ରଥାରେ ସେ ବିଶ୍ୱାସ କରୁ ନ ଥିବା କହିଥିଲେ। ମୋ ନିର୍ବାଚନ ମଣ୍ଡଳୀରେ ଜାତିର କୌଣସି ସ୍ଥାନ ନାହିଁ। ଯିଏ ଏ ବିଷୟରେ ଚର୍ଚ୍ଚା କରିବ ସେ ତାଙ୍କୁ



ଚାପୁଡ଼ା ମାରିବେ ବୋଲି ସୂଚାଇଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଗଡ଼କରୀ ପୁଣିଥରେ ତାଙ୍କ ଦଳ ଭାଜପାକୁ ସିଧାସଳଖ ଟାର୍ଗେଟ୍ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଭାଜପା ଜାତିରେ ଭେଦଭାବ ସୃଷ୍ଟି କରୁଥିବାରୁ ଗଡକରୀ ଏହାକୁ ବିରୋଧ କରିବାକୁ ଯାଇ ଏହି ବିସ୍ଫୋରକ ବୟାନ ଦେଇଥିବା ମଧ୍ୟପ୍ରଦେଶ କଂଗ୍ରେସର ନେତୃବୃନ୍ଦ କହିଥିଲେ।

### ନାଇଡୁଙ୍କ ଅନଶନ ସ୍ଥଳରେ ଭିନ୍ନକ୍ଷମଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୧୧।୨(ପି.ଟି.)

ତେଲୁଗୁଦେଶମ ପାର୍ଟି (ଟିଡିପି) ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଅନଶନରେ ବସିଥିବା ଆନ୍ଧ୍ର ଭବନ ବାହାରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ବିଷ ପିଇଦେଇଥିବା ଜଣାପଡ଼ିଛି। ତାଙ୍କ ହ୍ୱିଲ୍‌ଚେୟାରରୁ ଏକ ସୁଇସାଇଡ୍ ନୋଟ ଜବତ ହୋଇଛି। ଆର୍ଥିକ ସମସ୍ୟା ଯୋଗୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଡାଭଲା ଅର୍ଜୁନ ରାଇ ନାମକ ଏହି ବ୍ୟକ୍ତିଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ଜିଲାରେ। ସେ ଚନ୍ଦ୍ରାବାବୁଙ୍କ ଅନଶନରେ ଭାଗ ନେବାକୁ ଆସିଥିଲେ।

## ରାଫାଲ ଚୁକ୍ତିନାମାରୁ ଦୁର୍ନୀତି ନିରୋଧୀ ସର୍ତ୍ତ ବାଦ୍

ନୂଆଦିଲ୍ଲୀ,୧୧।୨(ପି.ଟି.)

ଫ୍ରାନ୍ସରୁ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଆସୁଥିବା ଏନ୍‌ଡିଏ ସରକାର ଆଉ ଏକ ଅଭିଯୋଗରେ ଛନ୍ଦିହୋଇଯାଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର ପୂର୍ବରୁ ସେଥିରୁ ଦୁର୍ନୀତି ନିରୋଧୀ ସର୍ତ୍ତ ଏବଂ ଏସ୍କ୍ରୋ ଆକାଉଣ୍ଟ (ତୃତୀୟ ପକ୍ଷ ଆକାଉଣ୍ଟ) ବ୍ୟବସ୍ଥାକୁ ବାଦ୍ ଦିଆଯାଇଥିବା ଏକ ଇଂରାଜୀ ଖବରକାଗଜରେ ପ୍ରକାଶ ପାଇବା ପରେ ବିରୋଧୀ ପୁଣି ନରେନ୍ଦ୍ର ମୋଦି ସରକାରକୁ ଟାର୍ଗେଟ କରିଛନ୍ତି। ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀ ଡାସଲ୍ଟ ଆଭିଏଶନକୁ ସରକାରଙ୍କ ପକ୍ଷରୁ ଏହା ଅଭୂତପୂର୍ବ ଅନୁକମ୍ପା ବୋଲି ରିପୋର୍ଟରେ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଫ୍ରାନ୍ସ ସହ ଏକ ସମାନ୍ତରାଳ ବୁଝାମଣା କରିଥିବାବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ବିରୋଧ କରିଥିବା ପୂର୍ବରୁ ଉକ୍ତ ଖବରକାଗଜ ପ୍ରକାଶ କରିଥିଲା। ରିପୋର୍ଟ ଅନୁଯାୟୀ ଯୋଗାଣ ନିୟମାବଳୀରୁ ଅନାବଶ୍ୟକ ହସ୍ତକ୍ଷେପ, ଏଜେଣ୍ଟ କିମ୍ବା ଏଜେନ୍ସି କମିଶନ ପାଇଁ ଦଣ୍ଡବିଧାନ ଆଦି ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟାର ଧାରାକୁ ବାଦ୍ ଦିଆଯାଇଛି। ୨୦୧୬ ସେପ୍ଟେମ୍ବର ୨୩ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଆନ୍ତଃସରକାରୀ ରାଜିନାମା ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଡାସଲ୍ଟ ରାଫାଲ ବିମାନର ଯୋଗାଣକାରୀ ଏବଂ ଏମ୍‌ବିଡିଏ ଫ୍ରାନ୍ସ ଭାରତୀୟ ବାୟୁସେନାକୁ ଅସ୍ତ୍ର ପ୍ୟାକେଜ୍ ଯୋଗାଣକାରୀ ବୋଲି ଉଲ୍ଲେଖ କରାଯାଇଥିଲା। ଶେଷ ମୁହୂର୍ତ୍ତରେ ଏଥିରେ ପରିବର୍ତ୍ତନ କରାଯାଇଥିଲା। ଦୁର୍ନୀତି ନିରୋଧୀ ସର୍ତ୍ତାବଳୀ ବାଦ୍ ଦେବା ପଛରେ କ'ଣ ସ୍ୱାର୍ଥ ଥିଲା ବୋଲି ପ୍ରଶ୍ନ ଉଠିଛି।



## ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଲାଗି ଶାହଙ୍କ ଆହ୍ୱାନ

ନୂଆଦିଲ୍ଲୀ,୧୧।୨(ପି.ଟି.)




ନିର୍ବାଚନୀ ପାଣ୍ଠିର ସ୍ୱଚ୍ଛତା ଉପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଜୋର ଦେଇଛନ୍ତି। କଳାଧନ ରଖିଥିବା ବିଲ୍ଡର, ଠିକାଦାର ଓ ଶିଳ୍ପପତିଙ୍କ ପୁଞ୍ଜିରେ ନୁହେଁ କର୍ମୀମାନଙ୍କ ଚାନ୍ଦାରେ ଦଳ ଚାଲିବା ଉଚିତ ବୋଲି ସେ କହିଛନ୍ତି। ଦଳୀୟ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ଶାହ କହିଥିଲେ, ସାଧୁତା ମାର୍ଗରେ ଭାଜପା ଅନ୍ୟ ଦଳଗୁଡ଼ିକୁ ଦିଗ୍‌ଦର୍ଶନ ଦେବାର ଦାୟିତ୍ୱ ନେବା ଉଚିତ। ନମୋ ଆପ୍ ମାଧ୍ୟମରେ ପ୍ରତି ବୁଥ୍‌ରୁ ଦୁଇ ଜଣ କର୍ମୀ ୧୦୦୦ ଟଙ୍କା ଦାନ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ନିର୍ବାଚନୀ ଖର୍ଚ୍ଚ କିପରି କମାଯାଇପାରିବ ସେନେଇ ସର୍ବସାଧାରଣରେ ଆଲୋଚନା ହେବା ଉଚିତ ବୋଲି ଶାହ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହା ଦଳୀୟ ପାଣ୍ଠିକୁ ଏହି ଅବସରରେ ୧୦୦୦ ଟଙ୍କା ଦାନ କରିଥିଲେ।

## ଅଡିଓ କ୍ଲିପ୍ ମାମଲା: ଏସ୍‌ଆଇଟି ତଦନ୍ତ ଘୋଷଣା କଲେ କୁମାରସ୍ୱାମୀ

ବେଙ୍ଗାଲୁରୁ,୧୧।୨(ପି.ଟି.)

କର୍ନାଟକରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ପାଇଁ ଭାଜପା ଚକ୍ରାନ୍ତ ଚଳାଇଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ଅଭିଯୋଗ କରିଆସୁଥିବାବେଳେ ଜଣେ ଜେଡିଏସ୍ ବିଧାୟକଙ୍କ ସହ ରାଜ୍ୟ ଭାଜପା ମୁଖ୍ୟ ୟେଦୁରାପ୍ପାଙ୍କ ଅଡିଓ ବାର୍ତ୍ତାଳାପର ଏସ୍‌ଆଇଟି ତଦନ୍ତ ଘୋଷଣା କରିଛନ୍ତି। ଏହି ଅଡିଓ କ୍ଲିପ୍‌ରେ କର୍ନାଟକ ବିଧାନସଭା ବାଚସ୍ପତି ରମେଶ କୁମାରଙ୍କ ନାମ ନିଆଯାଇଛି। ଭାଜପାରେ ସାମିଲ୍ ହେବାକୁ ଚାହୁଁଥିବା ବିଧାୟକଙ୍କ ସପକ୍ଷରେ ନିଷ୍ପତ୍ତି ରଖିବା ପାଇଁ ୟେଦୁରାପ୍ପା ତାଙ୍କୁ ୫୦ କୋଟିର ପ୍ରଲୋଭନ ଦେଇଥିବା ସେଥିରେ ଉଲ୍ଲେଖ ରହିଛି। ଏହା ବାଚସ୍ପତିଙ୍କ ପଦ ମର୍ଯ୍ୟାଦା ପ୍ରତି ଶକ୍ତ ଆଘାତ



ହୋଇଥିବାରୁ ତାଙ୍କର ପରାମର୍ଶ କ୍ରମେ ସୋମବାର ବିଧାନସଭାରେ କୁମାରସ୍ୱାମୀ ଅଡିଓ କ୍ଲିପ୍‌ର ନିରପେକ୍ଷ ତଦନ୍ତ ନେଇ ଏସ୍‌ଆଇଟି ଗଠନ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ବାଚସ୍ପତି ରମେଶ କୁମାର କହିଛନ୍ତି। ତେବେ ସରକାରଙ୍କ ଏସ୍‌ଆଇଟି ତଦନ୍ତ ଉପରେ ଭରସା ନ ଥିବା କହି ଭାଜପା ସଦସ୍ୟମାନେ ଏହାକୁ ବିରୋଧ କରିଛନ୍ତି।

## ଦକ୍ଷିଣ ଚାଇନା ସମୁଦ୍ରରେ ଆମେରିକା ଯୁଦ୍ଧଜାହାଜ

### ବେଜିଂ ନିଆଁବାଣ

ବେଜିଂ,୧୧।୨(ପି.ଟି.)



ବେଜିଂ ଏବଂ ୱାଶିଂଟନ ବାଣିଜ୍ୟିକ ଯୁଦ୍ଧରେ ଫସି ରହିଛନ୍ତି। ଏଥିଯୋଗୁ ଆମେରିକା ଏବଂ ଚାଇନା ଶହେ କୋଟିରୁ ଉର୍ଦ୍ଧ୍ୱ ଡଲାରର କ୍ଷତି ସହୁଛନ୍ତି। ବିଶ୍ୱ ବଜାରରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି। ଏଭଳି ସ୍ଥିତିରେ ବାଣିଜ୍ୟିକ ସମ୍ପର୍କରେ ସୁଧାର ଆଣିବା ପାଇଁ ଦୁଇ ଦେଶ ଆପୋସ ବୁଝାମଣା ପୂର୍ବକ ମାର୍ଚ୍ଚ ୧ ତାରିଖ ପୂର୍ବରୁ ଚୁକ୍ତି ଚୂଡ଼ାନ୍ତ କରିବା ନେଇ ପ୍ରକ୍ରିୟା ଜାରି ରଖିଥିବା ବେଳେ ବିବାଦୀୟ ଦକ୍ଷିଣ ଚାଇନା ସମୁଦ୍ରରେ ସୋମବାର ଆମେରିକାର ୨ ଯୁଦ୍ଧ ଜାହାଜ ଯାତ୍ରା ବେଜିଂକୁ ନିଆଁବାଣ କରିଛି। ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିନାନୁମତିରେ ଆମେରିକା ଜାହାଜ ଚାଇନା ଅଧିକୃତ ସମୁଦ୍ରରେ ପ୍ରବେଶ କରିଥିବା ମନ୍ତ୍ରଣାଳୟର ପ୍ରବକ୍ତା ହୁଆ ଚୁନିଙ୍ଗ୍ କହିଛନ୍ତି। ଦକ୍ଷିଣ ଚାଇନା ସମୁଦ୍ରରେ ଭିଏତ୍‌ନାମ, ଫିଲିପାଇନ୍ସ, ବ୍ରୁନେଇ, ମାଲେସିଆ, ଇଣ୍ଡୋନେସିଆ ଏବଂ ତାଇୱାନ ସେମାନଙ୍କ ହକ୍ ଦାବି କରିଆସୁଥିବାବେଳେ ଚାଇନା ଆଧିପତ୍ୟ ଜାହିର୍ କରିଆସୁଛି। ଏହାକୁ ଆମେରିକା ବିରୋଧ କରିଆସୁଛି।

## ନାଗେଶ୍ୱର କ୍ଷମା ମାଗିଲେ

ନୂଆଦିଲ୍ଲୀ,୧୧।୨(ପି.ଟି.)

କୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରି ସିବିଆଇର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଶର୍ମାଙ୍କୁ ବଦଳି କରିଥିବା ତତ୍କାଳୀନ ଅନ୍ତରୀଣ ନିର୍ଦ୍ଦେଶକ ଏମ. ନାଗେଶ୍ୱର ରାଓ ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ଅନ୍ତରୀଣ ନିର୍ଦ୍ଦେଶକ ଥାଇ ଯୁଗ୍ମ ନିର୍ଦ୍ଦେଶକଙ୍କୁ ବଦଳି କରିବା ଭୁଲ୍ ଥିଲା। ତେବେ ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ନାଗେଶ୍ୱର କହିଛନ୍ତି। ବିହାର ଆଶ୍ରୟ ଗୃହ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ଶର୍ମାଙ୍କୁ ବଦଳି ନ କରିବା ଲାଗି କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ନାଗେଶ୍ୱର ତାଙ୍କୁ ବଦଳି କରିଥିଲେ।

## ଲୋକ ସଭାରେ ଭର୍ତ୍ତୃହରିଙ୍କ ପ୍ରଶ୍ନ
## କଳାଧନ ତଥ୍ୟ ଖୁଲାସା ହେଉନି କାହିଁକି

ନୂଆଦିଲ୍ଲୀ,୧୧।୨(ପି.ଟି.)

କଳାଧନ ସମ୍ପର୍କିତ ରିପୋର୍ଟ ଆର୍ଥିକ ବ୍ୟାପାର ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନଙ୍କୁ ଜଣାଇବାରେ ଏହାର



ଅଧ୍ୟକ୍ଷଙ୍କୁ ସରକାର କ'ଣ ପାଇଁ ବାରଣ କରୁଛନ୍ତି ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ପ୍ରଶ୍ନ କରିଛନ୍ତି। ଅନ୍ତରୀଣ ବଜେଟ ଆଲୋଚନାରେ ଭାଗ ନେଇ ଭର୍ତ୍ତୃହରି କହିଥିଲେ, ଗୃହର ସ୍ୱାଧିକାର ଭଙ୍ଗ ଆଳ ଦେଖାଇ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆବେଦନ ଉପରେ ସୂଚନା ଦେବାକୁ ଅର୍ଥ ମନ୍ତ୍ରଣାଳୟ ମନା କରିଦେଉଛି। ଆର୍ଥିକ ବ୍ୟାପାର ସମ୍ପର୍କିତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଥିବା କଂଗ୍ରେସ ଏମ୍‌ପି ବୀରାପ୍ପା ମୋଇଲିଙ୍କୁ ଅନ୍ୟ ସଦସ୍ୟଙ୍କ ସହ ତଥ୍ୟ ଆଦାନ ପ୍ରଦାନକୁ ବାରଣ କରାଯାଇଥିବାରୁ ସରକାରଙ୍କ ଉଦ୍ଦେଶ୍ୟ ଉପରେ ଭର୍ତ୍ତୃହରି ପ୍ରଶ୍ନ କରିଛନ୍ତି।

## 'ପୁଣି କ୍ଷମତାକୁ ଫେରିବେ ମୋଦି'

ପାଟ୍‌ନା,୧୧।୨

ଲୋକ ସଭା ନିର୍ବାଚନ ପରେ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିବେ ବୋଲି ଜେଡିୟୁ ଉପସଭାପତି ତଥା ନିର୍ବାଚନ ରଣକୌଶଳ ନିର୍ଦ୍ଧାରକ ପ୍ରଶାନ୍ତ କିଶୋର କହିଛନ୍ତି। ଯଦିଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନ୍‌ଡିଏରେ ଜଣେ ବଡ଼ ନେତା ତେବେ ଶୀର୍ଷ ପଦବୀ ଲାଗି ତାଙ୍କୁ ଦାବିଦାର ଭାବେ ଦେଖିବା ଠିକ ହେବନି ବୋଲି ସେ କହିଛନ୍ତି। କଂଗ୍ରେସ ଜେନେରାଲ ସେକ୍ରେଟାରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ଦଳ ପାଇଁ ଖୁବ୍ ପ୍ରଭାବଶାଳୀ ହେବା ସମ୍ଭାବନା ନାହିଁ ବୋଲି ପ୍ରଶାନ୍ତ ସୋମବାର ସୂଚନା ଦେଇଛନ୍ତି। ତେବେ ପ୍ରିୟଙ୍କା ଭବିଷ୍ୟତରେ ଏକ ବଡ ଶକ୍ତି ଭାବେ ଉଦୟ ହୋଇପାରନ୍ତି। ସେ ରାଜନୈତିକ ଜୀବନ ଆରମ୍ଭ କରିବାପାଇଁ ଲକ୍ଷ୍ନୌରେ ପହଞ୍ଚିଥିବା ବେଳେ ପ୍ରଶାନ୍ତ କିଶୋରଙ୍କ ଏହି ଭବିଷ୍ୟବାଣୀ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ପ୍ରିୟଙ୍କା ଆସନ୍ତା ୩ ଦିନ ମଧ୍ୟରେ ଲକ୍ଷ୍ନୌରେ ଦଳର ବରିଷ୍ଠ ନେତା ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଦଳରେ ପ୍ରିୟଙ୍କାଙ୍କ ସକ୍ରିୟ ଅଂଶଗ୍ରହଣ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସହାୟକ ହୋଇପାରେ। ଲୋକ ସଭା ନିର୍ବାଚନ ଆଉ ମାତ୍ର ଦୁଇତିନି ମାସ ଥିବାବେଳେ ତାଙ୍କ ପାଖରେ ଏପରି କୁହୁକ କାଠି ନାହିଁ, ଯାହାଦ୍ୱାରା ସେ କଂଗ୍ରେସ ପାଇଁ ଏକ ବିରାଟ ପରିବର୍ତ୍ତନ ଆଣିପାରିବେ। ଅବଶ୍ୟ ସେ ଏନ୍‌ଡିଏ ପାଇଁ ଏକ ଚ୍ୟାଲେଞ୍ଜ୍ ବୋଲି କିଶୋର ପ୍ରକାଶ କରିଥିଲେ।

## ■ ସାରଦା ଚିଟ୍‌ଫଣ୍ଡ ମାମଲାର ସିବିଆଇ ତଦନ୍ତ
## ତଦାରଖ ଲାଗି ସୁପ୍ରିମକୋର୍ଟ ମନା କଲେ

ନୂଆଦିଲ୍ଲୀ,୧୧।୨(ପି.ଟି.)

ସାରଦା ଗ୍ରୁପ ସମେତ ବିଭିନ୍ନ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ଚାଲିଥିବାବେଳେ ଏହାର ତଦାରଖ ଲାଗି ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହି ଦୁର୍ନୀତିର ତଦନ୍ତ ଲାଗି ସୁପ୍ରିମକୋର୍ଟ ୨୦୧୪ ମେ' ୯ରେ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘଦିନ ବିତିଥିଲେ ମଧ୍ୟ ତଦନ୍ତ ଶେଷ ହେଉ ନ ଥିବାରୁ ଏହାର ତଦାରଖ ଲାଗି କେତେଜଣ ଜମାକାରୀ ଆବେଦନ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ



ଉକ୍ତ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ବହୁକୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି ଯୋଗୁ ପଶ୍ଚିମବଙ୍ଗ, ଓଡିଶା ଓ ଆସାମର ଲକ୍ଷାଧିକ ଜମାକାରୀ କ୍ଷତିଗ୍ରସ୍ତ ହୋଇଥିଲେ। ଏହି ଦୁର୍ନୀତି ସହ କେତେଜଣ ରାଜନେତା ସମ୍ପୃକ୍ତ ଥିବା ଜଣାପଡିଥିଲା ଏବଂ ଟିଏମ୍‌ସି ଏମ୍‌ପି କୁନାଲ ଘୋଷଙ୍କୁ ଗିରଫ କରାଯାଇଥିଲା।

ଗତ ୫ ତାରିଖରେ ସର୍ବୋଚ୍ଚ ଅଦାଲତ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ତଦନ୍ତରେ ସିବିଆଇକୁ ସହଯୋଗ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଚିଟ୍‌ଫଣ୍ଡ ତଥ୍ୟ ପ୍ରମାଣରେ ରାଜୀବ କୁମାର ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ଗତ ୩ ତାରିଖରେ ସିବିଆଇ ଟିମ୍ ରାଜୀବଙ୍କୁ ଜେରା ପାଇଁ ତାଙ୍କ ବାସଭବନକୁ ଯାଇଥିବାବେଳେ କୋଲକାତା ପୋଲିସ ସେମାନଙ୍କୁ ଅଟକ ରଖିଥିଲା।

## ମୋଦିଙ୍କୁ କ୍ଲିନଚିଟ୍‌ର ଚ୍ୟାଲେଞ୍ଜ
## ଜୁଲାଇରେ ଶୁଣାଣି

ନୂଆଦିଲ୍ଲୀ,୧୧।୨(ପି.ଟି.)-ଗୁଜରାଟ ଦଙ୍ଗା ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜାକିଆ ଜାଫ୍ରିଙ୍କ ଆବେଦନର ଶୁଣାଣି ଆସନ୍ତା ଜୁଲାଇ ମାସରେ ହେବ। ଜଷ୍ଟିସ ଏ.ଏମ୍. ଖନୱିଲକରଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ୨୦୦୨ ଦଙ୍ଗା ବେଳେ ଅହମଦାବାଦ ଗୁଲବର୍ଗ ସୋସାଇଟିରେ ୬୮ ଜଣଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଏହସାନ ଜାଫ୍ରି ଅନ୍ୟତମ। ୨୦୧୨ ଫେବୃୟାରୀ ୮ରେ ଏସ୍‌ଆଇଟି କ୍ଲୋଜର ରିପୋର୍ଟରେ ମୋଦି ଏବଂ ଅନ୍ୟ ୬୩ଜଣଙ୍କୁ ପ୍ରମାଣ ଅଭାବରୁ କ୍ଲିନ୍‌ଚିଟ୍ ଦିଆଯାଇଥିଲା।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825.

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 8

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

***i. All questions are compulsory***

***ii. Q. No. 1 to 5 are very short answer questions and carry 1 mark each.***

***iii. Q. No.6 to 12 are short answer questions and carry 2 marks each.***

***iv. Q No. 13 to 24 are also short answer questions and carry 3 marks each.***

***v. Q. No. 25 to 27 are long answer questions and carry 5 marks each.***

***vii. Use log tables if necessary, use of calculators is not allowed.***

**1.** What is the order of the reaction whose k value is $2.3 \times 10^{-5}$ L $mol^{-1}$ $s^{-1}$ ?

**2.** Write one condition for a colloidal solution to show Tyndall effect.

**3.** Draw the structure of

i. Red phosphorus

ii. Orthophosphoric acid

**4.** Write the IUPAC name of $[Co(NH_3)_4(H_2O)_2]Cl_3$.

**5.** Write the structure of 4-tert-butyl-3-iodoheptane.

**6.** Out of aldehydes and ketones which one is more reactive towards nucleophilic addition reaction ?

**7.** Ethers are soluble in water. Why?

**OR**

Write an equation of a chemical reaction which shows that phenol is acidic.

**8.** Draw the Zwitter ionic structure of amino acid.

**9.** Write two differences between Frenkel and Schottky defects.

**10.** Calculate packing efficiency of BCC unit cell.

**11.** a. Name one narcotic used as analgesic.

b. Give an example of artificial sweetener which can be used in cold food and drinks.

**12.** i. What are cationic detergents ?

ii. In Nylon-6, 6 addition or condensation polymer ? Give reason.

**13.** A first order reaction has rate constant $1.15 \times 10^{-3}$ $s^{-1}$. How long will 5g of this reactant take to reduce to 3.0g ?

**14.** Explain the principle involved in the Contact process for the manufacture of $H_2SO_4$. Give necessary equations.

**15.** Explain the following:

i. Spectrochemical series

ii. Crystal field splitting energy

**OR**

i. $[NiCl_4]^{2-}$ is paramagnetic while $[Ni(CO)_4]$ is diamagnetic. Explain ?

ii. What are ambidentate ligands ? Give example.

**16.** Explain the following with suitable equation.

i. Hoffmann bromamide reaction.

ii. Gabriel phthalimide synthesis.

**17.** The electrical resistance of a column of diameter 1 cm and length 50 cm containing 0.05 mol NaOH solution is $5.5 \times 10^3$ Ohms. Calculate

i. Resistivity

ii. Conductivity

iii. Molar conductance

**18.** Explain the following

i. Ellingham diagram

ii. Leaching

iii. Use of cryolite in the extraction of aluminium.

**19.** Give reasons for the following

i. Molecular nitrogen is chemically inert.

ii. $BiH_3$ is the strongest reducing agent among the hydrides of group-15 elements.

iii. $NH_3$ acts as a Lewis base.

**20.** i. Arrange the following in order of increasing boiling point.

1-chloropropane, isopropyl chloride

1-chlorobutane, isobutyl chloride.

ii. Dipole moment of chlorobenzene is lower than that of cyclohexyl chloride. Why ?

iii. What do you mean by the term chirality ?

**21.** a. Write the mechanism of hydration of ethene to give ethanol.

b. Write the chemical equation for the reaction of HI with methoxy benzene.

**22.** What happens when

i. Glucose is treated with red P and HI

ii. Protein undergoes denaturation.

iii. DNA undergoes complete hydrolysis ?

**23.** Write the structures of monomers of the following polymers.

i. Bakelite ii. Teflon iii. Buna-N

**24.** Explain the following with one suitable example of each

i. Tranguillizers

ii. Analgesics

iii. Antacids

**25.** i. Mention one important application of Henry's law.

ii. Calculate depression in frrezing point when 1.225 g of chlorobutanoic acid is added to 250g of water. Given $K_a = 1.4 \times 10^{-3}$, $K_f = 1.86$ K kg $mol^{-1}$

iii. Osmotic pressure is more useful to calculate molecular mass than other colligative properties. Why ?

**OR**

i. Explain with suitable examples in each case why the molar masses of some substances determined with the help of colligative properties are

a. higher

b. lower than the actual values.

ii. Henry's law constant for $CO_2$ in water is $1.67 \times 10^8$ Pa at 298 K. Calculate the quantity of $CO_2$ in 500 mL of soda water when packed under 2.5 atm $CO_2$ pressure at 298 K.

**26.** Name the lanthanoid element which shows well known +4 oxidation state.

i. Why are $Mn^{2+}$ compounds more stable than $Fe^{2+}$ towards their oxidation to +3 state?

ii. What are the different oxidation states shown by actinoids ?

iii. Write the electronic configuration of $Lu^{3+}$

iv. Write the formula of the $\pi$-compound formed by combination of lanthanoids with carbon.

**OR**

i. Explain the preparation of potassium dichromate from chromite ore.

ii. What is the effect of pH on dichromate ion ?

iii. Draw the structure of (a) Dichromate ion (b) Manganate ion

iv. Which of the following ions are coloured ?

a. $Cu^+$ b. $Co^{2+}$ c. $Sc^{3+}$

**27.** Explain

i. Out of the two-$NH_2$ groups in semicarbazide only one involves in the formation of semicarbazone.

ii. During ester formation water formed should be removed quickly.

iii. Even though phenoxide ion has more resonating structures than carboxylate ion, carboxylic acids are more acidic than phenol.

iv. $\alpha$-hydrogen in aldehyde and ketones are acidic.

v. Benzaldehyde does not give Fehling test.

**OR**

a. How will distinguish between

i. Benzoic acid and ethanoic acid

ii. Propanone and propanal ?

b. Complete the following:

i. $CH_3{-}C = CH \xrightarrow[H_2O]{Hg^{2+}\ H_2SO_4}$

ii. Phthalic acid $\xrightarrow[\Delta]{NH_3}$

iii. Cyclopentanone + $H_2N - OH \xrightarrow{H^+}$

For Answers visit: www.dharitri.com

**ADMISSION OPEN FOR (CRASH COURSE - ENGINEERING & MEDICAL)**

Vidyamandir Classes
GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
SCHOOL INTEGRATED PROGRAM ($X^{th}$ Going to $XI^{th}$ Student), Ph. No. 0674 - 2421400, 2421800, 85990 87100 / 85990 87200
VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



ରେଣୁକା ସ୍ୱାଇଁ

# ପ୍ଲାଷ୍ଟିକମୁକ୍ତ ଦେଶ ଗଠନରେ ମହିଳାଙ୍କ ଭୂମିକା







ଆଧୁନିକ ଯୁଗରେ ପ୍ଲାଷ୍ଟିକ୍ ବ୍ୟବହାର ମନୁଷ୍ୟର ଦୈନନ୍ଦିନ ଜୀବନରେ ଯେତିକି ସାହାଯ୍ୟ କରୁଛି ତା'ଠାରୁ ଅଧିକ ସମାଜ ପାଇଁ ବିପଦ ସୃଷ୍ଟି କରୁଛି। ଯେଉଁଠି ଦେଖିବ, ଗଦା ଗଦା ପ୍ଲାଷ୍ଟିକ ପଡି ରହି ପରିବେଶକୁ ବିଷାକ୍ତ କରିବାରେ ଲାଗିଛି। ଏଗୁଡ଼ିକ ମାଟିରେ ମିଶି ନ ପାରିବାରୁ ଦିନକୁ ଦିନ ଏହାର ସଂଖ୍ୟା ବୃଦ୍ଧି ପାଉଛି। ସମସ୍ତେ ଏହାର ଭୟାବହତା ଉପଲବଧି କଲେ ମଧ୍ୟ ଏହା ବନ୍ଦ ହୋଇପାରୁନାହିଁ। ନଦୀ, ସମୁଦ୍ର, ପର୍ବତ, ଜଙ୍ଗଲ ଚାରିଆଡେ ପ୍ଲାଷ୍ଟିକର ପାହାଡ ଦେଖିବାକୁ ମିଳୁଛି। ଏପରିକି ମହାକାଶରେ ମଧ୍ୟ ପ୍ଲାଷ୍ଟିକ ଆବର୍ଜନା ଦେଖିବାକୁ ମିଳୁଛି।

ଏହି ସମସ୍ୟାକୁ ସମାଧାନ କରିବା ପାଇଁ ମହିଳାମାନେ ଅଣ୍ଟାଭିଡି ବାହାରି ଆସିବା ଉଚିତ। ଗୁଣ୍ଡୁଚିମୂଷା ଯେପରି ସେତୁବନ୍ଧ ବାନ୍ଧିବାରେ ସାହାଯ୍ୟ କରିଥିଲା ସେହିପରି ମହିଳାମାନେ ଆମ ଦେଶକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାହାଯ୍ୟ କରିପାରିବେ। ଗୃହର ସମସ୍ତ ଦାୟିତ୍ୱ ବହୁଥିବାରୁ ମହିଳାମାନେ ଦୈନନ୍ଦିନ ଜୀବନରେ ଅଧିକ ପ୍ଲାଷ୍ଟିକ ବ୍ୟବହାର କରିଥାନ୍ତି। ସେମାନେ ଉପାୟ ବାହାରକରି ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରିପାରିବେ।

ବଜାରରୁ ପରିବାପତ୍ର ଓ ଅନ୍ୟାନ୍ୟ ସଉଦା କିଣିବାବେଳେ ସାଙ୍ଗରେ କପଡ଼ା ବ୍ୟାଗ ନେଲେ ପଲିଥିନ୍‌ର ବ୍ୟବହାର କମାଯାଇପାରିବ। ପୁରୁଷମାନେ ମଧ୍ୟ ଯେତେବେଳେ ବଜାରକୁ ଜିନିଷପତ୍ର ଆଣିବାକୁ ଯାଉଛନ୍ତି ସେମାନଙ୍କୁ ମନେପକାଇ କପଡା ବ୍ୟାଗ ବଢ଼ାଇଦେଲେ ତାହାଦ୍ୱାରା ମଧ୍ୟ ପ୍ଲାଷ୍ଟିକର ବ୍ୟବହାର କମାଯାଇପାରିବ। ପର୍ବପର୍ବାଣିରେ ମନ୍ଦିରକୁ ମହିଳାମାନେ ପଲିଥିନ୍‌ରେ ଭୋଗ ନେଇ ଯାଉଛନ୍ତି। ସେମାନେ ଯଦି ପିତଳ ଭୋଗଥାଳି ବ୍ୟବହାର କରନ୍ତେ ତେବେ ପଲିଥିନ୍ ବ୍ୟବହାର ହ୍ରାସ ପାଇପାରନ୍ତା। ପିତଳ ଥାଳିରେ ଭୋଗ ଲଗାଇଲେ ମନରେ ଶାନ୍ତି ଆସେ ଏବଂ ଏହା ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଉପକାରୀ।

ଆଜିକାଲି ସକାଳେ ସନ୍ଧ୍ୟାବେଳେ ମହିଳାମାନେ ଘରେ ଜଳଖିଆ ତିଆରି ନ କରି ବାହାରୁ ମଗାଇ ଖାଉଛନ୍ତି। ପୁରୁଷମାନେ ପଲିଥିନ୍‌ରେ ଜଳଖିଆ ନେଇ ଆସୁଛନ୍ତି। ଏଗୁଡ଼ିକ ପରିବେଶ ଅପରିଷ୍କାର କରୁଛି। ଯଦି ମହିଳାମାନେ ଟିଫିନ୍ ବାକ୍ସ ପୁରୁଷମାନଙ୍କୁ ଦିଅନ୍ତେ ତେବେ ଅନେକାଂଶରେ ଉପକାର ମିଳନ୍ତା। କାରଣ ପଲିଥିନ୍ ପ୍ୟାକେଟ୍‌ରେ ଖାଦ୍ୟ ପଦାର୍ଥ ଖାଇଲେ ପଲିଥିନ୍ ରଙ୍ଗ ପେଟ ଭିତରକୁ ଖାଦ୍ୟ ସହ ଯାଇ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରେ।

ସେହିପରି ପିଲାମାନଙ୍କୁ ପ୍ଲାଷ୍ଟିକରେ ପ୍ୟାକିଂ ହୋଇଥିବା ଖାଦ୍ୟ ଖାଇବାକୁ ନ ଦେଇ ପାରମ୍ପରିକ ଢ଼ାଞ୍ଚାରେ ମା'ମାନେ ଘରେ ତିଆରି କରିଦେବା ଉଚିତ୍। ଏହାଦ୍ୱାରା ପରିବେଶ ପରିଷ୍କାର ରହିବା ସହିତ ପିଲାମାନେ ଫାଷ୍ଟଫୁଡ୍ ନ ଖାଇ ବିଭିନ୍ନ ରୋଗରୁ ନିଜକୁ ରକ୍ଷା କରିପାରିବେ।

ଅଧିକାଂଶ ଘରେ ଅତିଥି ସତ୍କାର ନିମନ୍ତେ ମହିଳାମାନେ ଥଣ୍ଡାପାନୀୟ ପିଇବାକୁ ଦେଇଥାନ୍ତି। ଏହାଦ୍ୱାରା ଖୋଲା ପ୍ଲାଷ୍ଟିକ ବୋତଲଗୁଡିକର ସଂଖ୍ୟା ବଢୁଛି।

ଯଦି ଅତିଥିମାନଙ୍କୁ ଲେମ୍ବୁ, ଦହି ସରବତ, ପଇଡପାଣି ପିଇବାକୁ ଦିଆଯାଏ, ଏଥିରେ ସମ୍ମାନ ହାନି ହେବାର ସମ୍ଭାବନା ନ ଥାଏ। ବରଂ ସମ୍ମାନ ବୃଦ୍ଧି ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ସେହିପରି ପ୍ଲାଷ୍ଟିକ ଗ୍ଲାସରେ ଚା କିମ୍ବା ପାଣି ପିଇବାକୁ ନ ଦେଲେ ଆହୁରି ଭଲ ହୁଅନ୍ତା।

ଛୋଟ ଛୋଟ ଭୋଜିଭାତରେ ପ୍ଲାଷ୍ଟିକ ଥାଳି ବ୍ୟବହାର ନ କରି କଦଳୀପତ୍ର କିମ୍ବା ଖଲିପତ୍ର ବ୍ୟବହାର କଲେ ପରିବେଶ ସଫା ରହିପାରିବ। ମଦ ପିଉଥିବା ଲୋକ ଯେପରି ମଦ ଛାଡିବାକୁ ଧୀରେ ଧୀରେ ମଦ ପିଇବା କମାଇଥାଏ, ସେହିପରି ଧୀରେ ଧୀରେ ସବୁ ମହିଳା ସହଯୋଗ କଲେ ଏହି ମହାବିପଦରୁ ରକ୍ଷା ମିଳିପାରିବ। ମହିଳାମାନେ ଘରେ ଓ ବାହାରେ ସମସ୍ତଙ୍କୁ ସଚେତନ କରିପାରିଲେ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିବ। ପୃଥିବୀ ମାଆକୁ ଘୋର ସଙ୍କଟରୁ ରକ୍ଷା ମିଳିପାରିବ। ଏଥିପାଇଁ ସରକାର କଠୋର ନିୟମ ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରିବ ଉଚିତ । ତେଣୁ ସବୁ ଶ୍ରେଣୀର ଲୋକମାନେ ପରିସ୍ଥିତିକୁ ହୃଦୟଙ୍ଗମ କରି ଏହାର ସମାଧାନ ନିମନ୍ତେ ଆଗେଇ ଆସିବା ଉଚିତ୍।

*–ଅଧ୍ୟାପିକା, ଅର୍ଥନୀତି ବିଭାଗ*
*ହରିଶପୁର ବଳଦେବ ମହାବିଦ୍ୟାଳୟ*
*ବୋରିକିନା, ଜଗତ୍‌ସିଂହପୁର*
*ମୋ– ୮୦୧୮୨୪୧୪୨୪*

## ଏମାନେ କ'ଣ କରନ୍ତି





**ସୁଜାତା ପଟ୍ଟନାୟକ**(ଶିକ୍ଷୟିତ୍ରୀ, ସେଣ୍ଟ ଜୋସେଫ୍ ସ୍କୁଲ୍, ଛେଣ୍ଡ କଲୋନୀ, ରାଉରକେଲା): ମୁଁ ଯେହେତୁ ଟିକେ ସିଲାଇ ଶିଖିଛି ପାଖରେ ସବୁବେଳେ ଯେମିତି ହେଲେ ଗୋଟେ କପଡା ବ୍ୟାଗ୍ ରଖିଥାଏ। କେତେବେଳେ ବି ବ୍ୟାଗ୍ କାମରେ ଆସିବ। ଯଦି କୌଣସି ଦୋକାନୀ ଆମକୁ ଜରିରେ ଜିନିଷ ଦେଇଥାନ୍ତି ମୁଁ ତାଙ୍କୁ ମନାକରେ ପଲିଥିନ୍ ଦେବା ଲାଗି। ସ୍କୁଲ୍‌ରେ ଯଦି ପିଲାଙ୍କ ଟିଫିନ୍ କିଏ ପଲିଥିନ୍‌ରେ ବାନ୍ଧିକି ଆଣିଛନ୍ତି ତେବେ ସେ ପିଲାକୁ କହିବା ସହ ତା'ର ଅଭିଭାବକଙ୍କୁ କହିଥାଉ ଯେ ପଲିଥିନ୍‌ରେ ଖାଦ୍ୟ ଦିଅନ୍ତୁ ନାହିଁ। ସ୍କୁଲ୍‌ରେ ମଧ୍ୟ ପ୍ଲାଷ୍ଟିକ୍ ଫ୍ରି ଆୱାରନେସ୍ ହୋଇଥିଲା। ଏହାକୁ ଯଦି ସମସ୍ତେ ମାନନ୍ତେ ତେବେ ଆମ ପରିବେଶ ସୁସ୍ଥ ରହିବା ସହ ଭଲ ହୁଅନ୍ତା।

**ରଶ୍ମିରେଖା ମିଶ୍ର**(ଡେସ୍କ ଅଫିସର, ଓଡିଶା ସେକ୍ରେଟାରିଏଟ୍, ଏସଟି ଆଣ୍ଡ ଏସ୍‌ସି ଡିପାର୍ଟମେଣ୍ଟ):ପ୍ଲାଷ୍ଟିକ୍ ବ୍ୟାନ୍ ହେଲାପରେ ନିଜେ ଘରୁ ଗୋଟିଏ ବ୍ୟାଗ୍ ଆଣି ପାଖରେ ରଖିଥାଏ। ଆଗରୁ ଯେତେବେଳେ ପ୍ଲାଷ୍ଟିକ୍ ବ୍ୟାନ୍ ହୋଇନଥିଲା ସେତେବେଳେ ପଲିଥିନ୍‌ରେ ଜିନିଷ ନେଇ ଆସୁଥିଲି। ଏବେ କିନ୍ତୁ ଆଉ ଆଣୁନି। ପ୍ଲାଷ୍ଟିକ୍ ବ୍ୟାନ୍ ହେବା ଦ୍ୱାରା ନିଶ୍ଚିତ ରୂପେ ଆମ ପରିବେଶ ପ୍ରଦୂଷଣକୁ କିଛି ମାତ୍ରାରେ ରକ୍ଷା କରାଯାଇପାରେ। ପଲିଥିନ୍ ଚାରିଆଡେ ପଡିବା ଦ୍ୱାରା ଗାଈମାନେ ଏହାକୁ ଖାଇ ଦିଅନ୍ତି। ଫଳରେ ପର ମୁହୂର୍ତ୍ତରେ ସେମାନଙ୍କର ମୃତ୍ୟୁ ହୁଏ। ଏହା ବଦଳରେ ଆମେ ଯଦି କାଗଜଠୁଙ୍ଗା ଏବଂ କପଡା ବ୍ୟାଗ୍ ବ୍ୟବହାର କରିବା ଉଚିତ୍। ଏହି ନିୟମକୁ ମାନିଲେ ଜୀବଜନ୍ତୁମାନଙ୍କର ହିତ ସାଧନ ହେବା ସହ ନାନା ପ୍ରକାର ଅସୁବିଧାରୁ ରକ୍ଷା ପାଇପାରିବା।

ଇଏବି ଜଣେ ନାରୀ

# ସମାଜସେବାର ଅନ୍ୟତମ ମାଧ୍ୟମ ସାହିତ୍ୟ

**ସେ ଏକାଧାରରେ ଚଳଚ୍ଚିତ୍ର କାହାଣୀକାର ଏବଂ ସମାଜସେବୀ । ନିକଟରେ ପୁସ୍ତକ ପ୍ରକାଶନକୁ ଏହି ତାଲିକାରେ ସାମିଲ କରିଛନ୍ତି। ସେ ହେଲେ ପ୍ରତିଭାରାଣୀ ମହାନ୍ତି...**



ମୋତେ ସମାଜସେବାରୁ ଯେତିକି ଆନନ୍ଦ ମିଳେ ତାହା ଆଉ କେଉଁଠୁ ମିଳେନା। ମୋ ମତରେ ଏହାର ପ୍ରମୁଖ ମଧ୍ୟରେ ସାହିତ୍ୟ ଅନ୍ୟତମ। ସେଥିପାଇଁ ଲେଖାଲେଖି ସହ ନିଜକୁ ଜଡିତ ରଖିଛି ବୋଲି କହନ୍ତି ପ୍ରତିଭାରାଣୀ। ଓଡ଼ିଆ ଚଳଚ୍ଚିତ୍ର 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'ର କାହାଣୀ ରଚନା କରିଥିଲେ ସେ। ଏ ସମ୍ପର୍କରେ ସେ କହନ୍ତି, 'ସ୍କୁଲରେ ପଢ଼ିବା ଦିନରୁ ମୋର ଲେଖାଲେଖି ପ୍ରତି ଆଗ୍ରହ ଥିଲା। ତା'ପରେ ଗପ କବିତା ଲେଖିବା ଆରମ୍ଭ କରିଥିଲି। ଲେଖାଲେଖି ପ୍ରତି ରୁଚି ଦେଖି ମୋ ସ୍ୱାମୀ ଲୁଟୁ ମହାନ୍ତି ମୋତେ ଚଳଚ୍ଚିତ୍ର କାହାଣୀ ଲେଖିବାକୁ ଉତ୍ସାହିତ କରିଥିଲେ। ମୋ ମତରେ ଚଳଚ୍ଚିତ୍ର କାହାଣୀରେ ସମାଜରେ ଘଟୁଥିବା ଘଟଣାବଳୀ ଏଭଳି ପ୍ରତିଫଳିତ ହେବା ଦରକାର, ଯାହାକୁ ଆଧାର କରି ଲୋକମାନେ ଅନେକ କିଛି ଶିଖିପାରିବେ।' ନିକଟରେ ସେ ରଣପୁର ପ୍ରଜା ଆନ୍ଦୋଳନ ଉପରେ ରଚିତ ପୁସ୍ତକ 'ସଂଗ୍ରାମୀ ଶହୀଦ'ର ପ୍ରକାଶିକା ଦାୟିତ୍ୱ ତୁଲାଇଛନ୍ତି। 'ଏକାଥରେ ସାହିତ୍ୟ ଏବଂ ପ୍ରକାଶନ ସହ ଜଡିତ ରହି ତାହାକୁ ଠିକ୍ ଭାବରେ ଆଗକୁ ଆଗେଇ ନେବା ବଡ କଥା। ଅନ୍ୟପକ୍ଷରେ ଏପରି ଏକ ପୁସ୍ତକକୁ ପ୍ରକାଶନ କରିବା ପରେ ଏ କ୍ଷେତ୍ରରେ ଯୋଜନାବଦ୍ଧ ଭାବରେ ଆଗେଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି ବୋଲି କହନ୍ତି ରଣପୁରକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିବା ପ୍ରତିଭାରାଣୀ।

# ବାସନରୁ ପୋଡ଼ା ଦାଗ ଛଡ଼ାଉଥିଲେ..



**ବେକିଂସୋଡା:** ଜଳିଥିବା ବାସନ ଉପରେ ବେକିଂ ସୋଡା ପକାଇବା ପରେ ତା' ଉପରେ ଲେମ୍ବୁ ରସ ପକାନ୍ତୁ। ଏହାପରେ ଗରମ ପାଣି ପକାଇ ଷ୍ଟିଲ ସ୍କ୍ରବ ସାହାଯ୍ୟରେ ଭଲ ଭାବେ ରଗଡନ୍ତୁ। ଏହାପରେ ଦେଖିବେ ଜଳିଥିବା ବାସନ କିପରି ଚମକୁଛି।

**ଲେମ୍ବୁରସ:**ଏକ ଲେମ୍ବୁର ରସକୁ ଜଳିଥିବା ବାସନ ଉପରେ ପକାଇବା ପରେ ତୁରନ୍ତ ଗରମ ପାଣି ଢାଳନ୍ତୁ। ଏହାପରେ ବାସନକୁ ରଗଡି ସଫା କରନ୍ତୁ।

**ଲୁଣ:** ପୋଡା ଦାଗ ଲାଗିଥିବା ବାସନରେ ଲୁଣ ପାଣି ଦେଇ ତାକୁ କିଛି ସମୟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାକୁ ସ୍କ୍ରବ ସାହାଯ୍ୟରେ ସଫା କରନ୍ତୁ, ଦେଖିବେ ଦାଗ ଦୂର ହୋଇଯାଇଛି।

**ଟମାଟୋ ରସ:** ଟମାଟୋ ରସ ଓ ପାଣିକୁ ପୋଡିଥିବା ବାସନରେ ପକାଇ ପାଞ୍ଚ ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହାଦ୍ୱାରା ବାସନକୁସନରୁ ପୋଡାଦାଗ ଦୂର ହୋଇ ଯାଇଥାଏ।

**ପିଆଜ:** ପିଆଜକୁ କାଟି ପାଣି ସହିତ ଫୁଟାନ୍ତୁ। ଏଥିରେ ପୋଡାଦାଗ ଲାଗିଥିବା ବାସନକୁସନକୁ କିଛି ସମୟ ପକାଇ ଦିଅନ୍ତୁ। କିଛି ସମୟ ପରେ ଏହି ଦାଗ ଛାଡିଯିବ।


**ସଫ୍ଟ ଡ୍ରିଙ୍କ:** ଆଲୁମିନିୟମ୍ ବାସନ ଯଦି ଜଳିଯାଇଛି, ସେଥିରୁ ପୋଡାଦାଗ ଦୂର କରିବାକୁ ହେଲେ ସେଥିରେ ସଫ୍ଟ ଡ୍ରିଙ୍କ ପକାଇ ହାଲୁକା ଆଞ୍ଚ ଉପରେ ଗରମ କରନ୍ତୁ। ଏହାଦ୍ୱାରା ଦାଗ ନରମ ହୋଇଯିବ। ଏହାପରେ ସ୍କ୍ରବର ସହାଯ୍ୟରେ ଦାଗ ସଫା କରନ୍ତୁ।

ସୌନ୍ଦର୍ଯ୍ୟ

# ଥ୍ରେଡିଂ ପରେ...

**ମୁହଁକୁ ସୁନ୍ଦର ଦେଖାଯିବାକୁ ହେଲେ ମହିଳାମାନେ ଥ୍ରେଡିଂ କରିଥାନ୍ତି । ଥ୍ରେଡିଂ ପରେ ସେମାନେ ଏମିତି କିଛି ଭୁଲ୍ କରିଥାନ୍ତି ତାହା ପରବର୍ତ୍ତୀ ସମୟରେ ଚିନ୍ତାର କାରଣ ହୋଇଥାଏ । ତେବେ ଏଭଳି ସମସ୍ୟାରୁ ଦୂରେଇ ରହିବାପାଇଁ ନିମ୍ନୋକ୍ତ ଟିପ୍ସକୁ ଆପଣାଇପାରିବେ.....**





**କରନ୍ତୁନି ମେକଅପ୍:**ଆପଣ ସବୁବେଳେ ଏହି ଭୁଲ୍ କରିଥାନ୍ତି। ଆପଣଙ୍କୁ କୌଣସି ବାହାଘର ପାର୍ଟି ଯିବାର ଥିଲେ ଥ୍ରେଡିଂ କରିବା ପରେ ତୁରନ୍ତ ମେକଅପ୍ କରିଦିଅନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥ୍ରେଡିଂ କରିବାର ୨୪ଘଣ୍ଟା ପରେ ମେକଅପ୍ କରିବା ଆବଶ୍ୟକ। ଏହା ଆପଣଙ୍କ ସ୍କିନ୍ ପାଇଁ ଭଲ। ଯଦି ଆପଣ ଏପରି କରୁନାହାନ୍ତି ତେବେ ଆପଣଙ୍କ ମୁହଁରେ ପିମ୍ପଲ୍ସ ହେବାର ଆଶଙ୍କା ରହିଛି।

**ମଶ୍ଚରାଇଜର ଲଗାନ୍ତୁ:** ଆପଣଙ୍କୁ କହିରଖୁଛୁ କିଛି ମହିଳାଙ୍କ କ୍ଷେତ୍ରରେ ଦେଖାଯାଏ ଥ୍ରେଡିଂ କରିବା ପରେ ଆଇବ୍ରୋକୁ ଏମିତି ଛାଡି ଦିଅନ୍ତୁ। ଏହାଦ୍ୱାରା ଆଇବ୍ରୋ ହାତକୁ ଟାଣ ଲାଗିଥାଏ। ଏହାଦ୍ୱାରା ମଧ୍ୟ ହାଇବ୍ରୋ ପୋଡାଜଳା କରିଥାଏ ଏବଂ କୁଣ୍ଡାଇ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ଆପଣଙ୍କୁ ମଶ୍ଚରାଇଜର ସାହାଯ୍ୟରେ ମସାଜ୍ କରିବା ଆବଶ୍ୟକ। ଏହା ଆଇବ୍ରୋକୁ ଠିକ୍ ରଖିଥାଏ।

**ହାତ ଲଗାଇବା:** ଆଇବ୍ରୋ କରିସାରିବା ପରେ ହାତକୁ ବାରମ୍ବାର ଛୁଇଁଥାନ୍ତି। ଏହା କରିବା ଆପଣଙ୍କ ପାଇଁ କ୍ଷତିକାରକ। ଆପଣ ଜାଣିବା ଦରକାର ଯେ ଏପରି କରିବା ଦ୍ୱାରା ଇନ୍‌ଫେକ୍ସନ୍, କୁଣ୍ଡାଇ ହେବା ଏବଂ ବ୍ରେକ୍‌ଆଉଟ୍ସ ସମସ୍ୟା ମଧ୍ୟ ହୋଇପାରେ।

**କୁଣ୍ଡାଇବା:** ଆପଣ ଲକ୍ଷ୍ୟ କରିଥିବେ ଥ୍ରେଡିଂ କରିବା ପରେ ସଙ୍ଗେ ସଙ୍ଗେ କୁଣ୍ଡାଇ ହୋଇଥାଏ। ତାକୁ ମଧ୍ୟ କୁଣ୍ଡାଇବା କ୍ଷତିକାରକ ହୋଇଥାଏ। ଯଦି କୁଣ୍ଡାଇ ହେବା ଭଳି ଲାଗୁଥାଏ ତେବେ ଜମା କୁଣ୍ଡାନ୍ତୁ ନାହିଁ।


OFFICE OF THE NOTIFIED AREA COUNCIL, BIJEPUR
At/PO/PS: Bijepur, Dist: Bargarh, Pin: 768032 (Odisha), E Mail ID: bijepurnac2018@gmail.com
No. 648 Dt. 06.02.19

"e"-procurement Notice

Bid Identificatin No.EO/Bijepur/02/2018-19

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of work | : | Civil work |
| 2. | No. of works | : | 14 Nos. |
| 3. | Estimated cost | : | As per NIT |
| 4. | Period of completion | : | As per NIT |
| 5. | Date and time of availability of the Documents in the Portal. | : | From 10 hours of 12.02.2019 to 17 hours of 18.02.2019 |
| 6. | Last date/time for receipt of Bids in the portal. | : | Dt. 18.02.2019 upto 17 hours. |
| 7. | Bids received online shall be opened on | : | Dt. 21.02.2019 at 11 hours |
| 8. | Name and address of the Officer inviting Bid. | : | Executive Officer, NAC, Bijepur |

Further, the details can be seen from the procurement Portal www.tendersodisha.gov.in.

Sd./- Executive Officer, NAC, Bijepur



PANCHAYATI RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE EXECUTIVE ENGINEER, RWS&S DIVISION, NABARANGPUR
Tel: (06858) 222643, E-Mail: eerwss_ngp@rediffmail.com/ eerwssngp@gmail.com
INVITATION FOR BIDS
No: RWSS_NGP_ONLINE_'06/2018-19 DATED:- 02.02.2019

**No.1591-O:-** The Executive Engineer, RWS&S Division, Nabarangpur on behalf of Govt. of Odisha invites item rate/ percentage bid through e-procurement in double cover system according to norm of e-procurement system in on-line mode.

1 Name of the Work : Construction of different capacity Over Head Tank including its ancillary work in commissioned pipe water supply scheme and different Block in the Nabarangpur District.
2 No. of Works : 07 Nos. (Detailed Tender Call Notice available in the website)
3 Estimated Cost : Varies from approximately Rs. 86.68 Lakhs to Rs. 179.26 Lakhs
4 Tender Paper Cost : Rs. 6000.00 to Rs. 10000.00
5 Class of Contractor :

| Estimated cost up to Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 150.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6 Period of Completion : 180 Days to 270 Days

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Executive Engineer, RWSS Division, Nabarangpur | RWSS_NGP_ONLINE_06 of 2018-19 | 18.02.19 at 11.00 AM | 23.02.19 at 05.00 PM | 22.02.19 upt to 11.00 AM | 25.02.19 upto 03.30 PM | 26.02.19 at 11.00 AM |

7. Critical Dates :
- Further details can be seen in the bidding documents, which is avilable in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

25028/11/0011/1819 Sd./- Executive Engineer, RWS&S Division, Nabarangpur,



PANCHAYAT SAMITI, NUAPADA, DIST: NUAPADA
BID IDENTIFICATION No: PS, NPD/04/2018-19
No. 1007 // DEV / Dtd. 10.02.2019

The Block Development Officer, Nuapada on behalf of Governor of odisha invites percentage Rate bids in single cover system for the construction of works as detailed in the table, from the class of eligible Contractors as mentioned in column -5 (five) registered with the state governments and Contractors of equivalent Grades / Class Registered with Central Government / MES / Railways, to be eventually drawn up in PWD P-1 Agreement form, for execution of Building / Road works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state Government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

| Sl No. | Name of the work | Approximate value of work (Rs. in Lakh) | Period of completion | Class of contractor | EMD @1% | Cost of bid documents (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Construction of Tribal world Outlet for TDCCOL, Nuapada at Dumerpani | 32,27,700.00 | 4 months | C & B | 32277.00 | 6000.00 |

1. The sale of Bid document shall start from Dt.11.02.2019 and close on Dt.20.02.2019 at 3.00 PM. in the office of the undersigned, Bids shall be received by this office up to 5.00 PM. on date.20.02.2019 through Registered Post / Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
2. The details Bid documents will also be available in the District website. **http://nuapada.nic.in** from 11.02.2019 to 20.02.2019.
3. Bid documents consisting of plans, specification the schedule of quantities and the set of terms & conditions of contract and other necessary documents can be seen in the office in the undersigned during office hours everyday except on Sunday & public Holidays till last date of sale and receipt of tender papers.
4. The Bid will be opened on Dt.21.02.2019 at 11.30 AM. in the office of the undersigned in the presence of the bidders or their authorized representative.
5. The authority reserves right to reject any or all the bids without assigning any reason thereof.

Sd./- Block Development Officer, Nuapada



OFFICE OF THE REGULATED MARKET COMMITEE, UDALA
At- Udala, Po - Udala
Dist- Mayurbhanja (Odisha), PIN- 757041
Tender Call Notice No. 43 / RMC Dated.07.02.2019
Bid Identification No.01/RMC- Udala/2018-19
e-procurement Notice IFB (Invitation for Bids)

| Sr. No. | Item | Details |
|---|---|---|
| 1 | The Sub Collector Udala -Cum-Chairman RMC Udala invites Percentage Rate bids in Double cover system in ONLINE MODE only work as detailed below: | |
| 2 | Nature of the work | Construction of Farmers facilitation Centre and auction hall , Office cum laboratory, Toilet Block and Sinking of tube well for e-NAM Project at Kukurdima under RMC Udala. |
| 3 | Bid Cost | Rs.10000.00 online transfer. |
| 4 | EMD | 54606.00.00 online transfer. |
| 5 | Value of Tender | Rs.54,60,647.83 |
| 6 | Class of contractor | B To A Class |
| 7 | Availability of BID Documents in the website | Dt.11.02.2019 to 25.02.2019 up to 5.00 PM. |
| 8 | Last date / time of Receipt of bids in the portal | Dt.25.02.2019 up to 5.00 PM. |
| 9 | Date of opening of bid (Technical) | Dt.27.02.2019 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : **https://tendersorissa.gov.in.** Any Addendum / Corrigendum / Cancellation of the tender etc can also be seen in the website: **https://tendersorissa.gov.in.** | |

*Sd./- Sub - Collector - cum - Chairman, RMC, Udala.*

## ସଂକ୍ଷେପରେ

“ ଏସ୍‌ଇଜେଡ ଉନ୍ନତୀକରଣ ଲାଗି ନିର୍ଦ୍ଧାରିତ ୨୩,୭୭୯ ହେକ୍ଟର ଜମି ଖାଲିପଡ଼ିଛି।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



“ ଗରିବ, କୃଷକ ଏବଂ ମଧ୍ୟବିତ୍ତଙ୍କ ଉନ୍ନତୀକରଣ ଲାଗି ଗତ ୪ ବର୍ଷ ଧରି ସରକାର ବିଭିନ୍ନ ନୀତି ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି।
– ପୀୟୂଷ ଗୋୟଲ, କେନ୍ଦ୍ର ଅର୍ଥ ମନ୍ତ୍ରୀ



## ଦିଲ୍ଲୀରେ ୨୦ ହଜାର କୋଟିର ହାୱାଲା, ମନିଲଣ୍ଡରିଂ ର୍ୟାକେଟର ପର୍ଦ୍ଦାଫାଶ

**ନୂଆଦିଲ୍ଲୀ,୧୧-୨:** ଦିଲ୍ଲୀରେ ସକ୍ରିୟ ଥିବା ହାୱାଲା ଓ ମନିଲଣ୍ଡରିଂ ର୍ୟାକେଟର ପର୍ଦ୍ଦାଫାଶ କରିଛି ଆୟକର ବିଭାଗ। ବିଭାଗ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏହି ର୍ୟାକେଟ ଦ୍ୱାରା ପ୍ରାୟ ୨୦ ହଜାର କୋଟି ଟଙ୍କାର କାରବାର କରାଯାଉଥିଲା, ଯାହା ଧରାପଡ଼ିଛି। ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଦିଲ୍ଲୀ ଆୟକର ବିଭାଗର ଅଧିକାରୀମାନେ ଗତ କିଛି ସପ୍ତାହ ହେବ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବା ପରେ ଏହି ର୍ୟାକେଟ ସମ୍ପର୍କରେ ଜାଣିପାରିଥିଲେ। ନୟା ବଜାର ଅଞ୍ଚଳରେ ସକ୍ରିୟ ଥିବା ଏହି ଗ୍ରୁପ୍ ସମ୍ପର୍କରେ ସର୍ଭେ କରାଯାଇଥିଲା। ସେମାନେ ଜାଲ୍ ବିଲ୍ ଜରିଆରେ ୧୮ ହଜାର କୋଟି ଟଙ୍କା ସରକାରଙ୍କୁ ଠକିଥିବା ଜଣାପଡିଛି। ଏହି ଗ୍ରୁପ୍ ଦ୍ୱାରା ଏକ ଡଜନରୁ ଅଧିକ ଭୂତ କମ୍ପାନୀ ଖୋଲାଯାଇଛି, ଯିଏକି ଜାଲ୍ ବିଲ୍ ଦେଉଛି। ତେବେ ତଦନ୍ତ ବାଧାପ୍ରାପ୍ତ ହେବା ଭୟରେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଆୟକର ବିଭାଗ ଏବେ ପ୍ରକାଶ କରିବାକୁ ମନା କରିଦେଇଛି। ସେହିପରି ସୁନିୟୋଜିତ ଭାବେ କାର୍ଯ୍ୟ କରୁଥିବା ଏକ ମନିଲଣ୍ଡରିଂ ର୍ୟାକେଟ୍‌କୁ ଆୟକର ବିଭାଗ ଧରିଛି। ପୁରୁଣା ଶେୟାରକୁ ଜାଲ୍ କରି ବର୍ତ୍ତମାନର ଶେୟାର ଦର୍ଶାଇ ଏହି ର୍ୟାକେଟ ବିକ୍ରି କରୁଥିଲା। ଏହାର ହିତାଧିକାରୀମାନେ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡିଛି। ଦୀର୍ଘ ବର୍ଷ ଧରି ଏହି କାରବାର ବିନା ବାଧାରେ ଚାଲିଛି। ଧରାପଡ଼ିଥିବା କାରବାର ପରିମାଣ ମୋଟ କାରବାରର ମାତ୍ର ଏକ ଅଂଶବିଶେଷ। ଏହି ର୍ୟାକେଟ ନିକଟରୁ ଅଣଘୋଷିତ ବିଦେଶୀ ବ୍ୟାଙ୍କ ଆକାଉଣ୍ଟ ମିଳିଛି ଏବଂ ଜିଏସ୍‌ଟି ଜାଲିଆତିରେ ସମ୍ପୃକ୍ତ ଥିବା ଜଣାପଡିଛି। ତଦନ୍ତକାରୀ ଦଳ ୧୦୦ କୋଟି ଟଙ୍କାର କାରବାର ଦର୍ଶାଉଥିବା ସ୍ୱାକ୍ଷରିତ,ଅଣସ୍ୱାକ୍ଷରିତ, ଏମ୍‌ଓୟୁ, ଚୁକ୍ତି, ନଗଦ ଋଣ ଏବଂ ଏଥିରୁ ମିଳିଥିବା ସୁଧ, ଆର୍ଥିକ ବିବାଦ ସମାଧାନର କାଗଜପତ୍ର ଏବଂ ନଗଦ ଅର୍ଥ, କ୍ୟାଶ ରିସିପ୍ଟ ଆଦି ଜବତ କରିଛନ୍ତି। ସେମାନେ ୧୫୦୦ କୋଟି ଟଙ୍କାର ଜାଲ୍ ରପ୍ତାନି କରିଥିବା ଜଣାପଡିଛି। ସମୁଦାୟ ଟିକସ ଫାଙ୍କି ପରିମାଣ ପ୍ରାୟ ୨୦ହଜାର କୋଟି ଟଙ୍କା ହେବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି।

## ୨୫ରେ ହାଜର ଲାଗି ଟୁଇଟର ମୁଖ୍ୟଙ୍କୁ ପୁଣି ସମନ

**ନୂଆଦିଲ୍ଲୀ,୧୧-୨:** ଟୁଇଟର ସିଇଓ ଜ୍ୟାକ୍ ଡୋର୍ସି ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ହାଜର ନ ହେବାରୁ ଆଇଟି ବ୍ୟାପାର ସଂକ୍ରାନ୍ତୀୟ ସଂସଦୀୟ କମିଟି ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। କମିଟି ପକ୍ଷରୁ ସୋମବାର ସେମାନଙ୍କୁ ପୁନର୍ବାର ସମନ ଜାରି କରାଯାଇଛି। ଆସନ୍ତା ୨୫ରେ ଉପସ୍ଥିତ ହେବା ଲାଗି ଏମ୍ପି ଅନୁରାଗ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତସ୍ଥିତ ଟୁଇଟର ଅଫିସ୍‌ର ବରିଷ୍ଠ ଅଧିକାରୀମାନେ ସଂସଦ ଭବନରେ ପହଞ୍ଚି ହାଜର ହୋଇଥିଲେ ହେଁ କମିଟି ଭେଟିବାକୁ ମନା କରିଥିଲେ। ଫଳରେ ସେମାନେ ଫେରିଯିବାକୁ ବାଧ ହୋଇଥିଲେ। ସୂଚନାଥାଉ କି, ଟୁଇଟର ମୁଖ୍ୟଙ୍କ ହାଜର ହେବାରେ ବିଳମ୍ବକୁ ନେଇ ଦୁଇଥର ସଂସଦୀୟ କମିଟିର ବୈଠକକୁ ବାତିଲ କରାଗଲାଣି।

### ପେଟ୍ରୋଟେକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ


# ଭାରତ ହୋଇପାରେ ଦ୍ୱିତୀୟ ବୃହତ୍ ଅର୍ଥନୀତି

**ନୂଆଦିଲ୍ଲୀ,୧୧-୨**

ପ୍ରମୁଖ ଅର୍ଥନୀତିଗୁଡ଼ିକୁ ବିଚାରକୁ ନେଲେ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଆଗାମୀ ଦିନଗୁଡ଼ିକରେ ବଜାୟ ରହିବ। ୨୦୩୦ ବେଳକୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବାର ସମ୍ଭାବନା ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି, ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭଳି ବିଶ୍ୱର ପ୍ରମୁଖ ଏଜେନ୍ସିଗୁଡ଼ିକ ଭାରତର ଦ୍ରୁତ ଅଭିବୃଦ୍ଧି ଧାରା ଜାରି ରହିବା ନେଇ ଆକଳନ କରିଛନ୍ତି। ବିଶ୍ୱର ଅନିଶ୍ଚିତ ଅର୍ଥନୈତିକ ପରିବେଶରୁ ଭାରତ ନିଜକୁ ବାହାର କରିବା ସହ ଏକ ଉନ୍ନତ ସ୍ଥାନ ବଜାୟ ରଖିଛି ବୋଲି ମୋଦି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଭାରତ ବିଶ୍ୱର ଷଷ୍ଠ ବୃହତ ଅର୍ଥନୀତି ହୋଇପାରିଛି। ଷ୍ଟାଣ୍ଡାର୍ଡଚାର୍ଟାର୍ଡ ରିପୋର୍ଟ ମୁତାବକ ୨୦୩୦ ବେଳକୁ ଆମେରିକାକୁ ପଛରେ ପକାଇ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଅର୍ଥନୀତି ହେବ। ୟୁଏସ୍‌କୁ ଟପି ତାଲିକାର ପ୍ରଥମ ସ୍ଥାନରେ ଚାଇନା ରହିବା ସହ ଆମେରିକା ତୃତୀୟ ସ୍ଥାନକୁ ଖସି ଆସିବ। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ମୂଲ୍ୟକୁ ନେଇ ମୋଦି କହିଛନ୍ତି ଯେ, ଏହି କ୍ଷେତ୍ରରେ ଏକ ଉତ୍ତରଦାୟିତ୍ୱ ଭିତ୍ତିକ ମୂଲ୍ୟ ବ୍ୟବସ୍ଥା ଆଣିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଉଭୟ ଗ୍ରାହକ ଏବଂ ଉତ୍ପାଦନକାରୀଙ୍କ ସ୍ୱାର୍ଥକୁ ନଜରରେ ରଖାଯିବ। ଏକ ସ୍ୱଚ୍ଛ ତଥା ସୁଗମ ବଜାର ବ୍ୟବସ୍ଥା ଆଡକୁ ଯିବାର ଆବଶ୍ୟକତା ରହିଛି। ଏହା ହେଲେ ଲୋକଙ୍କ ଶକ୍ତି ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଇ ପାରିବ।

ପ୍ୟାରିସ କ୍ଲାଇମେଟ କନଫରେନ୍ସର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ସରକାର ଅଗ୍ରସର ହେଉଥିବା ମୋଦି ପ୍ରକାଶ କରିଛନ୍ତି। ଭାରତ ବର୍ତ୍ତମାନ ଅଶୋଧିତ ତୈଳ ବିଶୋଧନରେ ବିଶ୍ୱର ଚତୁର୍ଥ ବୃହତ ରାଷ୍ଟ୍ର ଏବଂ ଉର୍ଜା ସଂରକ୍ଷଣରେ ପ୍ରଥମ ରାଷ୍ଟ୍ର ହୋଇଥିବା ମୋଦି କହିଛନ୍ତି। ୨୦୩୦ ବେଳକୁ ଦେଶର ବିଶୋଧନ କ୍ଷମତା ୨୦୦ ନିୟୁତ ମେଟ୍ରିକ ଟନକୁ ବୃଦ୍ଧି ଘଟିବ। ଗତ ବର୍ଷ ଜାତୀୟ ଜୈବ ଇନ୍ଧନ ନୀତି ସରକାର ଆଣିଛନ୍ତି। ଏହାବାଦ ଦ୍ୱିତୀୟ ଏବଂ ତୃତୀୟ ପିଢି ଜୈବ ଇନ୍ଧନ ଗବେଷଣାକୁ ବର୍ତ୍ତମାନ ପ୍ରୋତ୍ସାହିତ କରାଯାଉଥିବା ମୋଦି କାର୍ଯ୍ୟକ୍ରମ ଅବସରରେ ସ୍ପଷ୍ଟ କରିଛନ୍ତି। ୧୧ ରାଜ୍ୟରେ ଦ୍ୱିତୀୟ ପିଢିର ବାୟୋ ରିଫାଇନେରୀ ସ୍ଥାପନ କରାଯାଇଛି। ଶକ୍ତି କ୍ଷେତ୍ର ଲାଗି ସମନ୍ୱିତ ଯୋଜନା ଅନ୍ତର୍ଗତ ଶକ୍ତି ନିରାପତ୍ତା, ଉପଲବ୍ଧତା ତଥା ନିରନ୍ତରତାକୁ ଅଗ୍ରାଧିକାର ଦିଆଯାଉଛି। ସୌଭାଗ୍ୟ ଯୋଜନାରେ ଚଳିତ ବର୍ଷ ଦେଶର ସବୁ ଘରକୁ ଶତ ପ୍ରତିଶତ ବିଦ୍ୟୁତ ଯୋଗାଣ, ୱାର୍ଲଡ ବ୍ୟାଙ୍କର ଇଜ ଅଫ୍ ଇଲେକଟ୍ରିସିଟି ର୍ୟାଙ୍କିଙ୍ଗରେ ଭାରତର ସ୍ଥାନ ୧୧୧ରୁ ୨୯କୁ ବୃଦ୍ଧି, ଉଜାଲା ଯୋଜନାରେ ବାର୍ଷିକ ୧୭,୦୦୦ କୋଟି ଟଙ୍କାର ସଞ୍ଚୟ, ୬.୪ କୋଟି ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଣ ଉପରେ ସେ ଏଥିରେ ସୂଚନା ଦେଇଛନ୍ତି। ଉର୍ଜା କ୍ଷେତ୍ରରେ ଭାରତ ଅଭୁତପୂର୍ବ ସଫଳତା ପାଇଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ତୈଳ ଏବଂ ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ସଂସ୍କାର ଦ୍ୱାରା ନୂଆ ନିବେଶ ଏବଂ ଜ୍ଞାନ କୌଶଳ ବ୍ୟବହାର ପ୍ରକ୍ରିୟା ସୁଗମ ହୋଇଥିବାବେଳେ ଉଜ୍ଜ୍ୱଳା ଏବଂ ସିଜିଡି ଭଳି ଯୋଜନା ଦ୍ୱାରା ଲୋକଙ୍କ ନିକଟରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ସହଜ ହୋଇଛି ବୋଲି ପ୍ରଧାନ କହିଛନ୍ତି।




କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧି।

- ଉର୍ଜା ସଂରକ୍ଷଣରେ ଭାରତ ପ୍ରଥମ
- ଶକ୍ତି କ୍ଷେତ୍ରରେ ଦେଶ ଅଭୁତପୂର୍ବ ସଫଳତା ପାଇଛି: ଧର୍ମେନ୍ଦ୍ର
- ୨୦୩୦ ସୁଦ୍ଧା ଦ୍ୱିତୀୟ ସ୍ଥାନକୁ ଉଠିବ
- ଆମେରିକାକୁ ଟପି ଚାଇନା ପ୍ରଥମ ସ୍ଥାନରେ ରହିବ
- ଉଜାଲାରେ ବାର୍ଷିକ ୧୭,୦୦୦ କୋଟି ସଞ୍ଚୟ
- ଇଜ ଅଫ୍ ଇଲେକଟ୍ରିସିଟି ର୍ୟାଙ୍କିଙ୍ଗରେ ୨୯ତମ ସ୍ଥାନରେ ଭାରତ
- ଚଳିତ ବର୍ଷ ସୌଭାଗ୍ୟରେ ସବୁ ଘରକୁ ମିଳିବ ବିଦ୍ୟୁତ୍

## ୨୮ ହଜାର କୋଟି ଲାଭାଂଶ ଦେବ ଆର୍‌ବିଆଇ

**ମୁମ୍ବାଇ,୧୧-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜ ନିକଟରେ ଥିବା ଅତିରିକ୍ତ ପୁଞ୍ଜିକୁ କେନ୍ଦ୍ର ସରକାରଙ୍କୁ ଦେବାକୁ ରାଜି ନୁହେଁ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଅଡିଟ କମିଟି ଚଳିତ ଆର୍ଥିକ ବର୍ଷ ଲାଗି ସୀମିତ ଆକଳନ ଆଧାରରେ ସରକାରଙ୍କୁ ୨୮ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେବାକୁ ସ୍ଥିର କରିଛି। ଆସନ୍ତା ୧୮ରେ ହେବାକୁ ଥିବା ବୋର୍ଡ ବୈଠକରେ ଏ ସମ୍ପର୍କରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଆର୍‌ବିଆଇ ପାଖରେ ପଡ଼ିରହିଥିବା ପୁଞ୍ଜିର ଏକ ଅଂଶବିଶେଷ ଦେବାକୁ କେନ୍ଦ୍ର ସରକାର କହିଆସୁଛନ୍ତି। ସରକାର ଏହି ଭଣ୍ଡାରକୁ ଅତିରିକ୍ତ ଭଣ୍ଡାର ବୋଲି ଅଭିହିତ କରୁଛନ୍ତି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କ ନିକଟରେ କେତେ ପୁଞ୍ଜି ରହିବା ଆବଶ୍ୟକ ଅର୍ଥାତ୍ ଏହାର ଆର୍ଥିକ ଢାଞ୍ଚା କିପରି ହେବା ଉଚିତ ତାହା ସ୍ଥିର କରିବା ଲାଗି ପୂର୍ବତନ ଗଭର୍ନର ବିମଲ ଜଲାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ମାର୍ଚ୍ଚ ୩୧ ସୁଦ୍ଧା ଏହି କମିଟି ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବ। ଅନ୍ୟ ଦେଶ ତୁଳନାରେ କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ଆବଶ୍ୟକତାଠାରୁ ଅଧିକ ପୁଞ୍ଜି ଭଣ୍ଡାର ରହିଛି ବୋଲି କେନ୍ଦ୍ର ସରକାର ଯୁକ୍ତି ଦର୍ଶାଇ ଆସୁଛନ୍ତି। ପ୍ରକାଶ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷରେ ୪୦ ହଜାର କୋଟି ଟଙ୍କାର ଲାଭାଂଶ ସରକାରଙ୍କୁ ଦେଇସାରିଥିବା ବେଳେ ଆର୍‌ବିଆଇଠାରୁ ଅତିରିକ୍ତ ୨୮ ହଜାର କୋଟି ଟଙ୍କା ମାଗୁଛି।

# କ୍ଷତିରେ ଅର୍ଦ୍ଧାଧିକ ରେଳ ଜୋନ

**ନୂଆଦିଲ୍ଲୀ,୧୧-୨**

ଦେଶର ମୋଟ ୧୭ ରେଳ ଜୋନ ମଧ୍ୟରୁ ଅର୍ଦ୍ଧାଧିକ ଅର୍ଥାତ୍ ୧୦ଟି ଏବେ ପରିଚାଳନାଗତ କ୍ଷତି ସହୁଛନ୍ତି। କଲିକତା ମେଟ୍ରୋ ମଧ୍ୟ ଏଥିରୁ ବାଦ ପଡ଼ିନି। ମାର୍ଚ୍ଚ ଶେଷ ସୁଦ୍ଧା ପରିଚାଳନା ଅନୁପାତକୁ ୯୮.୨%ରେ ସୀମିତ ରଖିବା ଲାଗି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ୨୦୧୮ ଡିସେମ୍ବର ସୁଦ୍ଧା ପରିଚାଳନା ଅନୁପାତ ୧୧୦.୮% ରହିଥିବା ରେଲୱେର ଆଭ୍ୟନ୍ତରୀଣ ରିପୋର୍ଟରେ ଦର୍ଶାଯାଇଛି। ନଭେମ୍ବର ଶେଷ ସୁଦ୍ଧା ଉତ୍ତରାଞ୍ଚଳ ଜୋନର ପରିଚାଳନା ଅନୁପାତ ୧୫୦.୪% ରହିଥିବା ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ପରିଚାଳନା ଅନୁପାତକୁ ଉନ୍ନତ କରିବା ଲାଗି ବିଭିନ୍ନ ଡିଭିଜନକୁ କୁହାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ଏହି ଜୋନ ଲାଗି ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ୧୧୬% ରହିଛି।

ସବୁ ଜୋନ ଲାଗି ପରିଚାଳନା ଅନୁପାତର ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ କରିବା ରେଳ ମନ୍ତ୍ରଣାଳୟ ଲାଗି ଏକ କଷ୍ଟକର ବ୍ୟାପାର ହେଉଛି। ନେଟ୍ ବିକ୍ରି ଏବଂ ରାଜସ୍ୱକୁ ନେଇ ପରିଚାଳନା ଅନୁପାତ ସାଧାରଣତଃ ବିଚାର କରାଯାଇଥାଏ। ଏହାକୁ ଦେଖିଲେ ଡିସେମ୍ବର ଶେଷ ସୁଦ୍ଧା ପ୍ରତି ୧୦୦ ଟଙ୍କା ପାଇବା ପାଇଁ ରେଳ ମନ୍ତ୍ରଣାଳୟ ୧୧୦ ଟଙ୍କା ଖର୍ଚ୍ଚ କରୁଛି। ବଜେଟ ତଥ୍ୟ ମୁତାବକ ଉତ୍ତର ପୂର୍ବ, ପୂର୍ବ ଉତ୍ତର ଫ୍ରଣ୍ଟିୟର, ଦକ୍ଷିଣ ଏବଂ ଦକ୍ଷିଣ କେନ୍ଦ୍ର ରେଳପଥର ପ୍ରଦର୍ଶନ ସବୁଠାରୁ ଖରାପ ରହିଛି। ଅପରପକ୍ଷରେ ପୂର୍ବତଟ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ଏବଂ ଉତ୍ତର କେନ୍ଦ୍ରୀୟ ଜୋନ ଭଲ ପ୍ରଦର୍ଶନ କରିବା ସହ ଅନ୍ୟ ଜୋନଗୁଡ଼ିକର କ୍ଷତିକୁ ଭରଣା କରୁଛନ୍ତି। ଏହି ଜୋନଗୁଡ଼ିକର ସାମଗ୍ରୀ ପରିବହନ ଉନ୍ନତ ରହିଥିବାରୁ ଭଲ ରାଜସ୍ୱ ମିଳୁଛି।

ରେଲୱେର ସଦ୍ୟତମ ଫାଇନାନସିଆଲ ରିଭ୍ୟୁ ମୁତାବକ ଏପ୍ରିଲ-ଡିସେମ୍ବରରେ ଏହା ୧.୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ଲାଭ କରିଛି। ୨୦୧୮ ବଜେଟରେ ଏହା ୧.୩୬ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଯାତ୍ରୀ ଏବଂ ମାଲ ପରିବହନଜନିତ ରାଜସ୍ୱ କମିଛି। ଏହି ସମୟରେ ଯାତ୍ରୀ ଶୃଙ୍ଖଳାରୁ ୩୮,୧୮୫ କୋଟି ଏବଂ ମାଲ ପରିବହନରୁ ୮୫, ୩୨୯ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ୨୦୦୭-୦୮ରେ ରେଲୱେର ପରିଚାଳନା ଅନୁପାତ ୭୫.୯% ଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏଥିରେ ଉନ୍ନତି ଆସିଛି। ୬ଷ୍ଠ ଏବଂ ୭ମ ବେତନ କମିଶନଙ୍କ ସୁପାରିସ ଲାଗୁ କରିବା ପରେ ରେଲୱେ ଖର୍ଚ୍ଚ ବଢିଛି। ଫଳରେ ୨୦୧୭-୧୮ରେ ରେଲୱେର ପରିଚାଳନା ଅନୁପାତ ୯୮.୪%ରୁ ଅଧିକ ରହିଛି। ବିଶେଷ କରି ପେନସନ ଏବଂ କର୍ମଚାରୀଙ୍କ ଲାଗି ରେଲୱେକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି।



- ଆୟଠାରୁ ବଳି ଯାଉଛି ବ୍ୟୟ
- ପ୍ରତି ୧୦୦ ଟଙ୍କା ପାଇବା ପାଇଁ ଖର୍ଚ୍ଚ ହେଉଛି ୧୧୦ ଟଙ୍କା

## ବନ୍ଦେ ଭାରତର ଭଡ଼ା ଶତାବ୍ଦୀର ଦେଢ଼ଗୁଣା

**ନୂଆଦିଲ୍ଲୀ,୧୧-୨**

ଦେଶର ସବୁଠାରୁ ମହଙ୍ଗା ଟ୍ରେନ ହେବାକୁ ଯାଉଛି ଟ୍ରେନ୧୮ ଅର୍ଥାତ୍ ବନ୍ଦେ ଭାରତ ଏକ୍ସପ୍ରେସ। ମାତ୍ର ୮ ଘଣ୍ଟାରେ ଦିଲ୍ଲୀରୁ ବାରାଣସୀ ଯିବାକୁ ଥିବା ଏହି ସେମି ହାଇସ୍ପିଡ ଟ୍ରେନର ଭଡ଼ା ଶତାବ୍ଦୀ ଏକ୍ସପ୍ରେସଠାରୁ ଦେଢ଼ଗୁଣା ଅଧିକ ହେବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ଏସି ଚେୟାର କାର୍ ପାଇଁ ଯାତ୍ରୀଙ୍କଠାରୁ ୧୮୫୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୫୨୦ ଟଙ୍କା ଭଡ଼ା ନିଆଯିବ। ଏଥିରେ କ୍ୟାଟରିଂ ଚାର୍ଜ ଯୋଡାଯାଇଛି। ତେବେ ବାରାଣସୀରୁ ଦିଲ୍ଲୀ ଯାତ୍ରା ବେଳେ ଯାତ୍ରୀଙ୍କୁ ଏହାଠାରୁ କମ୍ ଭଡ଼ା ଦେବାକୁ ହେବ। ଏସି ଚେୟାର କାର୍ ପାଇଁ ୧୭୯୫ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ପାଇଁ ୩୪୭୦ ଟଙ୍କା ଆଦାୟ କରାଯିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।

### ବକେୟାର ଋଣ ପରିଶୋଧ

## ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ କମ୍ପାନୀଙ୍କୁ ଅନୁମତି

**ନୂଆଦିଲ୍ଲୀ,୧୧-୨**

ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ୨୨କମ୍ପାନୀ ନିଜର ବକେୟା ପ୍ରଦାନ ଲାଗି ଅନୁମତି ପାଇଛି। ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଟି) ପକ୍ଷରୁ ଏହି ଅନୁମତି ପ୍ରଦାନ କରାଯାଇଛି। ଏହାବ୍ୟତୀତ ବିଚାରପତି ଏସ.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇଜଣିଆ ଖଣ୍ଡପୀଠ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡି.କେ.ଜୈନଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସେ ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଗ୍ରୁପ୍‌ର ସମାଧାନ ପ୍ରକ୍ରିୟାକୁ ପରିଚାଳନା କରିବେ। ଏ ଦିଗରେ ଅପିଲୀୟ ନ୍ୟାୟାଧିକରଣ ଜାରି କରିଥିବା କଟକଣାକୁ ହଟାଇ ଦେବା ସହ ବିଦେଶରେ ଥିବା ଗ୍ରୁପ୍‌ର ୧୩୩ କମ୍ପାନୀର ସମାଧାନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୧ରେ ଇପିଏଫ୍‌ଓ ଟ୍ରଷ୍ଟ ବୈଠକ

## ସୁଧ ହାର ଅପରିବର୍ତ୍ତିତ ରହିବା ସମ୍ଭାବନା

**ନୂଆଦିଲ୍ଲୀ,୧୧-୨**

ଆସନ୍ତା ୨୧ରେ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫ୍‌ଓ)ର ଟ୍ରଷ୍ଟିଜଙ୍କ ବୈଠକ ବସିବାକୁ ଯାଉଛି। ପେନସନ ପାଣ୍ଠି ପରିଚାଳନା କରୁଥିବା ଏହି ସଂଗଠନ ନିଜର ୬ କୋଟିରୁ ଅଧିକ ସଦସ୍ୟଙ୍କ ଲାଗି ଆସନ୍ତା ଆର୍ଥିକ ବର୍ଷରେ ସୁଧ ହାର ଅପରିବର୍ତ୍ତିତ ରଖିପାରେ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ପେନସନ ଫଣ୍ଡ ସୁଧ ହାର ୮.୫୫ ପ୍ରତିଶତ ବଜାୟ ରହିବାକୁ ଯାଉଛି। ଉକ୍ତ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇପାରେ। ତେବେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସୁଧ ହାର ବଢ଼ାଇବାର ଯଥେଷ୍ଟ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ସୂଚନାଥାଉ କି, କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଇପିଏଫ୍‌ଓ ବୋର୍ଡ ଟ୍ରଷ୍ଟିଜର ବୈଠକରେ ସୁଧ ହାର ସମ୍ପର୍କରେ ନିଷ୍ପତ୍ତି ନିଆଯାଏ। ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପରେ ପେନସନ ଫଣ୍ଡ ସଦସ୍ୟଙ୍କ ଆକାଉଣ୍ଟରେ ସୁଧକୁ କ୍ରେଡିଟ କରିଦିଆଯାଏ।

**ବିହନ ବିଶୋଧନ ଅଭିଯାନ ୨୦୧୮-୧୯ ରବି ଋତୁ**

ଆସନ୍ତା ୧୨।୦୨।୨୦୧୯ରୁ ୧୫।୦୨।୨୦୧୯ ତାରିଖ ପର୍ଯ୍ୟନ୍ତ ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକରେ ବିହନ ବିଶୋଧନ ଅଭିଯାନର ତାଲିମ କାର୍ଯ୍ୟକ୍ରମ ହେବ। ଚାଷୀମାନଙ୍କର ଡାଲି ଜାତୀୟ ବିହନକୁ ମାଗଣାରେ ବିହନ ବିଶୋଧନ କରି ଦିଆଯିବ। ଏହି ଅଭିଯାନରେ ଯୋଗଦାନ ନିମନ୍ତେ ଅନୁରୋଧ ରହିଲା। ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧାମନଗର

**ADVERTISEMENT**

**NO.249/SW/ Dt.07.02.2019**

Sealed tenders are invited from Registered Printing Press/ Supplying Agencies for Printing and supply of NUA ARUNIMA ABHYASA PUSTIKA PART - I & II. Intending Printing Press / Firms may download T & C from Website **www.angul.nic.in** and submit their tender latest by 1.00 PM. of 01.03.2019.

*Sd./-*
*Collector, Angul*

**DISTRICT OFFICE, ANGUL**
**(Social Welfare Section)**
**No.210 / SW Date - 02.02.2019**
**IST CORRIGENDUM**

**(TO TENDER CALL NOTICE No - 2361 DATED 15.12.2018 FOR ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

The following changes are made in the Tender Notice No - 2361 dated 15.12.2018 for engagement of Transport Contractor for Transporting of Wheat and Rice under SNP in Angul District.
1 - Last date for available of tender Paper - 19.02.2019 by 1.00 PM.
2 - Last date for Submission of Tender Paper - 20.02.2019 by 1.00 PM.
3 - Opening of Tender Paper - 20.02.2019 by 3.00 PM.
All other Terms and Condition of the tender remained unaltered.
Further details can be seen from the District website **www.angul.nic.in.**

*Sd./-*
*COLLECTOR, ANGUL*

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Office of the Deputy General Manager (Electrical).). E.H.T. (O&M) Division, Duburi (New), At: Bhitarmanika, PO: Pankapal, Dist: Jajpur-755026,
email: ehtm.div.nduburi@optcl.co.in, CIN: U40102OR2004SGC007553
(Connect us- Facebook/optcl.odisha, Twitter/optcl.odisha)
NO. TECH/03 DATE: 11.02.2019

**TENDER CALL NOTICE NO.- 03/18-19**

Sealed tenders are invited from contractors having valid Civil contract License, Electrical contract license, Labour license, valid PAN, ITCC & GST Registration Certificate to executive the work of "Painting of two Nos. of Power Transformer (ICT I & II 315MVA, 400/220KV) at 400/220KV Grid S/S, New Duburi" under EHT (O&M) Division, Duburi (New). Cost of tender paper is Rs. 2000/- + GST @ 12% = 2240/-, EMD @ 1% of the tendered value i.e. (Rs. 2100/-). Sale of tender documents is from Dt. 13.02.2019 to Dt. 23.02.2019 (During office hours). Last date of submission of tender is Dt. 25.02.2019 upto 01.00 PM. Date of opening of tender is Dt. 25.02.2019 at 3.00 PM. For details visit our website www.optcl.co.in
Corrigendum if any will be published in the website only.
Sd./- Dy. General Manager (Elect.),EHT (O&M) Division, Duburi (New)

**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼** No.871-E
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER: SUNDARGARH.**
**Notice No.795 / CDM & PHO / SNG / Dt.07.02.2019**
**(ଆପ୍ଲିକେସନ୍ ଫର୍ ପେଷ୍ଟ କଣ୍ଟ୍ରୋଲ୍ ପ୍ରୋଗ୍ରାମ୍ ଆଟ୍ ଡି.ଏଚ୍. ଏଚ୍, ସୁନ୍ଦରଗଡ଼)**

The sealed tenders are invited from the willing Agency / Organization / NGOs to quote the rates for Pest Control Programmes at **DHH,Sundargarh.** The bidders are requested to submit their sealed tenders to the office of the undersigned by Speed Post / Regd. Post / Courier Services only on or before Dt.20.02.2019 till 5.00 PM. The seal tenders will be opened on Dt.21.02.2019 at 1.00 PM. and after due date & time any tenders will not be entertained. The bidders must be super-scribed on the top-up envelope as "**Application for Pest Control Programme of DHH, Sundargarh.** The tender shall be opened in presence of Quoted agency / parties himself or their authorized representatives in the fixed date & time. The term & condition can be downloaded from the District website-**www.sundergarh.nic.in.**
The undersigned reserves the right to accept / reject all the tenders without assigning any reason thereof.
**Sd./- Dr.D.K. Sarangi,**
**Chief District Medical & Public Health Officer,**
**Sundargarh.**
10100/11/0080/1819

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**
**ଇ-ଟେଣ୍ଡର ନିମନ୍ତ୍ରଣ ସୂଚନା**

କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଶ୍ରମିକ ଯୋଗାଣ ଏବଂ ଟଙ୍କା ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ସମର୍ଥ ଓ ଅଭିଜ୍ଞତା ଥିବା ଶ୍ରମିକ ଏବଂ ପରିବହନ ଠିକାଦାରଙ୍କ ଠାରୁ ଦୁଇ ବିଡ୍ ପ୍ରଣାଳୀରେ ଇ-ଟେଣ୍ଡର ନିମନ୍ତ୍ରଣ କରୁଛନ୍ତି । ଶ୍ରମିକ ଏବଂ ପରିବହନ ଠିକାଦାରଙ୍କର ପରିବହନ କ୍ଷେତ୍ରରେ ନ୍ୟୁନତମ ୫ ବର୍ଷ ଏବଂ ଶ୍ରମିକ ଯୋଗାଣ କ୍ଷେତ୍ରରେ ନ୍ୟୁନତମ ୩ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ଠିକାଦାରଙ୍କ ପାଖରେ (୧) ଟ୍ରକ (ଯଥେଷ୍ଟ ମୋଟେଇ ତଥା ଉପଯୁକ୍ତ ଲକିଙ୍ଗ ସିଷ୍ଟମ ଏବଂ **GPS** ବ୍ୟବସ୍ଥା ଥିବା ୯ ଟନ ବୋଝେଇ କ୍ଷମତାଶୀଳ) ଦ୍ୱାରା ଟଙ୍କା ଏବଂ ମୁଦ୍ରା ରିଜର୍ଭ ବ୍ୟାଙ୍କରୁ/କୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ମୁଦ୍ରା କୋଷରୁ/କୁ, ବ୍ୟାଙ୍କ ଶାଖାରୁ/କୁ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରେସରୁ/କୁ ଓ ଅନ୍ୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ଇତ୍ୟାଦି ରୁ/କୁ ରୋଡ଼୍ ଯୋଗେ ପଠେଇବା ନିମନ୍ତେ (୨) ଅନୁସୂଚୀରେ ଥିବା ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଯୋଗାଣ ହେତୁ ଉପଯୁକ୍ତ ତଥ୍ୟ ଏବଂ ବିଧିମାନ୍ୟ ଲାଇସେନ୍ସ ଥିବା ଆବଶ୍ୟକ ।

୨. ଉପରୋକ୍ତ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ବିବରଣୀ **https://www.mstcecommerce.com/eprochome/rbi** ୱେବସାଇଟରେ ଉପଲବ୍ଧ । ସମ୍ପୂର୍ଣ୍ଣ ବିବରଣୀ ତଥା ଯୋଗ୍ୟତା ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ତଥ୍ୟ ବ୍ୟାଙ୍କର ୱେବସାଇଟ **https://www.rbi.org.in** ରେ ଉପଲବ୍ଧ । ଏହି ଟେଣ୍ଡରର ସମସ୍ତ ପ୍ରକ୍ରିୟା **M/s MSTC Ltd** ର **e-tendering portal https://www.mstcecommerce.com/eprochome/rbi** ରେ କାର୍ଯ୍ୟକାରୀ ହେବ । ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା ଠିକାଦାରମାନେ ନିଜକୁ ଉପରୋକ୍ତ ୱେବସାଇଟରେ ରେଜିଷ୍ଟ୍ରେସନ କରିବାକୁ ପଡିବ ।

୩. ଟେଣ୍ଡର ଆବେଦନର ଶେଷ ତାରିଖ ୨୮.୦୨.୨୦୧୯ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ରହିବ । ଟେଣ୍ଡରର ଭାଗ-୧ (ବୈଷୟିକ ବିଡ୍ ) ସେହି ଦିନ ଅପରାହ୍ନ ୦୩.୦୦ ଘଟିକାରେ ଖୋଲା ହେବ ଏବଂ ଭାଗ-୧ ଯୋଗ୍ୟତା ମାନଦଣ୍ଡକୁ ପୂରଣ କରୁଥିବା କେବଳ ସେହି ଠିକାଦାରଙ୍କ ଭାଗ-୨ (ମୂଲ୍ୟ ବିଡ୍ ) ଖୋଲା ଯିବ ।

୪. କୌଣସି କାରଣ ନ ଦର୍ଶାଇ ଏହି ସମ୍ବନ୍ଧୀୟ କୌଣସି ଏକ ଆବେଦନପତ୍ର ବା ସମସ୍ତ ଆବେଦନପତ୍ରକୁ ନାକଚ କରିବାର ଅଧିକାର ବ୍ୟାଙ୍କର ରହିଛି ।

ବି.ଦ୍ର. : ସମସ୍ତ ଠିକାଦାର ମାନଙ୍କୁ ଅବଗତ କରାଇ ଦିଆ ଯାଉଛି ଯେ ଟେଣ୍ଡର ସମ୍ବନ୍ଧୀୟ କୌଣସି ସଂଶୋଧନ / ଶୁଦ୍ଧିପତ୍ର ଭବିଷ୍ୟତରେ **RBI** ଓ **MSTC Ltd** ୱେବସାଇଟରେ ଅଧିସୂଚିତ ହେବ ଏବଂ ଏହି ତଥ୍ୟ କୌଣସି ସମ୍ବାଦ ପତ୍ରରେ ପ୍ରକାଶିତ ହେବ ନାହିଁ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭାରତୀୟ ରିଜର୍ଭ ବ୍ୟାଙ୍କ
ଭୁବନେଶ୍ୱର



❝ ଭୁଲ୍ ବେଳେବେଳେ ହୋଇଥାଏ। ଷ୍ଟିଭେନ ସ୍ମିଥ୍‌ଙ୍କୁ ଆମେ ଭଲପାଇବା ସହ ଟିମ୍‌କୁ ସ୍ୱାଗତ କରିବୁ ।

–ଅଜିଙ୍କ୍ୟ ରାହାନେ
ରାଜସ୍ଥାନ ରୟାଲ୍ସ ଅଧିନାୟକ



❝ ୨୦୧୯ ଆଇସିସି ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ଲାଗି ରିଷଭ ପନ୍ତ, ବିଜୟ ଶଙ୍କର ଓ ଅଜିଙ୍କ୍ୟ ରାହାନେ ଦାବିଦାର ରହିଛନ୍ତି ।

–ଏମ୍.ଏସ୍.କେ. ପ୍ରସାଦ, ଭାରତୀୟ ଚୟନ କମିଟି ଅଧ୍ୟକ୍ଷ

## ସଂକ୍ଷେପରେ

### କିଟ୍‌ରେ ଜାତୀୟ ସବ୍‌ଜୁନିୟର ଭଲିବଲ

**ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି):** ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ର ୪୧ତମ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ପକ୍ଷରୁ ରେଫରିମାନଙ୍କ ସହ ମିଶି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ସୁବୋଧ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ବରିଷ୍ଠ ନ୍ୟାଶନାଲ ରେଫରି ପ୍ରବୋଧ କୁମାର ବେହେରା, ଅନ୍ତର୍ଜାତୀୟ ରେଫରି ସୁଦର୍ଶନ ପଟ୍ଟନାୟକ, ଓଭିଏ ସଦସ୍ୟ ସୁଧାଂଶୁ ଭୂଷଣ ମିଶ୍ର, ଲୋତକବିନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ମୋଟ ୫୨(ଜଣେ ଅନ୍ତର୍ଜାତୀୟ, ୧୬ ଜାତୀୟ, ୩୫ ରାଜ୍ୟ) ରେଫରି ଯୋଗଦେଇ ସେମାନଙ୍କ ମତାମତ ରଖିଥିଲେ। ଓଡ଼ିଶାରେ ଦ୍ୱିତୀୟ ଥରପାଇଁ ଏପରି ଏକ ଟୁର୍ଣ୍ଣାମେଣ୍ଟ ହେବାକୁ ଯାଉଛି। ତେଣୁ ପଞ୍ଜୀକୃତ ହୋଇ ନ ଥିବା ରେଫରିମାନେ ୧୭ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପରାମର୍ଶ ଦିଆ ଯାଇଛି। ଏହାପରେ ଓଭିଏ ଅଧୀନରେ ହେବାକୁଥିବା ଆଗାମୀ ଟୁର୍ଣ୍ଣାମେଣ୍ଟ ଗୁଡ଼ିକପାଇଁ ରେଫରି ତାଲିକା ପ୍ରସ୍ତୁତ କରାଯିବ। ୧୭ ତାରିଖ ପରେ କୌଣସି ରେଫରିଙ୍କ ନାମ ପଞ୍ଜୀକରଣ ପାଇଁ ବିଚାରକୁ ନିଆ ଯିବ ନାହିଁ ବୋଲି ଗଗନେନ୍ଦୁ ପ୍ରକାଶ କରିଛନ୍ତି।

### କୁମିନ୍ସଙ୍କୁ ଆଲାନ ବର୍ଡର ମେଡାଲ

**ସିଡନୀ,୧୧।୨:** ଚଳିତ ବର୍ଷର ଅଷ୍ଟ୍ରେଲିଆ କ୍ରିକେଟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ୟାଟ କୁମିନ୍ସ ଓ ହାର୍ଡ ହିଟିଂ ଅଲିଶା ହିଲି ଶ୍ରେଷ୍ଠ ପୁରସ୍କାର ହାସଲ କରିଛନ୍ତି। କୁମିନ୍ସ ୨୦୧୯ ଆଲାନ ବର୍ଡର ପୁରସ୍କାର ଓ ହିଲିଙ୍କୁ ବେଲିଣ୍ଡା କ୍ଲାର୍କ ପୁରସ୍କାର ପ୍ରଦାନ କରାଯାଇଛି। କ୍ରିକେଟ ଅଷ୍ଟ୍ରେଲିଆ ଓ ଅଷ୍ଟ୍ରେଲିଆନ୍ କ୍ରିକେଟର୍ସ ଆସୋସିଏଶନ ନୂଆ ରୂପରେ ଏହି ପୁରସ୍କାରମାନ ପ୍ରଦାନ କରିଛି। ହିଲି ଦିନିକିଆ, ଟି୨୦ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ବେଲିଣ୍ଡା କ୍ଲାର୍କ ମେଡାଲ ହାସଲ କରିଛନ୍ତି। ମିଚେଲ ଜନସନଙ୍କ ପରେ କୁମିନ୍ସ ପ୍ରଥମ ବୋଲରଭାବେ ନାଥନ ଲିୟନଙ୍କୁ ପଛରେ ପକାଇ ଆଲାନ ବର୍ଡର ମେଡାଲ ପାଇଛନ୍ତି। ଲିୟନ ଅବଶ୍ୟ ଟେଷ୍ଟ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ଡିନ୍ ଜୋନ୍ସ, ବିଲି ମୁର୍ଡୋଚ୍ ଓ କାଥରିନ ଫିଜପାଟ୍ରିକ ଅଷ୍ଟ୍ରେଲିଆନ୍ ହଲ ଫେମ୍‌ରେ ସାମିଲ ହୋଇଛନ୍ତି।

### ପିଙ୍କ୍ ଜର୍ସି ପିନ୍ଧିବ ରାଜସ୍ଥାନ ରୟାଲ୍ସ

**ନୂଆଦିଲ୍ଲୀ, ୧୧।୨:** ରାଜସ୍ଥାନ ରୟାଲ୍ସ ଦଳ ଆଗାମୀ ଆଇପିଏଲ୍‌ରେ ପିଙ୍କ୍ ରଙ୍ଗର ଜର୍ସି ପିନ୍ଧି ଖେଳିବ। ଏଥିନେଇ ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଗତ ସଂସ୍କରଣରେ ପିଙ୍କ୍ ଜର୍ସିକୁ ପ୍ରଶଂସକଙ୍କଠାରୁ ସମର୍ଥନ ମିଳିବା ପରେ ଜର୍ସିର ରଙ୍ଗରେ ପରିବର୍ତ୍ତନ କରାଯାଇଛି। ଏହି ରଙ୍ଗକୁ ଅଫିସିଆଲ ଜର୍ସି ଭାବେ ଘୋଷଣା କରି ଅତ୍ୟନ୍ତ ଖୁସି ବୋଲି ଫ୍ରାଞ୍ଚାଇଜ ମାଲିକ ମନୋଜ ବାଦଲେ କହିଛନ୍ତି।


# କୁଲଦୀପଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା

**ଦୁବାଇ,୧୧।୨(ପିଟି)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ନୂଆ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ସେ ମଧ୍ୟ ବୋଲରଙ୍କ ର୍‍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ

**ଟି୨୦ ର୍‍ୟାଙ୍କିଙ୍ଗ୍**

ସ୍ଥାନକୁ ଉଠିଛନ୍ତି। ଏହା ତାଙ୍କ ଟି୨୦ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବୋଲର ଟପ୍ ୧୦ରେ ସ୍ଥାନ ପାଇନାହାନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଆଫଗାନିସ୍ତାନ ସ୍ପିନର ରସିଦ୍ ଖାଁ। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ମାନ୍ୟତାରେ ଅବନତି ଦେଖାଯାଇଛି। ସେ ପୂର୍ବାପେକ୍ଷା ୬ଟି ସ୍ଥାନ ତଳକୁ ଖସି



୧୭ତମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ପେସର ଭୁବନେଶ୍ୱର କୁମାର (୧୮ତମ)। ପାକିସ୍ତାନ ବ୍ୟାଟ୍ସମ୍ୟାନ ବାବର ଆଜମଙ୍କ ନେତୃତ୍ୱାଧୀନ ତାଲିକାରେ ରୋହିତ ୭ମ ସ୍ଥାନ ଅଧିକାର କରିଥିବାବେଳେ ଲୋକେଶ ରାହୁଲ ଟପ୍ ୧୦ରୁ ଖସିଯାଇଛନ୍ତି। ରୋହିତ୍‌ଙ୍କ ଓପନିଂ ପାର୍ଟନର ଶିଖର ଧାୱନ ୧୧ତମ ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ନ ଖେଳିବାରୁ ବିରାଟ କୋହଲିଙ୍କ ମାନ୍ୟତାରେ ହ୍ରାସ ଘଟିଛି। ଭାରତୀୟ ଅଧିନାୟକ ୪ ସ୍ଥାନ ତଳକୁ ଖସି ଜିମ୍ବାୱେର ହାମିଲଟନ ମାସ୍କାଡ୍‌ଜାଙ୍କ ସହ ମିଳିତ ୧୯ତମ ର୍‍ୟାଙ୍କିଙ୍ଗ୍ ପାଇଛନ୍ତି। ବାମହାତୀ ସ୍ପିନର କ୍ରୁନାଲ ପାଣ୍ଡ୍ୟା ୩୯ ପାହ୍ୟା ଉପରକୁ ଉଠି ୫୯ତମ ଅଧିକାର କରିଛନ୍ତି। ଏହା ତାଙ୍କ ପାଇଁ ଶ୍ରେଷ୍ଠ ମାନ୍ୟତା। ଏହାବାଦ୍ ନ୍ୟୁଜିଲାଣ୍ଡ ଦଳଠାରୁ ଗତ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ହାରିବା ପରେ ମଧ୍ୟ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ହେଲେ ଦୁଇ ପଏଣ୍ଟ ହରାଇବାକୁ ପଡ଼ିଛି। ପାକିସ୍ତାନ ଦଳ ପୂର୍ବଭଳି ଶୀର୍ଷରେ ରହିଛି।

# କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ

**କଟକ ଅଫିସ,୧୧।୨:** ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଓଡ଼ିଶାରେ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ତେବେ ଏହା କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆୟୋଜିତ ହେବ ବୋଲି ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ସ୍ପଷ୍ଟ ଘୋଷଣା କରାଯାଇଛି। କଟକ କିମ୍ବା ଭୁବନେଶ୍ୱର କେଉଁଠାରେ ଏହି ଚାମ୍ପିୟନଶିପ ହେବ ସେ ନେଇ ସଂଘ ପୂର୍ବରୁ ଦୋ ଛକିରେ ରହିଥିଲା। ଅନ୍ୟପକ୍ଷରେ ସୋମବାର ପ୍ରତିଯୋଗିତା ଆୟୋଜନ ନେଇ ରାଜ୍ୟ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ରାଜ୍ୟ ସଂଘ ସଭାପତି ଏଲ୍.ଏନ୍ ଗୁପ୍ତା ଓ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏବେ କେବଳ

**ଷ୍ଟାଡିୟମ ଅନୁଧ୍ୟାନ କଲେ କ୍ରୀଡ଼ା ସଚିବ**

ଖେଳାଳିମାନଙ୍କ ରହଣି ଓ ଯାତାୟାତ ବ୍ୟବସ୍ଥା ନେଇ ଚିନ୍ତା ରହିଛି। ସେ ଦିଗରେ ଖୁବ୍‌ଶୀଘ୍ର ଆଲୋଚନା କରାଯିବ ବୋଲି ସମ୍ପାଦକ ପରିଡ଼ା କହିଛନ୍ତି। ଏହି ଚାମ୍ପିୟନଶିପ ଉତ୍ତରପ୍ରଦେଶର ଲକ୍ଷ୍ନୌରେ କରାଯିବ ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ସ୍ଥିର କରିଥିଲା। ମାତ୍ର ଗତ ମାସରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳ ଭାବେ ଆୟୋଜିତ ହେବା ପରେ ଫେଡେରେଶନ ନିଷ୍ପତ୍ତିରେ ପରିବର୍ତ୍ତନ ଆଣିଥିଲା। ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ୍.ପି ସିଂ ଅତିଥି ଭାବେ ଯୋଗଦେବା ସହ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ ହେବ ବୋଲି କହିଥିଲେ।

# ଆଜିଠାରୁ ଇରାନୀ କପ୍: ଅବଶିଷ୍ଟ ଭାରତ–ବିଦର୍ଭ ମୁକାବିଲା

**ନାଗପୁର,୧୧।୨(ପି.ଟି.)**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାରଠାରୁ ଇରାନୀ କପ୍ ଆରମ୍ଭ ହେବ। ୫ଦିନ ଧରି ଚାଲିବାକୁ ଥିବା ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତ ଓ ଏଥରର ରଣଜୀ ଚାମ୍ପିୟନ ବିଦର୍ଭ ପରସ୍ପରକୁ ଭେଟିବେ। ଆଗକୁ ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଚୟନକର୍ତ୍ତାମାନେ ଏହି ମ୍ୟାଚ୍ ଉପରେ ନଜର ରଖିଛନ୍ତି। ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାକୁ ଆଶା ରଖିଥିବା ରାହାନେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛନ୍ତି। ଗତଥର ବିଦର୍ଭ ଉଭୟ ରଣଜୀ ଟ୍ରଫି ଓ ଇରାନୀ କପ୍ ହାସଲ କରିଥିଲା। ଅବଶିଷ୍ଟ ଭାରତୀୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼। ରାହାନେଙ୍କ ସମେତ ମୟଙ୍କ ଅଗ୍ରୱାଲ, ଶ୍ରେୟାସ ଆୟର, ହନୁମା ବିହାରୀଙ୍କ ଭଳି ବ୍ୟାଟ୍ସମ୍ୟାନ ବିଦର୍ଭ ପାଇଁ ସମସ୍ୟା ସୃଷ୍ଟି କରିବେ। ବିଦର୍ଭ ଦଳରେ ବରିଷ୍ଠ ବୋଲର ଉମେଶ ଯାଦବ ଇଞ୍ଜୁରୀ କାରଣରୁ ଖେଳିବେ ନାହିଁ। ତାଙ୍କୁ ବିଶ୍ରାମ କରିବାକୁ ପରାମର୍ଶ ଦିଆଯାଇଛି। ତାଙ୍କ ବଦଳରେ ଯଶ ଠାକୁର ଦଳରେ ସାମିଲ ହୋଇଛନ୍ତି। ତେବେ ଦଳରେ ୪୧ ବର୍ଷୀୟ ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱାସିମ ଜାଫର, ବାମହାତୀ ସ୍ପିନର ଆଦିତ୍ୟ ସରୱାତେ, ଉଇକେଟ କିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଡେକର ଓ ଦ୍ରୁତ ବୋଲର ରଜନୀଶ ଗୁର୍ବାନୀ ରହିଛନ୍ତି। ଉଭୟ ଦଳରେ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନଙ୍କ ସମେତ ଦ୍ରୁତ ବୋଲର ଓ ସ୍ପିନର ରହିଛନ୍ତି। ଫଳରେ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ସହ ରୋମାଞ୍ଚ ହେବ ବୋଲି ଆଶା କରାଯାଉଛି।

**ଅବଶିଷ୍ଟ ଭାରତୀୟ ଦଳ:** ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନମୋଲପ୍ରୀତ ସିଂ, ହନୁମା ବିହାରୀ, ଶ୍ରେୟାସ ଆୟାର, ଇଶାନ କିଷନ, କ୍ରିଷ୍ଣାପ୍ପା ଗୋଥାମ, ଧର୍ମେନ୍ଦ୍ରସିନ ଜାଡେଜା, ରାହୁଲ ଚହର, ଅଙ୍କିତ ରାଜପୁତ, ଟିଏମ୍ ଉଲ ହକ, ରୋନିତ ମୋରେ, ସନ୍ଦୀପ ୱାରିୟର, ରିଙ୍କୁ ସିଂ ଓ ସ୍ନେଲ ପଟେଲ।

**ବିଦର୍ଭ ଦଳ:** ଫୈଜ ଫଜଲ (ଅଧିନାୟକ), ସଞ୍ଜୟ ରଘୁନାଥ, ୱାସିମ ଜାଫର, ମୋହିତ କାଲେ, ଗଣେଶ ସତୀଶ, ଅକ୍ଷୟ ୱାଡେକର, ଆଦିତ୍ୟ ସରୱାତେ, ଅକ୍ଷୟ କର୍ଣ୍ଣେୱାର, ଅକ୍ଷୟ ୱାଖରେ, ଉମେଶ ଯାଦବ, ରଜନୀଶ ଗୁର୍ବାନୀ, ଶ୍ରୀକାନ୍ତ ୱାଘ, ଲଳିତ ଏମ୍ ଯାଦବ, ଯଶ ଠାକୁର, ଆଦିତ୍ୟ ଠାକରେ ଓ ଅର୍ଥବ ତାଇଡେ।

# ଅଶୋକ ଦିଣ୍ଡା ଆହତ

**କୋଲକାତା,୧୧।୨:** ଭାରତୀୟ ପେସର ଅଶୋକ ଦିଣ୍ଡା ସୋମବାର ଏକ ଅଭ୍ୟାସ ମ୍ୟାଚ୍‌ବେଳେ ଆହତ ହୋଇଛନ୍ତି। ସ୍ଥାନୀୟ ଇଡେନ ଗାର୍ଡେନରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନ ବିବେକ ସିଂଙ୍କ ଏକ ଷ୍ଟ୍ରେଟ୍ ଡ୍ରାଇଭ ଶର୍ଟ ବୋଲିଂ କରୁଥିବା ଦିଣ୍ଡାଙ୍କ କପାଳରେ ଖୁବ୍ ଜୋରରେ ବାଜିଥିଲା। ବଲ୍ ବାଜିବା ପରେ ସେ ତୁରନ୍ତ ଫିଲ୍ଡରେ ପଡ଼ିଯାଇଥିଲେ। ତୁରନ୍ତ ସେଠାରେ ଉପସ୍ଥିତ ଥିବା ଖେଳାଳି ଓ ଫିଜିଓ ତାଙ୍କ ନିକଟକୁ ଦୌଡ଼ି ଆସିଥିଲେ। ତେବେ ଓଭର ଶେଷ କରିବା ପରେ ୩୪ ବର୍ଷୀୟ ବୋଲରଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ସିଟି ସ୍କାନ୍ କରାଯିବା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# ୱାର୍ଲ୍ଡ ପାରା ଗେମ୍ସରେ ପ୍ରମୋଦ, ରମେଶ



ପ୍ରମୋଦ ଭଗତ



ଭି. ରମେଶ ରାଓ

**ଭୁବନେଶ୍ୱର, ୧୧।୨(ସ୍ପୋର୍ଟ୍ସ ବ୍ୟୁରୋ):** ୱାର୍ଲ୍ଡ ପାରା ଗେମ୍ ଚଳିତ ମାସ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ୟୁଏଇର ଶାରଜାଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଦୁଇ ତାରକା ପାରା କ୍ରୀଡ଼ାବିତ୍ ପ୍ରମୋଦ ଭଗତ୍ ଓ ଭି. ରମେଶ ରାଓ ଅଂଶଗ୍ରହଣ କରିବେ। ପ୍ରମୋଦ ବ୍ୟାଡ୍‌ମିଣ୍ଟନରେ ଏବଂ ରମେଶ ହୁଇଲ୍ ଚେୟାର୍ ଫେନ୍ସିରେ ଭାଗନେବେ। ଛ' ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଆଥ୍‌ଲେଟିକ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ରୋଇଂ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ ଓ ହ୍ୱିଲ ଚେୟାର ଫେନ୍ସିରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦୁଇ ଓଡ଼ିଆ ପ୍ରତିଯୋଗୀ ଏଥିରେ ଭଲ ପ୍ରଦର୍ଶନ କରିବେ ବୋଲି ଓଡ଼ିଶା ପାରା ପ୍ଲେୟାର ଫୋରମ୍‌ର ସାଧାରଣ ସମ୍ପାଦକ ରାଖେଲ କୁମାର ସେଠୀ ଆଶାବାଦୀ ରହିଛନ୍ତି।

# ତରସିଲାଙ୍କ ହ୍ୟାଟ୍ରିକ: ଓଡ଼ିଶା ବିଜୟୀ

**କଟକ ଅଫିସ,୧୧।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ(ଡିଭିଜନ–ଏ)ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୫–୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ତରସିଲା ବେକ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ। ସଙ୍ଗୀତା ରୋଜ କୁଲୁ, ଅସୀମ ବାର୍ଲା ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ୨ଟି ମ୍ୟାଚ୍‌ରେ କର୍ଣ୍ଣାଟକଠାରୁ ୩–୦ ଗୋଲରେ ଓ ୮–୦ ଗୋଲରେ ରେଲୱେ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ(ଆରଏସ୍‌ପିବି) ଠାରୁ ପରାସ୍ତ ହେବା ପରେ ଓଡ଼ିଶାର ଏହା ପ୍ରଥମ ବିଜୟ।


**GOVERNMENT OF ODISHA**
**EXECUTIVE ENGINEER, BOUDH (R&B) DIVISION, BOUDH** 1252-B
E-mail- eeboudhrb@gmail.com
**INVITATIONS FOR BIDS (IFB)**
**"e" Procurement Notice**

Letter No. 357 dtd. 07.02.2019

**Bid Identification No. EE (R and B)-BDH 23/2018-19**

1) Name of the work : 01 (One) No. of Internal Electrification work (Double cover)
2) Estimated Cost : Rs.56.00 lakhs
3) Period of Completion : 1 (One) Calendar months
4) Date & Time of availability of Bid documents in the portal : From 14.02.2019, 10.00 AM to 23.02.2019, 5.00 PM
5) Last date/time for seeking of Tender Clarification : 22.02.2019 upto 5.00 PM
6) Last date / time for receipt of bids in the portal : upto 5.00 PM of dated 23.02.2019
7) Date & time of opening of tender /Bid : 25.02.2019 at 11.30 AM
8) Name and address of the O.I.T. : Executive Engineer, Boudh (R&B) Division.

Further details corrigendum(s) can be seen from the website http://tendersorissa.gov.in

*Sd./- Executive Engineer, Boudh (R&B) Division, Boudh*
34134/11/0037/1819

**GOVERNMENT OF ODISHA**
**ST& SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI,**
**INVITATION FOR BID (IFB)** NO-CAD-1396

**Bid Identification No. PA ITDA PLB-03 of 2018-19**

**Letter No.258** **Date.08.02.2019**

The Project Administrator ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 11 Nos. Road / Bridge / Building / Water Supply Works. The bidders have to participate in "online" bidding only. The website for online bidding is **www.tendersorissa.gov.in.** The details of bid documents will be available in above website from 11.00 AM. of 13.02.2019 to 5.00 PM. of 23.02.2019. The bidders must possess compatible Digital Signature Certificate (DSC) of Class- II or Class- III, Bids received online shall be opened at 11.30 A.M. on 25.02.2019 in the office of the Project Administrator, ITDA, Phulbani, Further details can be seen from the website **www.tendersorissa.gov.in.**

*Sd./- Project Administrator ITDA, Phulbani*
19069/11/0005/1819

**OFFICE OF THE D.F.O., BHADRAK AND SECRETARY MANAGEMENT SOCIETY, DHAMARA FISHING HARBOUR, DHAMARA**
**www.dhamarafishingharbour.org, EID: manager.msdfh@gmail.com, Ph. No: 06786-222500**
**Notice No. 42** **Dt. 29.01.2019**

**EXPRESSION OF INTEREST (E.O.I.) OF SCRAP MATERIALS**

Management Society, Dhamara Fishing Harbour, Dhamara of Bhadrak District invites sealed tenders/ E.O.I. from registered Govt./ Private organizations for unused Scrap materials of Dhamara Fishing Harbour. The agencies/ company having good track record with GSTIN, PAN, Regd. License and other relevant experience with documents in this line is eligible to apply. Interested Regd. Organizations/ Regd. Agencies should submit their proposal (Technical as well as Financial Bids) along with all supporting documents in sealed envelope must superscribed with "Application for SCRAP MATERIALS of Management Society, Dhamara Fishing Harbour, Dhamara" through Regd. Post/ Speed Post to the Office of the Manager, Management Society, Dhamara Fishing Harbour, Dharama from 1st February 2019 to 19th February 2019 with Office hour Positively. They are requested to appear before the selection committee on Dt. 20th February 2019 at time 11.30 AM when the tender will open in the office of the District Fisheries Officer, Bhadrak and Secretary, Management Society, Dhamara Fishing Harbour, Dhamara, Bhadrak near Bonth Chhak Bus Stand along with their related documents. The details E.O.I. Paper can be available in the office of the Manager, Management Society, Dhamara Fishing Harbour, Dhamara on payment of Rs. 1000/- (Rupees One Thousand) only through Cash/ NEFT with our IDBI banks SB A/c No. 255104000014827, IFSC No. IBKL0000255. The undersigned has reserve the rights to cancel any or all application without assigning any reason thereof.

**Sd./- Santosh Kumar Dalai**
**DFO, Bhadrak & Secretary**
**Management Society, Dhamara Fishing Harbour, Dhamara**

**GOVERNMENT OF ODISHA** 1263-A
**Office of the Executive Engineer, Berhampur Irrigation Division, Berhampur**
Phone/FAX No. 0680 2281983, e-mail: eebam_irr@yahoo.com
**e-Procurement Notice No. e-BEID-5/2018-19**

1. Name of the Scheme : Flood Restoration works and Canal/Flood Embankment & road Works for the year 2019-20.
2. Total No. of Works : 30 (Thirty) Nos. of individual works.
3. Estimated cost : Varies from Rs.6.21 Lakhs to Rs.28.03 Lakhs.
4. Period of Completion : Two to Three months.
5. Other details as follows :

| Sl. No. | Procurement Officer | Bid identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 30 | Executive Engineer, Berhampur Irrigation Division, Berhampur | e-BEID-149/ 2018-19 to e-BEID-178/ 2018-19 | From 14.02.2019 (10.00AM) to 23.02.2019 (5.00PM) | From 14.02.2019 (10.00AM) to 23.02.2019 (5.00PM) | 25.02.2019 (11.30AM) in the office of the Executive Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/corrigendum/cancellation of the tender can be seen in the above website only.

32025/11/0007/1819 *Executive Engineer, Berhampur Irrigation Division*

**e-PROCUREMENT NOTICE**
**No.1652-O:-** **Tender Online No. 12 of 2018-19**

| | | |
|---|---|---|
| 1 | Name of the Work | Building works for 2018-19 mentioned in column 2 of table of N.I.T. |
| 2 | Estimated cost | Specified against each work in column 3 of table of N.I.T. excluding Goods and Services Tax. |
| 3 | Earnest Money Deposit | Specified against each work in column 4 of table of N.I.T. |
| 4 | Period of completion | Specified against each work in column 6 of table of N.I.T. |
| 5 | Class of contractors | Specified against each work in column 5 of table of N.I.T. |
| 6 | Cost of Tender Paper | Specified against each work in column 7 of table of N.I.T |

Other details for the N.I.T.:

| | | |
|---|---|---|
| 1 | Procurement Officer | Executive Engineer, Rural Works Division, Jagatsinghpur |
| 2 | Date & time of availability of bid documents in Portal | 15/02/2019 at 11:00 hrs |
| 3 | Last date & time for receipt of bids in Portal | 23/02/2019 at 17:00 hrs |
| 4 | Last date & time of seeking of Bid clarification | 22/02/2019 at 15:00 hrs |
| 5 | Opening of tender | 25/02/2019 at 11:30 hrs at the Office of Executive Engineer, Rural Works Division, Jagatsinghpur. |

Further details can be seen from the Government website: www.tendersorissa.gov.in.

**Executive Engineer**
**Rural Works Division**
**Jagatsinghpur**
**25056/11/0012/1819**

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବୌଦ୍ଧ**

**ବିଜ୍ଞାପନ ନଂ. ୩୯୬** **ତା. ୦୭।୦୨।୨୦୧୯**

ଏତଦ୍ଦ୍ୱାରା ବୌଦ୍ଧ ଜିଲ୍ଲା ଅଧୀନରେ ବସବାସ କରୁଥିବା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆର୍ଥିକ ବର୍ଷ ୨୦୧୮–୧୯, ତା. ୦୧।୦୪।୨୦୧୮ରୁ ୩୦।୦୯।୨୦୧୮ ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଅଧୀନରେ ଦିଆଯାଉଥିବା ସହାୟତା ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ଓ ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଧାର୍ଯ୍ୟ ତାରିଖରେ ଉକ୍ତ ଗ୍ରାମ ପଞ୍ଚାୟତରେ ସକାଳ ୧୦.୦୦ ଘଟିକାରେ ଆରମ୍ଭ ହେବ। ତେଣୁ ସମସ୍ତ ନାଗରିକ, ହିତାଧିକାରୀ, କୁଶଳୀ, ଅଣକୁଶଳୀ ଶ୍ରମିକ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା ଆଦି ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି। ଏହି ଗ୍ରାମସଭାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ତଥା ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ତ ଅଭିଯୋଗର ସମାଧାନ କରିବେ।

**ସାମାଜିକ ସମୀକ୍ଷା ଓ ଗ୍ରାମ ସଭାର କାର୍ଯ୍ୟସୂଚୀ**

| ବ୍ଲକ | ଗ୍ରାମ ପଞ୍ଚାୟତର ନାମ | (ଏନ୍‌ଏସ୍‌ଏପି) ସାମାଜିକ ସମୀକ୍ଷା ଆରମ୍ଭ | (ଏନ୍‌ଏସ୍‌ଏପି) ସାମାଜିକ ସମୀକ୍ଷା ଶେଷ | (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସାମାଜିକ ସମୀକ୍ଷା ଆରମ୍ଭ | (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସାମାଜିକ ସମୀକ୍ଷା ଶେଷ | ଗ୍ରାମ ସଭା ତାରିଖ |
|---|---|---|---|---|---|---|
| ବୌଦ୍ଧ | ଗୋଛାପଡ଼ା | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| କଣ୍ଟାମାଳ | ଖଟଖଟିଆ | ୧୮।୦୨।୨୦୧୯ | ୨୧।୦୨।୨୦୧୯ | ୨୨।୦୨।୨୦୧୯ | ୨୮।୦୨।୨୦୧୯ | ୨୮।୦୨।୨୦୧୯ |
| ହରଭଙ୍ଗା | ବାମଣ୍ଡା | ୦୯।୦୩।୨୦୧୯ | ୧୨।୦୩।୨୦୧୯ | ୧୩।୦୩।୨୦୧୯ | ୧୯।୦୩।୨୦୧୯ | ୧୯।୦୩।୨୦୧୯ |

**ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଫେବୃୟାରୀ, ୨୦୧୯





ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ଅନ୍ୟତମ। ସେ ଅତ୍ୟନ୍ତ ସ୍ପଷ୍ଟବାଦୀ । ତେଣୁ ସମସ୍ତେ ତାଙ୍କୁ ଭଲ ପାଇଥାନ୍ତି ।

–ସେନ୍ ୱର୍ନ, କିମ୍ବଦନ୍ତୀ ଅଷ୍ଟ୍ରେଲିଆ ବୋଲର



ଦୀନେଶ କାର୍ତ୍ତିକ ଦର୍ଶନୀୟ ଶଟ୍‌ମାନ ଖେଳୁଥିଲେ। କିନ୍ତୁ ଅନ୍ତିମ ଓଭରରେ ସିଙ୍ଗଲ ନ ନେବା ତାଙ୍କର ଏକ ଭୁଲ୍ ନିଷ୍ପତ୍ତି ଥିଲା। ଟି୨୦ରେ ଛୋଟିଆ ଭୁଲ ଫଳାଫଳରେ ବଡ଼ ପ୍ରଭାବ ପକାଇଥାଏ ।

–ସଞ୍ଜୟ ମଞ୍ଜରେକର, ପ୍ରାକ୍ତନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ପୂର୍ବତନ କ୍ରିକେଟରଙ୍କୁ ଆକ୍ରମଣ



**ନୂଆଦିଲ୍ଲୀ,୧୧।୨:** ସ୍ଥାନୀୟ ସେଣ୍ଟ୍ ଷ୍ଟିଫେନ୍ ଗ୍ରାଉଣ୍ଡଠାରେ ୨୩ ବର୍ଷରୁ କମ୍ ବୟସ ବର୍ଗର ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନ ପ୍ରକ୍ରିୟା ବେଳେ ପୂର୍ବତନ ଭାରତୀୟ ପେସର ଅମିତ୍ ଭଣ୍ଡାରିଙ୍କୁ କେତେଜଣ ଅଜଣା ବ୍ୟକ୍ତି ମାଡ଼ ମାରିଛନ୍ତି। ଭଣ୍ଡାରି ଏବେ ଦିଲ୍ଲୀ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସିନିୟର ଚୟନ କମିଟିର ଅଧକ୍ଷ ପଦରେ ଅଛନ୍ତି। ତାଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଛି। ଚୟନ କମିଟି ସଦସ୍ୟ ସୁଖ୍‌ବିନ୍ଦର ସିଂ ତାଙ୍କୁ ଶାନ୍ତ ପରମାନନ୍ଦ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏ ଘଟଣା ସମ୍ପର୍କରେ ଡିଡିସିଏ ଅଧକ୍ଷ ରଜତ ଶର୍ମା ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ଆମେ ଘଟଣାର ସବୁକିଛି ଜାଣିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଖେଳାଳିଙ୍କୁ ସମ୍ଭାବ୍ୟ ତାଲିକାରେ ସାମିଲ କରା ନ ଯିବାରୁ ସେ ଉତ୍ତ୍ୟକ୍ତ ହୋଇ ଏଭଳି ଘଟଣା ଭିଆଇଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଦିଲ୍ଲୀ ସିନିୟର ଓ ୨୩ ବର୍ଷରୁ କମ୍ ଦଳର ମ୍ୟାନେଜର ଶଙ୍କର ସାଇନିଙ୍କ କହିବା ଅନୁଯାୟୀ, ଚୟନ ଲାଗି ଆସିଥିବା ଦୁଇ ଖେଳାଳି ଭଣ୍ଡାରିଙ୍କ ସହ ଯୁକ୍ତିତର୍କ କରିବା ପରେ ପ୍ରାୟ ୧୫ରୁ ଅଧିକ ଲୋକ ହକି ଷ୍ଟିକ୍, ରଡ୍ ଓ ସାଇକେଲ ଚେନ୍‌ରେ ଆକ୍ରମଣ କରିଥିଲେ। ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳି ଓ ଆମେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲୁ। ଭଣ୍ଡାରି ୨୦୦୦ ମସିହାରେ ଭାରତ ପକ୍ଷରୁ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ।

# ଭାରତକୁ ହରାଇ ବିପର୍ଯ୍ୟୟ ଘଟାଇଲା ନେପାଳ

ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ

**ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ବଡ଼ ବିପର୍ଯ୍ୟୟ ଘଟାଇଛି ନେପାଳ। ସମ୍ପ୍ରତି ୧୦୮ତମ ର୍‍ୟାଙ୍କିଙ୍ଗ୍‌ରେ ଥିବା ଏହି ଦଳ ୬୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଆୟୋଜକ ଭାରତକୁ ୨–୧ ଗୋଲରେ ପରାସ୍ତ କରିଛି। ନେପାଳ ପକ୍ଷରୁ ସାବିତ୍ରା ଭଣ୍ଡାରୀ ୨ଟି ଗୋଲ ଦେଇଥିବାବେଳେ ଭାରତ ପକ୍ଷରୁ ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଭାରତର ଫାଇନାଲ ପ୍ରବେଶ ଆଶା ଝୁଲି ରହିଥିବାବେଳେ ନେପାଳର ଆଶା ଉଜ୍ଜୀବିତ ହୋଇଛି। କାରଣ ଶନିବାର ପ୍ରଥମ ମ୍ୟାଚରେ ଭାରତ ୧–୦ ଗୋଲରେ ଇରାନକୁ ହରାଇଥିବାବେଳେ ନେପାଳ ୦–୩ ଗୋଲରେ ମ୍ୟାନମାରଠାରୁ ହାରି ଯାଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା। ଫଳରେ ୪ଟି ଯାକ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିବାପରେ ମ୍ୟାନମାର ୬ ପଏଣ୍ଟ ସହିତ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଭାରତ ଓ ନେପାଳ ୩ ପଏଣ୍ଟ ଲେଖାଏ ପାଇ ସମାନ ସ୍ଥିତିରେ ରହିଛନ୍ତି। ବୁଧବାର ଶେଷ ଲିଗ୍ ମ୍ୟାଚରେ ଉଚ୍ଚ ର୍‍ୟାଙ୍କିଙ୍ଗ(୪୦ତମ) ପ୍ରାପ୍ତ ମ୍ୟାନମାରକୁ ଭେଟିବ ଭାରତ। ସେହିଦିନ ଅନ୍ୟ ଏକ ମ୍ୟାଚରେ ନେପାଳ ଓ ଇରାନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚର ଫଳାଫଳ ପରେ ଟୁର୍ନାମେଣ୍ଟର ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବେ। ଶୁକ୍ରବାର ଫାଇନାଲ ଖେଳାଯିବ। ଭାରତ କ୍ରମାଗତ ୫ ବିଜୟ ପରେ ପ୍ରଥମ ପରାଜୟବରଣ କରିଛି। ଗୋଲ୍ଡ କପ୍ ପୂର୍ବରୁ ଦଳ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ୪ଟି ମ୍ୟାଚରେ ବିଜୟ ହାସଲ କରିଥିଲା।



ଭାରତ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ହକି ଅଲିମ୍ପିଆନ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳିଙ୍କ ସହ ପରିଚିତ ହେବାପରେ ଭାରତ–ନେପାଳ ମ୍ୟାଚ ଆରମ୍ଭ ହୋଇଥିଲା।

ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ୪ ମିନିଟ ମଧ୍ୟରେ ଦଳ ୨ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ମାତ୍ର ନେପାଳ ଗୋଲକିପର ଆଞ୍ଜିଲା ତୁମ୍ବାପୋ ସୁବ୍ବାଙ୍କ ଚମତ୍କାର ସେଭ୍ ଯୋଗୁ ଗୋଲ ହୋଇପାରି ନ ଥିଲା। ମାତ୍ର ଏହାପରେ ୨ ମିନିଟ ମଧ୍ୟରେ ନେପାଳ ୨ଟି ଗୋଲ ଦେଇ ମ୍ୟାଚରେ ବିପର୍ଯ୍ୟୟ ଭରି ଦେଇଥିଲା। ଭାରତର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ସାବିତ୍ରା ଭଣ୍ଡାରୀ ୪ର୍ଥ ମିନିଟରେ ନେପାଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରି ଦଳୀୟ ଶିବିରରେ ଉତ୍ସାହ ଭରି ଦେଇଥିଲେ। ଭାରତୀୟ ଖେଳାଳିମାନେ ଗୋଲ ପରିଶୋଧ କଥା ଚିନ୍ତା କରୁଥିବାବେଳେ ୬ଷ୍ଠ ମିନିଟରେ ଭଣ୍ଡାରୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ନେପାଳ ଖେଳାଳିଙ୍କ ଦ୍ୱାରା ମରାଯାଇଥିବା ଶଟ୍ ଭାରତୀୟ ଗୋଲକିପର ଅଧିନାୟିକା ଅଦିତି ଚୌହାନଙ୍କ ହାତରେ ବାଜି ଫେରି ଆସୁଥିବାବେଳେ ଭଣ୍ଡାରୀ ଫାଙ୍କା ଗୋଲପୋଷ୍ଟର ସୁଯୋଗ ନେଇ ବଲ୍‌କୁ ପୋଷ୍ଟ ଭିତରକୁ ଠେଲି ଦେଇଥିଲେ। ଫଳରେ ସ୍ୱାଭାବିକ ଭାବେ ଭାରତ ଚାପକୁ ଚାଲି ଆସିଥିଲା। ଏହାପରେ ନେପାଳ ଏହାର ରକ୍ଷଣଭାଗକୁ ଅଧିକ ଦୃଢ଼ କରି ଦେଇଥିଲା। ତେଣୁ ଭାରତୀୟ ଖେଳାଳିମାନେ ଅଧିକାଂଶ ସମୟ ନେପାଳ ହାଫ୍‌ରେ ବଲ୍ ରଖିଥିଲେ ହେଁ ଏହାର ରକ୍ଷଣଭାଗ ଭେଦ କରିପାରି ନ ଥିଲା। ଅଗ୍ରଣୀ ନେଇଥିବାରୁ ନେପାଳ ଖେଳାଳିଙ୍କ ବଡି ଲାଙ୍ଗୁଏଜ୍‌ରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ସେମାନେ ଉତ୍ସାହୀ ପ୍ରଦର୍ଶନ କରି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ୨୧ତମ ମିନିଟରେ ଭାରତର ଇନ୍ଦୁମତୀ ମାରିଥିବା ଶଟ୍ ଅଳ୍ପକେ ନେପାଳ ଗୋଲପୋଷ୍ଟ ଉପର ଦେଇ ଚାଲିଯାଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୯ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଖେଳାଳିଙ୍କ ଫାଉଲ୍ ଯୋଗୁ ଭାରତକୁ ଫ୍ରି–କିକ୍ ମାରିଥିଲା। ମାତ୍ର ଇନ୍ଦୁମତିଙ୍କ ଦୁର୍ବଳ ଶଟ୍ ନେପାଳ ଖେଳାଳିଙ୍କ ପ୍ରାଚୀରଭେଦ କରିପାରି ନ ଥିଲା। ୫୩ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ମାତ୍ର ନେପାଳ ରକ୍ଷଣଭାଗରେ ବଡ଼ ଗ୍ୟାପ୍‌ର ସୁଯୋଗ ନେଇ ଅନୁଜ ତମାଙ୍ଗ ବଲ୍ ନେପାଳ ଗୋଲଲାଇନ୍ ନିକଟରେ ପହଞ୍ଚି ଯାଇଥିଲେ। ଗୋଲକିପର ୱାଇଡ୍‌ରେ ଥିଲେ ହେଁ ଫାଙ୍କା ଗୋଲପୋଷ୍ଟ ଭିତରକୁ ବଲ୍ ପୁଶ୍ କରିପାରି ନ ଥିଲେ ତମାଙ୍ଗ। ୭୨ତମ ମିନିଟରେ ମଧ୍ୟ ଦଳପାଇଁ ଆଉ ଏକ ସୁଯୋଗ ଆସିଥିଲା। ନେପାଳ ଡି ଏରିଆ ଭିତରେ ବଲ୍ ପାଇଁ ସଂଘର୍ଷ ମଧ୍ୟରେ ସଞ୍ଜୁ ଓ ଆର.ସାନ୍ଧିୟା ରଙ୍ଗନାଥନ ଗୋଲ ଦେବାର ୨ ଥର ସୁଯୋଗ ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲେ। ୭୪ତମ ମିନିଟରେ ସଞ୍ଜୁ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ସକ୍ଷମ ହୋଇଥିଲେ ହେଁ ରେଫରି ତାହାକୁ ଅଫ୍‌ସାଇଡ୍ ଦର୍ଶାଇଥିଲେ। ଫଳରେ ଭାରତୀୟ ଖେଳାଳି କିଛି ସମୟ ଖୁସି ମନାଇଥିଲେ ହେଁ ପରେ ବାସ୍ତବିକତାକୁ ହୃଦୟଙ୍ଗମ କରିଥିଲେ। ୮୩ତମ ମିନିଟରେ ଗୋଲପୋଷ୍ଟ ନିକଟରେ ନେପାଳ ଡିଫେଣ୍ଡରଙ୍କ ହ୍ୟାଣ୍ଡବଲ ଯୋଗୁ ଭାରତକୁ ଫ୍ରି–କିକ୍ ମିଳିଥିଲା। ନୋଙ୍ଗମାଇଥେମ୍ ରତ୍ନବାଳା ଦେବୀ ଚମତ୍କାର ଶଟ୍ ମାରି ରାଇଟ କର୍ଣ୍ଣରରେ ବଲ୍‌କୁ ନେପାଳ ଗୋଲପୋଷ୍ଟ ଭିତରେ ଭର୍ତ୍ତି କରିଦେଇଥିଲେ। ଫଳରେ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ଏହାପରେ ଭାରତ ପକ୍ଷରୁ ଘନଘନ ଆକ୍ରମଣ ହୋଇଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା। ଶେଷ ହ୍ୱିସିଲ ବାଜିବାକ୍ଷଣି ନେପାଳ ଖେଳାଳିମାନେ ଦୌଡ଼ି ଆସି ପ୍ରଥମେ କୋଚ୍ ହରି ଖାଡ୍‌କାଙ୍କୁ କୁଣ୍ଢାଇ ପକାଇଥିଲେ ଏବଂ ପରେ ନାଚିକୁଦି ଖୁସି ମନାଇଥିଲେ।

## କଳିଙ୍ଗ କର୍ଣ୍ଣର

### ଇଣ୍ଡିଆ ଇଣ୍ଡିଆ

ଭାରତ– ନେପାଳ ମ୍ୟାଚ ବେଳକୁ ଦର୍ଶକ ଗ୍ୟାଲେରୀରେ ଆଇ–ଲିଗ୍ ଟିମ୍ ଇଣ୍ଡିଆନ ଆରୋଜ ଏବଂ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ପିଲାମାନେ ଉପସ୍ଥିତ ଥିଲେ। ସେମାନେ ଇଣ୍ଡିଆ ଇଣ୍ଡିଆ ଧ୍ୱନି ଦେବା ସହ କରତାଳି ମାରି ଭାରତୀୟ ଖେଳାଳିଙ୍କୁ ଭରପୂର ଉତ୍ସାହିତ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିଛି ନେପାଳ ସମର୍ଥକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ନେପାଳ ଜାତୀୟ ପତାକା ଧରିବା ସହ ନେପାଳ ନେପାଳ ଧ୍ୱନି ଦେଇ ଜାତୀୟ ଦଳକୁ ଉତ୍ସାହିତ କରିଥିଲେ।

### ଦର୍ଶକ ଷ୍ଟାଣ୍ଡରେ ମ୍ୟାନ୍‌ମାର ସମର୍ଥକ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଷ୍ଟାଡିୟମ ଗ୍ୟାଲେରି ଫାଙ୍କା ରହୁଥିବାବେଳେ ସୋମବାର ପ୍ରଥମ ମ୍ୟାଚ ସମୟରେ ୫୦ରୁ ଊର୍ଦ୍ଧ୍ୱ ମ୍ୟାନମାର ସମର୍ଥକଙ୍କ ଉପସ୍ଥିତି ପରିଲକ୍ଷିତ ହୋଇଥିଲା। ଦର୍ଶକମାନେ ବ୍ୟାନର ଟାଙ୍ଗିବା ସହ ତାଳିମାରି ବିଭିନ୍ନ ସମୟରେ ମ୍ୟାନମାର ଦଳକୁ ଉତ୍ସାହିତ କରିଥିଲେ। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ଇଞ୍ଜୁରି ଟାଇମ୍‌ରେ ୨ଟି ଗୋଲ ଦେଇ ମ୍ୟାନମାର ୨–୦ରେ ଇରାନକୁ ପରାସ୍ତ କରିଥିଲା।



ଗୋଲ୍‌ସ୍କୋର ପରେ ଉଲ୍ଲସିତ ମ୍ୟାନ୍‌ମାର ଖେଳାଳି।

# ମ୍ୟାନମାରର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାନମାର କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ମ୍ୟାନମାର ୨–୦ ଗୋଲରେ ଇରାନକୁ ପରାସ୍ତ କରିଛି। ମ୍ୟାନମାର ପକ୍ଷରୁ ବଦଳ ଖେଳାଳି ୟି ୟି ଉ ୨ଟି ଯାକ ଗୋଲ ଦେଇଥିଲେ। ଏଥିସହ ମ୍ୟାନମାରର ଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଅନ୍ୟପକ୍ଷରେ ଇରାନ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପୂର୍ବତନ ଖେଳାଳି ଓ କୋଚ୍ ଗୀତାଞ୍ଜଳି ଖୁଣ୍ଟିଆ ଅତିଥିଭାବେ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମ୍ୟାନମାର ୩–୦ ଗୋଲରେ ନେପାଳକୁ ହରାଇଥିବାବେଳେ ଭାରତ ୧–୦ ଗୋଲରେ ଇରାନକୁ ପରାସ୍ତ କରିଥିଲା।

### ୟି'ଙ୍କ ଡବଲ ଗୋଲ

ମ୍ୟାନମାର ଉଚ୍ଚ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଇରାନ। ପ୍ରଥମାର୍ଦ୍ଧରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଫିନିଶିଂ ଭଲ ହୋଇ ନ ପାରିବାରୁ ଗୋଲ ହୋଇପାରି ନ ଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମ୍ୟାନମାର ଆକ୍ରମଣକୁ ଜୋରଦାର କରିଥିଲା। ମାତ୍ର ଇରାନର ଦୃଢ଼ ରକ୍ଷଣଭାଗ ଏବଂ ଗୋଲକିପର ଜାହରା ଖାଜାଭିଙ୍କ ଭଲ ପ୍ରଦର୍ଶନ ଯୋଗୁ ଗୋଲ ହୋଇ ନ ଥିଲା। ୫୫ତମ ମିନିଟରେ ଇରାନର ଗୋଲପୋଷ୍ଟରେ ଗ୍ୟାପ୍ ଦେଖି ଖିନ୍ ମୋଏ ୱାଇ ଏକ କ୍ରସ୍ ପାସ୍ ଦେଇଥିଲେ ହେଁ ତାହାକୁ ଅନ୍ୟପଟୁ ଟଚ୍ କରିବାକୁ କେହି ଖେଳାଳି ନ ଥିବାରୁ ମ୍ୟାନମାର ସୁବର୍ଣ୍ଣ ସୁଯୋଗ ହରାଇଥିଲା। ରଣନୀତି ବଦଳାଇ ଇରାନ ମଧ୍ୟ ଆକ୍ରମଣାତ୍ମକ ଖେଳିଥିଲେ ହେଁ ବଲ୍ ଅଧିକାଂଶ ସମୟ ମ୍ୟାନମାର ନିୟନ୍ତ୍ରଣରେ ରହିଥିଲା।

### ଇଞ୍ଜୁରି ଟାଇମ୍‌ର ରୋମାଞ୍ଚ

୯୦ ମିନିଟ ପର୍ଯ୍ୟନ୍ତ ଖେଳ ୦–୦ରେ ରହିବାରୁ ମ୍ୟାଚ ଡ୍ର ହେବା ଆଶା କରାଯାଉଥିଲା। ମାତ୍ର ଇଞ୍ଜୁରି ଟାଇମ୍‌ରେ ଅସଲ ଖେଳ ଦେଖାଇଥିଲା ମ୍ୟାନମାର। ମ୍ୟାଚର ୯୦+୧ ମିନିଟରେ ଏକ କ୍ରସ୍ ପାସ୍‌କୁ ୟି' ଗୋଲରେ ପରିଣତ କରି ମ୍ୟାନମାରକୁ ଅଗ୍ରଣୀ କରାଇଥିଲେ। ଏହାପରେ ଖେଳାଳିମାନେ ପରସ୍ପର ମଧ୍ୟରେ ପାସ୍ ଦେଇ ଅବଶିଷ୍ଟ ସମୟ ଅତିବାହିତ କରିବାକୁ ଚେଷ୍ଟା କରିଥିଲେ। ଅନ୍ୟପକ୍ଷରେ ମ୍ୟାଚକୁ ଫେରିବା ପାଇଁ ସମୟ କମ୍ ଥିବାରୁ ଇରାନ ସ୍ୱତଃ ଚାପକୁ ଚାଲି ଆସିଥିଲା। ଫଳରେ ଦଳର ପ୍ରଦର୍ଶନରେ ଅବନତି ଦେଖା ଦେଇଥିଲା। ଏହାର ଫାଇଦା ଉଠାଇଥିଲା ମ୍ୟାନମାର। ୯୦+୩ ମିନିଟରେ ୟି ଦ୍ୱିତୀୟ ଗୋଲଟି ଦେଇ ମ୍ୟାନମାରର ଅଗ୍ରଣୀକୁ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ଏହାର ଅଳ୍ପ ସମୟ ପରେ ରେଫରିଙ୍କ ଶେଷ ହ୍ୱିସିଲ ବାଜିବା ସହିତ ମ୍ୟାନମାର ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

# କାର୍ତ୍ତିକ ନିଜ ଭୁଲ୍ ହୃଦୟଙ୍ଗମ କରିଥିବେ

**ମହିନ୍ଦର ଅମରନାଥ**

ନ୍ୟୁଜିଲାଣ୍ଡ ଟି୨୦ ସିରିଜ ବେଶ୍ ରୋମାଞ୍ଚକ ଥିଲା। ଯେମିତି ଆଶା କରାଯାଉଥିଲା ଠିକ୍ ସେହିଭଳି ମ୍ୟାଚ୍ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଭ୍ରମଣକାରୀ ଦଳ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁଥାନ୍ତି। କିନ୍ତୁ ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ କଥା ଅଲଗା ହୋଇଥିଲା। କଡ଼ା ସଂଘର୍ଷ ଓ ରୋମାଞ୍ଚ ସହ ଏହି ନିର୍ଣ୍ଣାୟକ ମ୍ୟାଚ୍ ଶେଷ ହୋଇଥିଲା। ଭାରତ ହାରିଥିଲେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଖାସ୍ କରି ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଜବରଦସ୍ତ ବ୍ୟାଟିଂ କରିଥିଲେ। ଫଳରେ ଭାରତ ମ୍ୟାଚ୍‌କୁ ଫେରିଥିଲା। ଭାରତର ଫିଲ୍ଡିଂ ଆଶାନୁରୂପ ହୋଇପାରି ନ ଥିଲା। ଫିଲ୍ଡିଂ ବିଭାଗରେ ଭାରତ ଭଲ ବୋଲି କୁହାଯାଉଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଭାରତୀୟ ଖେଳାଳିମାନେ କେତୋଟି କ୍ୟାଚ୍ ହାତଛଡ଼ା କରିବା ସହ ବାଉଣ୍ଡରୀ ଛାଡିଥିଲେ। ମାତ୍ର ୪ ରନରେ ହାରିବା ଅବଶ୍ୟ ଭାରତୀୟ ପ୍ରଶଂସକଙ୍କର ହଜମ ହୋଇ ନ ଥିବ। ତେବେ କ୍ରିକେଟରେ ୧ ରନ ବ୍ୟବଧାନରେ ହାରିବା ଜିତିବାର ଫଇସାଲା ହୋଇଥାଏ। ଏହି ଉଇକେଟ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥିଲା। ଆଗକୁ ଯାଇ ଲାଇନ୍‌ରେ ବଲ୍‌କୁ ବାଡେଇଲେ ଏହି ଛୋଟିଆ ବାଉଣ୍ଡାରୀରେ ଜଣେ ବ୍ୟାଟ୍ସମ୍ୟାନ ବିପୁଳ ସଂଖ୍ୟାରେ ରନ୍ ସଂଗ୍ରହ କରିପାରିବ।

କ୍ରୁନାଲ ଓ କାର୍ତ୍ତିକ ବ୍ୟାଟିଂ କରିବା ବେଳେ ଉଚ୍ଚକୋଟୀର ଷ୍ଟ୍ରୋକ ପ୍ଲେ କରିବା ସହ ଲମ୍ବା ଶଟ୍‌ମାନ ଖେଳିଥିଲେ। କିନ୍ତୁ ଶେଷ ଓଭରରେ ସିଙ୍ଗଲ ନ ନେଇ ଭଲ ବ୍ୟାଟିଂ କରୁଥିବା କ୍ରୁନାଲଙ୍କୁ ଷ୍ଟ୍ରାଇକ୍ ନ ଦେବା ସମସ୍ତଙ୍କୁ ଚକିତ କରିଛି। କାର୍ତ୍ତିକ ବୋଧହୁଏ ନିଜେ ମ୍ୟାଚ୍ ଫିନିଶ କରିବାକୁ ଚାହିଁଥିଲେ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ଟେଲଏଣ୍ଡର ଥିଲେ ଜଣେ ବ୍ୟାଟ୍ସମ୍ୟାନ ସିଙ୍ଗଲ ନେଇ ନ ଥାଏ। କିନ୍ତୁ ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ଜଣେ ସେଟ ହୋଇଥିବା ବ୍ୟାଟ୍ସମ୍ୟାନ ଥିବା ବେଳେ ସିଙ୍ଗଲ୍ ନେବା ଉଚିତ୍ ହୋଇଥାନ୍ତା। କାର୍ତ୍ତିକ ଯଦି ସେହି ସିଙ୍ଗଲ ରନ ନେଇଥାନ୍ତେ ତାହେଲେ ମ୍ୟାଚ୍‌ର ଫଳାଫଳ ଅଲଗା ହୋଇଥାନ୍ତା। ଗୋଟିଏ ଲମ୍ବା ଶଟ୍ ଖେଳାଯାଇଥିଲେ ଭାରତ ବିଜୟୀ ହୋଇଥାନ୍ତା। ବିଜୟୀ ହେବା କଷ୍ଟକର ହୋଇଥିଲେ ମଧ୍ୟ ଅସମ୍ଭବ ନ ଥିଲା। ରୋମାଞ୍ଚକ ସ୍ଥିତିରେ ଏପରି ହୋଇଥାଏ। କାର୍ତ୍ତିକ ନିଜ ଭୁଲ ବୁଝିପାରିଥିବେ ବୋଲି ମୁଁ ନିଶ୍ଚିତ। ନିଜ ପାର୍ଟନରକୁ ଭରସା କରିବା ନିହାତି ଦରକାର। ତେବେ ନ୍ୟୁଜିଲାଣ୍ଡକୁ ଶ୍ରେୟ ଦିଆଯିବା ଉଚିତ୍। ଜବରଦସ୍ତ ଫିଲ୍ଡିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ଘରୋଇ ଦଳ ସଫଳ ହୋଇଥିଲା। ବ୍ୟାଟ୍ସମ୍ୟାନମାନେ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଚ୍ୟାଲେଞ୍ଜିଂ ସ୍କୋର ଛିଡା କରିଥିଲେ ଓ ଏହାକୁ ଭାରତ ଚେଜ୍ କରିବାର ନିଶ୍ଚିତ ଭାବେ ସହଜ ନ ଥିଲା।

ତେବେ ଏହି ଗସ୍ତରେ ଭାରତ ବେଶ୍ ଉନ୍ନତି କରିଛି ବୋଲି କୁହାଯାଇପାରିବ। ବିଶ୍ୱକପ୍ ପୂର୍ବରୁ ଏହା ନିଶ୍ଚିତ ଭାବେ ଶୁଭଙ୍କର। ନ୍ୟୁଜିଲାଣ୍ଡ ବହୁ ଖେଳାଳିଙ୍କୁ ନିଜ ପ୍ରତିଭା ପ୍ରମାଣିତ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ଚୟନକର୍ତ୍ତାମାନେ ଏବେ ନୂଆ କମ୍ବିନେଶନ ପାଇଁ ସୂତ୍ର ପାଇଥିବେ। ପ୍ରାୟ ସବୁ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ତେଣୁ ଚୟନକର୍ତ୍ତାମାନେ ଦଳ ଚୟନ ବେଳେ ସମସ୍ୟାର ସମ୍ମୁଖୀନ ହେବେ। ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ଥାନ ପକ୍କା ହୋଇଥିବା ବେଳେ ରିଷଭ ପନ୍ତ ଓ କାର୍ତ୍ତିକଙ୍କ ମଧ୍ୟରୁ ଜଣକୁ ବସିବାକୁ ପଡିବ। ଏବେ ଭାରତ ଗସ୍ତରେ ଅଷ୍ଟ୍ରେଲିଆ ଆସିବ। ଘରୋଇ ପରିବେଶ୍‌ରେ ଭାରତ ସ୍ଲୋ ଉଇକେଟ୍‌ରେ ଭଲ କରିବ ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ ଅପେକ୍ଷା ଭାରତକୁ ଏହି ଉଇକେଟ ବେଶ୍ ସୁହାଇବ। ନିୟମିତ ଅଧିନାୟକ ବିରାଟ କୋହଲି ଓ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ଫଳରେ ଭାରତ ପୂର୍ଣ୍ଣ ସାମର୍ଥ୍ୟ ସହ ଏହି ସିରିଜ ଖେଳିବ ଓ ବିଶ୍ୱକପ୍ ପାଇଁ ତା'ର ପ୍ରସ୍ତୁତି ଜୋରଦାର କରିବ।

–(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE INVATUBULAR

# ପରବର୍ତ୍ତୀ ମ୍ୟାଚ ଉପରେ ଫୋକସ: ମେମୋଲ

**ଭୁବନେଶ୍ୱର, ୧୧।୨(କ୍ରୀଡ଼ା ପ୍ରତିନିଧି)**



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ଭାରତ ୧–୨ ଗୋଲରେ ନେପାଳଠାରୁ ପରାସ୍ତ ହୋଇଛି। ଫଳରେ ଦଳର ଫାଇନାଲ ପ୍ରବେଶ ଆଶା ଆଶଙ୍କାରେ ପରିଣତ ହୋଇଛି। ଅପେକ୍ଷାକୃତ ଦୁର୍ବଳ ନେପାଳ ବିପକ୍ଷ ମ୍ୟାଚରେ ଭାରତ ଅନେକ ସୁଯୋଗ ହାତଛଡ଼ା କରିଥିଲେ ହେଁ ଦଳୀୟ ଖେଳାଳିଙ୍କୁ ସମର୍ଥନ ଜଣାଇଛନ୍ତି କୋଚ୍ ମେମୋଲ ରକି। ''ଖେଳାଳିମାନେ ବହୁତ ଭଲ ଖେଳିଥିଲେ, ମାତ୍ର ଫିନିଶିଂ ଅଭାବରୁ ଭାରତ ପଛରେ ପଡ଼ିଗଲା। ଯାହା ହୋଇଯାଇଛି ତାହା ଭାବି ଲାଭ ନାହିଁ। ଏବେ ଆମେ ବୁଧବାର ହେବାକୁଥିବା ମ୍ୟାନମାର ବିପକ୍ଷ ମ୍ୟାଚ ଉପରେ ଫୋକସ କରିବୁ। ସେଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବୁ। ମ୍ୟାନମାରକୁ ହରାଇ ଫାଇନାଲରେ ପ୍ରବେଶ କରିବା ଆମର ଲକ୍ଷ୍ୟ'' ବୋଲି ମେମୋଲ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୨/୨୦୧୯ Bhubaneswar, Tuesday, February 12/ 2019

# ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



କଟକ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।



ଶୋଭାଯାତ୍ରାରେ ଆଇନଜୀବୀମାନେ ବାହାରିଛନ୍ତି।

## ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୧୧।୨**

ଭାରତୀୟ ଆଇନଜୀବୀ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ଦାବି ନେଇ ସୋମବାର ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହି ଅବସରରେ କଟକରେ ଆଇନଜୀବୀମାନେ କୋର୍ଟକାର୍ଯ୍ୟ ଛାଡ଼ି ରାସ୍ତାକୁ ଓହ୍ଲାଇଥିଲେ। ହାଇକୋର୍ଟ ବାର୍ ସାମ୍ନାରେ ସମସ୍ତ ଆଇନଜୀବୀ ଏକଜୁଟ ହେବା ପରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତିଙ୍କ ନେତୃତ୍ୱରେ ହାଇକୋର୍ଟ ବାର୍ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ପ୍ରମୁଖ ଆଇନଜୀବୀଙ୍କ ବିଭିନ୍ନ ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ହରିଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ଜରିଆରେ ଓକିଲ ଓ ତାଙ୍କ ପରିବାରବର୍ଗଙ୍କ ପାଇଁ ବୀମା ବ୍ୟବସ୍ଥା, ନୂଆକରି ଓକିଲାତି କରୁଥିବା ଓକିଲମାନଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ ୧୦ହଜାର ଟଙ୍କା ଷ୍ଟାଇପେଣ୍ଡ, ଓକିଲଙ୍କ ଅକାଳ ମୃତ୍ୟୁ କିମ୍ବା ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାର ପାଇଁ ଆର୍ଥିକ ସହାୟତା, ଶସ୍ତାରେ ଜମି ଯୋଗାଇଦେବା, ଯୋଗ୍ୟତାସମ୍ପନ୍ନ ଆଇନଜୀବୀଙ୍କୁ ସରକାରୀ ପଦପଦବୀରେ ଦାୟିତ୍ୱ ନିର୍ବାହ ପାଇଁ ନିଯୁକ୍ତି ଦେବା ସହିତ ଆଇନସେବା ପ୍ରାଧିକରଣ ଆଇନରେ ସଂଶୋଧନ ଆଣିବାକୁ ଦାବି କରାଯାଇଛି। ମଙ୍ଗଳବାର ଆଇନଜୀବୀମାନେ ଭୁବନେଶ୍ୱରରେ ଏକଜୁଟ ହୋଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାର କାର୍ଯ୍ୟକ୍ରମ ରହିଛି।

# ଖେଳପଡ଼ିଆକୁ କେନ୍ଦ୍ରକରି ଯୁବକଙ୍କୁ ଖଣ୍ଡାରେ ହାଣିଲେ

**ଭୁବନେଶ୍ୱର,୧୧।୨ (ବ୍ୟୁରୋ)**

ଖେଳପଡ଼ିଆକୁ କେନ୍ଦ୍ରକରି ଚନ୍ଦ୍ରଶେଖରପୁର ଥାନା ପଟିଆ ଗ୍ରାମର ଠାକୁରାଣୀ ପଡ଼ିଆରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଆକ୍ରମଣରେ ଗ୍ରାମର ଚନ୍ଦ୍ରଶେଖର ଦାସ(୨୬) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୁପ୍ ବସିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ପୋଲିସ କହୁଛି କାଲି କି ରୁହ ଦେଖିବା, ଯାହାକୁ ନେଇ ଆକ୍ରମଣର ଶିକାର ହୋଇଥିବା ଚନ୍ଦ୍ରଶେଖର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ୫ଟା ସମୟରେ ଚନ୍ଦ୍ରଶେଖର ଗ୍ରାମର ଠାକୁରାଣୀ ପଡିଆରେ ଖେଳୁଥିଲେ। ଏହି ସମୟରେ ସେହି ଗ୍ରାମର ୨ଜଣ ଯୁବକ ଆସି ତାଙ୍କୁ ସେଠାରେ ଖେଳିବାକୁ ବାରଣ କରିଥିଲେ। ଚନ୍ଦ୍ରଶେଖର ସେମାନଙ୍କ କଥା ଶୁଣି ନ ଥିଲେ। ଫଳରେ ସେମାନେ ତାଙ୍କୁ ପ୍ରଥମେ ଗାଳିଗୁଲଜ କରିଥିଲେ। ପରେ ଏକ ଖଣ୍ଡା ଆଣି ତାଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡିଥିବା ବେଳେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଚନ୍ଦ୍ରଶେଖରଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍



# ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକ ରୋଡ,୧୧।୨(ଡି.ଏନ୍.ଏ.)**

ବ୍ରାଉନସୁଗାର ବ୍ୟବସାୟୀଙ୍କ ବାବଦରେ ନିୟମିତ ପୋଲିସକୁ ଖବର ଦେଉଥିବା ଯୁବକ ନିଜେ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଅବକାରୀ ବିଭାଗର କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ସଂସ୍ଥା ସୋମବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଉପରସାହିରେ ରହୁଥିବା କ୍ଷୀରୋଦ ସାହୁ। ତାଙ୍କଠାରୁ ୧୦୫ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଗୋଇନ୍ଦା ସଂସ୍ଥା ଅଧିକାରୀଙ୍କ ସୂଚନା ଅନୁଯାୟୀ, କ୍ଷୀରୋଦ ନିୟମିତଭାବେ ବିକୁଥିବା ନେଇ ଅବକାରୀ ବିଭାଗକୁ ଏକ ଗୋଇନ୍ଦା ରିପୋର୍ଟ ମିଳିଥିଲା। ପୂର୍ବାହ୍ନ ପ୍ରାୟ ୮ଟାରେ କ୍ଷୀରୋଦ ଲକ୍ଷ୍ମୀସାଗର ତ୍ରିନାଥ ମନ୍ଦିର ଛକରେ ଛିଡା ହୋଇଥିବା ବେଳେ ଏକ ଟିମ୍ ତାଙ୍କୁ କାବୁ କରିଥିଲେ। ଏନେଇ ଅବକାରୀ ଗୋଇନ୍ଦା ସଂସ୍ଥାରେ ମାମଲା(ନଂ. ୨୦୧/୧୮-୧୯)ରୁଜୁ ହୋଇଛି। ଗୋଇନ୍ଦା ସଂସ୍ଥାର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, କ୍ଷୀରୋଦ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ଅନେକ ବ୍ୟକ୍ତିବିଶେଷଙ୍କ ବାବଦରେ କମିଶନରେଟ ପୋଲିସର ବିଭିନ୍ନ ଉଇଙ୍ଗରେ ଥିବା କେତେଜଣ ଅଧିକାରୀଙ୍କ ଇନଫର୍ମର ଭାବେ କାର୍ଯ୍ୟ କରନ୍ତି। ଏପରି କି ପୂର୍ବରୁ ଜଣେ ମହିଳାଙ୍କୁ ମଧ୍ୟ କ୍ଷୀରୋଦ ବ୍ରାଉନସୁଗାର ଅଭିଯୋଗରେ ଧରାଇଥିଲେ। ଅନ୍ୟ ବ୍ୟବସାୟୀ ଗିରଫ ପରେ କ୍ଷୀରୋଦଙ୍କ ବ୍ୟବସାୟ ବଢିବା ଆଶାରେ ସେ ଇନଫର୍ମର ସାଜି ଅନ୍ୟମାନଙ୍କୁ ଧରାଇଦେଉଥିଲେ ବୋଲି ଅଧିକାରୀଜଣକ କହିଛନ୍ତି।

## ପୋଲିସ ଇନଫର୍ମରଙ୍କୁ ଗିରଫ କଲା ଅବକାରୀ ବିଭାଗ



# ଏସ୍‌ସିବି: ୧୨ ଘଣ୍ଟା ପଡ଼ିରହିଲା ମୃତଦେହ


**କଟକ ଅଫିସ, ୧୧।୨**

ଏସ୍‌ସିବିରେ ପୁଣି ଅଘଟଣ। ୧୨ ଘଣ୍ଟା କାଳ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ପଡ଼ି ରହିବାକୁ ନେଇ ସାମାଜିକ କର୍ମୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମେଡିକାଲର ସର୍ଜରୀ ବିଭାଗରେ ଖୋଲା ଯାଇଥିବା ଡେଷ୍ଟିଚ୍ୟୁଟ୍ ୱାର୍ଡରେ ଏହି ଘଟଣା ଘଟିଛି। ୪ ଦିନ ତଳେ ପ୍ରାୟ ୪୦ ବର୍ଷ ବୟସର ଜଣେ ଅପରିଚିତ ବ୍ୟକ୍ତି ଏହି ୱାର୍ଡରେ ଭର୍ତ୍ତି ହୋଇଥିଲେ। ସୋମବାର ସକାଳ ୮ଟାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହେଲେ ମୃତଦେହ ଉଠିଲା ବେଳକୁ ରାତି ୮ଟା ବାଜିଥିଲା। ବାରମ୍ବାର ଏଭଳି ଘଟଣା ଏସ୍‌ସିବିରେ ଘଟୁଛି। କେତେବେଳେ ଡାକ୍ତରମାନେ ପୋଲିସର ଦୋଷ ଦେଉଛନ୍ତି ତ କେତେବେଳେ ପୋଲିସ ଡେଥ୍ ମେମୋ ପାଇ ନ ଥିବା କହି ଡାକ୍ତରଙ୍କ ଉପରେ ଦୋଷ ଲଦୁଛି। କିନ୍ତୁ ଏହି ଦୋଷ ଲଦାଲଦି ଭିତରେ ମୃତଦେହ ଗହଣରେ ଜୀବିତମାନଙ୍କୁ ଦୀର୍ଘ ସମୟ ଧରି ରହିବାକୁ ପଡୁଥିବା ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ କ'ଣ ହୋଇଛି ଆଲୋଚନା କରାଯିବ ବୋଲି ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ସାକ୍ଷୀଗୋପାଳ, ୧୧।୨(ଡି.ଏନ୍.ଏ.)**

ନିକଟବର୍ତ୍ତୀ ସମଜାଜପୁର ରେଳ ଓଭରବ୍ରିଜ ଠାରୁ ଅଳ୍ପ ଦୂରରେ ରେଳଧାରଣାରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ସୁମନ୍ତ ନାୟକ ( ୩୨)। ମାନସିକ ରୋଗରେ ପୀଡିତ ପୁରୀ କୁମୁଟିପାଟଣାର ଏହି ଯୁବକ ଜଣକ ନିଖୋଜ ରହିଥିଲେ। ପରିବାର ଲୋକେ ଖୋଜାଖୋଜି କରି ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିବା ବେଳେ ରେଳଧାରଣାରୁ ଯୁବକଙ୍କ ମୃତଦେହ ମିଳିଥିଲା। ରେଳଧାରଣା ପାର୍ଶ୍ୱରେ ଚାଲିଚାଲି ଆସୁଥିବା ଉକ୍ତ ଯୁବକ ଜଣକ ହଠାତ ପୁରୀ- ତାଳଚେର ଟ୍ରେନ ଆଗକୁ ଚାଲିଆସିବାରୁ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଖୋର୍ଦ୍ଧାରୋଡ ରେଳୱେ ଥାନା ଏଏସଆଇ ଅଭିମନ୍ୟୁ ସେଠୀ କର୍ମଚାରୀ ମାନଙ୍କ ସହ ମୃତଦେହ ଜବତ କରିଥିଲେ। ଖୋର୍ଦ୍ଧାରୋଡ ରେଲ୍‌ୱେ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମାଲା ୧୬/୧୯ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ପୋଲିସ କହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ
ହିଁ ମହତ୍ ଲୋକର ଜନ୍ମ ହୋଇଛି।
-ଲର୍ଡ କର୍ଜନ



## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ମାହାଙ୍ଗା,୧୧।୨(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅଧୀନ ଜଲେଶ୍ୱରପୁର ଗ୍ରାମର ଜଣେ ଯୁବକଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସ୍ୱର୍ଗତ ଉମେଶ ପାଣିଙ୍କ ପୁଅ ସରୋଜ(୨୩)। ସରୋଜ ରାତିରେ ଶୋଇଥିବାବେଳେ ସକାଳେ ତାଙ୍କ ମୃତଦେହ ଘର ଚାଳରେ ଝୁଲୁଥିଲା। ଏହାକୁ ଗାଁର ଜଣେ ଲୋକ ଦେଖିଥିଲେ। ପରେ ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଅନେକ ଲୋକ ରୁଣ୍ଡ ହୋଇଥିଲେ। ସରୋଜଙ୍କ ଶରୀର ମାଟିଠାରୁ ମାତ୍ର ୩ ଫୁଟ ଉଚ୍ଚତାରେ ଝୁଲୁଥିଲା। ତାଙ୍କ ଗୋଡ ଓ ହାତରେ କଟା ଚିହ୍ନ ରହିଥିଲା। ପିଚାମାଟିକୁ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି। ମୃତକଙ୍କ ବଡ଼ଭାଇ କିଶୋର ସନ୍ଦେହଜନକ ମୃତ୍ୟୁ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୨/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଧିକାରୀ ଶୁଭ୍ରାନ୍ତ ଜେନା ସୂଚନା ଦେଇଛନ୍ତି।

### ଭିରୁଡ଼ା ପଞ୍ଚାୟତରେ ସହାୟତା ବଣ୍ଟନ

**ତିରିଆ,୧୧।୨(ଡି.ଏନ.ଏ.):** ତିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତରେ ସୋମବାର ଏକ କାର୍ଯ୍ୟକ୍ରମରେ ୨୫୦ଜଣଙ୍କୁ ଏଲଇଡ୍ ବଲ୍ବ, ଦୁଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ପୁରସ୍କାର ରାଶି, ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଆଦିଙ୍କ ପାଇଁ ଉଦ୍ଦିଷ୍ଟ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷା ରୂପା ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଗିରଥୀ ନନ୍ଦ, ବ୍ଲକ ବିଜେଡି ସଭାପତି ଅଜିତ ଧୀର, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ, ସମିତିସଭ୍ୟା ଗୀତାଞ୍ଜଳି ସାହୁ, ପ୍ରକାଶ ରାଉତ, ପ୍ରଭାକର ବେହେରା ଯୋଗଦେଇ ଏହି ସହାୟତା ବଣ୍ଟନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବକ୍ତାଭାବେ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର ନାରାୟଣ ସାମଲ, ଯୋଗାଣ ନିରୀକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

### ରାଣୀ ଶୁକଦେଈଙ୍କ ଶ୍ରାଦ୍ଧ ଦିବସ

**ବାଙ୍କୀ,୧୧।୨(ସ୍ୱ.ପ୍ର.):** ବାଙ୍କୀ କଲେଜର ରାଣୀ ଶୁକଦେଈ ଛାତ୍ରୀ ନିବାସରେ ସୋମବାର ରାଣୀ ଶୁକଦେଈଙ୍କ ୨୯୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ରାଣୀ ଶୁକଦେଈ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ରାଣୀଙ୍କ ଦୟା, କ୍ଷମା, ସହନଶୀଳତା ଓ ବୀରତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ମୃତି ପରିଷଦ ସମ୍ପାଦକ ପ୍ରାଧ୍ୟାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଦେବାସହ ବାଙ୍କୀ ଓ ଖୋର୍ଦ୍ଧା ମଧ୍ୟରେ ହୋଇଥିବା ଯୁଦ୍ଧର କାହାଣୀ ଏବଂ ରାଣୀଙ୍କ ବିଜୟର ଗାଥା ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦାନ କରି ବୀରାରାଣୀଙ୍କ ପରି ଛାତ୍ରୀ ସାହାସୀ ଓ ଦୟାଳୁ ହୋଇ ପାରିଲେ କଲେଜ ଏବଂ ପରିବାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଛାତ୍ରୀନିବାସ ତତ୍ତ୍ୱାବଧାରିକା ଅଧ୍ୟାପିକା ଗାୟତ୍ରୀ ନାୟକ ଶୃଙ୍ଖଳା ଓ ପରସ୍ପର ମଧ୍ୟରେ ଶାନ୍ତି ବଜାୟୀ ରଖିଥିବାରୁ ଅନ୍ତେବାସୀଙ୍କୁ ପ୍ରଶଂସା କରିଥିଲେ। ସଭାକୁ ସାଧାରଣ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ସଭାପୂର୍ବରୁ କଲେଜ ପରିସରରେ ଥିବା ରାଣୀଙ୍କ ପ୍ରତିମୂର୍ତ୍ତିରେ ଅଧକ୍ଷ ଓ ଅଧ୍ୟାପକମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ବିଜୁ ଯୁବବାହିନୀ ସଦସ୍ୟଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ

**ଆଠଗଡ଼,୧୧।୨(ସ୍ୱ.ପ୍ର.):** ଆଠଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ୩୪ ପଞ୍ଚାୟତ ଓ ଏନଏସି ଅଞ୍ଚଳରେ ଥିବା ବିଜୁ ଯୁବବାହିନୀ ସଦସ୍ୟଙ୍କୁ ସୋମବାର କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି। ଆଠଗଡ଼ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ହେମନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗଦେଇ ୩୪ ପଞ୍ଚାୟତ ଓ ଏନଏସି ଅଞ୍ଚଳର ୩ ଯୁବବାହିନୀ ଗୋଷ୍ଠୀଙ୍କୁ ୧୮ ଲକ୍ଷ ୫୦ହଜାର ଟଙ୍କାର ଉପକରଣ ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, କଟକ ଜିଲାପରିଷଦ ଉପାଧକ୍ଷ ସୁନୀଲ ପରିଡା, ରଞ୍ଜନ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ କେଶବ ଦଳେଇ, ଜାନକୀଲତା ନାଏକ, ସମବାୟବିତ୍ ଲଳିତେନ୍ଦୁ ସେନାପତି, କୃଷ୍ଣଚନ୍ଦ୍ର ଜେନା, ଏନଏସି ସଙ୍ଗଠକ ଦିଲୀପ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କିରଣ ସାହୁ ଓ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ନବ ନିର୍ମାଣ କୃଷକ ସଙ୍ଗଠନର ଅସହଯୋଗ ଆନ୍ଦୋଳନ

# ରାଜଧାନୀକୁ ଯାଇ ପାରିଲାନି ବାଙ୍କୀ ପରିବା

**ବାଙ୍କୀ,୧୧।୨(ସ୍ୱ.ପ୍ର.)**



ବାଙ୍କୀ ନବ ନିର୍ମାଣ କୃଷକ ସଂଗଠନ ଜାତମୁଣ୍ଡିଆଠାରେ ଧାରଣା ଦିଆଯାଇଛି।

- ■ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ଦମନଲୀଳାକୁ ବିରୋଧ
- ■ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ସଙ୍ଗଠନ ଆନ୍ଦୋଳନ ଚଳାଇଛି
- ■ସମର୍ଥନ ଜଣାଇଥିଲେ ସବୁ ଚାଷୀ

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ଚଳାଇଛି। ହେଲେ ଏହି ଆନ୍ଦୋଳନକୁ ସରକାର ସହଯୋଗ କରୁନାହାନ୍ତି। ଏପରି କି ସଙ୍ଗଠନର କର୍ମକର୍ତ୍ତା ଭୁବନେଶ୍ୱରରେ ଆନ୍ଦୋଳନ କରିବାକୁ ଚାହିଁଲେ ସରକାର ସେମାନଙ୍କୁ ପୋଲିସ ସହାୟତାରେ ଭଣ୍ଡୁର କରୁଛନ୍ତି। ଏହି ଅହିଂସାତ୍ମକ ଅନ୍ଦୋଳନ ଉପରେ ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ଦମନ ଲିଳାକୁ ସୋମବାର ବାଙ୍କୀ-ଡମପଡ଼ା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ସଙ୍ଗଠନ ପକ୍ଷରୁ ବାଙ୍କୀ-କଟକ ମୁଖ୍ୟ ରାସ୍ତାର ଜାତମୁଣ୍ଡିଆ ଛକରେ ଧାରଣା ଦିଆଯାଇ ଅସହଯୋଗ ଆନ୍ଦୋଳନ କରାଯାଇଥିଲା। ଏହି ଅଞ୍ଚଳରୁ ଦୈନିକ ପର୍ଯ୍ୟାପ୍ତ ପରିମାଣର ପନିପରିବା ବିକ୍ରୟ ପାଇଁ ରାଜଧାନୀ ଭୁବନେଶ୍ୱରକୁ ଯାଉଥିବାବେଳେ ତାହାକୁ ଛଡ଼ା ଯାଇ ନ ଥିଲା। ସରକାର ଯେପରି ଅଗଣତାନ୍ତ୍ରିକ ପଦ୍ଧତିରେ ସଙ୍ଗଠନର ସଭ୍ୟଙ୍କୁ ରାଜଧାନୀକୁ ପ୍ରବେଶ କରାଇ ଦେଉନାହାନ୍ତି, ସେହିପରି ବାଙ୍କୀରୁ ଉତ୍ପାଦିତ ପନିପରିବା ଓ ଅନ୍ୟ ସମାଗ୍ରୀ ଛଡ଼ା ଯିବ ନାହିଁ ବୋଲି ଚାଷୀ କହିଥିଲେ। ଆନ୍ଦୋଳନକୁ ଅଞ୍ଚଳର ସମସ୍ତ ଚାଷୀ ସମର୍ଥନ ଜଣାଇଥିଲେ। ଏଥିରେ ରାଜ୍ୟ ନବନିର୍ମାଣ କୃଷକ ସଂଘ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଗାପ୍ରସାଦ ପରିଡ଼ା, ସଭ୍ୟ ଉକ୍ଳମଣୀ ମନ୍ତ୍ରୀ, ପ୍ରଦୀପ ପଟ୍ଟନାୟକ, ଅମୂଲ୍ୟ ପ୍ରଧାନ, ଶଶଧର ସ୍ୱାଇଁ, ପ୍ରଭାକର ଜେନା, ସରୋଜ ସାହୁ ଓ ସଚିଦା ନନ୍ଦ ବେଉରାଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।


### ମାହାଙ୍ଗାରେ ରାସ୍ତାରୋକୋ

ମାହାଙ୍ଗା,(ସ୍ୱ.ପ୍ର.): ସ୍ଥାନୀୟ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ମାହାଙ୍ଗା ଥାନା ଅଧୀନ ସାଲେପୁର-ଛତିଆ ପୂର୍ତ୍ତରାସ୍ତାର ଓସ୍ତମୂଳ ଛକଠାରେ ରାସ୍ତାରୋକୋ କରାଯାଇଛି। ବ୍ଲକ ସଂଯୋଜକ କାଶୀନାଥ ସ୍ୱାଇଁଙ୍କ ନେତୃତ୍ୱରେ ସହସଂଯୋଜକ ଶୁଭେନ୍ଦୁ ସାମଲ, ପ୍ରତାପ ରାଉତ, ରୂପେନ୍ଦ୍ର ରାଉତ, ପ୍ରସନ୍ନ ପ୍ରଧାନ, ଗୀତାଞ୍ଜଳି ଦାସ, ସାବିତ୍ରୀ ଆଚାର୍ଯ୍ୟ, ଜ୍ୟୋତ୍ସ୍ନା ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ କୃଷିମାରଣ ନୀତିକୁ ବିରୋଧ କରିଥିଲେ। ଏଥିସହିତ ନିଜ ଅଞ୍ଚଳର କୌଣସି କୃଷିଜାତ ଦ୍ରବ୍ୟକୁ ସହରାଞ୍ଚଳକୁ ଯିବାକୁ ଦେଇ ନ ଥିଲେ। ସଙ୍ଗଠନ କର୍ମକର୍ତ୍ତା କେବଳ କୃଷିଜାତ ଦ୍ରବ୍ୟ ପରିବହନ କରୁଥିବା ଗାଡ଼ିକୁ ଅଟକାଇଥିଲେ।

### ବଡ଼ମ୍ବା ସଙ୍ଗଠନର ବ୍ଲକ କାର୍ଯ୍ୟାଳୟ ଘେରାଉ

**ବଡ଼ମ୍ବା,୧୧।୨(ଡି.ଏନ.ଏ.)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ବଡ଼ମ୍ବା ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବାସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବଡ଼ମ୍ବା ହାଟସ୍ଥିତ ଆଡ଼ିଆ ମହାଦେବ ପୀଠରୁ ଏକ ବିଶାଳ ଶୋଭାଯାତ୍ରାରେ ଚାଷୀ ଓ କର୍ମକର୍ତ୍ତା ଆସି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କୃଷକ ସଙ୍ଗଠନ ଶାଖା ସଂଯୋଜକ ବିଚିତ୍ରାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଏହି ଶୋଭଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗ ଦେଇଥିଲେ। ବିକ୍ଷୋଭବେଳେ ସଙ୍ଗଠନ କର୍ମକର୍ତ୍ତା ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। କେତେଜଣ କର୍ମୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ବିକ୍ଷୋଭ ପ୍ରଦର୍ଶନରେ ବିପିନ ବିହାରୀ ସାହୁ, ମେଘନନ୍ଦ ସ୍ୱାଇଁ, ପ୍ରାଣବନ୍ଧୁ ବାରିକ, ଗଦାଧର ବିଶ୍ୱାଳ ଓ ସରୋଜ କୁମାର ନାୟକଙ୍କ ସମେତି ଶତାଧିକ ଚାଷୀ ସାମିଲ ହୋଇଥିଲେ।



ବାଙ୍କୀ ଚର୍ଚ୍ଚିକା ଗ୍ରାମର ରଘୁନାଥ ଦେବଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରା।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ବାରଙ୍ଗ କଲେଜରେ ଛାତ୍ରୀମାନଙ୍କୁ ନେଇ ଆରମ୍ଭ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାରଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷା ସଂଘମିତ୍ରା ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ଶିଖିଥିଲେ। ୪ଜଣ ପ୍ରଶିକ୍ଷକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ସଂଘମିତ୍ରା ବେହେରା, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଅତିଥିଭାବେ ଯୋଗଦେଇ ଏହା କେବଳ ଆତ୍ମରକ୍ଷା ନୁହେଁ ଜୀବନକୁ ଶୃଙ୍ଖଳିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ।

### ଇଂଲିଶ ଭାଷା ସମ୍ପର୍କିତ ସେମିନାର

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ବାଲିପାଟଣା ଶିଶୁ ଅନନ୍ତ କଲେଜ ଇଂଲିଶ ବିଭାଗ ପକ୍ଷରୁ 'ଇଂଲିଶ ଭାଷା-ଶିକ୍ଷାଦାନ ଓ ଅଧ୍ୟୟନ' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ବୈକୁଣ୍ଠ ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସେମିନାରରେ ବିଜେବି କଲେଜ ପ୍ରାଧ୍ୟାପକ ଡ. ଭରତ ଚନ୍ଦ୍ର ସାମଲ, ଦେବାଶିଷ ପଣ୍ଡା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଇଂଲିଶ ଭାଷାର ଆଚରଣ, ଉଚ୍ଚାରଣ, ବ୍ୟାକରଣ ଏବଂ ଅନୁବାଦ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଦୀପାଳି ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ସହଦେବ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଭୋଜି ଖାଇବାବେଳେ ବରଯାତ୍ରୀଙ୍କ ଉନ୍ମତ୍ତକାଣ୍ଡ

# କନ୍ୟାଙ୍କ ମାମୁ, ଅଜାଙ୍କୁ ପିଟିଲେ

**ନରସିଂହପୁର,୧୧।୨(ଡି.ଏନ୍.ଏ.)**

ନରସିଂହପୁର ଥାନା ଆଇଁସିଆ ଗ୍ରାମରେ ରବିବାର ରାତିରେ ବରଯାତ୍ରୀ ଉନ୍ମତକାଣ୍ଡ ଘଟାଇଛନ୍ତି। ଭୋଜି ଖାଇବାବେଳେ କନ୍ୟା ପିତାଙ୍କୁ କମେଣ୍ଟ ମାରିବା ସହ ତାଙ୍କ ମାମୁ ଓ ଅଜାକୁ ପିଟିଛନ୍ତି। ଏଥିରେ ଉଭୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ, ଗ୍ରାମର ଜଣେ ବ୍ୟକ୍ତିଙ୍କ ଝିଅ ବାହାଘର ଥିଲା। ନୂଆଗାଁରୁ ବରଯାତ୍ରୀ ବର ଧରି ଆସିଥିଲେ। ଏହାପରେ ବରଯାତ୍ରୀଙ୍କୁ କନ୍ୟାଘର ପକ୍ଷରୁ ଭୋଜି ଖାଇବାକୁ ଦିଆଯାଇଥିଲା। ଏହି ସମୟରେ ୩ ଜଣ ବରଯାତ୍ରୀ କନ୍ୟା ପିତାଙ୍କୁ ଭୋଜିରେ ଅବ୍ୟବସ୍ଥା ନେଇ କମେଣ୍ଟ ମାରିଥିଲେ। କନ୍ୟାଘର ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ହେଲେ ସେମାନେ ଶୁଣି ନ ଥିଲେ। ଶେଷରେ ଉଭୟ ପକ୍ଷରୁ ପାଟି ତୁଣ୍ଡ ହେବାରୁ କନ୍ୟାଙ୍କ ମାମୁଙ୍କୁ ବରଯାତ୍ରୀ ମାଡ଼ ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହେବାସହ ଚେତା ହରାଇଥିଲେ। ଏକଥା ଶୁଣି କନ୍ୟାଙ୍କ ଅଜା ଓ ଅନ୍ୟ ଜଣେ ମାମୁ ସେଠାରେ ପହଞ୍ଚିଥିଲେ। ବରଯାତ୍ରୀମାନେ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏଥିରେ କନ୍ୟାଙ୍କ ଅଜାଙ୍କ ମଝି ଅଙ୍ଗୁଳି ଛିଡ଼ି ଯାଇଥିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କର ଅନ୍ୟ ଜଣେ ମାମୁ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ବରଘର ପକ୍ଷରୁ କୌଣସି ମତାମତ ମିଳି ପାରିନାହିଁ।

## ଶ୍ରୀରାମକୃଷ୍ଣ ଆଶ୍ରମ ଭବନ ଉଦ୍‌ଘାଟିତ

**ବାଙ୍କୀ,୧୧।୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଢଁସରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମର ପୁନଃ ନିର୍ମିତ ଭବନ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ରାମକୃଷ୍ଣମଠ ଅଧକ୍ଷ ସ୍ୱାମୀ ଆତ୍ମପ୍ରଭାନନ୍ଦ ଜୀ ମହାରାଜ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଏକ ଭକ୍ତ ସମାବେଶ ଅନୁଷ୍ଠିତ ହୋଇଥିଲା। ସମାବେଶରେ ସ୍ୱାମୀ ଅଦ୍ୱଆନନ୍ଦଜୀ ମହାରାଜ, ଆନନ୍ଦ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ବିଭୂପ୍ରସାଦ ନନ୍ଦ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚୌଧୁରୀ ବିଷ୍ଣୁପ୍ରସାଦ ନନ୍ଦଙ୍କ ଦ୍ୱାରା ଲିଖିତ ଶ୍ରୀସାରଦା-ରାମକୃଷ୍ଣ କୃପାଧନ୍ୟା ତପସ୍ୱିନୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ହୃଷୀକେଶ ସାମନ୍ତରାୟ, ଅମ୍ଳାନ ମହାନ୍ତି, ପ୍ରମୋଦ ଚନ୍ଦ୍ର ମହାପାତ୍ର, ବିରଞ୍ଚି ନାରାୟଣ ପଣ୍ଡା ଓ ଜୟୀରାମ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଜପା ପକ୍ଷରୁ ସମର୍ପଣ ଦିବସ

**ଆଠଗଡ଼,୧୧।୨(ସ୍ୱ.ପ୍ର.)**

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି ଅବସରରେ ଆଠଗଡ଼ ଭାଜପା ପକ୍ଷରୁ ସୋମବାର ସମର୍ପଣ ଦିବସ ପାଳିତ ହୋଇଛି। ଏନଏସି ନଗର ମଣ୍ଡଳ ସଭାପତି ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବ୍ରଜେନ୍ଦ୍ର ରାୟ, ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଭାଜପା କର୍ମୀ ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କର୍ମୀ ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ପୁଣି ଦେଶରେ ଭାଜପା ସରକାରଙ୍କୁ କ୍ଷମତାକୁ ଆଣିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ ଓ ଏନଏସି ଅଞ୍ଚଳର ବହୁ କର୍ମୀ ଯୋଗଦାନ କରିଥିଲେ।



ସମର୍ପଣ ଉତ୍ସବ ପାଳନରେ ଯୋଗଦେଇଥିବା ଭାଜପା କର୍ମୀ।

## କଣାସରେ ପାନୀୟଜଳ ପାଇଁ ହାହାକାର

**କଣାସ, ୧୧।୨(ସ୍ୱ.ପ୍ର.)**

ପୁରୀ ଜିଲାର ସର୍ବାଧିକ ଅନୁନ୍ନତ ଅଞ୍ଚଳଭାବେ ପରିଚିତ ତଥା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୮ଟି ପଞ୍ଚାୟତରେ ଦୀର୍ଘ ବର୍ଷହେଲା ପାନୀୟଜଳ ସମସ୍ୟା ଲାଗି ରହିଛି। ଖରା ଦିନେ ଏହି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରୁଥିବାରୁ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ। ଏ ନେଇ ପ୍ରଶାସନିକ ସ୍ତରରେ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଜନଅସନ୍ତୋଷ ଲାଗି ରହିଛି। କଣାସ ବ୍ଲକର ୧ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ମାତ୍ର ୯ଶହ ନଳକୂପ, ୬୦ଟି ଗଭୀର କୂପ ଜଳଯୋଗାଣ ବିଭାଗ ପାକ୍ଷରୁ ଖନନ କରାଯାଇଛି। ସେଥିମଧ୍ୟରୁ ଅର୍ଦ୍ଧାଧିକ ନଳକୂପରୁ ଲୁଣିଆପାଣି ବାହାରୁଥିବାରୁ ତାହା ଅନୁପଯୁକ୍ତ। ପାନୀୟଜଳ ଯୋଗାଇବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବିହେବାରୁ ଦୟା, ରାଜୁଆ, ମକରା, ଲୁଣାନଦୀରେ କେତୋଟିସ୍ଥାନରେ ତଥା ବେଣାଗାଁ ଆଦି ଢୋଲପାଟଣାଠାରେ ପାଇପ ଜଳଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଦୟାନଦୀର ଜଳ ପ୍ରଦୂଷିତ ହୋଇପଡିଥିବା ବେଳେ ସେହିଜଳକୁ ପାଇପ ମାଧ୍ୟମରେ ଯୋଗାଇଦିଆଯାଉଥିବାରୁ ଜନସାଧାରଣ ଏହାକୁ ପାନୀୟରୂପେ ବ୍ୟବହାର କରୁ ନାହାନ୍ତି। ସେହିପରି ଗଡିଶାଗୋଦାଠାରେ ଥିବା ପାଇପଜଳ ପ୍ରକଳ୍ପରୁ ୮ଦିନ ହେଲା ଜଳଯୋଗାଣ ବନ୍ଦ ରହିଥିବାରୁ ଗଡିଶାଗୋଦା, ଶାସନ, ବିଲପାଟଣା, ଯାମଳଗୋଦା, ନଇକୂଳପାଟଣା, ନୂଆଗାଁ ପ୍ରଭୃତି ଗ୍ରାମବାସୀ ଉତ୍କଟ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ଏ ସମ୍ପର୍କରେ ଗଡିଶାଗୋଦା ଗ୍ରାମ୍ୟ କମିଟିର ସଭାପତି ରବୀନ୍ଦ୍ରନାଥ ରାଉତରାୟ ବାରମ୍ବାର ବିଡିଓ ପ୍ରତିଭା ସାହୁ ଏବଂ ଗ୍ରାମ୍ୟ ଜଳଯୋଗଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାମଶଙ୍କର ପାତ୍ର ବ୍ଲକରେ ପାନୀୟଜଳ ସମସ୍ୟାକୁ ନେଇ ଜିଲାପାଳ, ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ, ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ସେହିପରି ପାଇପ ଜଳ ଯୋଗାଣ ବିଭାଗରେ କାମ କରୁଥିବା କର୍ମଚାରୀଙ୍କର ଖାମଖିଆଲ ନୀତି ଯୋଗୁ ଅନେକ ଜାଗାରେ ଦୀର୍ଘଦିନ ହେଲା ପାଇପ ଫାଟି ପାଣି ବାହାରୁଛି। ଏ ସମ୍ପର୍କରେ ବିଡିଓ ସାହୁ ଓ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ ସାମନ୍ତରାୟ କହିଛନ୍ତି ଗଡିଶାଗୋଦାରୁ ଅଭିଯୋଗ ପାଇଛୁ। ଶୀଘ୍ର ପାଇପ ଯୋଗେ ଜଳଯୋଗାଣ କାର୍ଯ୍ୟ ଆରମ୍ଭ କରାଯିବ। ତୁରନ୍ତ ଜିଲାପାଳ ପାନୀୟ ଜଳ ଯୋଗାଇଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଏସ୍ଏଚ୍‌ଜି ମହିଳାଙ୍କୁ ସଚେତନତା

**ରଘୁନାଥପୁର, ୧୧।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ଏସ୍ଏଚ୍‌ଜି ମହିଳାଙ୍କୁ ଆର୍ଥିକ ସହାୟତା ସମ୍ପର୍କରେ ସଚେତନତା କରାଯାଇଛି। ସରକାରଙ୍କ ବିଭିନ୍ନ ଯୋଜନାରୁ ମହିଳା କିପରି ସୁଫଳ ପାଇ ପାରିବେ ଏ ସମ୍ପର୍କରେ ଆଇସିଡିଏସ୍ ସୁପରଭାଇଜର ଓ ଜେଇ ତ୍ରିବିକ୍ରମ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୬ଟି ପୁରୁଣା ଏସ୍ଏଚ୍‌ଜି ଗୋଷ୍ଠୀଙ୍କୁ ସ୍ମାର୍ଟ ଫୋନ୍ ପାଇଁ ୩ ହଜାର ଟଙ୍କା ଏବଂ ୨୩ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କମଲେଶ ଦାସ ପୌରୋହିତ୍ୟ କରିଥିବାବେଳେ ଭିଏଡବ୍ଲୁ ଅମୀୟ ପରିଜା କୃଷି ଯୋଜନା ଉପରେ ଆଲୋକପାତ କରିଥିଲେ।

## ■ ପ୍ରେମ.. ଅପହରଣ... ବଳାତ୍କାର

# ବିବାହ ପରେ ନାବାଳିକାଙ୍କୁ ନିର୍ଯାତନା

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

### ଅଭିଯୁକ୍ତ ଗିରଫ

ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରି ବଳାତ୍କାର। ପରେ ତାଙ୍କୁ ମନ୍ଦିରରେ ବିବାହ କରି ମାନସିକ, ଶାରୀରିକ ନିର୍ଯାତନା ଦେବା ଘଟଣାରେ ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ବରିମୁଣ୍ଡ ବସ୍ତି ଅଞ୍ଚଳରେ ରହୁଥିବା ପ୍ରଶାନ୍ତ ନାୟକ(୨୪)। ସୋମବାର ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ପ୍ରଶାନ୍ତ ମଞ୍ଚେଶ୍ୱର ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇଥିଲେ। ୬ ମାସ ତଳେ ତାଙ୍କୁ ଅପହରଣ କରି ପୁରୀ ନେଇ ଯାଇଥିଲେ। ସେଠାରେ ତିନିଦିନ ରହି ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଜିଲା ତ୍ରିଶୂଳିଆ ନିକଟରେ ଥିବା ଏକ ମନ୍ଦିରରେ ବିବାହ କରି ଘରକୁ ଆଣିଥିଲେ। ଉଭୟ ପରିବାରର ଆପୋସ ବୁଝାମଣା ପରେ ନାବାଳିକା ଜଣକ ଅଭିଯୁକ୍ତ ପ୍ରଶାନ୍ତଙ୍କ ପାଖରେ ରହିବାକୁ ଉଭୟ ପରିବାର ଅନୁମତି ଦେଇଥିଲେ। ମାତ୍ର କିଛିଦିନ ପରେ ପ୍ରଶାନ୍ତ ନାବାଳିକାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ଏପରି କି ଗତମାସରେ ନାବାଳିକାଙ୍କ ଗୋଡ଼ରେ ଗରମ ପେୟ ପଡିଯିବା ପରେ ଚିକିତ୍ସାରେ ଅବହେଳା କରିଥିଲେ। ଫଳରେ ସମ୍ପୃକ୍ତ ନାବାଳିକା ଗୋଡ଼ରେ ଯନ୍ତ୍ରଣା ଅନୁଭବ କରିବା ସହ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରିବାର ଲୋକେ ଏ ନେଇ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୩/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ■ ସାଲେପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର

# ୨୦୪ ଅଭିଯୋଗ, ୩୮ର ସମାଧାନ


**ସାଲେପୁର,୧୧।୨(ଡି.ଏନ.ଏ.)**

ସାଲେପୁର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧୀନ ୩୫ ପଞ୍ଚାୟତରୁ ମୋଟ୍ ୨୦୪ ଅଭିଯୋଗ ହୋଇଥିଲା। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ସେଥିରୁ ୩୮ ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୯୨ ବ୍ୟକ୍ତିଗତ ଓ ୧୨ ସାମୂହିକ ଅଭିଯୋଗ ହୋଇଥିଲା। ବିଶେଷ ଅଭିଯୋଗ ଭତ୍ତାଯୋଜନାରୁ ବଞ୍ଚିତ, ଗ୍ରାମ୍ୟ ଗୃହନିର୍ମାଣ ଯୋଜନା, ରାଶନ କାର୍ଡ ଓ ପାଇଖାନା ଆଦି ଉପରେ ଥିଲା।



ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟ ଅଧିକାରୀ ଜନଶୁଣାଣି କରୁଛନ୍ତି।

୫ ହିତାଧିକାରୀଙ୍କୁ ଜିଲାପାଳ ରେଡ଼କ୍ରସ୍ ପାଣ୍ଠିରୁ ୯ହଜାର ଟଙ୍କା ପ୍ରଦାନ କରିଥିଲେ। ଶିବିରରେ ଉପଜିଲାପାଳ ସୁକାନ୍ତ ପ୍ରଧାନ, ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମାଧବ ଚନ୍ଦ୍ର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ସରୋଜ ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ତହସିଲଦାର୍ ପଦ୍ମଜା ଦାଶ, ବିଡିଓ ସୁବୋଧ ଅଚାର୍ଯ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲା କୃଷି ଅଧିକାରୀ ମୋହନ ପ୍ରସାଦ ଶର୍ମା, କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ବେହେରା, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ବେହେରା, ସିଡିପିଓ ସୁଷମା ମହାପାତ୍ର, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ହିମାଂଶୁ ଭୂଷଣ ସାହୁ, ବ୍ଲକ ଅଧକ୍ଷା ମମତା ରାଉତଙ୍କ ସମେତ ଜିଲା ଓ ବ୍ଲକ୍‌ର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



"ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝି ନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।

- ସ୍ୱାମୀ ସଚ୍ଚିଦାନନ୍ଦ



## ସଂକ୍ଷେପରେ

### ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ

**ଚୌଦ୍ୱାର, ୧୧।୨ (ଡି.ଏନ୍.ଏ.) :** ଚୌଦ୍ୱାର ପୌରପାଳିକାର ଚାରବାଟିଆ ହାଉସିଂବୋର୍ଡ ସ୍ଥିତ କସ୍ତୁରବା ମହିଳା ସମିତିର ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଓ ବାର୍ଷିକ ଉତ୍ସବ ସୋମବାର ଯଯାତି କେଶରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅନୁପମା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଓ ମିଶନଶକ୍ତି ଯୋଜନା ବିଷୟରେ ଉପସ୍ଥିତ ଏସ୍ଏଚ୍ଜି ଗ୍ରୁପ୍ର ମହିଳାମାନଙ୍କୁ ବୁଝାଇଥିଲେ। ଜିଲା ଯୋଜନାବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ୱାର୍ଡ ସଭାପତି ମାନସ ରଞ୍ଜନ ସାମନ୍ତରାୟ, ସରୋଜିନୀ ନାୟକ, ଏମ୍. ପୁଷ୍ପାଞ୍ଜଳି ରାଓ, ପୂର୍ବତନ କାଉନସିଲର ମିନତୀମଣି ସିଂ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ୧୦ ଓ ୧୯ନଂ. ୱାର୍ଡର ଏସ୍ଏଚ୍ଜି ମହିଳା ଗ୍ରୁପର ସଦସ୍ୟା ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ସମିତି ଉପସଭାପତି ସରୋଜିନୀ ନାୟକ ଧନ୍ୟବାଦ ଦେଇଥିଲେ।

### ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଜୟନ୍ତୀ, ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**କଟକ ଅଫିସ୍,୧୧।୨:** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ପ୍ରଖ୍ୟାତ ସମାଜବାଦୀ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଜୟନ୍ତୀ ଓ ବର୍ଷିଆନ୍ ସାମ୍ବାଦିକ ଡକ୍ଟର ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ ମର୍କତନଗରଠାରେ ସୋମବାର ପାଳିତ ହୋଇଯାଇଛି। ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏକାଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, ପ୍ରବୀଣ ବ୍ୟବସ୍ଥାପକ, କୃଷକ-ଶ୍ରମିକ ନେତା, ସାମ୍ବାଦିକ, ସୁଲେଖକ ଓ ରାଜ୍ୟପାଳ ଥିଲେ। ସାମ୍ୟବାଦ ଓ ଶୋଷଣହୀନ ସମାଜ ଗଠନର ସେ ଥିଲେ ଅପୂର୍ବ ବିଦ୍ୱାଣୀ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ କହିଥିଲେ, ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ନେତୃତ୍ୱରେ କୃଷକ ଆନ୍ଦୋଳନ ଜୋରଦାର ହୋଇଥିଲା। ଡ. ପବିତ୍ର ମହାନ୍ତି, ସଂଯୁକ୍ତା ବେହେରା, ରାମଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମହାରଣା ଧନ୍ୟବାଦ ଦେଇଥିଲେ।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଟାଙ୍ଗୀ(କଟକ), ୧୧।୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଗୋଳ କିଶୋର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୁବୋଧ କୁମାର ସାମଲ, ସମିତି ସଭ୍ୟ ସୁକାନ୍ତ ସାମଲ, ବିଜେଡି ନେତା ଚିତ୍ତରଞ୍ଜନ ସାମଲ, ଶ୍ରୀପତି ସାମଲ, ଧନେଶ୍ୱର ନାୟକ, ନପଙ୍ଗ ସରପଞ୍ଚ ସନାତନ ସ୍ୱାଇଁ ଓ ଯୁବ ବାହିନୀ ବ୍ଲକ ସଂଯୋଜକ ଜ୍ୟୋତି ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଛୋଟ ପିଲାମାନେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଦେବେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ଶରତ କୁମାର ବାରିକ ଓ ସାମାଜିକ କର୍ମୀ ମାନସ ଭଗତ ସହଯୋଗ କରିଥିଲେ।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଚୌଦ୍ୱାର, ୧୧।୨ (ଡି.ଏନ୍.ଏ.) :** ବାଣୀପଦା ପଞ୍ଚାୟତରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଭାରତ ପେଟ୍ରୋଲିୟମ ଅଥରିଟି ଅଫ୍ ଇଣ୍ଡିଆର ସିଧା ପ୍ରସାରଣ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ମୁଖପାତ୍ର ପିତାମ୍ବର ଆଚାର୍ଯ୍ୟ, ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି ଅତିଥିଭାବେ ଯୋଗଦେଇ ଉଜ୍ଜ୍ୱଳା ଯୋଜନାର ଉପକାରିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସିଧାପ୍ରସାରଣ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉମାଭାରତୀଙ୍କ ସହିତ ଲୋକମାନଙ୍କର ସିଧାସଳଖ ବାର୍ତ୍ତାଳାପ ହୋଇଥିଲା। ଏଥିରେ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, ଉପସଭାପତି ପ୍ରଶାନ୍ତ ହୋତା, ପ୍ରଭାରୀ ପ୍ରାଣକୃଷ୍ଣ ସେନାପତି, ଜୟନ୍ତ ସ୍ୱାଇଁ, ବୈରାଗୀ ପ୍ରଧାନ, ଅଜିତ୍ କୁମାର ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ■ କଟକ ମହାନଗର ନିଗମ

# ଆଜି ସରୁଛି କାଉନସିଲ୍ କାର୍ଯ୍ୟକାଳ

**କଟକ ଅଫିସ, ୧୧।୨**

୨୦୧୪ରୁ କାର୍ଯ୍ୟ କରୁଥିବା କଟକ ମହାନଗର ନିଗମ(ସିଏମ୍ସି) କାଉନସିଲ୍ର କାର୍ଯ୍ୟକାଳ ମଙ୍ଗଳବାର ଶେଷ ହେଉଛି। କାଉନସିଲ୍ର ଶେଷ ବୈଠକ ଗତ ଫେବୃୟାରୀ ୯ ତାରିଖରେ ଅନୁଷ୍ଠିତ ହୋଇଥିଲା। ସିଏମ୍ସିର ସମ୍ବିଧାନ ଅନୁଯାୟୀ, ଏବେ ଏହାର ପରିଚାଳନା ଦାୟିତ୍ୱ ଜଣେ ପ୍ରଶାସନିକ ଅଧିକାରୀଙ୍କ ହାତରେ ନ୍ୟସ୍ତ ହେବ। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କିମ୍ବା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କୁ ଦାୟିତ୍ୱ ଦିଆଯାଇପାରେ ବୋଲି ଆଶା କରାଯାଉଛି।

୨୦୧୪ ଫେବୃୟାରୀ ୬ ତାରିଖରେ ସିଏମ୍ସି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୦୪ରେ ପୌରାଞ୍ଚଳରୁ ନିଗମ ମାନ୍ୟତା ପାଇଥିବା ସିଏମ୍ସିର ଏହା ଥିଲା ତୃତୀୟ କାଉନସିଲ ନିର୍ବାଚନ। ୫୯ ୱାର୍ଡ ବିଶିଷ୍ଟ ସିଏମ୍ସି ନିର୍ବାଚନରେ ବିଜେଡି ୩୬ଟି ୱାର୍ଡରେ ବିଜୟୀ ହୋଇ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ କାଉନସିଲ୍ ଗଠନ କରିଥିଲା। କଂଗ୍ରେସ ୯ଟି, ଭାଜପା ୪ଟି ଓ ସ୍ୱାଧୀନ ୧୦ଟି ୱାର୍ଡରେ ବିଜୟୀ ହୋଇ ବିରୋଧୀ ଭାବେ ରହିଥିଲେ। ୨୦୧୪ ଫେବୃୟାରୀ ୧୩ ତାରିଖରେ ମେୟର ଭାବେ ଶପଥ ଗ୍ରହଣ କରିଥିଲେ ଅନିତା ବେହେରା। ଅନିତା ହେଉଛନ୍ତି ସିଏମ୍ସିର ଦ୍ୱିତୀୟ ମହିଳା ମେୟର। ପୂର୍ବରୁ ୨୦୦୪ରେ ନିବେଦିତା ପ୍ରଧାନ ପ୍ରଥମ ମହିଳା ମେୟର ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୦୯ରେ ମେୟର ଭାବେ ସୌମେନ୍ଦ୍ର ଘୋଷ ନିର୍ବାଚିତ ହୋଇଥିଲେ। ତେବେ ମେୟର ଭାବେ ଦାୟିତ୍ୱ ଗ୍ରହଣ କରିବାର କିଛି ମାସ ପରେ ଅନିତା ରାଶନକାର୍ଡ ଦୁର୍ନୀତିରେ ଫସିଥିଲେ। ତାଙ୍କ ନାମରେ ରାଶନକାର୍ଡ ଥିବା ଜଣାପଡ଼ିବା ପରେ ତାଙ୍କୁ ଉଭୟ କର୍ପୋରେଟର ଓ ମେୟର ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିଲା। ଏହା ହେଉଛି ଉକ୍ତ କାଉନସିଲ ସମୟର ସବୁଠାରୁ ବଡ଼ ଘଟଣା। ପରେ ଅନିତା ପ୍ରତିନିଧିତ୍ୱ କରୁଥିବା ୱାର୍ଡ ନଂ.୨୧ରେ ସାନି ନିର୍ବାଚନ ହୋଇଥିବାବେଳେ ଏଥିରେ କଂଗ୍ରେସ ପ୍ରାର୍ଥୀ ଗୌରୀ ଦାସ ବିଜୟୀ ହୋଇଥିଲେ। ଏହାପରେ ନୂତନ ମେୟର ଭାବେ ଶପଥ ନେଇଥିଲେ ୪୫ନଂ. ୱାର୍ଡର କର୍ପୋରେଟର ମୀନାକ୍ଷୀ ବେହେରା। ସେ ପାଲଟିଥିଲେ ସିଏମ୍ସିର ତୃତୀୟ ମହିଳା ମେୟର। ଏହି କାଉନସିଲ୍ କାର୍ଯ୍ୟକାଳ ଭିତରେ କେବଳ ଅନିତାଙ୍କ ରାଶନକାର୍ଡ ପ୍ରସଙ୍ଗ ନୁହେଁ ବରଂ ଅନେକ ବଡ଼ବଡ଼ କେଳେଙ୍କାରୀକୁ ନେଇ ହୁଲସ୍ଥୂଳ ହୋଇଛି ବିଜୁ ଭବନ(ସିଏମ୍ସି କାର୍ଯ୍ୟାଳୟ)। ଏପରି କି ଧଳସାମନ୍ତ ଭ୍ରାତାଙ୍କ ଲିଙ୍କ୍କୁ ନେଇ ମଧ୍ୟ ବିରୋଧୀ ଅନେକ ପ୍ରଶ୍ନବାଣ କରିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହୋଇଥିଲେ ବି କଟକର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାରେ ଫେଲ୍ ମାରିଛି ଏହି କାଉନସିଲ। ଲଗାଣ ବର୍ଷା ସମୟରେ ଜଳାର୍ଣ୍ଣବ ହେବାରୁ ବଞ୍ଚିତ ହୋଇପାରିନି କଟକ ସହର। ଜଳ ନିଷ୍କାସନରେ ସମସ୍ୟା ଯୋଗୁ ସାମାନ୍ୟ ବର୍ଷାରେ କଟକ ଉବୁଟୁବୁ ହୋଇଛି। ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଏହାଛଡ଼ା ଜାଇକା କାର୍ଯ୍ୟ ଶେଷ ନ ହେବା ଯୋଗୁ ରାସ୍ତାଘାଟ ଖାଲଖମାରେ ଭର୍ତ୍ତି ହୋଇରହିଛି। ଜାଇକା ଯୋଗୁ କଟକର ଟ୍ରାଫିକ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ବିଭିନ୍ନ କ୍ଷେତ୍ରରେ କେଳେଙ୍କାରୀ ମଧ୍ୟ ଏହି କାଉନସିଲ ସମୟରେ ହୋଇଥିଲା।

**ସଫଳତା**




- ୭ଟି ସ୍ଥାନରେ ଖୋଲାଯାଇଛି ଆହାରକେନ୍ଦ୍ର
- ତିଆରି ହୋଇଛି ନୂତନ ଆଶ୍ରୟସ୍ଥଳ, ଶୌଚାଳୟ
- ଆରମ୍ଭ ହୋଇଛି ଏଲ୍ଇଡି ଲାଇଟ୍ ବ୍ୟବସ୍ଥା
- ୨୧ଟି ପାର୍କ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁନରୁଦ୍ଧାର ହୋଇଛି
- ଶ୍ମଶାନରେ ଅତ୍ୟାଧୁନିକ ବ୍ୟବସ୍ଥା

**ବିଫଳତା**

- ମେୟର ହାତେଇଥିଲେ ରାଶନକାର୍ଡ
- ସଫେଇ ଟେଣ୍ଡରରେ ଧଳସାମନ୍ତଭ୍ରାତାଙ୍କ ଲିଙ୍କ୍
- ସରକାରଙ୍କ ଦ୍ୱାରା ବାତିଲ ହୋଇଛି ସଫେଇ ଟେଣ୍ଡର
- କଲ୍ୟାଣ ମଣ୍ଡପରେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେଳେଙ୍କାରୀ
- ସହରର ଅନେକ ଧନୀ ଲୋକଙ୍କ ନାମରେ ଥିଲା ରାଶନକାର୍ଡ
- ହୋର୍ଡିଂରେ ହୋଇଛି ୧କୋଟି ୨୪ଲକ୍ଷର ଦୁର୍ନୀତି
- ଷ୍ଟ୍ରିଟ ଲାଇଟ୍ ଲଗାଇବାରେ ଦୁର୍ନୀତି

### ବ୍ଲକ ସମ୍ମୁଖରେ ଭାଜପାର ଗଣଧାରଣା



ବ୍ଲକ ସମ୍ମୁଖରେ ଧାରଣାରେ ବସିଥିବା ଭାଜପା କର୍ମୀମାନେ।

**କଣ୍ଟାପଡା, ୧୧।୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ପ୍ରଶାସନର ମନୋମୁଖି କାର୍ଯ୍ୟ ଓ ବିଭିନ୍ନ ପଞ୍ଚାୟତର କେତେକ ସମସ୍ୟା ସମାଧାନ ଦାବି ନେଇ ସୋମବାର ପୂର୍ବାହ୍ନ ୧୧ଟାରୁ ବ୍ଲକ ସମ୍ମୁଖରେ ଭାଜପା ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଅପରାହ୍ନରେ ବିଡିଓ କେ. ଅଶୋକ କୁମାର ଧାରଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ୭ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୨୧ ତାରିଖରେ ପୁନର୍ବାର ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ୪ ତାରିଖରେ ଭାଜପା ପକ୍ଷରୁ ୧୪ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇ ୧୦ ତାରିଖ ଭିତରେ ଏହାର ସମାଧାନ ପାଇଁ ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସୋମବାର ନିଆଳି ଭାଜପା ନେତା ଛବି ମଲିକଙ୍କ ନେତୃତ୍ୱରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ କୁମାର ରଥ, ଭାଜପା ନେତା ନ୍ୟାୟବ୍ରତ ରାଉତ, ସୌମ୍ୟସାଗର ମହାରଥା, ବିଷ୍ଣୁପ୍ରିୟା, ନମିତା ମିଶ୍ରଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଧାରଣାରେ ବସିଥିଲେ।

### ■ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

## ରାଇଜିଂଷ୍ଟାର ଚାମ୍ପିୟନ

**ଖୁଣ୍ଟୁଣୀ,୧୧।୨(ଡି.ଏନ୍.ଏ.)**

ଟାଙ୍ଗି-ଚୌଦ୍ୱାର ବ୍ଲକ କଖଡି ପଞ୍ଚାୟତର ମହାବୀର ପଡିଆରେ ଚାଲିଥିବା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। କଖଡିର ମହାବୀର ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରାଉରକେଲାର ରାଇଜିଂ ଷ୍ଟାର ୨-୧ ସେଟରେ ଭଦ୍ରକ ଦଳକୁ ହରାଇ ଚାମ୍ପିୟନ ହୋଇଛି। ମହାବୀର ଯୁବକ ସଂଘର ସଭାପତି ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତିଥିଭାବେ ନାରାୟଣ ସାହୁ ଓ ଶେଷଦେବ ମୁଦୁଲି ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ଖେଳକୁ ଗୁରୁଚରଣ ନାୟକ, ନକୁଳଚରଣ ବେହେରା, ସୁବ୍ରତ ହୋତା, ଧନଞ୍ଜୟ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ରବୀନ୍ଦ୍ର ବେହେରା, ସେକ୍ ଲୋକମାନ, ବିକାଶ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

### ■ ଶୂକପାଇକା ନଦୀପଠାରେ ବେଆଇନ ନିର୍ମାଣ

## ପ୍ରତିବନ୍ଧକ ଲଗାଇଲା ଜଳସମ୍ପଦ ବିଭାଗ

**କଟକ ସଦର, ୧୧।୨ (ଡି.ଏନ୍.ଏ.)**

କିଶନନଗର ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ଶୂକପାଇକା ନଦୀପଠାରେ ବେଆଇନ ଭାବେ ସ୍ଥାୟୀ ପକ୍କାଘର ନିର୍ମାଣ କରାଯାଉଥିବା ଜଳସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ବିନା ଅନୁମତିରେ ନିର୍ମାଣ କାମ ଚାଲୁ ରହିଥିବାରୁ ଏହା ଉପରେ ଜଳସମ୍ପଦ ବିଭାଗ ପ୍ରତିବନ୍ଧକ ଲଗାଇଛି। ଉକ୍ତ ବିଭାଗର ବିନା ଅନୁମତିରେ ଅନ୍ୟ କୌଣସି ସରକାରୀ ବିଭାଗ ନିର୍ମାଣ କାମ ଆରମ୍ଭ କରିପାରିବ ନାହିଁ ବୋଲି ସର୍ବୋଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୨୧୪୩/୨୨।୧।୧୯ରେ ସୂଚନା ଦିଆଯାଇଛି। କଟକ ସଦର ବ୍ଲକ ଅଧୀନ ବାରଦା, ଯଶପଡା, ଧରିଣା, ଅରିଲୋ, ସୋମପୁର, ବୋଧପୁର ଓ ପ୍ରହରାଜପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ସ୍ଥାୟୀ ଘର ବେଆଇନ ଭାବେ ନିର୍ମାଣ କରାଯାଉଥିବା ଜଣାପଡିଥିଲା। ଏହିସବୁ ନିର୍ମାଣ ପାଇଁ କିଶନନଗର ତହସିଲଦାର ଅନୁମତି ଦେଇଥିବା କୁହାଯାଉଥିଲା। ହେଲେ ଏ ସମ୍ପର୍କରେ ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ଅନ୍ୟ ସରକାରୀ ବିଭାଗ ଜାଗାରେ ନିର୍ମାଣ ପାଇଁ କାହାରିକୁ ଅନୁମତି ଦିଆଯାଇନାହିଁ। ତହସିଲ କର୍ତ୍ତୃପକ୍ଷ କେବଳ ଜାଗାର କିସମ ଓ ମାଲିକାନା ସମ୍ପର୍କରେ ସୂଚନା ଦେଇଥାନ୍ତି ବୋଲି ମହାପାତ୍ର ସ୍ପଷ୍ଟୀକରଣ ଦେଇଥିଲେ। ଜଳସମ୍ପଦ ବିଭାଗ ଜାଗାରେ ଅନେକ ନିର୍ମାଣ ହୋଇଥିବାରୁ ତା' ଉପରେ ପ୍ରତିବନ୍ଧକ ଲଗାଇବା ସମ୍ପୃକ୍ତ ବିଭାଗୀର ଯନ୍ତ୍ରୀଙ୍କ ଦାୟିତ୍ୱ ବୋଲି ତହସିଲଦାର କହିଥିଲେ।



ସୋମବାର ବିଭିନ୍ନ ଦାବି ନେଇ ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ କଟକ ପୁରୁଣା ସେକ୍ରେଟାରିଏଟ୍ସ୍ଥିତ ୱାକଫ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

### ମାଘସପ୍ତମୀ: ସୁନାମୁହିଁ ଘାଟକୁ ଗଲେ ଉମା, ଚନ୍ଦ୍ରଶେଖର

**ନିଆଳି, ୧୧।୨(ଡି.ଏନ୍.ଏ.)**

ମାଘ ସପ୍ତମୀ ଉପଲକ୍ଷେ ପୁଣ୍ୟତୋୟା ପ୍ରାଚୀ ନଦୀରେ ବୁଡ ପକାଇବା ପାଇଁ ନିଆଳିର ସୁନାମୁହିଁ ଘାଟରେ ପ୍ରତିବର୍ଷ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ତଦନୁଯାୟୀ, ସୋମବାର ନିଆଳି ଅଞ୍ଚଳର ଶୋଭନେଶ୍ୱରଙ୍କ ପୀଠରେ ବିଭିନ୍ନ ପୂଜାନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମନ୍ଦିରରୁ ଉମା, ଚନ୍ଦ୍ରଶେଖରଙ୍କୁ ବିମାନ ଶୋଭାଯାତ୍ରାରେ ଦୀନାସିଂହପାଟଣା ନିକଟ ପ୍ରାଚୀନଦୀର ସୁନାମୁହିଁ ଘାଟକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସରପଞ୍ଚ ପ୍ରଶାନ୍ତ ସିଂହଙ୍କ ସହ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ପ୍ରାତଃରେ ଉକ୍ତ ଘାଟରେ ଠାକୁର ସ୍ନାନ କରିବା ପରେ ବହୁ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଜଣାପଡିଛି। ସେହିପରି ମଙ୍ଗଳବାରଠାରୁ ୪ଦିନ ବ୍ୟାପି ନିଆଳି ମହୋତ୍ସବ ଅନୁଷ୍ଠିତ ହେବ।

## ଦରମା ବନ୍ଦ ପ୍ରତିବାଦରେ ସିଆରସିସିଙ୍କ ଧାରଣା

**କଣ୍ଟାପଡା, ୧୧।୨(ଡି.ଏନ୍.ଏ.)**

କୌଣସି କାରଣ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ ଦରମା ବନ୍ଦ କରାଯିବା ପ୍ରତିବାଦରେ ନିଆଳି ବ୍ଲକର ଜଣେ ସିଆରସିସି କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣା ଦେବା ଘଟଣା ଆଲୋଚନାର ବିଷୟ ହୋଇଛି। କଣ୍ଟାପଡା ବ୍ଲକ ଅଧୀନ ବଡମୂଳାଇ ପ୍ରାଥମିକ ସ୍କୁଲର ଶିକ୍ଷକ ମୁରଲୀଧର ସ୍ୱାଇଁ ନିଆଳି ବ୍ଲକ କୂଳଶ୍ରୀ ଅଳତଳଙ୍ଗ ଜଗନ୍ନାଥ ୟୁପିଏସ୍ କ୍ଲଷ୍ଟରକୁ ସିଆରସିସି ଭାବେ ବଦଳି ହୋଇ ଯାଇଛନ୍ତି। ତେବେ ସେ କଣ୍ଟାପଡା ବ୍ଲକରୁ ମାସିକ ଦରମା ପାଇଥାନ୍ତି। ସେ ଗତ ଜାନୁୟାରୀ ମାସର ଦରମା ବିଲ୍ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଇଠ କରିଥିଲେ ମଧ୍ୟ ତାଙ୍କର ଦରମା ମିଳି ନ ଥିଲା। ମୁରଲୀଧର ଦରମା ନ ମିଳିବାର କାରଣ ଜାଣିବା ପାଇଁ ସୋମବାର ଅପରାହ୍ନରେ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଶିକ୍ଷାଧିକାରୀ ଅନୁପସ୍ଥିତ ଥିବାରୁ ସେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ କଣ୍ଟାପଡା ବ୍ଲକର ଅନ୍ୟ ଶିକ୍ଷକମାନେ ତାଙ୍କୁ ସମର୍ଥନ କରି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରାତି ହୋଇଯିବାରୁ ଶିକ୍ଷକମାନେ ଫେରିଯାଇଥିଲେ। ତେବେ ଏହି ଘଟଣାକୁ ନେଇ ମଙ୍ଗଳବାର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଧାରଣା ଦିଆଯିବ ବୋଲି ଶିକ୍ଷକନେତା କିଶୋର ରାଉତରାୟ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମୁରଲୀଧରଙ୍କ ସିଆରସିସି ମନିଟରିଂ ଆପରେ କାର୍ଯ୍ୟର ମାତ୍ରା ଶୂନଥିବାରୁ କଟକ ଜିଲା ପ୍ରକଳ୍ପ ସଂଯୋଜକଙ୍କ ନିର୍ଦ୍ଦେଶରେ ତାଙ୍କର ଦରମା ବନ୍ଦ କରାଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀ ଧୀରେନ୍ଦ୍ର ବାରିକ କହିଛନ୍ତି।

### ନିର୍ମାଣ ଶ୍ରମିକଙ୍କୁ କାର୍ଡ ବଣ୍ଟନ

**କଟକ ଅଫିସ,୧୧।୨**

କଟକ ମହାନଗର ନିଗମ ୱାର୍ଡ ନଂ.୨୪ ଅନ୍ତର୍ଗତ ଦୋଳମୁଣ୍ଡାଇ ବିଜୟ ଗୋବିନ୍ଦ ଭବନଠାରେ ସୋମବାର ୨୦୦ରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ ଯୋଗଦେଇଥିଲେ। କର୍ପୋରେଟର ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଦୟାନିଧି ରାଉତ, ପ୍ରଦୀପ ମୂଳିଆ, ଜଗତଜ୍ୟୋତି ପଟ୍ଟନାୟକ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପିତା ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା ଓ ୱାର୍ଡ ସଭାପତି ପ୍ରତାପ ମୂଳିଆ ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍ସ ମ୍ୟୁଜିକ୍ କ୍ଲବ ଉଦ୍ଘାଟିତ

**କଟକ ଅଫିସ, ୧୧।୨**

ସରସ୍ୱତୀ ପୂଜା ଅବସରରେ ରବିବାର ଡ୍ରିମ୍ସ ଶିକ୍ଷାନୁଷ୍ଠାନ ପରିସରରେ 'ମ୍ୟୁଜିକ୍ କ୍ଲବ' ଉଦ୍ଘାଟିତ ହୋଇଛି। 'ଡ୍ରିମ୍ସ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍ଘାଟନ କରିବା ଅବସରରେ ଛାତ୍ରୀଛାତ୍ର, କର୍ମଚାରୀଙ୍କ ମଧ୍ୟରେ ରହିଥିବା କଳା ପ୍ରତିଭାର ଉନ୍ମେଷ ଦିଗରେ ଏହା ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ପ୍ରାଧ୍ୟାପକ ଲୋକନାଥ ବେହେରା, ଦିଲ୍ଲୀପ ମଲ୍ଲିକ, ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍ଘାଟନ ପର୍ବ ପରେ ସ୍ଥାନୀୟ ଅଞ୍ଚଳର କଳାକାରମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

## କଂଗ୍ରେସ କର୍ମୀ ସମ୍ମିଳନୀ


**କଟକ ଅଫିସ, ୧୧।୨**

କଟକ ନଗର ୩ ନଂ. ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ସୋମବାର ଅପରାହ୍ନରେ ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ଷଣ୍ଢପୁରଠାରେ କର୍ପୋରେଟର ଗିରିବାଳା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଟକ ନଗର (ଜିଲା) କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ ଯୋଗଦେଇ ୩ ନଂ. ୱାର୍ଡ ଅନ୍ତର୍ଗତ ଷଣ୍ଢପୁର, ବ୍ରଜବିହାରୀପୁର ଓ ବିଦ୍ୟାଧରପୁର ଆଦି ଅଞ୍ଚଳର ଜନସାଧାରଣଙ୍କୁ ନିଗମ କର୍ତ୍ତୃପକ୍ଷ ସର୍ବନିମ୍ନ ମୌଳିକ ସେବା ଯୋଗାଇଦେବାରେ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ଥାୟୀ ନାଳର ବ୍ୟବସ୍ଥା, ରାସ୍ତାଗୁଡିକର ନବୀକରଣ, ବିଦ୍ୟୁତ୍, ପରିମଳ ନିୟମିତ ସଫେଇ, ପାନୀୟଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତୀକରଣ ଲାଗି କଂଗ୍ରେସ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲିଙ୍ଗରାଜ ବେହେରା, ରାଜକିଶୋର ବେହେରା, ଲୋକସଭା ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା ଓ ତୃପ୍ତି ଦାସ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ଚୌଦ୍ୱାର, ୧୧।୨ (ଡି.ଏନ୍.ଏ.)**

ଚୌଦ୍ୱାର ଚାରବାଟିଆ ସ୍ଥିତ ବିରାଟକଟକ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୀରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ୨ଦିନ ବ୍ୟାପୀ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏହାକୁ ସିଆରସିସି ଏସ୍.କେ. ଅବ୍ଦୁଲ ହମିଦ୍ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡୁବୁଲିଆ ପୂର୍ତ୍ତି ଉଦ୍ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏକାଦଶୀ ବେହେରାଙ୍କ ସହ ଅନ୍ୟମାନେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




ସୋମବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ସ୍ୱରୂପ ନାୟକଙ୍କ ସାତିଆର ଗୀତ ସଂକଳନ ' ଭଲ ବ୍ୟବସାୟ ରାଜନୀତି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହେଲା ଜନଶୁଣାଣି

**କଟକ ଅଫିସ, ୧୧।୨**

**କାବୁଲା ନାଳ ସ୍ଲୁଇସ ଗେଟ୍ ମାମଲା**

ବାଙ୍କୀ ବ୍ଲକର କାବୁଲା ନାଳରେ ନିର୍ମିତ ସ୍ଲୁଇସ ଗେଟ୍ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସୋମବାର ଜନଶୁଣାଣି ହୋଇଛି। ଗଣ୍ଡରପୁରସ୍ଥିତ ଡ୍ରେନେଜ ଅଫିସ ପରିସରରେ ବାଙ୍କୀ ବ୍ଲକର ଆନନ୍ଦପୁର ଓ ସାମନ୍ତରାପୁର ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣି ବିଭାଗୀୟ ମୁଖ୍ୟଯନ୍ତ୍ରୀ କରିଥିଲେ। ସୂଚନାଥାଉ କି, ମହାନଦୀରୁ ବାହାରିଥିବା କାବୁଲା ନାଳ ସିଧାସଳଖ ଅଂଶୁପାକୁ ସଂଯୋଗ କରୁଛି। ବନ୍ୟା ସମୟରେ କାବୁଲା ନାଳ ଦେଇ ଉଦ୍ବୃତ୍ତ ବନ୍ୟାଜଳ ପ୍ରବାହିତ ହୋଇଥାଏ। ତେବେ ଜଳ ପ୍ରବାହିତ ସମୟରେ କେନାଲର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିକୁ ପାଣି ମାଡ଼ି ବାଲିଚର ହୋଇଯାଇଥାଏ। ଏହାର ପ୍ରତିକାର ପାଇଁ ଡ୍ରେନେଜ ବିଭାଗ ଏକ ସ୍ଲୁଇସ ଗେଟ୍ କାବୁଲା କେନାଲ ଉପରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ସ୍ଲୁଇସ ଗେଟ୍ର ସ୍ଥାନ ନିରୂପଣକୁ ନେଇ ଆନନ୍ଦପୁର ଓ ସାମନ୍ତରାପୁର ଗ୍ରାମବାସୀଙ୍କ ପିଟିଶନ ଉପରେ ୨୦୧୬ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଗ୍ରାମବାସୀ ପିଟିଶନରେ ଦର୍ଶାଇଥିଲେ ଯେ, ମହାନଦୀ ମୁହାଣରେ ଏହି ସ୍ଲୁଇସ ଗେଟ୍ ନିର୍ମାଣ କରା ନ ଯାଇ ମୁହାଣଠାରୁ ୭୦୦ ମିଟର ଉପର ମୁଣ୍ଡରେ ଏହାକୁ ନିର୍ମାଣ କରାଯାଉଛି। ଫଳରେ ବନ୍ୟା ସମୟରେ ସେମାନଙ୍କ ଚାଷଜମି ବାଲିଚର ହୋଇଯିବ। ହାଇକୋର୍ଟ ଏହି ନିର୍ମାଣ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏହାପରେ ଡ୍ରେନେଜ ବିଭାଗ ପକ୍ଷରୁ ସ୍ଲୁଇସ ଗେଟ୍ ନିର୍ମାଣ ସ୍ଥାନକୁ ୨୦୦ ମିଟର ତଳକୁ ଅର୍ଥାତ୍ ମୁହାଣଠାରୁ ୫୦୦ ମିଟର ଦୂରରେ ନିର୍ମାଣ ଆରମ୍ଭ କରିଥିଲେ। ଏହାପରେ ଗ୍ରାମବାସୀ ପୁନର୍ବାର ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ଉକ୍ତ ରିଟ୍ ପିଟିଶନର ଶୁଣାଣି କରି ହାଇକୋର୍ଟ ଗ୍ରାମବାସୀଙ୍କ ଅଭିଯୋଗର ଶୁଣାଣି ପାଇଁ ଡ୍ରେନେଜ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଜାନୁୟାରୀ ୧୭ ତାରିଖରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ବଳରେ ସୋମବାର ଜନ ଅଭିଯୋଗର ଶୁଣାଣି ହୋଇଥିଲା। ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ଡ୍ରେନେଜ ବିଭାଗର ଯନ୍ତ୍ରୀମାନେ ସ୍ଥାନ ପରିଦର୍ଶନ କରି କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଗେଟ୍ ନିର୍ମାଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

**ନିରାକାରପୁର,୧୧।୨(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ରାମେଶ୍ୱର ଗାଁ ନିକଟ ନୂଆ ଜଗନ୍ନାଥ ସଡ଼କ ଉପରେ ସୋମବାର ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଉଛନ୍ତି ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହ ବଜାର ସାହିର ବାଜି ରାଉତରାୟ(୩୫)। ଖବର ପାଇ ନିରାକାରପୁର ପୋଲିସ ବାଜିଙ୍କୁ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେ ବାଇକ୍ ନଂ ଓଆର୦୧କେ ୪୦୬୦ରେ ଆସୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଭାବେ ଆହତ ହୋଇଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ.ଏ.):** ଚାନ୍ଦପୁର ମୋହନ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ୨୪ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ପ୍ରଶିକ୍ଷିକା ଜୁଲି ରତ୍ନ ଏହି ଶିକ୍ଷାନୁଷ୍ଠାନର ୭ଟି ଗ୍ରୁପ୍‌ର ୨୧୨ ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳ ପ୍ରଶିକ୍ଷଣ କରିଥିଲେ । ଅଧକ୍ଷା ଝରଣା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ଅଧାପିକା ଶିବପ୍ରିୟା ଦେବୀଙ୍କ ସମେତ ସମସ୍ତ ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ଶିବିରରେ ଉପସ୍ଥିତ ଥିଲେ।

### ଜାତୀୟ କୁଷ୍ଠ ନିରାକରଣ ସଚେତନତା

**ଝାଁଳା, ୧୧।୨( ଡି.ଏନ.ଏ.):** କୁଷ୍ଠ ରୋଗ ମୁକ୍ତ ଲାଗି ଆସନ୍ତା ୧୪ ତାରିଖ ସୁଦ୍ଧା ପ୍ରତ୍ୟେକ ପଞ୍ଚାୟତର ଗାଁ କଲ୍ୟାଣ ସଭ୍ୟ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ସଭା କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ଅନ୍ତର୍ଗତ ଝାଁଳା ପଞ୍ଚାୟତରେ କୁଷ୍ଠ ରୋଗ ନିରାକରଣ ଲାଗି ସଚେତନତା ସଭା ସୋମବାର ହୋଇଯାଇଛି। ଏଥିରେ ପୁରୁଷମହିଳା ସ୍ୱାସ୍ଥ୍ୟକର୍ମୀ, ଝାଁଳା ପଞ୍ଚାୟତ ସେକ୍ରେଟାରୀ, ନୋମିନ ଏବଂ ପ୍ରତ୍ୟେକ କେନ୍ଦ୍ରର ଅଙ୍ଗନୱାଡି କର୍ମୀ, ଆଶା ଦିଦି, ୱାର୍ଡମେମ୍ବର ଯୋଗ ଦେଇଥିଲେ। ଲୋକମାନଙ୍କ ଶରୀରରେ ଥିବା ଛଉଗୁଡିକୁ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଚିହ୍ନଟ କରାଯିବ ବୋଲି ଆଲୋଚନା ହୋଇଥିଲା। ଚିହ୍ନି ପାରୁ ନ ଥିବା ଛଉକୁ ନ ଲୁଚାଇ ଅଙ୍ଗନୱାଡି, ଆଶା ଓ ମହିଳାପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା।

### ସାଇ ମନ୍ଦିରର ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦଗଡ଼ ଗାନ୍ଧୀ ଛକସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିରର ୫ମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଯଜ୍ଞାଦି କାର୍ଯ୍ୟକ୍ରମ ସହିତ ଫୁଲବାରୀ, ଗୌରୀସାହି, ସାନଅଁଳ, ଦଳବେହେରା ସାହି ସଂକୀର୍ତ୍ତନ ଦଳ ନାମ କୀର୍ତ୍ତନ କରିଥିଲେ । ଶିରିଡି ସାଇ ସଂସ୍ଥାନର ସମ୍ପାଦକ ଲିଙ୍ଗରାଜ ଗୌଡ଼ୁ ଉତ୍ସବକୁ ପରିଚାଳନା କରିଥିଲେ। ସହକାରୀ ସମ୍ପାଦକ ନବୀନ କୁମାର ଜେନା, ବିଦୁର ସିଂହ, ରମେଶ ଚନ୍ଦ୍ର ବିଶ୍ୱାଳ, ମାଷ୍ଟର ନିକୁଞ୍ଜ କୁମାର ବାରିକୀ, ଗୁରୁପଦ ତରେଇ, ବୈଷ୍ଣବ ଗୌଡ଼ୁ, ଶରତ ଚନ୍ଦ୍ର ମହାରଣା, ମଞ୍ଜୁ ପ୍ରଧାନ, ଲକ୍ଷ୍ମୀକାନ୍ତ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଇ ମନ୍ଦିରର ମୁଖ୍ୟ ପୁରୋହିତ ସୀମାଞ୍ଚଳ ପାଣିଗ୍ରାହୀଙ୍କ ନେତୃତ୍ୱରେ ସାଇ ସତ୍‌ଚରିତ ପଠନ କରାଯାଇଥିଲା।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ.ଏ.):** ସ୍ଥାନୀୟ ଟାଙ୍ଗୀ ଚାନ୍ଦପୁର ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ସୋମବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୧ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଋତ୍ୱିକ ଉପେନ୍ଦ୍ର ରାଉତଙ୍କ ଅଧକ୍ଷତାରେ ପରିଚାଳିତ ସତ୍‌ସଙ୍ଗରେ ଡା.ବିଜୟ କୁମାର ସିଂହ, ପ୍ରଫେସର ତ୍ରିନାଥ ମହାରଣା, ଡା.ତପୋଧନ ପଣ୍ଡା ପ୍ରମୁଖ ସତସଙ୍ଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ନବନିର୍ମାଣ କୃଷକ ସଙ୍ଗଠନର ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ

# ମାଲ ବୋଝେଇ ଗାଡ଼ିକୁ ଅଟକାଇଲେ ଚାଷୀ

**ଖୋର୍ଦ୍ଧା ଅଫିସ,୧୧।୨**

କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ଜଙ୍କିଆ ଓ ନିରାକାରପୁର ଥାନା ଅଞ୍ଚଳର ରାମେଶ୍ୱର ଛକ ଅଞ୍ଚଳରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଅର୍ଥନୈତିକ ଅବରୋଧ ହୋଇଥିଲା। ଜାତୀୟ ରାଜପଥରେ ମାଲ ନେଇ ଯାଉଥିବା ଯଥା କ୍ଷୀର, ଦହି, ମାଛ, ଅଣ୍ଡା, ପନିପରିବା ପରି ଖାଦ୍ୟ ପଦାର୍ଥ ଯାଉଥିବା ଯାନକୁ ଅଟକା ଯାଇଥିଲା। ଯାତ୍ରୀବାହୀ ବସ, ବାଇକ, ଅନ୍ୟ ମାଲ ବୋଝେଇ ଯାନବାହନକୁ ଛାଡି ଦିଆଯାଇଥିଲା। ପୂର୍ବାହ୍ନ ୧୧ଟାରୁ ୧୨ଟା ୧୫ ମିନିଟ୍ ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ ଜାରି ରହିଥିଲା। ଖବରପାଇ ନିରାକାରପୁର ଥାନା ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇ ଆଣି ଥାନା ପରିସର ମଧ୍ୟରେ ରଖିଥିଲା। ଏହି ଆନ୍ଦୋଳନରେ ଖୋର୍ଦ୍ଧା, ନୟାଗଡ ଜିଲା ସମେତ ରାଜ୍ୟର ଅନ୍ୟ ଜିଲାର ଚାଷୀମାନେ ସାମିଲ ହୋଇଥିଲେ। ରାଜ୍ୟ ଯୁବ ଛାତ୍ର ସଂଯୋଜକ ଏମ୍.ଡି. ମନୋହର ଅଲ୍ଲିଙ୍କ ନେତୃତ୍ୱରେ ଖୋର୍ଦ୍ଧା ସଂଯୋଜକ ସୁରେଶ ମାନସିଂହ, ବାଲେଶ୍ୱର ମହିଳା ସଙ୍ଗଠନର ସମ୍ପାଦିକା ମଧୁମିତା ସାମଲ, ନୟାଗଡ ଜିଲା ସହ ସଂଯୋଜକ ମମତା ନାଥୁର, ଖୋର୍ଦ୍ଧା ସହ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଆନ୍ଦୋଳନ ନେଇ ପୋଲିସ ପାଖରେ ନ ଥିଲା ଖବର**

ରାମେଶ୍ୱର ଛକରେ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ କରିବ ବୋଲି ପୋଲିସ ପାଖରେ ଖବର ନ ଥିଲା। ଏପରି କି ଏଠାର ଆନ୍ଦୋଳନ ନେଇ ଗୋଇନ୍ଦା ବିଭାଗ ମଧ୍ୟ ଜାଣି ପାରି ନ ଥିଲା। ତେବେ ହଠାତ୍ ଚାଷୀଙ୍କ ଅର୍ଥନୈତିକ ଅବରୋଧ ଘଟଣାକୁ ନେଇ ଜଙ୍କିଆ ଥାନା ପୋଲିସ ୩୨ ଜଣ ଚାଷୀ ନେତା ଓ ଚାଷୀଙ୍କୁ ଗିରଫ କରି ପରେ ଜାମିନ୍‌ରେ ଛାଡିଛି। ଏ ନେଇ ଦଫା ୩୪୧, ୩୨୩, ୩୫୩, ୧୮୬, ୨୮୩, ୫୦୬, ୧୪୯ରେ ନଂ. ୨୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି। ଅନ୍ୟପକ୍ଷେ ଯେଉଁ ସ୍ଥାନରେ ଆନ୍ଦୋଳନ ହୋଇଥିଲା ତାହା ନିରାକାରପୁର ଥାନା ଅଞ୍ଚଳରେ ଯାଉଛି ବୋଲି କୁହାଯାଉଛି। ତେବେ ଜଙ୍କିଆ ଥାନା ପୋଲିସ ମକଦ୍ଦମା ରୁଜୁ କରି ଘଟଣା ତଦନ୍ତ କରିବା ଚାଷୀଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ତେବେ ଜଣେ



ରାମେଶ୍ୱର ଛକଠାରେ ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଛନ୍ତି।

ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଦୁଇ ଥାନା ଅଞ୍ଚଳରେ ହୋଇଥିବାରୁ ଗୋଟିଏ ଥାନାରେ ମାମଲା ରୁଜୁ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

**ସରକାରୀ ନେତାଙ୍କୁ ଗାଁ ମନା**

ପ୍ରାଇସ୍, ପେନସନ୍, ପ୍ରେଜିଷ୍ଟ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଛି। ୩ ଥର ବଡ ଆନ୍ଦୋଳନ ମଧ୍ୟରୁ ୨ଟି ଆନ୍ଦୋଳନକୁ ସରକାର ବିଫଳ କରି ଦେଇଛନ୍ତି। ସରକାରଙ୍କ କାଳିଆ ଯୋଜନା ପରେ ତୃତୀୟ ଆନ୍ଦୋଳନ ହୋଇଥିଲା। ତେବେ ଆନ୍ଦୋଳନର ଦୁଇଦିନ ପୂର୍ବରୁ ସରକାର ପୋଲିସ ଲଗାଇ ନେତାମାନଙ୍କୁ ଅଟକ ରଖିଥିଲେ। ପରେ ଗିରଫଦାରି ଜାରି କଲେ। ଯଦି ଚାଷୀମାନଙ୍କୁ ଭୁବନେଶ୍ୱର ମନା, ତେବେ ସରକାରୀ ଦଳର ନେତାମାନଙ୍କୁ ଗାଁ ମନା କରାଯିବାକୁ ଚାଷୀ ନିଷ୍ପତ୍ତି ନେଇଛନ୍ତି। ଅର୍ଥନୈତିକ ଅବରୋଧ କରି ସରକାର ଓ ପୋଲିସକୁ ଚାଷୀ ଟ୍ରେଲର ଦେଖାଇଛନ୍ତି। ଆଗକୁ କିପରି ଆନ୍ଦୋଳନ ତ୍ୱରାନ୍ୱିତ ହେଉଛି ତାହା ସରକାର ଦେଖିବେ ବୋଲି ଜିଲା ସହ ସଂଯୋଜକ ମମତା ଓ ସଂଯୋଜକ ସୁରେଶ କହିଛନ୍ତି।

## ଅସହାୟ ପିଲାଙ୍କୁ ସହାୟତା

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ମାତାପିତାଙ୍କୁ ହରାଇ ଅନାଥ ହୋଇପଡ଼ିଥିବା ପିଲାମାନଙ୍କୁ କିଛି ଆର୍ଥିକ ସହାୟତାର ହାତ ବଢ଼ାଇଛି ଏକ ବେସରକାରୀ ଅନୁଷ୍ଠାନ। ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସାଧୁବାଦ କରାଯାଇଛି। ସୂଚନାଯୋଗ୍ୟ, କିଛିମାସ ପୂର୍ବେ ଏଠାରେ ଗ୍ୟାରେଜ୍ କରି ପରିବାର ପ୍ରତିପୋଷଣ କରୁଥିବା ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ମାତା କୁମୁଦିନୀ ପଣ୍ଡାଙ୍କ ମୃତ୍ୟୁ ପରେ ତାଙ୍କର ୪ ଝିଅ ଏବଂ ୨ ପୁଅ ଅନାଥ ହୋଇପଡିଛନ୍ତି। ମାତାପିତାଙ୍କ ମୃତ୍ୟୁ ପରେ ଅର୍ଥାଭାବରୁ ଯଥାକ୍ରମେ ୮ମ ଓ ୪ର୍ଥ ଶ୍ରେଣୀରେ ପଢୁଥିବା ଦେବାଶିଷ ଓ ସୁବାଶିଷଙ୍କ ପାଠପଢାରେ ଡୋରି ବନ୍ଧା ହୋଇଗଲା। ଏବେ ବାପାଙ୍କ ସେହି ଗ୍ୟାରେଜ୍‌ରେ କାମ ଆରମ୍ଭ କରି ବଞ୍ଚିବା ନିମନ୍ତେ ସଂଗ୍ରାମ କରୁଛନ୍ତି ପରିବାରର ପୁଅମାନେ। ତେବେ ମାତାପିତାଙ୍କୁ ହରାଇବା ପରେ ଭଡାଘରେ ରହୁଛନ୍ତି। ସରକାରୀ ଦୃଷ୍ଟି ଆଢୁଆଳରେ ରହି ଏହି ୬ଜଣ ଅନାଥ ପିଲା ଅସହାୟ ଭାବେ ଜୀବନ ବିତାଉଛନ୍ତି। ତେବେ ଦୈନିକ ଖବରକାଗଜ ଧରିତ୍ରୀରେ ଚଳିତ ମାସ ୧୦ ତାରିଖରେ ଏହି ଘଟଣା ପ୍ରକାଶିତ ହେବା ପରେ ଏହି ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲା ବ୍ଲକର ଏକମାତ୍ର ଅଗ୍ରଣୀ ସଂଗଠନ 'ନାରାୟଣ ସେବା ସଂସ୍ଥା'। ଏହି ସମାଜ କଲ୍ୟାଣ ଅନୁଷ୍ଠାନ ତରଫରୁ ସଭ୍ୟ ନିରଞ୍ଜନ ପ୍ରଧାନ, ମଧୁସୂଦନ ପଟ୍ଟନାୟକ ଏବଂ ପ୍ରକାଶ ଚନ୍ଦ୍ର ବେହେରା ଅନାଥ ଶିଶୁଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି, ଯାହା ପିଲାମାନଙ୍କୁ ବଞ୍ଚିବାର କିଛିଟା ରାହା ଯୋଗାଇପାରିଛି। ଆଶା ରହିଛି ବିଭିନ୍ନ ମହଲରୁ ଏହି ପିଲାମାନଙ୍କ ପାଇଁ ସହଯୋଗର ହାତ ଆଗେଇ ଆସିବ।




ଜୟନ୍ତୀ ଅସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ.ଏ.)**

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଉପଲକ୍ଷେ ଟାଙ୍ଗୀର ଅମର ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଚିଲିକା କ୍ଲବ୍ ପରିସରରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ, ପାରମ୍ପରିକ ପାଇକ ଆଖଡ଼ା ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲେ। ବିକ୍ରମ ବାରିକ, ସଂଘମିତ୍ରା ସାହୁ, ମନୋଜ କୁମାର କର, ରାଜେଶ ମଲ୍ଲିକ, ବାସୁଦେବ ସିଂହ, ଶଶିପ୍ରଭା ନାଥ ଶର୍ମା ଓ ଡା. ତୁଷାର ରଞ୍ଜନ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ପରିଷଦର ସଭାପତି ଅଧାପକ ସୁଶୀଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେଶ୍ୱର ସେନାପତି, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ମହାପାତ୍ର, ବ୍ରଜ କିଶୋର ବଳିୟାରସିଂହ, ଡା. ଜିତେନ୍ଦ୍ର କୁମାର ସାହୁ, ପଠାଣି ଘଡ଼େଇ, ଉଦୟନାଥ ସ୍ୱାଇଁ, ପରିଷଦର ସମ୍ପାଦକ ବିଭୂ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ■ ଦୁଇଦିନିଆ ଆନ୍ଦୋଳନରେ ଆଇନଜୀବୀ

# ୫ ଦଫା ଦାବି ପୂରଣ ନେଇ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୧୧।୨**

ବୀମା, ପେନସନ୍, ଷ୍ଟାଇପେଣ୍ଡ ଓ ଲିଗାଲ୍ ସର୍ଭିସେସ୍ ଅଥରିଟି ଆକ୍ଟ ଲାଗୁ କରିବା ଦାବି ନେଇ ଖୋର୍ଦ୍ଧାରେ ଆଇନଜୀବୀମାନେ ସୋମବାର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହା ମଙ୍ଗଳବାର ମଧ୍ୟ ହେବ। ଏହି ଅବସରରେ ଖୋର୍ଦ୍ଧା ବାର୍ ଆସୋସିଏଶନ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ




ଆଇନଜୀବୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ପ୍ରଦାନ କରିଥିଲେ। ଅନ୍ୟପକ୍ଷେ କେନ୍ଦ୍ରୀୟ ବଜେଟରେ ୫ ହଜାର କୋଟି ଟଙ୍କା ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ସହାୟତା ପ୍ରଦାନ ମୁଖ୍ୟ ଦାବି ରହିଛି। ସେହିଭଳି ନୂଆ ଆଇନଜୀବୀମାନଙ୍କୁ ୫ ବର୍ଷ ଯାଏ ମାସିକ ୧୦ ହଜାର ଟଙ୍କା ଦେବା, ଲାଇବ୍ରେରୀ ଓ କାର୍ଯ୍ୟାଳୟରେ ମହିଳା ଆଇନଜୀବୀଙ୍କ ଶିଶୁଙ୍କ ଉଦ୍ଦେଶ୍ୟରେ ସୁବିଧା, ଶୌଚାଳୟ ଓ ଗମନାଗମନର ସୁବିଧା କରିବାର ସ୍ମାରକପତ୍ରରେ ଅନୁରୂପ ଦାବି ରହିଛି।

## ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

**ନିରାକାରପୁର,୧୧।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ରାମଦୟା ପରିଷଦ ପ୍ରାଙ୍ଗଣ ମାରୁତି ମଣ୍ଡପରେ ସୋମବାର ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶେଷରେ କଳାକାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଅଧାପକ ମୃତ୍ୟୁଞ୍ଜୟ ରଥ ମହୋତ୍ସବର ସଂଯୋଜନା କରିଥିଲେ।



ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

## ଭାଜପାର ଜନ ଜାଗରଣ ପଦଯାତ୍ରା

**ବେଗୁନିଆ,୧୧।୨ (ଡି.ଏନ.ଏ.)**

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ସେଥିପାଇଁ ଗାଁ ମୁହାଁ ହେଲେଣି ବିଭିନ୍ନ ଦଳୀୟ କର୍ମୀ ଓ ନେତାମାନେ। ଏ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ଗାଁ ଗାଁ ବୁଲି ଲୋକଙ୍କ ସହ ସମ୍ପର୍କ ଯୋଡିବା ସହ ଭୋଟ ହାତେଇବାକୁ ଲୋକଙ୍କଠାରୁ ପରାମର୍ଶ ନେବା ଆରମ୍ଭ କଲେଣି। ବେଗୁନିଆ ବ୍ଲକ ଭାଜପାର ନେତ୍ରୀ ଜୟଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ, ପ୍ରକାଶ ଚନ୍ଦ୍ର ବିଜୁଳିଙ୍କ ସହ ବହୁ ଦଳୀୟ କର୍ମୀ ଏହି ଜନ ଜାଗରଣ ପଦଯାତ୍ରାରେ ଯୋଗ ଦେଇଥିଲେ। ସୋମବାର ଅନୁଷ୍ଠିତ ପଦଯାତ୍ରା ବଡବେରଣା, ସିମୋର ଆଦି ପଞ୍ଚାୟତର ସମସ୍ତ ଗ୍ରାମକୁ ବୁଲି ଲୋକଙ୍କ ପାଖରେ ପହଞ୍ଚିଥିଲେ।

## ଭବାନୀପାଟଣା କ୍ରୀଡ଼ା ଛାତ୍ରାବାସ ଫାଇନାଲରେ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ସୋମବାର ମ୍ୟାଚ୍‌ର ଦ୍ୱିତୀୟ ସେମି ଫାଇନାଲ୍ କ୍ରୀଡା ଛାତ୍ରାବାସ(ଭବାନୀପାଟଣା) ଓ ୟୁନାଇଟେଡ୍ କ୍ଲବ୍ (ଭଦ୍ରକ) ମଧ୍ୟରେ ଆୟୋଜିତ ହୋଇଥିଲା। ୨-୧ ଗୋଲ୍‌ରେ ଭଦ୍ରକକୁ ହରାଇ ଭବାନୀପାଟଣା ଦଳ ଫାଇନାଲ୍‌ରେ ପ୍ରବେଶ କରଛି । ଶ୍ରେଷ୍ଠ ଖେଳାଳି ଭାବେ ଭବାନୀପାଟଣା ଦଳର ଯିଶୁ ହେମ୍ବ୍ରମ୍‌ଙ୍କୁ ଗୁରୁଚରଣ ପଟ୍ଟନାୟକ ସ୍ମାରକୀ ଓ ଭଦ୍ରକ ଦଳର ଖେଳାଳି ଉଦୟ ଟୁଡୁଙ୍କୁ ବ୍ରଜ ପାଇକରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା । ବିଧାୟକ ରାଜେନ୍ଦ୍ର କୁମାର ସାହୁ, ମନୋଜ ମାନସିଂହ, ପ୍ରଶାନ୍ତ ବିଶ୍ୱାଳ, କିଶୋର ଚନ୍ଦ୍ର ପଟ୍ଟନାୟକ, ହରିହର ପ୍ରସାଦ ରଥ, ଉମେଶ ଚନ୍ଦ୍ର ଦାସ, ବିଶ୍ୱଜିତ୍ ରାଉତରାୟ, ମାନସ ବଳିୟାରସିଂହ, ମହେନ୍ଦ୍ର ସାହୁ, ଅଜୟ ସାହୁ, ବିଜୟ କୁମାର ରାଉତ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଲଟେରି କୁପନରେ ବିଜୟୀ ହୋଇ ଟାଙ୍ଗୀର ତାରାପ୍ରସାଦ ପଟ୍ଟନାୟକ ସାଇକେଲ୍ ପାଇଥିଲେ। ମଙ୍ଗଳବାର କଟକ ଓ ଭବାନୀପଟଣା କ୍ରୀଡା ଛାତ୍ରାବାସ ମଧ୍ୟରେ ଚୂଡାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ।

**ବଳରାମଦେବ କପ୍ ଫୁଟ୍‌ବଲ**



ମ୍ୟାଚ୍‌ରେ ଉପସ୍ଥିତ ଖେଳାଳି ଓ ଅତିଥିମାନେ।

## ମା'ତାରିଣୀଙ୍କ ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ରାଜାବଜାରସ୍ଥିତ ମା' ତାରିଣୀ ମନ୍ଦିରର ୨୫ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜାବଜାର ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ଜନ ସାଧାରଣ ସହଯୋଗ କରିଥିଲେ। ବୈଦିକ ରୀତିନୀତିରେ ଉକ୍ତ କାର୍ଯ୍ୟକ୍ରମ ମହା ସମାରୋହର ସହ ପାଳନ କରାଯାଇଥିଲା। ପୀଠରେ ହୋମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଓ ପୂଜାର୍ଚ୍ଚନା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ତାରିଣୀଙ୍କ ମେଳା ଆୟୋଜନ କରାଯାଇଥିଲା। ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦ ସରସ୍ୱତୀ ଶିଶୁ ମନ୍ଦିରର ୧୬ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ଆୟୋଜିତ ସଭାରେ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ପାରିକୁଦ ବନପାଳ ପ୍ରମୋଦ କୁମାର ପଣ୍ଡା, ସମିତି ସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଶିଶୁମନ୍ଦିରର ଉପସଭାପତି ବବିତା ସିଂହ, ଉପଦେଷ୍ଟା ଲକ୍ଷ୍ମଣ ଚନ୍ଦ୍ର ପ୍ରଧାନ, ସମ୍ପାଦକ ବିଜୟ କୁମାର ସ୍ୱାଇଁ, ସହ ସମ୍ପାଦକ ଅଶୋକ କୁମାର ପ୍ରଧାନ, ସମାଜସେବୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ତରେଇ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଶାସନ ଅଧିକାରୀ କାଳନ୍ଦୀ ଚରଣ ବାରିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ପ୍ରିୟମ୍ବଦା ସିଂହସାମନ୍ତ, ରାଜ କିଶୋର ଦାସ, ଅନୀତା ପଣ୍ଡାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ କୃତୀ ପ୍ରତିଯୋଗୀ।

## ■ ଏମ୍‌ଜିଏନ୍‌ଆରଇଜିଏସ୍ ଦିଗହରା

# ବଦଳିପାରୁନି ଗାଁର ଚିତ୍ର

**ଖୋର୍ଦ୍ଧା ଅଫିସ,୧୧।୨**


ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ଦାରିଦ୍ର୍ୟ ଦୂରୀକରଣ ଓ ନିଯୁକ୍ତି ସୃଷ୍ଟିରେ ପ୍ରମୁଖ ଭୂମିକା ରହିଛି। ଜଣେ ନିଜ ପାଇଁ କାମ ଦାବି କରି ମଜୁରି ପାଇବା ଓ ବେରୋଜଗାରୀ ଭତ୍ତାର ବ୍ୟବସ୍ଥା ରହିଛି। ଏହି ଯୋଜନାର ବନୀକରଣ, ମୃତ୍ତିକା, ଜଳ ସଂରକ୍ଷଣ, ଗ୍ରାମ୍ୟ ଗୃହ , ଜଙ୍ଗଲ ରାସ୍ତା ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପରି ବହୁ ଉନ୍ନୟନ କାର୍ଯ୍ୟକ୍ରମ କରାଯାଇ ଲକ୍ଷାଧିକ ଅନୁଦାନ ଖର୍ଚ୍ଚ ହେଉଛି। ସବୁ ସତ୍ତ୍ୱେ ଗାଁରେ ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳି ପାରୁନାହିଁ। ହେଲେ କେଉଁଠି ନାଁ କେଉଁଠି ତ୍ରୁଟି ରହିବା କାରଣରୁ ଏମ୍‌ଜିଏନ୍‌ଆରଇଜିଏସ୍ ଖୋର୍ଦ୍ଧା ଜିଲାରେ ଦିଗହରା ହୋଇ ପଡୁଥିଲେ ହେଁ ଏହାର ନିରାକରଣ କରାଯାଉନାହିଁ।

**ଦାଦନ ବଢୁଛି**

ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ମିଳୁ ନ ଥିବାବେଳେ ଭତ୍ତା ମିଳିବା ସ୍ୱପ୍ନ ହୋଇଛି। ଆଇନରେ ଏତେ କଟକଣା ସତ୍ତ୍ୱେ ଜବକାର୍ଡଧାରୀମାନେ ଉପେକ୍ଷିତ ଓ ଅବହେଳିତ ହୋଇ ଚାଲିଛନ୍ତି। ଜିଲାରେ ଏ ଯୋଜନା ଚାଲୁ ରହିଥିଲେ ମଧ୍ୟ ଏହା ଜବକାର୍ଡଧାରୀଙ୍କୁ ଦାଦନ ଖଟିବାକୁ ଯିବା ବନ୍ଦ କରା ଯାଇ ପାରୁନାହିଁ। ଶ୍ରମିକମାନେ ଅଧିକ ସଂଖ୍ୟାରେ ଦାଦନ ଖଟିବାକୁ ଯାଉଛନ୍ତି। କୌଣସି ଅଘଟଣ ଅଥବା ନିର୍ଯାତନା ହେଲେ ଘଟଣା ଲୋକଲୋଚନକୁ ଆସୁଛି। ହେଲେ ଏହାର ତଦନ୍ତ କରା ନ ଯାଇ ଫାଇଲ ଶୀତଳଭଣ୍ଡାରରେ ପକାଯାଉଥିବାରୁ ଦାଦନ ଯିବାର କାରଣ ଲୁଚି ଯାଉଛି। ୨ ବର୍ଷ ମଧ୍ୟରେ ୧୨୫୬ ଜଣ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବା ବେସରକାରୀ ସର୍ଭେରୁ ଜଣାପଡିଛି। ତେବେ ଏ ଦିଗରେ ସରକାରୀ ସ୍ତରରେ ରେକର୍ଡ ନାହିଁ। ସରକାରୀ ପ୍ରମାଣପତ୍ରକୁ ଦେଖିଲେ ଜିଲାରେ ସବୁ କିଛି ଠିକ୍ ଠାକ ଚାଲୁଛି। ଜବକାର୍ଡଧାରୀ କାର୍ଯ୍ୟ କରୁଛନ୍ତି ବୋଲି କାଗଜପତ୍ରରେ ଚତୁରତାର ସହ ମିଛ ଶ୍ରମଦିବସ ସୃଷ୍ଟି କରାଯାଉଛି। ବିନା କାମରେ ଜବକାର୍ଡଧାରୀଙ୍କୁ କିଛିଦିନର ପ୍ରାପ୍ୟ ଦେଇ ବକେୟା ଟଙ୍କା ମିଳିମିଶି ହରିଲୁଟ୍ କରାଯାଉଛି। ମେଶିନ ଦ୍ୱାରା କାମ କରାଯାଉଥିବା କଥାକୁ ପ୍ରଶାସନିକ ସ୍ତରରେ ସ୍ୱୀକାର ନ କରି ସବୁ କିଛି ଠିକ୍ ଠାକ ଚାଲୁଥିବା ଡିଣ୍ଡିମ ପିଟାଯାଉଛି। ଉନ୍ନୟନ କାର୍ଯ୍ୟରେ ବ୍ୟବହୃତ ମେଶିନ୍‌ଗୁଡିକୁ ପଞ୍ଚାୟତର କିଛି ସରପଞ୍ଚ ଓ ସମିତି ସଭ୍ୟ ଅଧିକାଂଶ ସ୍ଥାନରେ ଲଗାଇ ମାଲାମାଲ ହେଉଛନ୍ତି ।

**ଫାଇଲ ଭିତରେ ଲକ୍ଷ୍ୟ**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମୂଳଲକ୍ଷ୍ୟ ହେଲା ଗାଁରେ ବସବାସ କରୁଥିବା ତଥା ଅଣକୁଶଳୀ କାମ କରିବାକୁ ଆଗ୍ରହୀ ହିତାଧିକାରୀଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୧୦୦ ଅଥବା ୧୫୦ ଦିନର କାର୍ଯ୍ୟ ଯୋଗାଇବା। ତେବେ ସବୁ କିଛି ଫାଇଲ ଭିତରେ ଆବଦ୍ଧ ହୋଇ ରହିଯାଉଛି। ଜବକାର୍ଡଧାରୀ ଏହାର ଫାଇଦା ନେଇ ପାରୁନାହାନ୍ତି। ଜବକାର୍ଡ ଦେବାରେ ରାଜନୀତି ଚାଲିଛି। ଯୋଜନାରେ ସାମିଲ ହେଲେ ପରିବାର ପ୍ରତିପୋଷଣ ହୋଇ ପାରୁନାହିଁ। କାମ ନ କରି ଟଙ୍କାକୁ ଆଶା କରିବାକୁ ପଡୁଛି। କାରଣ ଯନ୍ତ୍ର କାର୍ଯ୍ୟ କରୁଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଅନ୍ୟପକ୍ଷେ କାମ କଲେ ମଜୁରି ବହୁ ବିଳମ୍ବରେ ମିଳୁଛି। ଏଣୁ କାମ କରିବାକୁ ଶ୍ରମିକ ମିଳୁନାହାନ୍ତି। ହେଲେ ସତ ଲୁଚିଯାଉଛି ବୋଲି କେତେଜଣ ଶ୍ରମିକ ନାଁ ଗୋପନ ରଖିବା ସତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପିଡି ଡିଆରଡିଏ ସରୋଜ ମିଶ୍ରଙ୍କୁ ପଚାରିବାରୁ କୁହନ୍ତି, ଅନିୟମିତତାର ଅଭିଯୋଗ ଆସିଲେ ନିଶ୍ଚିତ ତଦନ୍ତ କରାଯିବ।



ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝି ନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।
-ସ୍ୱାମୀ ସଚ୍ଚିଦାନନ୍ଦ



## ସଂକ୍ଷେପରେ

### ଶିଶୁର ଶୈକ୍ଷିକ ବିକାଶରେ ମା'ଙ୍କ ଭୂମିକା ଅପରିହାର୍ଯ୍ୟ

ପୁରୀ ଅଫିସ,୧୧।୨: ଭାରତ ବର୍ଷ ମହୀୟସୀ ମହିଳାଙ୍କ ଲାଗି ଗର୍ବିତ। ଲକ୍ଷ୍ମୀବାଈ, ଜୀଜାବାଈ, ରମାଦେବୀ ଦେଶର ଜଣେ ଜଣେ ଆଦର୍ଶ। ସେମାନଙ୍କ ନୀତି ଆଦର୍ଶ ସମାଜକୁ ଦିଗ୍‌ଦର୍ଶନ ଦେଇଛି। ଗୋଟିଏ ଆଦର୍ଶ ପରିବାର ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କ ନୈତିକ, ଆଧ୍ୟାତ୍ମିକ, ଚରିତ୍ର ଗଠନ ଓ ଶୈକ୍ଷିକ ବିକାଶ ଦିଗରେ ମା'ଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସୋମବାର ଆୟୋଜିତ ମାତୃ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରସ୍ୱତୀ ଜ୍ଞାନ ମନ୍ଦିରର ଅଧକ୍ଷା ରଙ୍ଗଲତା ସାହୁ କହିଛନ୍ତି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମାତୃଭାରତୀର ସଭାପତି ନୃତ୍ୟବାଳା ମହାନ୍ତି, ସମ୍ପାଦକ ବିଷ୍ଣୁପ୍ରିୟା ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଣେ ଚରିତ୍ର ସମ୍ପନ୍ନ ଛାତ୍ର ଗଠନ ଦିଗରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସମ୍ମିଳନୀରେ ଯୋଗଦାନ କରିଥିବା ମା'ଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଆସୁଛି ସାଧାରଣ ନିର୍ବାଚନ ଯୁବ ଭୋଟରଙ୍କୁ ସାମିଲ ପାଇଁ ସଚେତନତା ଉପରେ ଗୁରୁତ୍ୱ

ପୁରୀ ଅଫିସ,୧୧।୨: ଆସୁଛି ସାଧାରଣ ନିର୍ବାଚନ। ପୁରୀ ଜିଲାରେ ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ, ତାହା ଉପରେ ଗୁରୁତ୍ୱ ଦେଇଛି ଜିଲା ପ୍ରଶାସନ। ଏ ନେଇ ସୋମବାର ସର୍କିଟ୍ ହାଉସ୍‌ରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ ନେଇ ସଚେତନତା ସୃଷ୍ଟି କରିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର, ଯେଉଁମାନଙ୍କ ବୟସ ଚଳିତ ବର୍ଷ ଜାନୁୟାରୀ ପହିଲା ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକୃତ କରିବା ଲାଗି ଜିଲାପାଳ କହିଛନ୍ତି। ଏଥିପାଇଁ ପ୍ରତ୍ୟେକ ମହାବିଦ୍ୟାଳୟରେ ୬ନଂ. ଫର୍ମ ଉପଲବ୍ଧ ହେଉଛି। ପ୍ରତ୍ୟେକ କଲେଜରେ ଏଥିପାଇଁ ଥିବା ନିର୍ଦ୍ଦିଷ୍ଟ ବାକ୍ସରେ ଯୋଗ୍ୟ ଛାତ୍ରୀଛାତ୍ର ଏହି ଫର୍ମ ପକାଇପାରିବେ। ନିର୍ବାଚନ ସାକ୍ଷର କ୍ଲବକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧକ୍ଷମାନଙ୍କୁ ପରାମର୍ଶ ଦିଆଯିବା ସହ ଆସନ୍ତା ନିର୍ବାଚନରେ ସମସ୍ତ ସହଯୋଗ ଯୋଗାଇଦେବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ନିର୍ବାଚନ ଅଧିକାରୀ ସୁମନ୍ତ କୁମାର କର, ପିପିଲି ତହସିଲଦାର ଆଶିଷ କୁମାର ଜେନା ଉପସ୍ଥିତ ଥିଲେ।

■ ଭାଜପାର ଜନ ଅଦାଳତ

# ବିଜେଡି ବିରୋଧରେ ଲମ୍ବା ଅଭିଯୋଗ

■ଶାସକ ଦଳ କାଠଗଡ଼ା ଫାଙ୍କା
■ଭାଜପାର ନୈତିକ ଅଧିକାର ନାହିଁ: ବିଜେଡି

ପୁରୀ ଅଫିସ,୧୧।୨:

ପୁରୀ ଲୋକ ସଭା କ୍ଷେତ୍ରରେ ଭାଜପା କରିଛି ଜନ ଅଦାଲତ। ସୋମବାର ସନ୍ଧ୍ୟାରେ ଶରଧାବାଲିର ଖୋଲା ମଞ୍ଚରେ ବିଜେଡି ସରକାରଙ୍କୁ ଜବାବ ମାଗିଛି ଭାଜପା। ୧୯ ବର୍ଷ ବିଜେଡି ସରକାର ସମୟରେ ପୁରୀର ଅତୀତ ଓ ବର୍ତ୍ତମାନର ଚିତ୍ର ବଖାଣିଛନ୍ତି ଭାଜପା ନେତା। ଏହି ଜନ ଅଦାଲତରେ ପକ୍ଷ ରଖିବାକୁ ବିଜେଡିକୁ ଆମନ୍ତ୍ରଣ କରାଯାଇଥିଲେ ବି କେହି ନେତା କି ପ୍ରତିନିଧି ଯୋଗ ଦେଇ ନ ଥିଲେ। ଫଳରେ ଶାସକ ବିଜେଡି ପାଇଁ ଉଦ୍ଦିଷ୍ଟ କାଠଗଡ଼ା ଫାଙ୍କା ପଡିଥିଲା। ଆୟୋଜକ ଭାଜପା ନେତାମାନେ ବିଜେଡି ବିରୋଧରେ ଲମ୍ବା ଅଭିଯୋଗ ରଖିଥିଲେ।

ଜନ ଅଦାଲତରେ ବିଚାରପତି ଆସନରେ ବସିଥିଲେ ବିଶିଷ୍ଟ କୃଷକ ନେତା ଗୋବିନ୍ଦ ଚନ୍ଦ୍ର ମହାପାତ୍ର। ଶାସକ ଦଳର କୌଣସି ପ୍ରତିନିଧି ନ ଥିବାରୁ ପକ୍ଷ ରଖିଥିଲେ ଭାଜପା ନେତା। ପ୍ରଥମେ ବିଚାରପତିଙ୍କ ସମ୍ମୁଖରେ ଅଭିଯୋଗ ରଖିଥିଲେ କୃଷ୍ଣ ଜଗଦେବ। ସେ କହିଥିଲେ, ପୁରୀବାସୀ ଏମ୍‌ପିଙ୍କ ଉପରେ ଯେଉଁ ଆସ୍ଥା ପ୍ରକଟ କରିଥିଲେ ସେ ସେମାନଙ୍କ ବିଶ୍ୱାସ ଭଙ୍ଗ କରିଛନ୍ତି। ସହରବାସୀଙ୍କ ସ୍ୱାର୍ଥ ପାଇଁ ଲୋକ ସଭାରେ ଦିନେ ହେଲେ କୌଣସି ବିଷୟ ଉପସ୍ଥାପନ କରିନାହାନ୍ତି। ଏକଦା ପୁରୀ ସହର ବିଶ୍ୱର ଏକ ପ୍ରମୁଖ ଆକର୍ଷଣ ଥିଲା। ହେଲେ ପବିତ୍ର ସହରରେ ଆଜି ଗୁଣ୍ଡାରାଜ ଚାଲିଛି। ବିକାଶ ମୂଳକ କାମରେ ଏଠି ପିସି କାରବାର ହେଉଛି। ଏଥିପାଇଁ ପୁରୀର ବିଧାୟକ ମହେଶ୍ୱର ମହାନ୍ତି ଏବଂ ବିଜେଡି ନେତାମାନେ ହିଁ ଦାୟୀ ବୋଲି ଜଗଦେବ ଅଭିଯୋଗ ବାଢିଥିଲେ। କୃଷଚନ୍ଦ୍ର ପଣ୍ଡା କହିଥିଲେ, ପୁରୀରେ ରାସ୍ତାଘାଟ, ଡ୍ରେନେଜ ଠିକ୍ ଭାବେ ହୋଇପାରି ନାହିଁ। ଆଜି ବି ପାନୀୟ ଜଳ ସମସ୍ୟା ଲାଗି ରହିଛି। ହୃଦୟ, ଅମୃତ, ପ୍ରସାଦ ଆଦି ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାର ପୁରୀ ସହର ପାଇଁ ଟଙ୍କା ଦେଉଛନ୍ତି। କିନ୍ତୁ ଏହା ଖର୍ଚ୍ଚ କରାଯାଉ ନାହିଁ। ପୁରୀ ସହର ଆଜି ସବୁକ୍ଷେତ୍ରରେ ଅବହେଳିତ। ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଡ. ବିଶ୍ୱନାଥ ରଥ, ରମାରଞ୍ଜନ ବଳିୟାରସିଂ, ଆଶ୍ରିତ ପଟ୍ଟନାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲାଲା ମନୋଜ ରାୟ, ସୁରମା ପାଢୀ, ଓମ୍‌ପ୍ରକାଶ ମିଶ୍ର ଅଦାଲତରେ ସେମାନଙ୍କ ଅଭିଯୋଗ ରଖିଥିଲେ।

ଭାଜପା ନେତାଙ୍କ ଅଭିଯୋଗ ସମ୍ପର୍କରେ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି, ବିଜେଡିକୁ ନିମନ୍ତ୍ରଣ କରିବାର ନୈତିକ ଅଧିକାର ଭାଜପାର ନାହିଁ। ବିଜେଡି ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ, ଭାଜପା ପାଖରେ ନୁହେଁ। ସାଢେ ୪ ବର୍ଷ ଧରି ଚୁପ୍ ରହିଥିବା ଭାଜପା ନିର୍ବାଚନ ଆସୁଥିବାରୁ ଲୋକଙ୍କ ପାଖକୁ ଯିବା ପାଇଁ ମିଛ ଅଭିଯୋଗ ଆଣୁଛି। ୨୦୧୪ ନିର୍ବାଚନରେ ଭାଜପା ନିର୍ବାଚନର ଇସ୍ତାହାରରେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା କ'ଣ ପୂରଣ କରିଛି ତାହା ପ୍ରଥମେ ପୁରୀବାସୀଙ୍କୁ ଜଣାନ୍ତୁ। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ପୁରୀ ସହର ପ୍ରତି କୌଣସି କାର୍ଯ୍ୟ କରିନାହାନ୍ତି। ୨୦୧୫ ନବକଳେବର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଆଣି ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ୱାଇଫାଇ ସେବା ପ୍ରଚଳନ କରିଥିଲେ। ମାତ୍ର ୬ ମାସ ମଧ୍ୟରେ ତାହା ବନ୍ଦ ହୋଇଯାଇଥିବା ପୁରୀ ସହରବାସୀ ଭଲ ଭାବେ ଜାଣିଛନ୍ତି ବୋଲି ମହାପାତ୍ର କହିଛନ୍ତି।



ପୁରୀ ଶରଧାବାଲିରେ ଭାଜପା ପକ୍ଷରୁ ଆୟୋଜିତ ଜନ ଅଦାଲତ।

## ପରଖିଲେ ଦଳୀୟ ନେତା

ପୁରୀ ଅଫିସ,୧୧।୨:

ଏହି ଜନ ଅଦାଲତରେ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ସମେତ ଦଳର ବହୁ ନେତା ଉପସ୍ଥିତ ଥିଲେ। ମଞ୍ଚରେ ଅଭିଯୋଗ କରିଥିବା ନେତାଙ୍କ ମଧ୍ୟରୁ ଅନେକ ଆଗାମୀ ନିର୍ବାଚନର ଆଶାୟୀ ପ୍ରାର୍ଥୀ ରହିଛନ୍ତି। ତେବେ ସେମାନେ ନିର୍ବାଚନ ସମୟରେ କେଉଁ କେଉଁ ପ୍ରସଙ୍ଗ ଧରି ଲୋକଙ୍କ ପାଖକୁ ଯିବେ, ସେମାନଙ୍କ ଭାଷଣ ଦେବାର ଶୈଳୀ ଏବଂ ଭାଷଣର ପରିପକ୍ୱତା କେତେ ତାହାକୁ ଦଳର ନେତାମାନେ ପରଖୁଥିଲେ। ଏହାକୁ ଭିତ୍ତିକରି ସେମାନଙ୍କୁ ଆଗାମୀ ନିର୍ବାଚନ ଲଢିବା ପାଇଁ ଟିକେଟ ଦିଆଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା।

**ଭିଡିଓ ଚିତ୍ରରେ ପରିବର୍ତ୍ତନର ଆହ୍ୱାନ**

ଭାଜପାର ଜନ ଅଦାଲତ ପରିପ୍ରେକ୍ଷୀରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ ସହରବାସୀ। ବିଶେଷକରି ରାସ୍ତାଘାଟ, ଡ୍ରେନେଜ, ପାନୀୟ ଜଳ, ପିସି କାରବାର, ଦୁର୍ନୀତି, ପିପିଲି ପୀଡ଼ିତାଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ପିପିଲି ପୀଡିତାଙ୍କ ବିଷୟରେ କହୁଥିବା ଚିତ୍ର ବି ଏଥିରେ ସ୍ଥାନିତ ହୋଇଥିଲା। ସେହିପରି ଅଠରନଳାର ମୂଷାନଈଠାରୁ ଆରମ୍ଭ କରି କିପରି ସହର ଅସାମାଜିକଙ୍କ କବ୍‌ଜାରେ ରହିଛି ତାହା ମଧ୍ୟ ଦର୍ଶାଯାଇଥିଲା। ଶେଷରେ ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ ଭିଡିଓରେ ସ୍ଥାନ ପାଇଥିବା କେତେଜଣ ସହରବାସୀ।

■ ଶିଶୁ ମନ୍ଦିରରେ କନ୍ୟା ଶିବିର

## ସାହସୀ, ଶୃଙ୍ଖଳିତ ହେବାକୁ ପରାମର୍ଶ



ଛାତ୍ରୀମାନେ ବର୍ଜ୍ୟବସ୍ତୁରୁ ବିଭିନ୍ନ ଉପକରଣ ତିଆରି କରୁଛନ୍ତି।

ପୁରୀ ଅଫିସ, ୧୧।୨:

ଘୋଡ଼ାବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସୋମବାର ଏକ କନ୍ୟା ଶିବିର ଅନୁଷ୍ଠିତ ହୋଇଥିଲା। ୬ଷ୍ଠରୁ ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶିବିରକୁ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଅରୁଣା ମହାନ୍ତି ଉଦ୍‌ଘାଟନ କରି ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀମାନେ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ପରି ସାହସୀ ଏବଂ ଶୃଙ୍ଖଳିତ ହେବା ଲାଗି ପରାମର୍ଶ ଦେଇଥିଲେ। ପତଞ୍ଜଳୀ ଯୋଗ ସାଧନ କେନ୍ଦ୍ରର ପ୍ରଶିକ୍ଷିକା ରୀନା ସେଠୀ, ପ୍ରମିଳା ରାଉତ, ସସ୍ମିତା ଦାସ, ସୁନିତା ଦାଶ, ସ୍ମିତାରାଣୀ ଦାଶ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଧ୍ୟାନ, ଯୋଗ ପ୍ରାଣାୟମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ପିଲାଙ୍କମଧ୍ୟରେ ବର୍ଜ୍ୟବସ୍ତୁରୁ ଉପାଦେୟ ଦ୍ରବ୍ୟ ପ୍ରସ୍ତୁତି ଏବଂ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କମଳାଦେବୀ ମାତୃମଙ୍ଗଳ କେନ୍ଦ୍ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ଡା. କୁଳମଣି ପରିଡା ଓ ସ୍କୁଲ ପରିଚାଳନା କମିଟି ସଭାପତି ଡା. ସୁନୀଲ ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।

### ଶିକ୍ଷକ ନେତାଙ୍କ ବିୟୋଗରେ ଶୋକ

କଣାସ, ୧୧।୨(ସ୍ୱ.ପ୍ର.)

କଣାସ ବ୍ଲକ ଗଡ଼ବଳଭଦ୍ରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ତଥା ଶିକ୍ଷକ ନେତା ପ୍ରଫୁଲ୍ଲ ପଶ୍ଚିମକବାଟଙ୍କ ୭୨ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ପଶ୍ଚିମକବାଟ କଣାସ ଓ ସତ୍ୟବାଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରିବା ସହ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସମ୍ପାଦକ ଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସଭାପତି ବିଭୂତି ଭୂଷଣ ପଟ୍ଟନାୟକ, ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି, ସଭାପତି ସୁଶାନ୍ତ ପଟ୍ଟାନଉଳ, ଅକ୍ଷୟ କୁମାର ରାୟସିଂହ, ପ୍ରକାଶ ଚନ୍ଦ୍ର ଜେନା, ଶିକ୍ଷକ ସୁକାନ୍ତ ବେହେରା, ଦୈତାରୀ ବେହେରା ପ୍ରମୁଖ ଶୋକପ୍ରକାଶ କରିଥିଲେ।

■ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

## ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଛାତ୍ରୀଛାତ୍ର, ଅଭିଭାବକ



ସ୍କୁଲ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି।

ସାକ୍ଷୀଗୋପାଳ, ୧୧।୨(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ବିଜିପୁର ଲକ୍ଷ୍ମୀନୃସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସିଂହଙ୍କ ବଦଳି ବାତିଲ ଦାବିକରି ବିଦ୍ୟାଳୟ ସମ୍ମୁଖରେ ସୋମବାର ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ କମିଟି ଓ ଗ୍ରାମବାସୀମାନେ ଧାରଣା ଦେଇଛନ୍ତି। ଅସନ୍ତୁଷ୍ଟ ଗ୍ରାମବାସୀ ବିଦ୍ୟାଳୟରେ ତାଲାପକାଇ ଦେଇଥିବାରୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶ୍ରେଣୀକକ୍ଷକୁ ଯାଇ ନ ପାରି ପିଲାମାନଙ୍କ ପାଖରେ ବସି ରହିଥିଲେ। ବିଦ୍ୟାଳୟରେ ୮ଟି ଶ୍ରେଣୀ ନିମନ୍ତେ ୫ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଥିବାବେଳେ ତନ୍ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଚଳିତ ମାସରେ ନିକଟବର୍ତ୍ତୀ କାନପୁର ବିଦ୍ୟାଳୟକୁ ବଦଳି କରାଯାଇଛି। ମାତ୍ର ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇ ନ ଥିବାରୁ ଗ୍ରାମବାସୀମାନେ ବଦଳି ଆଦେଶ ବାତିଲ କରିବାକୁ ଅଡି ବସିଥିଲେ। ଏପରିକି ପ୍ରଧାନ ଶିକ୍ଷୟିତ୍ରୀ ସବିତା ବାଳା ଦାଶ ସୋମବାର ବଦଳି ହୋଇଥିବା ସନ୍ଧ୍ୟାରାଣୀ ସିଂହଙ୍କୁ ରିଲିଭ ଅର୍ଡର କରିବାରୁ ଉତ୍ତ୍ୟକ୍ତ ଲୋକେ ଏହାକୁ ବିରୋଧ କରିଥିଲେ। ଏବେ ୪ ଜଣ ଶିକ୍ଷକଙ୍କୁ ନେଇ ୮ ଟି ଶ୍ରେଣୀରେ କିଭଳି ପାଠପଢ଼ା ଚାଲିବ ବୋଲି ଶିକ୍ଷା କମିଟିର ସମ୍ପାଦକ ଶିବ ପ୍ରସାଦ ବେହେରା, ସଭାପତି ରୀତା ନାୟକଙ୍କ ସହିତ ସନ୍ତୋଷ କୁମାର ରଥ, ବୈଦ୍ୟନାଥ ତ୍ରିପାଠୀ ଓ ରଘୁନାଥ ରଥ ପ୍ରମୁଖ ପ୍ରଶ୍ନ କରିଛନ୍ତି। ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ କହିଛନ୍ତି। ତେବେ ଦିନ ତମାମ ସେଠାରେ ଆନ୍ଦୋଳନ ଚାଲଇଥିଲେ ମଧ୍ୟ କୌଣସି ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ଆଲୋଚନା କରିନାହାନ୍ତି।

## ଗୋପରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ

**କେନ୍ଦ୍ରମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କଲେ ଜନସାଧାରଣ**



କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ନେତ୍ରୀ ଅନୁ ଚୌଧୁରୀ ଓ ଅନ୍ୟମାନେ।

ଗୋପ, ୧୧।୨(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ କୁଶୁପୁର କଲ୍ୟାଣ ମଣ୍ଡପଠାରେ ସୋମବାର ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ହିତାଧିକାରୀମାନେ ଭିଡିଓକନ୍‌ଫେରେନସିଂ ଜରିଆରେ କେନ୍ଦ୍ରପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉମାଭାରତୀଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ହିତାଧିକାରୀମାନେ ମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ବିଭିନ୍ନ ତଥ୍ୟ ରଖିଥିଲେ। ଏହା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଉପସ୍ଥିତ ଥିବା କର୍ମକର୍ତ୍ତାମାନେଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେତାରକା ତଥା ଭାଜପା ନେତ୍ରୀ ଅନୁ ଚୌଧୁରୀ, ଗୋପ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ନାରୀନେତ୍ରୀ ତପସ୍ୱିନୀ ବେହେରା, ରିତ ଦାସ, ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ଉଜ୍ଜ୍ୱଳା ଲାଭାର୍ଥୀମାନେ ଯୋଗଦେଇଥିଲେ।

## ବିଜୁ ଯୁବ ବାହିନୀକୁ କ୍ରୀଡ଼ା ଉପକରଣ ବଣ୍ଟନ

**ସେବାରେ ପ୍ରତିଦ୍ୱନ୍ଦ୍ୱିତା ନ ଥାଏ**



ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କ୍ରୀଡ଼ା ଉପକରଣ ବଣ୍ଟନ କରୁଛନ୍ତି।

ପୁରୀ ଅଫିସ,୧୧।୨:

ସେବାରେ କୌଣସି ପ୍ରତିଦ୍ୱନ୍ଦ୍ୱିତା ନ ଥାଏ। କେହି ସେବା କରିବାକୁ କାହା ସହିତ ପ୍ରତିଯୋଗିତା କରି ନ ଥାଏ। ତେଣୁ ଜନସାଧାରଣଙ୍କ ସେବା କରିବାକୁ ବିଜୁ ଯୁବ ବାହିନୀ ଗଠନ କରାଯାଇଛି। ଏହା ଏକ ଶୃଙ୍ଖଳିତ ସ୍ୱେଚ୍ଛାସେବୀ ସଂସ୍ଥା। ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ସାହାଯ୍ୟ ଏବଂ ସେବା ଯୋଗାଇଦେବା ହେଉଛି ଏହାର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ସୋମବାର ଟାଉନ ହଲ୍‌ଠାରେ ବିଜୁ ଯୁବ ବାହିନୀକୁ କ୍ରୀଡ଼ା ଉପକରଣ ବଣ୍ଟନ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ମହାନ୍ତି କହିଥିଲେ, ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ, ସେମାନଙ୍କ ଜୀବନକୁ ଶୃଙ୍ଖଳିତ କରି ଠିକଣା ରାସ୍ତାରେ ଆଗେଇ ନେବା ଲାଗି ଏହି ବାହିନୀ ଗଠନ କରାଯାଇଛି। ବିଜୁ ଯୁବ ବାହିନୀ ସେବା କରିବାର ମାନସିକତା ନେଇ କାମ କରିଆସୁଛି। ଏଥିପାଇଁ ବିଭିନ୍ନ ସମୟରେ ଉଚ୍ଚପ୍ରଶଂସିତ ହେଉଛି। କେବଳ ଓଡ଼ିଶା ନୁହେଁ, ଓଡ଼ିଶା ବାହାରେ ମଧ୍ୟ ବିଜୁ ଯୁବ ବାହିନୀ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ପରିଚୟ ନେଇ ଆମକୁ ଆଗକୁ ବଢିବାକୁ ପଡ଼ିବ ବୋଲି ଉପସ୍ଥିତ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଜୁବାବୁଙ୍କ ନାଁରେ ଗଠନ କରାଯାଇଥିବା ଏହି ବାହିନୀର ପ୍ରତ୍ୟେକ ସଦସ୍ୟଙ୍କୁ ବିଜୁବାବୁଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ଜିଲା ପରିଷଦ ସଭ୍ୟ ଦିବାକର ପାତ୍ର, ପୂର୍ବତନ କାଉନ୍‌ସିଲର ଭକ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା କ୍ରୀଡ଼ା ସାମଗ୍ରୀ ଜଣେ କ୍ରୀଡ଼ାବିତ୍‌ଙ୍କ ପାଇଁ ସବୁଠୁ ବଡ଼ ଉପହାର ବୋଲି ମତ ରଖିଥିଲେ। ଏଥିରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୁରୀ ସଦର ବ୍ଲକର ୨୬ ଏବଂ ପୌରସଂସ୍ଥାର ୨୩ଟି ବିଜୁ ଯୁବ ବାହିନୀକୁ କ୍ରୀଡ଼ା ଉପକରଣ ମନ୍ତ୍ରୀ ବଣ୍ଟନ କରିଥିଲେ। ପ୍ରତ୍ୟେକ ବାହିନୀକୁ ୫୦ ହଜାର ଟଙ୍କାର କ୍ରୀଡ଼ା ସାମଗ୍ରୀ ପ୍ରଦାନ କରାଯାଇଥିଲା।

### ଗ୍ରାମ୍ୟରାସ୍ତାର ଶିଳାନ୍ୟାସ

କଣାସ, ୧୧।୨(ଡି.ଏନ୍.ଏ.)

ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ମନ୍ଦାରବସ୍ତ–କଲ୍ୟାଣପୁର ଗ୍ରାମ୍ୟ ରାସ୍ତା ଉନ୍ନତୀକରଣ ନିମନ୍ତେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋମବାର ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଛକଠାରେ ପ୍ରାୟ ଏକ କିମି ଲମ୍ବ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ୮୫ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତାର ଉନ୍ନତି କରଣ କରାଯିବ। ଶିଳାନ୍ୟାସ ପରେ ବିଧାୟକ ପଞ୍ଚାୟତର ମହିଳା ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ଧୀରଞ୍ଜନ ହତ୍ୟା ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ

■ଧାର ଟଙ୍କା ମାଗିବାରୁ କରାଯାଇଥିଲା ହତ୍ୟା
■ଲୁହାରଡ଼ରେ ହୋଇଥିଲା ଆକ୍ରମଣ

ନିମାପଡ଼ା,୧୧।୨(ଡି.ଏନ୍.ଏ.):

ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅଳନ୍ଧା ଗ୍ରାମର ଧୀରଞ୍ଜନ ରାଉତ(୩୨)ଙ୍କୁ ଲୁହା ରଡରେ ପିଟି ପିଟି ହତ୍ୟା କରାଯାଇଥିଲା। ପ୍ରାୟ ସାଢେ ୮ମାସ ପରେ ଏହି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ନିମାପଡ଼ା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଦିପିରେଣ୍ଟା ଗ୍ରାମର ପ୍ରତାପ ପ୍ରଧାନ। ଏହା ସହ ପୋଲିସ ତାଙ୍କଠାରୁ ଏକ ମୋବାଇଲ ଫୋନ ଜବତ କରିଛି। ସୂଚନାଥାଉ କି, ମୁଖ୍ୟ ଅଭିଯୁକ୍ତ ପ୍ରତାପ ମୃତ ଧୀରଞ୍ଜନଙ୍କଠାରୁ ୧୦ହଜାର ଟଙ୍କା ଧାର ନେଇଥିଲେ। ଗତ ୧୨ ମେ ୨୦୧୮ରେ ଗଣେଶ ବଜାର ନିକଟରେ ଥିବା ଏକ ହୋଟେଲରେ ଧୀରଞ୍ଜନ ଧାର ଦେଇଥିବା ଟଙ୍କା ପ୍ରତାପଙ୍କୁ ମାଗିଥିଲେ। ଧାର ଟଙ୍କା ମାଗିବାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ପ୍ରତାପ, ତାଙ୍କ ଭାଇ ପ୍ରଦୀପ୍ତ, ବାପା ପରିକ୍ଷିତ ଓ ଜଣେ ସହଯୋଗୀ ଗାନୁଆ ବେହେରା ପ୍ରମୁଖ ସଂଘବଦ୍ଧଭାବେ ଧୀରଞ୍ଜନଙ୍କୁ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଧୀରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତ ଧୀରଞ୍ଜନଙ୍କ ଭାଇ କାଳନ୍ଦୀ ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ୪ ଅଭିଯୁକ୍ତଙ୍କ ବିରୋଧରେ ମାମଲା (ନଂ.୧୨୮/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ୧୪ ମେ ୨୦୧୮ରେ ମୁଖ୍ୟ ଅଭିଯୁକ୍ତ ପ୍ରତାପଙ୍କ ବାପା ପରିକ୍ଷିତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ରବିବାର ମୁଖ୍ୟ ଅଭିଯୁକ୍ତ ପ୍ରତାପଙ୍କୁ ପୋଲିସ ନିମାପଡ଼ାରୁ ଗିରଫ କରିଛି। ଫେରାର ଥିବା ଆଉ ଦୁଇ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ



### ଅସହାୟ ପିଲାଙ୍କୁ ସହାୟତା

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)-** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦରେ ମାତାପିତାଙ୍କୁ ହରାଇ ଅସହାୟ ହୋଇପଡ଼ିଥିବା ପିଲାମାନଙ୍କୁ କିଛି ଆର୍ଥିକ ସହାୟତାର ହାତ ବଢ଼ାଇଛି ଏକ ବେସରକାରୀ ଅନୁଷ୍ଠାନ। ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସାଧୁବାଦ କରାଯାଇଛି। ସୂଚନାଯୋଗ୍ୟ, କିଛିମାସ ପୂର୍ବେ ଏଠାରେ ଗ୍ୟାରେଜ୍ କରି ପରିବାର ପ୍ରତିପୋଷଣ କରୁଥିବା ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ମାତା କୁମୁଦିନୀ ପଣ୍ଡାଙ୍କ ମୃତ୍ୟୁ ପରେ ତାଙ୍କର ୪ ଝିଅ ଏବଂ ୨ ପୁଅ ଅନାଥ ହୋଇପଡିଛନ୍ତି। ମାତାପିତାଙ୍କ ମୃତ୍ୟୁ ପରେ ଅର୍ଥାଭାବରୁ ଯଥାକ୍ରମେ ୮ମ ଓ ୪ର୍ଥ ଶ୍ରେଣୀରେ ପଢୁଥିବା ଦେବାଶିଷ ଓ ସୁବାଶିଷଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଗଲା। ଏବେ ବାପାଙ୍କ ସେହି ଗ୍ୟାରେଜ୍‌ରେ କାମ ଆରମ୍ଭ କରି ବଞ୍ଚିବା ନିମନ୍ତେ ସଂଗ୍ରାମ କରୁଛନ୍ତି ପରିବାରର ପୁଅମାନେ। ତେବେ ମାତାପିତାଙ୍କୁ ହରାଇବା ପରେ ଭଡାଘରେ ରହୁଛନ୍ତି। ସରକାରୀ ଦୃଷ୍ଟି ଆଢୁଆଳରେ ରହି ଏହି ୬ଜଣ ଅନାଥ ପିଲା ଅସହାୟ ଭାବେ ଜୀବନ ବିତାଉଛନ୍ତି। ତେବେ ଦୈନିକ ଖବରକାଗଜ ଧରିତ୍ରୀରେ ଚଳିତ ମାସ ୧୦ ତାରିଖରେ ଏହି ଘଟଣା ପ୍ରକାଶିତ ହେବା ପରେ ଏହି ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲା ବ୍ଲକର ଏକମାତ୍ର ଅଗ୍ରଣୀ ସଂଗଠନ 'ନାରାୟଣ ସେବା ସଂସ୍ଥା'। ଏହି ସମାଜ କଲ୍ୟାଣ ଅନୁଷ୍ଠାନ ତରଫରୁ ସଭ୍ୟ ନିରଞ୍ଜନ ପ୍ରଧାନ, ମଧୁସୂଦନ ପଟ୍ଟନାୟକ ଏବଂ ପ୍ରକାଶ ଚନ୍ଦ୍ର ବେହେରା ଅନାଥ ଶିଶୁଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି, ଯାହା ପିଲାମାନଙ୍କୁ ବଞ୍ଚିବାର କିଛିଟା ରାହା ଯୋଗାଇପାରିଛି। ଆଶା ରହିଛି ବିଭିନ୍ନ ମହଲରୁ ଏହି ପିଲାମାନଙ୍କ ପାଇଁ ସହଯୋଗର ହାତ ଆଗେଇ ଆସିବ।

### ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

**ନିରାକାରପୁର,୧୧।୨(ଡି.ଏନ.ଏ.)-** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ରାମେଶ୍ୱର ଗାଁ ନିକଟ ନୂଆ ଜଗନ୍ନାଥ ସଡ଼କ ଉପରେ ସୋମବାର ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ହେଉଛନ୍ତି ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହ ବଜାର ସାହିର ବାଜି ରାଉତରାୟ(୩୫)। ଖବର ପାଇ ନିରାକାରପୁର ପୋଲିସ ବାଜିଙ୍କୁ ସ୍ଥାନୀୟ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେ ବାଇକ୍ ନଂ ଓଆର୦୧କେ ୪୦୬୦ରେ ଆସୁଥିବାବେଳେ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ଭାବେ ଆହତ ହୋଇଥିଲେ।

### ସାଇ ମନ୍ଦିରର ବାର୍ଷିକ ଉତ୍ସବ

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)-**ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପାରିକୁଦଗଡ଼ ଗାନ୍ଧୀ ଛକସ୍ଥିତ ଶିରିଡ଼ି ସାଇବାବାଙ୍କ ମନ୍ଦିରର ୫ମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଯଜ୍ଞାଦି କାର୍ଯ୍ୟକ୍ରମ ସହିତ ଫୁଲବାରୀ, ଗୌରୀସାହି, ସାନଅଁଳ, ଦଳବେହେରା ସାହି ସଂକୀର୍ତ୍ତନ ଦଳ ନାମ କୀର୍ତ୍ତନ କରିଥିଲେ। ଶିରିଡି ସାଇ ସଂସ୍ଥାନର ସମ୍ପାଦକ ଲିଙ୍ଗରାଜ ଗୌଡ଼ୁ ଉତ୍ସବକୁ ପରିଚାଳନା କରିଥିଲେ। ସହକାରୀ ସମ୍ପାଦକ ନବୀନ କୁମାର ଜେନା, ବିଦୁର ସିଂହ, ରମେଶ ଚନ୍ଦ୍ର ବିଶ୍ୱାଳ, ମାଷ୍ଟର ନିକୁଞ୍ଜ କୁମାର ବାରିକି, ଗୁରୁପଦ ତରେଇ, ବୈଷ୍ଣବ ଗୌଡ଼ୁ, ଶରତ ଚନ୍ଦ୍ର ମହାରଣା, ମଣ୍ଟୁ ପ୍ରଧାନ, ଲକ୍ଷ୍ମୀକାନ୍ତ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଇ ମନ୍ଦିରର ମୁଖ୍ୟ ପୁରୋହିତ ସୀମାଞ୍ଚଳ ପାଣିଗ୍ରାହୀଙ୍କ ନେତୃତ୍ୱରେ ସାଇ ସତ୍‌ଚରିତ ପଠନ କରାଯାଇଥିଲା।

### ମା'ତାରିଣୀଙ୍କ ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୧।୨(ଡି.ଏନ.ଏ.)-** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ରାଜାବଜାରସ୍ଥିତ ମା' ତାରିଣୀ ମନ୍ଦିରର ୨୫ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ରାଜାବଜାର ଅଞ୍ଚଳର ସମସ୍ତ ବ୍ୟବସାୟୀ ଓ ଜନ ସାଧାରଣ ସହଯୋଗ କରିଥିଲେ। ବୈଦିକ ରୀତିନୀତିରେ ଉକ୍ତ କାର୍ଯ୍ୟକ୍ରମ ମହା ସମାରୋହର ସହ ପାଳନ କରାଯାଇଥିଲା। ପୀଠରେ ହୋମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଓ ପୂଜାର୍ଚ୍ଚନା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ତାରିଣୀଙ୍କ ମେଳା ଆୟୋଜନ କରାଯାଇଥିଲା।

■ ପାଇପ୍ ଜଳ ଯୋଗାଣ ଠପ୍


# କଣାସରେ ପାନୀୟଜଳ ପାଇଁ ହାହାକାର

■ଅଚଳ ହୋଇ ପଡ଼ିଛି ଅର୍ଦ୍ଧାଧିକ ନଳକୂପ

■ତୁରନ୍ତ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ଦାବି

**କଣାସ, ୧୧।୨(ସ୍ୱ.ପ୍ର.)**

ପୁରୀ ଜିଲାର ସର୍ବାଧିକ ଅନୁନ୍ନତ ଅଞ୍ଚଳଭାବେ ପରିଚିତ ତଥା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ଦୀର୍ଘ ବର୍ଷହେଲା ପାନୀୟଜଳ ସମସ୍ୟା ଲାଗି ରହିଛି। ଖରା ଦିନେ ଏହି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରୁଥିବାରୁ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ। ଏ ନେଇ ପ୍ରଶାସନିକ ସ୍ତରରେ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଜନଅସନ୍ତୋଷ ଲାଗି ରହିଛି।



ବନ୍ଦ ହୋଇ ପଡ଼ିଥିବା ପାନୀୟ ଜଳ ପ୍ରକଳ୍ପ।

ଖବରନେବାରେ ଜଣାପଡିଛି ଯେ, କଣାସ ବ୍ଲକର ୧ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ମାତ୍ର ୯ଶହ ନଳକୂପ, ୬୦ଟି ଗଭୀର କୂପ ଜଳଯୋଗାଣ ବିଭାଗ ପକ୍ଷରୁ ଖନନ କରାଯାଇଛି। ସେଥିମଧ୍ୟରୁ ଅର୍ଦ୍ଧାଧିକ ନଳକୂପରୁ ଲୁଣିଆପାଣି ବାହାରୁଥିବାରୁ ତାହା ପାନୀୟପାଇଁ ଅନୁପଯୁକ୍ତ। ପାନୀୟଜଳ ଯୋଗାଇବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବିହେବାରୁ ଦୟା, ରାଜୁଆ, ମକରା, ଲୁଣାନଦୀରେ କେତୋଟିସ୍ଥାନରେ ତଥା ବେଣାଗାଁ, ଗଡସାହି, ଗଡିଶାଗୋଦା, ଗୋପିନାଥପୁର, କରମଳା, ବିଜିପୁର, ଚୁପୁରିଙ୍ଗି, ସୁନାଖଳା, ବଡାଲ, ପାଣ୍ଡିଆକେରା, ଢୋଲପାଟଣାଠାରେ ପାଇପ ଜଳଯୋଗାଣ ପ୍ରକଳ୍ପମାନ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଦୟାନଦୀର ଜଳ ପ୍ରଦୂଷିତ ହୋଇପଡିଥିବା ବେଳେ ସେହିଜଳକୁ ପାଇପ ମାଧ୍ୟମରେ ଯୋଗାଇଦିଆଯାଉଥିବାରୁ ଜନସାଧାରଣ ଏହାକୁ ପାନୀୟରୂପେ ବ୍ୟବହାର କରୁ ନାହାନ୍ତି। ସେହିପରି ଗଡିଶାଗୋଦାଠାରେ ଥିବା ପାଇପଜଳ ପ୍ରକଳ୍ପରୁ ୮ଦିନ ହେଲା ଜଳଯୋଗାଣ ବନ୍ଦ ରହିଥିବାରୁ ଗଡିଶାଗୋଦା, ଶାସନ, ବିଲପାଟଣା, ଯାମଳଗୋଦା, ନଇକୂଳପାଟଣା, ନୂଆଗାଁ ପ୍ରଭୃତି ଗ୍ରାମବାସୀ ଉତ୍କଟ ପାନୀୟଜଳ ସମସ୍ୟା ଭୋଗୁଛନ୍ତି। ଏ ସମ୍ପର୍କରେ ଗଡିଶାଗୋଦା ଗ୍ରାମ୍ୟ କମିଟିର ସଭାପତି ରବିନ୍ଦ୍ରନାଥ ରାଉତରାୟ ବାରମ୍ବାର ବିଡିଓ ପ୍ରତିଭା ସାହୁ ଏବଂ ଗ୍ରାମ୍ୟଜଳ ଯୋଗଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ଅଭିଯୋଗକ କରିଥିଲେ ବି କୌଣସି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସାମାଜିକ କର୍ମୀ ରାମ ଶଙ୍କର ପାତ୍ର କଣାସ ବ୍ଲକରେ ପାନୀୟଜଳ ସମସ୍ୟାକୁ ନେଇ ପୁରୀ ଜିଲାପାଳ, ଜିଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ, ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ସେହିପରି ପାଇପ ଜଳ ଯୋଗାଣ ବିଭାଗରେ କାମକରୁଥିବା କର୍ମୀଚାରୀମାନଙ୍କର ଖାମଖିଆଲ ନୀତି ଯୋଗୁ ଅନେକ ଜାଗାରେ ଦୀର୍ଘଦିନ ହେଲା ପାଇପ ଫାଟି ପାଣିବାହାରୁଛି। ଅନେକ ପାଇପ ପୋଷ୍ଟରେ ଚାବି ନ ଥିବାରୁ ପାଇପ ଜଳ ଯୋଗାଣ ସମୟରେ ଜଳ ବୋହି ପଦାକୁ ଯାଉଛି। ଏ ସମ୍ପର୍କରେ ବିଡିଓ ସାହୁ ଓ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି, ଗଡିଶାଗୋଦାରୁ ଅଭିଯୋଗ ପାଇଛୁ। ଶିଘ୍ର ପାଇପ ଜଳଯୋଗାଣ କାର୍ଯ୍ୟ ଅରମ୍ଭ କରାଯିବ। ତୁରନ୍ତ ଜିଲାପାଳ ଟ୍ୟାଙ୍କର ଯୋଗେ କଣାସ ଅଞ୍ଚଳର ସମସ୍ତ ପଞ୍ଚାୟତକୁ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ଯୋଗାଇଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିହେଉଛି।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ



ବିଧାୟକ ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

**କଣାସ, ୧୧।୨(ଡି.ଏନ୍.ଏ.)**

ଦିବ୍ୟାଙ୍ଗମାନଙ୍କୁ ହେୟ ମନେ ନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଉଦ୍ୟମ କରିବା ଦରକାର। ସମସ୍ତ ସହାୟତା ସହଯୋଗ, ସ୍ନେହ, ଭଲପାଇବା ଦେଲେ ବିଶ୍ୱରେ ସେମାନେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିପାରିବେ ବୋଲି କଣାସ ପଞ୍ଚାୟତ ସମିତି ସମ୍ମୁଖରେ ସୋମବାର ଅନୁଷ୍ଠିତ ଦିବ୍ୟାଙ୍ଗ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଉମାକାନ୍ତ ସାମନ୍ତରାୟ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମୁଦାୟ ୮୫ଜଣ ଦିବ୍ୟାଙ୍ଗଙ୍କୁ ବିଧାୟକ ସହାୟତା ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପ୍ରତିଭା ସାହୁ, ତହସିଲଦାର ଅନିତାପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ଅନିତା ପଟ୍ଟନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ପ୍ରତିନିଧି ନୀଳମଣୀ ସୁନ୍ଦରାୟ, ସରପଞ୍ଚ ବିଜୟ କୁମାର ସାହୁ, ସରପଞ୍ଚ ରାଜ କିଶୋର ସାମନ୍ତରାୟ, ଦିବ୍ୟସିଂହପୁର ସରପଞ୍ଚ ବଳରାମ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ପ୍ରେମ.. ଅପହରଣ... ବଳାତ୍କାର

# ବିବାହ ପରେ ନାବାଳିକାଙ୍କୁ ନିର୍ଯାତନା

**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

**ଅଭିଯୁକ୍ତ ଗିରଫ**

ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରି ବଳାତ୍କାର। ପରେ ତାଙ୍କୁ ମନ୍ଦିରରେ ବିବାହ କରି ମାନସିକ, ଶାରୀରିକ ନିର୍ଯାତନା ଦେବା ଘଟଣାରେ ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ବସ୍ତି ଅଞ୍ଚଳରେ ରହୁଥିବା ପ୍ରଶାନ୍ତ କୁମାର ନାୟକ(୨୪)। ସୋମବାର ଉଭୟଙ୍କର ଡାକ୍ତରୀମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ପ୍ରଶାନ୍ତ ମଞ୍ଚେଶ୍ୱର ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମଜାଲରେ ଫସାଇଥିଲେ। ୬ ମାସ ତଳେ ତାଙ୍କୁ ଅପହରଣ କରି ପୁରୀ ନେଇ ଯାଇଥିଲେ। ସେଠାରେ ତିନିଦିନ ରହି ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଜିଲା ତ୍ରିଶୂଳିଆ ନିକଟରେ ଥିବା ଏକ ମନ୍ଦିରରେ ବିବାହ କରି ଘରକୁ ଆଣିଥିଲେ। ଉଭୟ ପରିବାରର ଆପୋସ ବୁଝାମଣା ପରେ ନାବାଳିକା ଜଣକ ଅଭିଯୁକ୍ତ ପ୍ରଶାନ୍ତଙ୍କ ପାଖରେ ରହିବାକୁ ଉଭୟ ପରିବାର ଅନୁମତି ଦେଇଥିଲେ। ମାତ୍ର କିଛିଦିନ ପରେ ପ୍ରଶାନ୍ତ ନାବାଳିକାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ। ଏପରି କି ଗତମାସରେ ନାବାଳିକାଙ୍କ ଗୋଡ଼ରେ ଗରମ ପେଯ ପଡିଯିବା ପରେ ଚିକିତ୍ସାରେ ଅବହେଳା କରିଥିଲେ। ଫଳରେ ସମ୍ପୃକ୍ତ ନାବାଳିକା ଗୋଡ଼ରେ ଯନ୍ତ୍ରଣା ଅନୁଭବ କରିବା ସହ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରିବାର ଲୋକେ ଏ ନେଇ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୩/୧୯ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।



ପୁରୀ ରାମକୃଷ୍ଣ ମିଶନର ଛାତ୍ରମାନେ ସୋମବାର ପୁରୀ ସମୁଦ୍ରରେ ସରସ୍ୱତୀଙ୍କ ପ୍ରତିମା ବିସର୍ଜନ କରୁଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାରଙ୍ଗ,୧୧।୨(ଡି.ଏନ୍.ଏ.)**

ବାରଙ୍ଗ କଲେଜରେ ଛାତ୍ରୀମାନଙ୍କୁ ନେଇ ଆରମ୍ଭ ହୋଇଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାରଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ଶିଖିଥିଲେ। ୪ଜଣ ପ୍ରଶିକ୍ଷକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ସଂଘମିତ୍ରା ବେହେରା, ସଂଯୋଜିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ ଅତିଥିଭାବେ ଯୋଗଦେଇ ଏହା କେବଳ ଆତ୍ମରକ୍ଷା ନୁହେଁ ଜୀବନକୁ ଶୃଙ୍ଖଳିତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିବାବେଳେ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଡ.ପ୍ରବୀର କୁମାର ମହାନ୍ତି ପରିଚାଳନା କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ

**ଟାଙ୍ଗୀ (ଖୋର୍ଦ୍ଧା), ୧୧।୨ (ଡି.ଏନ.ଏ.)**

ସ୍ଥାନୀୟ ଟାଙ୍ଗୀ ଚାନ୍ଦପୁର ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ସୋମବାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୧ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଋତ୍ୱିକ ଉପେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସତ୍‌ସଙ୍ଗରେ ଡା.ବିଜୟ କୁମାର ସିଂହ, ପ୍ରଫେସର ତ୍ରିନାଥ ମହାରଣା, ଡା.ତପୋଧନ ପଣ୍ଡା ପ୍ରମୁଖ ସତସଙ୍ଗ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନୂତନ ଆହାର କେନ୍ଦ୍ର ଉଦ୍‌ଘାଟିତ

**ନିମାପଡ଼ା,୧୧।୨(ଡି.ଏନ୍.ଏ.)**

ନିମାପଡ଼ା ମେଡିକାଲ ପରିସରରେ ଏକ ନୂତନ ଆହାର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଆହାର କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସୋମବାର ଲୋକାର୍ପଣ କରିଛନ୍ତି। ନିମାପଡ଼ାଠାରେ ଆୟୋଜିତ ଆହାରକେନ୍ଦ୍ର ଉଦ୍‌ଘାଟନ ସମାରୋହରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ପ୍ରାୟ ୩ଶହ ଲୋକ ମାଗଣାରେ ଖାଇଥିବା ଜଣାପଡିଛି। ମାଗଣାରେ ଦିଆଯାଉଥିବା ଏହି ଖାଇବାର ମୂଲ୍ୟ ଏନ୍‌ଏସି ବହନ କରିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ଡା. ସୁଶାନ୍ତ ମିଶ୍ର, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ଏନ୍‌ଏସି ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ପୂର୍ବତନ ଜିଲାପରିଷଦ ପ୍ରଦୀପ୍ତ ଖଟୋଇ, ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସମେତ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ।

## ବିଭିନ୍ନ ଦାବିରେ ଆଇନଜୀବୀଙ୍କ ସ୍ମାରକପତ୍ର ପ୍ରଦାନ



ତହସିଲ ଅଫିସ୍ ସମ୍ମୁଖରେ ଆଇନ୍‌ଜୀବୀମାନେ ।

**ନିମାପଡ଼ା,୧୧।୨(ଡି.ଏନ୍.ଏ.)**

ନିମାପଡ଼ା ବାର ଆସୋସିଏଶନ ଓ ଜୁଡିସିଆଲ ବାର ଆସୋସିଏଶନର ବହୁ ଆଇନଜୀବୀ ସୋମବାର ବିଭିନ୍ନ ଦାବିରେ ସ୍ଥାନୀୟ କୋର୍ଟ ପାଖରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସଠାରେ ପହଞ୍ଚିଥିଲେ। ଆଇନଜୀବୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ତହସିଲଦାର ଲୋଚନ ଦାସଙ୍କୁ ପ୍ରଦାନ କରିଥିଲେ। ଆଇନଜୀବୀଙ୍କ ବୀମା ଓ ପେନ୍‌ସନ ଲାଗୁ, ନୂତନଭାବେ ଲାଇସେନ୍ସ ପ୍ରାପ୍ତ ଆଇନଜୀବୀଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଏ ୫ବର୍ଷ ପ୍ରଦାନ କରାଯିବା, ଆଇନଜୀବୀଙ୍କୁ ପକ୍କା ଗୃହ ଓ ଲାଇବ୍ରେରୀ ଯୋଗାଇଦେବା ଆଦି ଦାବି ଅନ୍ତର୍ଭୁକ୍ତ। ଆଇନଜୀବୀ ପ୍ରଭାତ ବେହେରା, ଗୌରାଙ୍ଗ ସାହୁ, ବଟକୃଷ୍ଣ ସାହୁ, ପ୍ରଶାନ୍ତ ରାଉତରାୟ, ବ୍ରହ୍ମାନନ୍ଦ ପ୍ରଧାନ, ବାମନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ରାସ୍ତା ପାର୍ଶ୍ୱକୁ ଓଲଟିଲା ଅଟୋ, ୯ ଆହତ

**ନିମାପଡ଼ା,୧୧।୨(ଡି.ଏନ୍.ଏ.)**

ନିମାପଡ଼ା–ପିପିଲି ରାସ୍ତାର କାଜିପାଟଣା ଛକଠାରେ ସୋମବାର ଅପରାହ୍ନରେ ଏକ ଅଟୋ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏଥିରେ ଥିବା ଅଟୋ ଡ୍ରାଇଭରଙ୍କ ସମେତ ୯ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ବରହମପୁର ସୁନାଅର ଗ୍ରାମର ଶୁଶିଳା ନାହକ, ଜମ୍ଭୁ ନାହକ, ସରସ୍ୱତୀ ଖୁଣ୍ଟିଆ, ଶଶୀ ନାହକ, ସାବିତ୍ରୀ ନାହକ, ଝୁନୁ ନାହକ, କୁମାରୀ ନାହକ, ଶୋଭା ନାୟକ। ତେବେ ଅଟୋ ଡ୍ରାଇଭରଙ୍କ ପରିଚୟ ମିଳିପାରି ନାହିଁ। ଆହତମାନଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ଜମ୍ଭୁ ଓ ଶୁଶିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଅଟୋରେ ସୁନାଅର ଗ୍ରାମର ୮ଜଣ ଯାତ୍ରୀ କୋଣାର୍କ ଚନ୍ଦ୍ରଭାଗାରେ ବୁଡ଼ ପକାଇବାକୁ ଆସୁଥିବା ବେଳେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହ ତଦନ୍ତ ଚଳାଇଛି।

## ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ

**ନିରାକାରପୁର,୧୧।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ରାମଦୟା ପରିଷଦ ପ୍ରାଙ୍ଗଣ ମାରୁତି ମଣ୍ଡପରେ ସୋମବାର ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶେଷରେ କଳାକାରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ମହୋତ୍ସବର ସଂଯୋଜନା କରିଥିଲେ।

## କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୨(ଡି.ଏନ.ଏ.)**

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଉପଲକ୍ଷେ ଟାଙ୍ଗୀର ଅମର ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଚିଲିକା କ୍ଲବ୍ ପରିସରରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ, ପାରମ୍ପରିକ ପାଇକ ଆଖଡ଼ା ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲେ। ବିକ୍ରମ ବାରିକ, ସଂଘମିତ୍ରା ସାହୁ, ମନୋଜ କୁମାର କର, ରାଜେଶ ମଲ୍ଲିକ, ବାସୁଦେବ ସିଂହ, ଶଶିପ୍ରଭା ନାଥ ଶର୍ମା ଓ ଡା. ତୁଷାର ରଞ୍ଜନ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ପରିଷଦର ସଭାପତି ଅଧ୍ୟାପକ ସୁଶୀଲ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେଶ୍ୱର ସେନାପତି, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ମହାପାତ୍ର, ବ୍ରଜ କିଶୋର ବଳିୟାରସିଂହ, ଡା. ଜିତେନ୍ଦ୍ର କୁମାର ସାହୁ, ପଠାଣି ଘଡ଼େଇ, ଉଦୟନାଥ ସ୍ୱାଇଁ, ପରିଷଦର ସମ୍ପାଦକ ବିଭୂ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଜେଜେମା, ଜେଜେବାପା ବୋଝ ନୁହନ୍ତି

**ପୁରୀ ଅଫିସ,୧୧।୨**

ବରିଷ୍ଠ ନାଗରିକମାନେ ସମାଜର ପଥ ପ୍ରଦର୍ଶକ। ସେମାନଙ୍କ ନିଷ୍ଠା, ତ୍ୟାଗର ତୁଳନା ନାହିଁ। ଜେଜେ ମା, ଜେଜେ ବାପାଙ୍କ ଉପସ୍ଥିତି ଯୋଗୁ ପରିବାରରେ ଶୃଙ୍ଖଳା ବଜାୟ ରହିଥାଏ। ସେମାନଙ୍କ ଆଶୀର୍ବାଦ ପୁଅଝିଅଙ୍କ ଲାଗି ବରଦାନ ସଦୃଶ କାର୍ଯ୍ୟ କରିଥାଏ। ଜେଜେ ମା, ଜେଜେ ବାପା ବୋଝ ନୁହନ୍ତି, ସେମାନଙ୍କ ପ୍ରେରଣା ଓ ନୀତି ଆଦର୍ଶ ସନ୍ତାନର ମଙ୍ଗଳ କରିଥାଏ ବୋଲି ହରଚଣ୍ଡୀ ସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସୋମବାର ଆୟୋଜିତ ଜେଜେ ବାପା, ଜେଜେ ମା' ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ଧ୍ରୁବଚରଣ କର ଏହା କହିଛନ୍ତି। ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟା ଚିନ୍ମୟୀ ଦେବୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବିଦ୍ୟାଳୟ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଡ. ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ସମ୍ମିଳନୀରେ ଶତାଧିକ ଜେଜେ ମା', ଜେଜେ ବାପା ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସଂଗୀତ ପରିବେଷଣ କରୁଛନ୍ତି।